


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ବିଶ୍ୱକର୍ମା ପୂଜା ଅବସରରେ ଶୁଭେଚ୍ଛା

ବୃକ୍ଷ ହିଁ ଜୀବନ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୮ Vol. 22 No-168 17 SEPTEMBER 2025 WEDNESDAY, BHUBANESWAR ବୁଧବାର, ୧୭ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


सत्यमेव जयते
Government of India

ଓଡ଼ିଶା ଶାସନ

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ

# ଏକ୍ ପେଡ୍ ମା' କେ ନାମ୍ ୨.୦





"ଆଜି ସାରା ଦେଶରେ **'ଏକ୍ ପେଡ୍ ମା' କେ ନାମ୍'** ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୬.୭୨ କୋଟି ଚାରାରୋପଣ କରାଯାଇଥିଲା । ଚଳିତ ବର୍ଷ **'ଏକ୍ ପେଡ୍ ମା' କେ ନାମ୍ ୨.୦'** ଅଭିଯାନରେ ରାଜ୍ୟରେ ୭.୫ କୋଟି ଚାରାରୋପଣ ଲାଗି ଲକ୍ଷ୍ୟ ରଖାଯାଇଛି ।"

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବୃକ୍ଷ ଆମ ଜୀବନ

- ସବୁଜିମା
- ଅମ୍ଳଜାନ ପ୍ରଦାନ
- ବୃଷ୍ଟିପାତ
- ଜଳ ସଂରକ୍ଷଣ
- ପରିବେଶ ସନ୍ତୁଳନ
- ତାପମାତ୍ରା ନିୟନ୍ତ୍ରଣ
- ଫୁଲ, ଫଳ ଓ ଛାଇ
- ଶବ୍ଦ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ
- ମୃତ୍ତିକା ସଂରକ୍ଷଣ
- ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା

## ୧୭ ସେପ୍ଟେମ୍ବର ୨୦୨୫ରେ
## ରାଜ୍ୟବ୍ୟାପୀ ୭୫ ଲକ୍ଷ ଚାରାରୋପଣ ଅଭିଯାନ

ଆସନ୍ତୁ, **'ଏକ୍ ପେଡ୍ ମା' କେ ନାମ୍'** ଅଭିଯାନରେ ଆମେ ସମସ୍ତେ ସାମିଲ ହେବା, ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଗଛଟିଏ ନିଶ୍ଚୟ ଲଗାଇବା

**ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନ ନେବା**
**ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବା**



ଚାରାରୋପଣ କରି ଚାରା ସହିତ ସେଲ୍‌ଫି ନେବା, 'ମେରି ଲାଇଫ୍' ପୋର୍ଟାଲରେ ଅପଲୋଡ୍ କରିବା ଏବଂ ଇ-ସାର୍ଟିଫିକେଟ ଡାଉନଲୋଡ କରିବା ।

DSPL-252

OIPR 08002/13/0027/2526

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର



ପୁରୀ (ଭାସ୍କର ନ୍ୟୁଜ) : ସ୍ୱର୍ଣ୍ଣାଭ ପୁରୀ ବେଳାଭୂମିରେ ବାର୍ଥ ଡେ ପାର୍ଟି ।ବେଳାଭୂମିରେ ଏଭଳି ବାର୍ଥ ଡେ ପାର୍ଟି ଆୟୋଜନ ହେବା ସଂପୂର୍ଣ୍ଣ ଭାବେ ନିୟମ ବିରୁଦ୍ଧ ।ଏହା ଯେତିକି ଆଶ୍ଚର୍ଯ୍ୟ ସୃଷ୍ଟି କରିଛି ସେତିକି ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି କରିଛି ।ଏଥିପାଇଁ କିଏ ଓ କାହିଁକି ଅନୁମତି ଦେଲା ତାହା ବାଡ ପ୍ରଶ୍ନବାଚୀ ।ପୁରୀ ବେଳାଭୂମି ସିଆରଜେଡ ନିୟମ ଅନ୍ତର୍ଗତ ।କୌଣସି ନିର୍ମାଣ ହେବା ତ ଦୂରର କଥା ବେଳାଭୂମିରେ କୌଣସି ଅସ୍ଥାୟୀ ଟେଣ୍ଟ ହୋଇପାରିବ ନାହିଁ ।ତେବେ ଏଭଳି ଅସ୍ଥାୟୀ ଟେଣ୍ଟ କରି ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯିବା ସହ ନୃତ୍ୟ ,ଗୀତ ଚାଲିଥିଲା ।ଆଜି ସନ୍ଧ୍ୟାରେ ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା ।ପୂର୍ବରୁ ମଧ ପୁରୀ ବେଳାଭୂମିରେ ଏଭଳି ଅସ୍ଥାୟୀ ଟେଣ୍ଟ କରି ଉତ୍ସବ ଆୟୋଜନ ଭାରୀ ପଡ଼ିଥିଲା ।ପୁରୀ ପୌରପାଳିକା ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା ଆଜିର ଘଟଣା ନେଇ ସମୁଦ୍ରକୂଳ ଥାନା ପୋଲିସକୁ ଖବର ଦିଆଯାଇଥିଲା ।ତେବେ କିଏ ଓ କିଭଳି ପୁରୀ ବେଳାଭୂମିରେ ଏଭଳି ବାର୍ଥ ଡେ ପାର୍ଟି ଆୟୋଜନ ପାଇଁ ସାହସ କଲା ତାହା ନିଶ୍ଚିତ ଭାବେ ତଦନ୍ତ ହେବା ଦରକାର ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭୁବନେଶ୍ୱର ସାଂସଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ, ଟାଙ୍ଗି ଅଞ୍ଚଳକୁ ଏନଏସି ମାନ୍ୟତା ଘୋଷଣା କରିବା, ଭୁବନେଶ୍ୱର ଠାରେ ନ୍ୟାସନାଲ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟର ନିର୍ମାଣ ଆରମ୍ଭ ହେବା ସୂଚନା ଓ ସହର ଉପକଣ୍ଠରେ ମଡର୍ଣ୍ଣ ଫିସ୍ ମାର୍କେଟ୍ ନିର୍ମାଣ ପାଇଁ ନିଷ୍ପତି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ବୈଠକରେ ନୟାପଲ୍ଲୀ ଅଞ୍ଚଳରେ ଏକ କମ୍ୟୁନିଟି ପାର୍କ ନିର୍ମାଣ, ବେଗୁନିଆ-ବୋଲଗଡ ଅଂଚଳକୁ ଏଏସି ଘୋଷଣା, କଳିଙ୍ଗ ଷ୍ଟାଡିଅମ ନିକଟରେ ଥିବା ବିଶ୍ୱକର୍ମା ସମିତିର ଜମି ଅଧିଗ୍ରହଣ ଦାବୀ, ଖୋର୍ଦ୍ଧା ବସ ଷ୍ଟାଣ୍ଡର ଉନ୍ନତିକରଣ , ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ କଲେଜ ଠାରେ ନୂତନ ହଲ ନିର୍ମାଣ ତଥା ଶୁଭଉଦ୍‌ଘାଟନ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 16.09.2025, I Banita Kandi, Address: At-Dihatelasara Korua, Nuagaon, Dist-Jagatsinghpur, Odisha, PIN-754113, declare that I have changed my name from Banita Bhoi to Banita Kandi. Henceforth, I shall be Known as Banita kandi for all purposes.

**Sd/- Banita Kandi**

## AFFIDAVIT

By virtue of an affidavit sworn before Notary Public, Bhubaneswar , dated: 15.09.2025 I, Chandrahasya Nath, S/o Gajaraj Nath, Address At-Nathapada, VTC Parmanpur, Sub-Dist.-Sasan, Dist- Sambalpur, Pin-768200 Odisha have changed my son's from Swarupa Sagar Nath to Swarup Sagar Nath. Henceforth, he shall be known as Swarup Sagar Nath for all purposes.

**(Chandrahasya Nath)**

## AFFIDAVIT

By virtue of an affidavit sworn before Notary Public, Bhubaneswar, dated : 15.09.2025 I, Bangali Dalai, Address: AT-House No-1044,Ward No-67,Kargil Basti,Dalai Sahi,Pokhariput,Po-Aerodrome Area PS-Airfield Dist- Khordha ,Pin-751020, Odisha have changed my name from Golap Dalai to Bangali Dalai. Henceforth, I shall be known as Bangali Dalai for all purposes.

**(Bangali Dalai)**

## AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 10.09.2025, I Bhima Pujari, S/o- Balabhadra Pujari, Vill- Kosagumuda, Po- Kosagumuda, Ps- Kosagumuda, Dist- Nabarangpur, Odisha, declare that. I have changed my minor Daughter's name from BARSHA PUJARI to BARSHA RANI PUJARI. Henceforth she shall be known as BARSHA RANI PUJARI for all purposes.

**Sd/- Bhima Pujari**

## AFFIDAVIT

By virtue of an affidavit sworn before the Executive Magistrate, Hindol, Dated: 16.09.2025, I Jhilli Sahoo, Address: Village-Jhadabandha, Po-Nimabahali, Ps- Balimi, Dist- Dhenkanal, Odisha, PIN-759121, declare that I have changed my name from Annapurna Sahoo to Jhilli Sahoo. Henceforth, I shall be known as Jhilli Sahoo for all purposes.

**Sd/- Jhilli Sahoo**

## AFFIDAVIT

By virtue of an affidavit sworn before Notary Public, Bhubaneswar dated 15.09.2025 I, Biswabandita Nayak , AT-Plot No-1107/1862/973 Tankapani Road Chili Pokhari Bhubaneswar ,Po-Badagarh Brit Colony PS- Badagarh Brit Colony Dist-Khordha ,Pin-751018, Odisha have changed my name from Biswabandita Giri to Biswabandita Nayak . Henceforth, I shall be known as Biswabandita Nayak for all purposes.

**(Biswabandita Nayak)**

## AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 15.09.2025, I Kamlesh Gupta, S/o- Sakendra Prasad, Vill-Kosagumuda, Po-Kosagumuda, Ps-Kosagumuda, Dist-Nabarangpur, Odisha, declare that. I have changed my minor Son's name from DIMPAL GUPTA to DIMPLE GUPTA. Henceforth she shall be known as DIMPLE GUPTA for all purposes.

**Sd/- Kamlesh Gupta**

## NOTICE

By virtue of an affidavit sworn before **Executive Magistrate, Bhubaneswar** dated 12.09.2025, **I, Nandini Nayak,** D/o. Upendra Nayak permanent resident of At/Po: Balia, PS: Mahakalpada, Dist.- Kendrapara, PIN-754224, currently residing At/PO : Balia, PS : Mahakalpada, Dist.- Kendrapara, PIN-754224, Aadhaar No. 7228 0857 1966, declare that I have changed my name from **Rejanadin Nauyak** to **Nandini Nayak.** Henceforth, I shall be known as **Nandini Nayak.** Henceforth, I shall be known as **Nandini Nayak** for all purposes.

## ପୂର୍ବ ତଟ ରେଳପଥ

ନିଲାମ କ୍ୟାଟାଲଗ୍ ନଂ. SDCM-PARK-KASR

ଲଟ୍ ନଂ./ବର୍ଗ : PARKING-KUR-KASR-TW-217-25-1 (Parking - Two Wheeler)

ବିବରଣୀ : କଣାସ ରୋଡ଼ (ଖୋର୍ଦ୍ଧା ରୋଡ଼ ମଣ୍ଡଳ) କ୍ଷେତ୍ରରେ ଦୁଇ ଚକିଆ ଗାଡ଼ି ନିମନ୍ତେ ପାର୍କିଙ୍ଗ ଲଟ୍ ।

ଲଟ୍ ଆରମ୍ଭ ତାରିଖ ଓ ସମୟ : 26.09.2025, 1100 ଘଟିକା, ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 26.09.2025, 1130 ଘଟିକା ।

ସର୍ବନିମ୍ନ ବୃଦ୍ଧି : 0.2%, ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗ୍‌ରେ ନୂଆ ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-595/Q/25-26

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. eT-CRW-MCS-EL-5-2025

କାର୍ଯ୍ୟର ନାମ : 24 ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା / ମଞ୍ଚେଶ୍ୱର ଠାରେ ନିରୀକ୍ଷଣ କ୍ୟାରେଜ୍‌ର ନିର୍ଦ୍ଦିଷ୍ଟକାଳିକ ଓଭରହଲିଙ୍ଗ୍ (POH) ଏବଂ ରୂପାନ୍ତରଣ ।

ବିଜ୍ଞାପିତ ମୂଲ୍ୟ : ₹ 44,00,417.50, EMD : ₹ 88,000/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.09.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.10.2025ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଂଜିନିୟର/ CRW/ମଞ୍ଚେଶ୍ୱର

PR-603/Q/25-26

## ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ବରିଷ୍ଠ ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁର ୦୬.୧୦.୨୦୨୫ ଦିନ ୧୫:୦୦ ଘଣ୍ଟାରେ ଖୋଲା ଥିବାରୁ ତଳେ ଉଲ୍ଲେଖିତ ଟେଣ୍ଡର ନମ୍ବର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କ୍ରମିକ ନମ୍ବର, ଟେଣ୍ଡର ନୋଟିସ୍ ନମ୍ବର ଏବଂ କାର୍ଯ୍ୟର ନାମ ନିମ୍ନଲିଖିତ: ୧. ଏସ୍‌ଟି-ସିକେପି-ଓଟି-୨୫-୨୬-୬୪। ସିଗନାଲଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବଳିଦାନ ମାଷ୍ଟ ସହିତ ଉଲ୍ଲଂଘନ ହୋଇଥିବା ସିଗନାଲଗୁଡ଼ିକର ସମାନ୍ତରାଳ ଭାବରେ ଅତିରିକ୍ତ ସିଗନାଲ ଫାଉଣ୍ଡେସନ ଯୋଗାଇବା। ଟେଣ୍ଡର ମୂଲ୍ୟ: ଟ.୧,୯୨,୦୧,୧୩୪.୨୪, ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୪୬,୦୦୦/-। ୨. ଏସ୍‌ଟି-ସିକେପି-ଓଟି-୨୫-୨୬-୬୫। ଚକ୍ରଧରପୁର ଡିଭିଜନରେ ପୁରୁଣା ଏବଂ ଅଧିକ ପୁରୁଣା ସିଗନାଲ ଏବଂ ପଏଣ୍ଟ ମେସିନ୍ ବଦଳାଇବା କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୨,୧୨,୬୯,୦୫୨/-, ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୨,୫୬,୪୦୦/-। ୩. ଏସ୍‌ଟି-ସିକେପି-ଓଟି-୨୫-୨୬-୬୬। ବୋଣ୍ଡାମୁଣ୍ଡା ଜଂକ-ରାଉରକେଲା, ପାନପୋଷ-ଝାରସୁଗୁଡ଼ା ସେକ୍ସନରେ ଟିଆରଆର(ପି) ସହିତ ଜଡ଼ିତ ଏସ୍‌ଏଣ୍ଡଟି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୮୧,୮୫,୯୮୫.୫୨, ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୧,୬୩,୭୦୦/-। ସମାପ୍ତି ଅବଧି: ପ୍ରତ୍ୟେକ ସ୍ଲ. ନଂ. ୧ ଏବଂ ୨ ପାଇଁ ୧୨ ମାସ ଏବଂ ସ୍ଲ. ନଂ. ୩ ପାଇଁ ୧୫ ମାସ। ଟେଣ୍ଡର ବିବରଣୀ ୱେବସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-III ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ IREPS ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ।

(PR-629)

# ନବନିର୍ମିତ ୯୧୩ ଅଙ୍ଗନୱାଡି କେନ୍ଦ୍ର ଉଦଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪ ହଜାର ୨୨୪ ଅଙ୍ଗନବାଡି ଅଭିଯାନ ମୋଡ୍‌ରେ ସକ୍ଷମ ଅଙ୍ଗନୱାଡିରେ ରୂପାନ୍ତରିତ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାଷୀ ମାଧ୍ୟମରେ ୯୧୩ ଅଙ୍ଗନବାଡି କେନ୍ଦ୍ର ଉଦଘାଟନ ଅବସରରେ ମତବ୍ୟକ୍ତ କରିଛନ୍ତି । ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ସହଭାଗିତାରେ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ କରକମଳରେ ଏକାଥରେ ରାଜ୍ୟର ୯୧୩ଟି ନବନିର୍ମିତ ଅଙ୍ଗନବାଡି ଉଦଘାଟନ ହୋଇଯାଇଛି। ତୃଣମୂଳସ୍ତରରେ ଅଙ୍ଗନବାଡି କେନ୍ଦ୍ର ହେଉଛି ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ । ବହୁ ପ୍ରତୀକ୍ଷା ପରେ ଆଜି ରାଜ୍ୟରେ ୯୧୩ ଅଙ୍ଗନବାଡି କେନ୍ଦ୍ରକୁ ନିଜର ଗୃହ ମିଳିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଦୃଢ ମତ ରଖିଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ବିଶେଷ ଦୃଷ୍ଟି ଦେବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । "ଆସ ବୁଲିଯିବା ଅଙ୍ଗନବାଡି" ଅଭିଯାନରେ ୨ ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇ ଏହି ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣିତ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ସମ୍ବଲପୁରରୁ ଆଭାଷୀ ମାଧ୍ୟମରେ ଯୋଗ ଦେଇ ରାଜ୍ୟର ସମସ୍ତ ଅଙ୍ଗନବାଡିର ଭିତ୍ତିଭୂମିକୁ ସୁଦୃଢ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ଅରୂପ କୁମାର ସାହୁ, ଆଭାଷୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଇବର ସୁରକ୍ଷା ଏବଂ ପ୍ରଶାସନିକ ସଚେତନତା ଉପରେ ୫-ଦିନିଆ କର୍ମଶାଳା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର ପରିସରରେ ମଙ୍ଗଳବାରଠାରୁ ଏକ ପାଞ୍ଚଦିନିଆ ସାଇବର ସୁରକ୍ଷା ଏବଂ ସୁରକ୍ଷିତ ପ୍ରଶାସନ ଓ ସାଇବର ସିକ୍ୟୁରିଟି ସଚେତନତା କର୍ମଶାଳା ଆରମ୍ଭ ହୋଇଛି । ଏହି କର୍ମଶାଳା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଇଆଣ୍ଡଆଇଟି) ବିଭାଗ ଓକାକ, ସୂଚନା ସୁରକ୍ଷା ଶିକ୍ଷା ଏବଂ ସଚେତନତା (ଆଇଏସ୍ଇଏ) ପ୍ରକଳ୍ପ, ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ କମ୍ପ୍ୟୁଟିଂ (ସି-ଡିଏସି) ଏବଂ ଆଇଆଇଆଇଟି ଭୁବନେଶ୍ୱରର ମିଳିତ ସହଯୋଗରେ ଏହି କର୍ମଶାଳାର ଆୟୋଜନ ହୋଇଛି । ସରକାରୀ ବୃତିଧାରୀ ଏବଂ ବୈଷୟିକ ଅଧିକାରୀମାନେ ବଢ଼ିଚାଲିଥିବା ସାଇବର ଅପରାଧରୁ ନିଜକୁ ଏବଂ ନିଜ ସଂସ୍ଥାଗୁଡ଼ିକୁ କିପରି ସୁରକ୍ଷା ଦେଇପାରିବେ ସେମାନଙ୍କ ଉଦ୍ଦେଶ୍ୟରେ ହିଁ ଏହି କର୍ମଶାଳା ଆୟୋଜନ କରାଯାଇଛି । କର୍ମଶାଳାର ଉଦ୍ଘାଟନୀ ଉତ୍ସବରେ ଭୁବନେଶ୍ୱର ଆଇଆଇଆଇଟିର ପ୍ରଫେସର ଦେବାଶିଷ ଜେନା ସ୍ୱାଗତ ଭାଷଣ ଦେଇ କର୍ମଶାଳାର ବ୍ୟାପକ ଲକ୍ଷ୍ୟ ଏବଂ ଅଂଶଗ୍ରହଣକାରୀ ପ୍ରତିଷ୍ଠାନମାନଙ୍କ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ । ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କର୍ମଶାଳାର ମୁଖ୍ୟ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ବ୍ୟବସ୍ଥା ଏବଂ ନିଜକୁ ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଜ୍ଞାନ ବୃଦ୍ଧି କରିବା ଦିଗରେ ସହାୟକ ହେବ ବୋଲି କହିଥିଲେ । ଶେଷରେ ବିଭାଗର ସ୍ୱତନ୍ତ୍ର ସଚିବ ଡକ୍ଟର ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ସହ ସହାୟକ ଉପକରଣ ବଣ୍ଟନ



ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଦିବ୍ୟସଙ୍ଗ ଛାତ୍ର ଛାତ୍ରୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ସହ ସହାୟକ ଉପକରଣ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର ଯୋଗ ଦେଇ ଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଇଘର ବ୍ଲକ ଶିକ୍ଷା ଅଧିକାରୀ ବିକାଶ ସରକାର, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୋନା ମାଝୀ, ଓ ନେପାଳ ଚନ୍ଦ୍ର ଦେ ଉପସ୍ଥିତ ରହି ୨୦ ଜଣ ଦିବ୍ୟସଙ୍ଗ ଛାତ୍ର ଛାତ୍ରୀ ଙ୍କୁ ସହାୟତା ଉପକରଣ ବଣ୍ଟନ କରିଥଲେ। ଯଥା ୱିଲ ଚେୟାର, ମାନସିକ ଅନଗ୍ର ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷଣ ସାମଗ୍ରୀ, ଶ୍ରବଣ ଯନ୍ତ୍ର ଆଦି ବଣ୍ଟନ କରଯାଇଥିବା ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ସଂସ୍ଥା ର ଏକ ଚାରି ଜଣିଆ ଟିମ୍ ଙ୍କ ଦ୍ୱାରା ୬୦ ଜଣ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ବ୍ଲକ ବି ଏସ ଏସ ଓ ଜ୍ଞାନ ନନ୍ଦ ମାଟିଆ ଙ୍କ ଦ୍ୱାରା କେତେକ ଅସହାୟ ଙ୍କୁ ଭତ୍ତା ବଣ୍ଟନ କରିଥଲେ। ଶିବିର କୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁକଦେବ ମଲ୍ଲିକ ପରିଚାଳନା କରିଥିବା ବେଳେ କେତେକ ଶିକ୍ଷକ ଓ ସି ଆର ସି ସି ଉପସ୍ଥିତ ରହି ଶିବିର କୁ ସହୋଯୋଗ କରିଥିଲେ।

## ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଦିଲ୍ଲୀ

(ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ (ଶିକ୍ଷା ମନ୍ତ୍ରଣାଳୟ) ଅଧୀନରେ ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ)

ପ୍ଲଟ୍ ନମ୍ବର.ଏଫ୍‌ଏ୭, ଜୋନ୍ ପି-୧, ଜିଟି. କର୍ଣ୍ଣାଲ ରୋଡ୍, ଦିଲ୍ଲୀ-୧୧୦୦୩୬, ଭାରତ

ଦୂରଭାଷ/ଟେଲିଫୋନ୍: +୯୧୧୧-୩୩୮୬୧୦୦୦, ୧୦୦୧,

ୱେବସାଇଟ୍/: www.nitdelhi.ac.in

ଏଫ୍.ନଂ.ଏନ୍ଆଇଟିଡି/୦୧/ଆଡମିନ୍/୬୨୫/୨୦୨୫-୨୬ ତାରିଖ: ୧୬.୦୯.୨୦୨୫

ବିଜ୍ଞାପନ ସଂଖ୍ୟା: ୧୪/୨୦୨୫

ଅଧ୍ୟାପକ ପଦବୀ ନିଯୁକ୍ତି

ବିଭିନ୍ନ ଦରମା ସ୍ତରରେ ଏନ୍ଆଇଟି ଦିଲ୍ଲୀର ବିଭିନ୍ନ ବିଭାଗରେ ଅଧ୍ୟାପକ ପଦବୀରେ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କଠାରୁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରାଯାଉଛି। ଭାରତ ସରକାରଙ୍କ ମାନଦଣ୍ଡ ଅନୁଯାୟୀ ସଂରକ୍ଷଣ ପ୍ରଯୁଜ୍ୟ ହେବ।

ଯୋଗ୍ୟତା ମାନଦଣ୍ଡ, ବିଭାଗ ଅନୁଯାୟୀ ଖାଲି ପଦବୀ, ଦରମା ସ୍ତର ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ନିର୍ଦ୍ଦେଶାବଳୀ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରତିଷ୍ଠାନର ସରକାରୀ ୱେବସାଇଟ୍: www.nitdelhi.ac.inରେ ଉପଲବ୍ଧ।

ଅନଲାଇନ୍ ଆବେଦନ ପୋର୍ଟାଲ୍ ୧୮.୦୯.୨୦୨୫ ରୁ ୧୭.୧୦.୨୦୨୫ ପର୍ଯ୍ୟନ୍ତ ଖୋଲା ରହିବ।

ସମସ୍ତ ଆବଶ୍ୟକୀୟ ସ୍ୱ-ପ୍ରମାଣିତ ସହାୟକ ଡକ୍ୟୁମେଣ୍ଟ ସହିତ ସଠିକ୍ ଭାବରେ ପୂରଣ ହୋଇଥିବା ଏବଂ ଦସ୍ତଖତ କରିଥିବା ଆବେଦନ ଫର୍ମର ହାର୍ଡ କପି ୩୧.୧୦.୨୦୨୫ (ସନ୍ଧ୍ୟା ୫:୦୦ ପର୍ଯ୍ୟନ୍ତ) କିମ୍ବା ତା ପୂର୍ବରୁ ପ୍ରତିଷ୍ଠାନରେ ପହଞ୍ଚିବା ଆବଶ୍ୟକ।

ସ୍ୱା/-
(ନିବନ୍ଧକ)

cbc 21275/12/0002/2526

## AU SMALL FINANCE BANK

**Registered Office:**19-A Dhuleshwar Garden, Jaipur, Rajasthan, India, 302001.
www.aubank.in

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **23 SEPTEMBER 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 25660000655133 25660000643505 24660002645169 25660000551728 | **CUTTACK** - 24660002690433 | **JAJPUR** - 25660000419288 | **KUAKHIA** - 24660002690863 25660000372505 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
Manager
AU Small Finance Bank Limited

# ଅଜଣା ଗାଡି ଧକ୍କାରେ ଯୁବକ ମୃତ

ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ସ୍ଥିତ ରାଜସୁନାଖଳାର ଅନାମ ଲେଙ୍କାଙ୍କ ପୁଅ ଚିତ୍ତ ରଞ୍ଜନ ଲେଙ୍କା (୩୩)କୁମ୍ଭାରୀ ଛକ ଠାରୁ ନିଜ ଘରକୁ ଯାଉଥିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଥିଲା । ବିଳମ୍ବିତ ରାତ୍ରି ହେଇଥିବାରୁ କେହି ଦେଖିନଥିଲେ । ବୋଲଗଡ ଥାନା ପୋଲିସ ସେହି ପେଟ୍ରୋଲିଙ୍ଗ କରୁଥିବା ସମୟରେ ରାସ୍ତାରେ ପଡ଼ିଥିବା ଯୁବକଙ୍କୁ ଦେଖି ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେଇଥିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା । ଆମ୍ବୁଲାନ୍ସ ରେ ଯାଉଥିବା ବେଳେ ଖୋର୍ଦ୍ଧାଠାରେ ଚିତ୍ତ ରଞ୍ଜନଙ୍କ ମୃତ୍ୟୁ ହୋଇଥିଲା । ଘଟଣାଟି ବୋଲଗଡ ଥାନା କି ରାଜସୁନାଖଳା ଥାନାରେ ଯାଉଛି ତାହା ଜଣାପଡ଼ିନଥିବାବେଳେ ବୋଲଗଡ ଥାନା ମାନବିକତା ଦେଖାଇ ଯୁବକଙ୍କୁ ମେଡିକାଲ ନେଇ ଥିବାରୁ ସମସ୍ତେ ଧନ୍ୟବାଦ ଅର୍ପଣ କରିଛନ୍ତି । ଅପରପକ୍ଷେ କୌଣସି ଥାନାରେ ମାମଲା ହୋଇନାହିଁ ବୋଲି ଜଣାପଡିଛି ।

# ସ୍ୱର୍ଣ୍ଣ ପଦକ ଜିତିଥିବା ଆନନ୍ଦ କୁମାରଙ୍କୁ ଶୁଭେଚ୍ଛା ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ପିଡ୍ ସ୍କେଟିଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୧୦୦୦ ମିଟର ସ୍ପ୍ରିଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଆନନ୍ଦ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଭାରତ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ । ସ୍ପିଡ୍ ସ୍କେଟିଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୧୦୦୦ ମିଟର ସ୍ପ୍ରିଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଆନନ୍ଦ କୁମାର ଭେଲକୁମାରଙ୍କୁ ଶୁଭେଚ୍ଛା । ତାଙ୍କର ଏହି ନିଷ୍ଠା ଓ ସଫଳତା ଅନ୍ୟ ଆଥଲେଟମାନଙ୍କ ପାଇଁ ପ୍ରେରଣା ।

## OFFICE OF THE SUPERINTENDING ENGINEER

E-Mail I.D.-eerbjspr@gmail.com

**JAGATSINGHPUR (R&B) DIVISION, JAGATSINGHPUR**

GOVERNMENT OF ODISHA
('e' PROCUREMENT NOTICE)

B-532

Bid Identification No. S.E. JSPR(R&B)-09 of 2025-26

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Double cover system** in ONLINE MODE from eligible contractor for Building works as mentioned below.
2. No. of Work :- 02 No.
3. Nature of work :- Civil
4. Class of Contractor :- "B"
5. Tender Paper Cost :- Rs. 10,000.00/- (Online)
6. Available of bid documents in the website :- From 23/09/2025 to 5.00 PM of 03/10/2025
7. Date of Opening of Bid :- 11.00 AM of 06/10/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/-(Er Sarbendu Sutar)
Superintending Engineer,
Jagatsinghpur (R&B) Division

OIPR 34093/11/0027/2526

## GOVERNMENT OF ODISHA

C-1091

NOTIFIED AREA COUNCIL, POLASARA, DIST-GANJAM
(H & U D Department)
******

**REQUEST FOR PROPOSAL (RPF) NOTICE**

Tender Call Lt No: 2520 /NAC/2025 Dated: 10 / 09 / 2025

The Executive Officer, Polasara N.A.C intends to engage a consultant for providing of consultancy service for preparation of Comprehensive Drainage Master Plan & Detailed Project Report (DPR) on Storm Water Drainage System of Polasara NAC Dist-Ganjam through engagement of a Private Service Provider( PSP ) agency .

Proposals through National Competitive Bidding in form of Rate Bids adhering to QCBS procedure of bid evaluation are invited in online mode through Govt. E-procurement portal at : www.tendersodisha.gov.in under two-bid system from Interested Eligible Private Service Providing (PSP) Agencies in the field for the above assignment .

The details of the Request for Proposal ( TABLE A) & Critical Dates (TABLE-B) are as follows :

TABLE-A (Amount in INR.)

| E Tender ID No. | Description of the RFP/Tender | Period of Execution | Tender Paper Cost | Estimated Cost | Earnest Money Deposit (EMD) |
|---|---|---|---|---|---|
| Lt No.2520/ 25-26 dt 10.09.2025 & E Tender ID No. Dt:10.09.2025 | Providing of Consultancy service for Preparation of Comprehensive Drainage Master Plan & Detailed project Report (DPR) on Storm Water Drainage System of Polasara NAC Dist-Ganjam | 06 months | 10,000/- | Based on qoute | 75,000/- |

TABLE-B

| Sl. No. | Bidding Schedule | Critical Dates | Critical Time |
|---|---|---|---|
| 1. | RFP Publication & documents download Start Date | 10.09.2025 | 09.00 AM |
| 2 | Deadline for submission of Pre-bid Queries | 12.09.2025 | 09.00 A.M |
| 3 | Deadline for Issue of Pre-bid Query Clarification | 12.09.2025 | 10.00 A.M. |
| 4 | Pre-Bid Query meeting (Virtual mode) | 12.09.2025 | 12.00 Noon |
| 5 | Bid submission Start Date | 12.09.2025 | 03.00 P.M. |
| 6 | Bid submission End Date | 24.09.2025 | 04.30 P.M. |
| 7 | Technical Bid Opening Date | 24.09.2025 | 04.45 P.M. |
| 8 | Date of Presentation | 25.09.2025 | 10.00 A.M. |
| 9 | Financial Bid Opening Date | 25.09.2025 | 03.00 P.M. |
| 10 | Date of Agreement (Tentative ) | To be intimated later 10.00 A.M. | |

The Detailed Request for Proposal (RFP) bid document containing eligibility criteria, scope of the work, Instructions to bidders and other applicable terms and conditions can be downloaded from www.tendersodisha.gov.in &/website of this office at https: //ganjam.odisha.gov.in within the critical dates in Table B above. Any addendum/Corrigendum will form part of Detailed RFP & available in E-Procurement portal & office website .

The authority reserves the right to reject any/all of the proposals/Bids , modify any/all of the terms & conditions of this RFP & cancel entire bidding process without assigning any reason thereof . All disputes are limited to JMFC, Polasara .

Complete Address for any further clarification :
The Executive Officer , Office of the Notified Area Council, Polasara
At/Po- Near Bus Stand Polasara, Dist- Ganjam
Pin-761105 , Ph- 06810 – 291235,
Email: nacpolasara72@gmail.com

OIPR 13214/11/0030/2526

Sd/- Executive Officer
NAC Polasara, Ganjam

## IndusInd Bank

**ଆଞ୍ଚଳିକ କାର୍ଯ୍ୟାଳୟ**
ସାବିତ୍ରୀ ଟାୱାର, ୩ଏ,ଅପର ଉଡ୍ ଷ୍ଟ୍ରିଟ୍,
କୋଲକାତା-୭୦୦୦୧୭

**ଆପେଣ୍ଡିକ୍ସ-୪-ଏ**
**(ରୁଲ ୮ (୬) ଦେଖନ୍ତୁ)**
**ସ୍ଥାବର ସମ୍ପତ୍ତିର ବିକ୍ରି ନିମନ୍ତେ ବିକ୍ରୟ ନୋଟିସ୍**

**ସିକ୍ୟୁରାଇଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଯାହାକି ରୁଲ୍ ୮(୬)ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ନିଲାମ ପାଇଁ ନୋଟିସ୍**

ଏତଦ୍ୱାରା ଏହି ନୋଟିସ ମାଧ୍ୟମରେ ସର୍ବସାଧାରଣ ଏବଂ ବିଶେଷକରି ରଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ପ୍ରାଧିକୃତ ଅଧିକାରୀ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍ (ସିକ୍ୟୁଓର୍ଡ କ୍ରେଡିଟର) ନିମ୍ନଲିଖିତ ସ୍ଥାବର ସମ୍ପତ୍ତିକୁ ନିଜ ଅଧୀନକୁ ନେବା ସହ ବାକି ରହିଥିବା ଟ.୧,୫୭,୬୪,୫୦୨.୦୯- ( ଏକ କୋଟି ସତାବନ ଲକ୍ଷ ଚଉଷଠୀ ହଜାର ପାଞ୍ଚଶହ ଦୁଇ ଟଙ୍କା ନଅପଇସା ମାତ୍ର) ସହ ପରବର୍ତ୍ତୀ ସୁଧ ଆଦାୟ କରିବା ପାଇଁ ଆସନ୍ତା ୨୯.୧୦.୨୦୨୫ରେ ଯେଉଁଠି ଯେମିତି ଅଛି ଅବସ୍ଥାରେ ନିଲାମ କରାଯିବ। ଏଥିସହ ୩୧.୦୮.୨୦୨୫ ସୁଦ୍ଧା ଦଣ୍ଡିତ ସୁଧ ଏବଂ ଖର୍ଚ୍ଚ ଚାର୍ଜ ଓ ଅନ୍ୟାନ୍ୟ ଖର୍ଚ୍ଚ ସିକ୍ୟୁଓର୍ଡ କ୍ରେଡିଟର୍ସ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର (ରଣଗ୍ରହୀତା), ମନୋରଞ୍ଜନ ପଣ୍ଡା (ଗ୍ୟାରେଣ୍ଟର/ବନ୍ଧକଦାତା), ଅରୁପମା ପଣ୍ଡା (ଗ୍ୟାରେଣ୍ଟର) ଏବଂ ଜଗନ୍ନାଥ ପଣ୍ଡା (ଗ୍ୟାରେଣ୍ଟର) ଏବଂ ତାଙ୍କର ଗ୍ରୁପ୍ ଏକାଉଣ୍ଟ-ମନୋରଞ୍ଜନ ପଣ୍ଡା (ରଣଗ୍ରହୀତା/ବନ୍ଧକଦାତା), ଅରୁପମା ପଣ୍ଡା (ଗ୍ୟାରେଣ୍ଟର), ଜଗନ୍ନାଥ ପଣ୍ଡା (ଗ୍ୟାରେଣ୍ଟର) ଏବଂ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର (ଗ୍ୟାରେଣ୍ଟର), ଯାହାକି ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ସମ୍ପତ୍ତି ପରିଦର୍ଶନ ସଂପର୍କରେ ନିମ୍ନରେ ଉଲ୍ଲେଖ।

| ଲଟ୍ ନଂ | ବନ୍ଧକ ସମ୍ପତ୍ତିର ବିବରଣୀ | ଥିବା ପ୍ରତିବନ୍ଧକ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୧ | ଏକତ୍ର ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ ସହ ଘର ନିର୍ମାଣ, ଯାହାକି ଶାବକ ପ୍ଲଟ୍ ନଂ ୩୩୬, ଶାବକ ଖାତା ନଂ ୧୬୯, ମୌଜା- ନୂଆପଡ଼ା, ଏରିଆ-ଏ.୦.୦୪୦ ଡିସିମିଲ, ଯୋଗାଯୋଗ ହାଲ ଖାତାନଂ ୬୧୪/୫୩୮, ପ୍ଲଟ୍ ନଂ- ୩୩୬/୩୦୪୪, ଏରିଆ-ଏ.୦.୦୪୦ ଡିସିମିଲ, କିସମ- ଘରବାରି, କଟକ ଏବଂ ବାଉଣ୍ଡରୀ: ଉତ୍ତର- ସୁଧିର କୁମାର ସାହୁ, ଦକ୍ଷିଣ- ବାବାଜୀ ରଣା, ପୂର୍ବ- ଓଟିଏସ୍ ମିଲ ଏବଂ ପଶ୍ଚିମ- ରାସ୍ତା। ଏହି ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ ତଥା ଅଧିକ ବିବରଣୀ ଡିଡ୍ ନଂ ୧୭୯୪, ତାରିଖ: ୨୨.୦୪.୧୯୯୯ ଯାହାକି ମନୋରଞ୍ଜନ ପଣ୍ଡାଙ୍କ ନାମରେ ରହିଛି। | ଶୂନ୍ୟ | ଟ.୯୬,୬୦,୦୦୦/- (ଛୟାନବେ ଲକ୍ଷ ଷାଠିଏ ହଜାର ଟଙ୍କା ମାତ୍ର) | ଟ.୯,୬୬,୦୦୦/- (ନଅ ଲକ୍ଷ ଛଷଠୀ ହଜାର ଟଙ୍କା ମାତ୍ର) |

| | |
|---|---|
| ନିଲାମ ତାରିଖ ଓ ସମୟ | ୨୯.୧୦.୨୦୨୫(ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ) |
| ଅନ୍‌ଲାଇନ ନିଲାମ ୱେବସାଇଟ୍ | https://wwwbankeauctions.com |
| ଅନ୍‌ଲାଇନରେ ନିଲାମ ପାଇଁ ଆବେଦନ କରିବାର ଶେଷ ତାରିଖ | ୨୮.୧୦.୨୦୨୫ |
| ନିଲାମ ଡାକିବା ପାଇଁ ସର୍ବନିମ୍ନ ପରିମାଣ | ଟ.୧,୦୦,୦୦୦/-ମାତ୍ର |
| ଆଗ୍ରହୀ କ୍ରେତାଙ୍କ ସମ୍ପତ୍ତି ପରିଦର୍ଶନର ତାରିଖ ଓ ସମୟ | ୧୦.୧୦.୨୦୨୫ (ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା) |
| ପ୍ରାଧିକୃତ ଅଧିକାରୀଙ୍କୁ ଯୋଗାଯୋଗ କରିବାର ବିବରଣୀ | ମୋବାଇଲ ନଂ: ୯୮୭୪୪୩୮୭୮୫, ଇମେଲ: rohit.swaroop@indusind.com |

**ବିକ୍ରୟର ସର୍ତ୍ତ ଏବଂ ନିୟମ ପାଇଁ ଦୟାକରି ସିକ୍ୟୁଓର କ୍ରେଡିଟରଙ୍କ ୱେବସାଇଟ୍ https://www.bankeauctions.comରେ ଥିବା ଲିଙ୍କ୍‌କୁ ଦେଖନ୍ତୁ**

**ରଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟରମାନେ ଏହାକୁ ୩୦ ଦିନିଆ ବିକ୍ରୟ ନୋଟିସ ବୋଲି ଧରିନେବେ।**

ରଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟରମାନଙ୍କୁ ଏହା ଶେଷ ଏବଂ ଚୂଡ଼ାନ୍ତ ସୁଯୋଗ ଦିଆଯାଉଛି ଯେ ଏହି ବିକ୍ରୟ ନୋଟିସର ୩୦ଦିନ ମଧ୍ୟରେ ସେମାନେ ରଣ ପରିଶୋଧ କରି ବନ୍ଧକ ସମ୍ପତ୍ତିକୁ ମୁକୁଳାଇପାରିବେ, ବିଫଳ ହେଲେ ଉପର ଲିଖିତ ସର୍ତ୍ତ ଅନୁଯାୟୀ ସେଗୁଡ଼ିକୁ ବିକ୍ରି କରାଯିବ।

ତାରିଖ: ୧୭.୦୯.୨୦୨୫
ସ୍ଥାନ: କଟକ

ପ୍ରାଧିକୃତ ଅଧିକାରୀ
ଇଣ୍ଡସଇଣ୍ଡ ବ୍ୟାଙ୍କ ପ୍ରାଇଭେଟ୍ ଲିମିଟେଡ୍



[ରାଜ୍ୟ ସରକାରଙ୍କଠାରୁ ଆଦିତ୍ୟ ବିର୍ଲା ପୁରସ୍କୃତ |୬]

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



[ମଧ୍ୟପ୍ରଦେଶ ଯିବେ ପ୍ରଧାନମନ୍ତ୍ରୀ |୬]

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୮ Vol. 22 No-168 17 SEPTEMBER 2025 WEDNESDAY, BHUBANESWAR ବୁଧବାର, ୧୭ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ନୂଆପଡ଼ା ଉପନିର୍ବାଚନ ପାଇଁ ୫୬ଟି ନୂଆ ମତଦାନ କେନ୍ଦ୍ର

ଭୁବନେଶ୍ୱର, ୧୬।୯ (ଭାସ୍କର ନ୍ୟୁଜ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ୩୦୨ଟି ମତଦାନ କେନ୍ଦ୍ର ରହିଥିବାବେଳେ ଏଥିରେ ଆଉ ୫୬ଟି ନୂଆ କେନ୍ଦ୍ର ଯୋଡ଼ା ଯାଇଛି। ଫଳରେ ମତଦାନ କେନ୍ଦ୍ର ସଂଖ୍ୟା ୩୫୮ରେ ପହଞ୍ଚିଛି। ସହରାଞ୍ଚଳରେ ୩୬ଟି ମତଦାନ କେନ୍ଦ୍ର ଥିବାବେଳେ ଗ୍ରାମାଞ୍ଚଳରେ ୩୨୨ଟି ମତଦାନ କେନ୍ଦ୍ର ରହିଛି। ମୋଟ ୨ଲକ୍ଷ ୪୮ହଜାର ୨୫୬ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ।

### ରେଙ୍ଗାଲିରେ ଏନ୍‌କାଉଣ୍ଟର

ସମ୍ବଲପୁର, ୧୬।୯ (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ରେଙ୍ଗାଲିରେ ମଙ୍ଗଳବାର ଅପରାହ୍ନରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୋଲିସ ଏନକାଉଣ୍ଟର କରିଛି। ତା'ର ଗୋଡ଼ରେ ଗୁଳି ବାଜିଛି। ତାକୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ତା'ର ନାମ ଦୀପକ ମଣ୍ଡଳ ବୋଲି ସୂଚନା ଦେଇଛି। ବିଭିନ୍ନ ଥାନାରେ ତା ନାମରେ ୨୧ଟି ମାମଲା ରହିଛି। ତା ନିକଟରୁ ଗୋଟିଏ ପିସ୍ତଲ ଓ ୨ ରାଉଣ୍ଡ ଗୁଳି ଜବତ ହୋଇଛି।

## ଓଡ଼ିଶାରେ ହିମାଚଳ ପ୍ରଦେଶ ସ୍ଥିତି

# କଳିଙ୍ଗା ଘାଟିରେ ବଡ଼ଧରଣର ଭୂସ୍ଖଳନ



### ୩ ରାଜ୍ୟକୁ ଯାନବାହାନ ଚଳାଚଳ ଠପ୍

### ଛତିଶଗଡ଼, ଆନ୍ଧ୍ର ଜନସାଧାରଣ ପ୍ରଭାବିତ

### ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମବାହିନୀ

କନ୍ଧମାଳ, ୧୬।୯ (ଭାସ୍କର ନ୍ୟୁଜ): ସାରା ଦେଶରେ ବର୍ଷା ଓ ବନ୍ୟା ତାଣ୍ଡବ ରଚୁଥିବାବେଳେ ଓଡ଼ିଶାରେ ମଧ୍ୟ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟିରେ ଏକ ବଡ଼ଧରଣର ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ଯୋଗୁ ଏହା ହୋଇଥିବା ସୂଚନା ଦିଆଯାଇଛି। ଫଳରେ ଜାତୀୟ ରାଜପଥରେ ପ୍ରକୃତିର ଏହି ତାଣ୍ଡବ ଯୋଗୁ ଶହଶହ ଯାନବାହାନ ଅଟକି ରହିଛି। ଭୂସ୍ଖଳନ ଯୋଗୁ ୩ଟି ରାଜ୍ୟ ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ଯାନବାହାନ ଚଳାଚଳ ସଂପୂର୍ଣ୍ଣ ଠପ୍ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ଅପରାହ୍ନ ୩ଟାରେ କଳିଙ୍ଗା ଘାଟିର ଅନ୍ଧାରକୋଟ ନିକଟରେ ଏହି ଭୂସ୍ଖଳନ ହୋଇଛି। ବଡ଼ବଡ଼ ପଥରଖଣ୍ଡ ଓ ମାଟି ଅତଡ଼ା ରାସ୍ତା ଉପରେ ପଡ଼ିଛି। ଦୀର୍ଘ ଏକମାସ ଧରି ଏଠାରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏକ ଠିକା ସଂସ୍ଥା ରାସ୍ତା ଚଉଡାକାମ ଜାରି ରଖିଥିଲା। ସେହି ସ୍ଥାନରେ ୨୦ରୁ ୩୦ ମିଟର ପର୍ଯ୍ୟନ୍ତ ରାସ୍ତାରେ ଭୂସ୍ଖଳନ ଦୃଶ୍ୟ ଦେଖିବାକୁ ମିଳିଛି। ପାହାଡ଼ରୁ ବିରାଟ ପଥର ଓ ମାଟି ଅତଡ଼ା ଧସି ରାସ୍ତା ଅବରୋଧ ହୋଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ବସ୍ ଓ କାର୍ ଅଟକି ରହିଛି। ଯାତ୍ରୀମାନେ ଆତଙ୍କିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏହି ଭୂସ୍ଖଳନ ଯୋଗୁ ଗଞ୍ଜାମ ଜିଲ୍ଲାରୁ କନ୍ଧମାଳ ସହ ପଶ୍ଚିମ ଓଡ଼ିଶାର ବିଭିନ୍ନ ସହରକୁ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। କାରଣ ଯେଉଁଭଳି ଭାବେ ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା ରହିଛି, ତାକୁ ଦେଖି ଲୋକମାନେ ଭୟଭୀତ ହୋଇ ରହିଛନ୍ତି। ଏଥିସହ ଭୂସ୍ଖଳନ ଯୋଗୁ ଏକ ପୋଲ ମଧ୍ୟ ଭୁଶୁଡ଼ି ପଡ଼ିଛି। ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖୁଛନ୍ତି। ପୋଲିସ ଓ ଅଗ୍ନିଶମବାହିନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଗତ କିଛିଦିନ ତଳେ ଏହି ଘାଟିରୁ ଏକ ବିରାଟ ପଥର ଖସିଥିଲା। କନ୍ଧମାଳ ଜିଲ୍ଲାର ଲାଇଫ୍‌ଲାଇନ କୁହାଯାଉଥିବା ଉକ୍ତ ଘାଟି ରାସ୍ତାରେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇପାରୁ ନଥିବାରୁ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ ଦାରିଙ୍ଗିବାଡ଼ିରୁ ଭୁବନେଶ୍ୱର ଯାଉଥିବା ବସ୍‌ଗୁଡ଼ିକୁ ଅନ୍ୟ ରୁଟ୍‌ରେ ନେବାପାଇଁ ଉଦ୍ୟମ ଚାଲୁଥିବା କୁହାଯାଇଛି।

## ୧୮ରୁ ବିଧାନସଭା ମୌସୁମୀ ଅଧିବେଶନ

# ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ



ଭୁବନେଶ୍ୱର, ୧୬।୯ (ଭାସ୍କର ନ୍ୟୁଜ): ଆସନ୍ତା ୧୮ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ମୋଟ ୭ଟି କାର୍ଯ୍ୟଦିବସ ରହିଛି। ତେବେ ଅଧିବେଶନ ପୂର୍ବରୁ ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ମଙ୍ଗଳବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଂଗ୍ରେସ ବିଧାୟକ ଦଳର ନେତାଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ ସାମିଲ ହୋଇଥିଲେ। ଦୀର୍ଘ ସମୟ ଧରି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଅଧିବେଶନ ସମୟରେ ସରକାରଙ୍କୁ ଘେରିବା ପାଇଁ ମୁଖ୍ୟ ବିରୋଧୀଦଳ ବିଜେଡି ସମେତ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛନ୍ତି। ବିଶେଷକରି ରାଜ୍ୟରେ ସାରର ଘୋର ଅଭାବ, ଆଇନଶୃଙ୍ଖଳା ସ୍ଥିତିର ଅବନ୍ନତି ଇତ୍ୟାଦି ପ୍ରସଙ୍ଗକୁ ନେଇ ସରକାରଙ୍କ ଘେରିବା ପାଇଁ ବିରୋଧୀ ନିଜକୁ ପ୍ରସ୍ତୁତ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ଦଳ ମଧ୍ୟ ବିରୋଧୀଦଳଙ୍କ ସବୁ ପ୍ରଶ୍ନର ଜବାବ ଦେବାପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ବିଧାନସଭା ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି।


MINISTRY OF SOCIAL JUSTICE & EMPOWERMENT GOVERNMENT OF INDIA
ALIMCO

" ମୋ ସରକାର ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନଯାପନ ସୁଗମ କରିବା ପାଇଁ ଦ୍ରୁତଗତିରେ କାର୍ଯ୍ୟ କରୁଛି। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଜନ, ଜନଜାତିର ଲୋକ ଅଥବା ସମାଜର ଲାଭରୁ ବଞ୍ଚିତ ବର୍ଗ ଯେକୌଣସି ବି ହୋଇଥାନ୍ତୁ, ଆମର ମୁଖ୍ୟ ପ୍ରାଥମିକତା ୧୪୦ କୋଟି ଭାରତୀୟଙ୍କ ସେବା କରିବା ତଥା ସେମାନଙ୍କ ହିତର ରକ୍ଷା କରିବା। "

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



Prime Minister Narendra Modi
Service is the resolve, India First the inspiration...75 years

ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଯୋଜନା ଏବଂ ଏଡିଆଇପି ଯୋଜନା ମାଧ୍ୟମରେ ସଶକ୍ତିକରଣ

ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଏବଂ ଏଡିଆଇପି ଯୋଜନା ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କ ପାଇଁ ସହାୟକ ଉପକରଣ ବିତରଣ

ବରିଷ୍ଠ ନାଗରିକଙ୍କ ପାଇଁ ସାରା ଦେଶରେ ୭୫+ ବିତରଣ ଶିବିରର ଆୟୋଜନ

ଶିବିରରେ ମୋଟାମୋଟି ୪୦,୬୦୦ ଚିହ୍ନିତ ଲାଭାର୍ଥୀଙ୍କୁ ସହାୟକ ଉପକରଣ ନିଃଶୁଳ୍କ ବିତରଣ

ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ଏବଂ ଏଡିଆଇପି ଯୋଜନା ଅନ୍ତର୍ଗତ ପ୍ରାୟ ୧,୨୧,୮୦୦ ଉପକରଣର ବିତରଣ

ଗରିମାମୟ ଉପସ୍ଥିତି

ଡକ୍ଟର ବୀରେନ୍ଦ୍ର କୁମାର
ମାନନୀୟ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ, ଭାରତ ସରକାର

ଭର୍ଚୁଆଲ ମାଧ୍ୟମରେ
ବୁଧବାର, ୧୭ ସେପ୍ଟେମ୍ବର ୨୦୨୫ ପୂର୍ବାହ୍ନ ୯.୩୦
ସ୍ଥାନ
ପିଏମ୍‌ଶ୍ରୀ ଏକ୍ସିଲେନ୍ସ ସ୍କୁଲ ନଂ-୨, ଛତରପୁର, ମଧ୍ୟପ୍ରଦେଶ

CBC 38101/13/0021/2526

୭୫ ଯୁକ୍ତ ବିତରଣ ଶିବିର ସଂପର୍କରେ ଜାଣିବା ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ | ବରିଷ୍ଠ ନାଗରିକଙ୍କ ପାଇଁ ରାଷ୍ଟ୍ରୀୟ ଟୋଲ୍ ଫ୍ରି ହେଲ୍‌ପଲାଇନ ୧୪୫୬୭ | ଅଧିକ ଜାଣିବା ପାଇଁ https://socialjustice.gov.in/ ଲଗ୍‌ଅନ୍ କରନ୍ତୁ

ସୋସିଆଲ ମିଡିଆକୁ ଅନୁସରଣ କରନ୍ତୁ
ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ



Ministry of Tribal Affairs Government of India
150th JANJATIYA GAURAV VARSH
Adi KARMAYOGI 2 Million Sparks

ଜନଜାତି ସମ୍ପ୍ରଦାୟର ସଶକ୍ତିକରଣରେ ବିକଶିତ ଭାରତ

୧ ଲକ୍ଷ ଜନଜାତି ଗ୍ରାମ | ୫୫୦ ଜିଲ୍ଲା | ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
ସେବା ହିଁ ସଂକଳ୍ପ, ଭାରତ ହିଁ ପ୍ରଥମ ପ୍ରେରଣା...୭୫ବର୍ଷ

"ଆଦି କର୍ମଯୋଗୀ ବିକଶିତ ଭାରତର ଏକ ମିଶନ। ଜନସେବା, ସମର୍ପଣ ଏବଂ ସଂକଳ୍ପ ମାଧ୍ୟମରେ ଉତ୍ତରଦାୟୀ ଶାସନ ଏବଂ ପ୍ରତ୍ୟେକ ନାଗରିକଙ୍କ ନିକଟରେ ସେବାର ପୂର୍ଣ୍ଣଲାଭ ପହଞ୍ଚିବ।"

ଆଦିସେବା ପର୍ବ

୧୭ ସେପ୍ଟେମ୍ବର- ୨ ଅକ୍ଟୋବର ୨୦୨୫ ର ଶୁଭାରମ୍ଭ
ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା

୧୭ ସେପ୍ଟେମ୍ବର, ୨୦୨୫ ମଧ୍ୟାହ୍ନ ୧୨ଟା, ଧାର, ମଧ୍ୟପ୍ରଦେଶ

ମୁଖ୍ୟ ବିଶେଷତ୍ୱ

୨୦ଲକ୍ଷ ଆଦି କର୍ମଯୋଗୀ- ଅଧିକାରୀ, ସ୍ୱୟଂ ସହାୟତା ସମୂହର ମହିଳା ଏବଂ ଜନଜାତି ଯୁବପିଢି

୧ଲକ୍ଷ ଜନଜାତି ଗାଁ, ୧ ଭିଜନ- ଗାଁର ଜନତା ସ୍ୱୟଂ ନିର୍ମାଣ କରିବେ ଜନଜାତି ଗ୍ରାମ ଭିଜନ-୨୦୩୦

୧ଲକ୍ଷ ଆଦି ସେବାକେନ୍ଦ୍ର- ପ୍ରତ୍ୟେକ ନାଗରିକଙ୍କ ପାଇଁ ସିଙ୍ଗଲ ୱିଣ୍ଡୋ କେନ୍ଦ୍ର ଏବଂ ସାପ୍ତାହିକ ଆଦି ସେବା ସମୟ

ଜନ-ନେତୃତ୍ୱ ଅଭିଯୋଗର ସମାଧାନ- ଗାଁର ଭାଗିଦାରୀରେ ତ୍ୱରିତ ସମାଧାନ ଏବଂ ସମସ୍ତ ସରକାରୀ ସେବାର ପୂର୍ଣ୍ଣ ସହାୟତା ପହଞ୍ଚିବ।

ଆପଣଙ୍କ ନିକଟତମ ଗାଁକୁ ଯାଆନ୍ତୁ
ବର୍ତ୍ତମାନ ପଞ୍ଜିକରଣ କରନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆଦି କର୍ମଯୋଗୀ ଅଭିଯାନ
ଏକ ଉତ୍ତରଦାୟୀ ଶାସନିକ କାର୍ଯ୍ୟକ୍ରମ
ବିଶ୍ୱର ସବୁଠାରୁ ବଡ଼ ଜନଜାତି ନେତୃତ୍ୱ ଆନ୍ଦୋଳନ

CBC 43101/13/0023/2526

ସିଧା ପ୍ରସାରଣ ଡିଡି ନ୍ୟୁଜ୍‌ରେ ମଧ୍ୟାହ୍ନ ୧୨ଟାରେ । ଆଦି କର୍ମଯୋଗୀ ଅଭିଯାନ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



## ବିହାର ପାଇଁ ମୋଦିଙ୍କ ଅର୍ଥ ବୃଷ୍ଟି

# ବିରୋଧୀ ଇଣ୍ଡିଆ ମେଣ୍ଟରେ ଫାଟ

ଜାତୀୟ ରାଜନୀତି କ୍ଷେତ୍ରରେ ବିଶେଷ ଗୁରୁତ୍ୱ ବହନ କରୁଥିବା ବିହାର ବିଧାନସଭା ନିର୍ବାଚନକୁ ଆଉ ଦୁଇ ମାସରୁ କମ୍ ସମୟ ବାକି ରହିଲା। ରାଜ୍ୟରେ କ୍ଷମତାସୀନ ଜେଡିୟୁ-ବିଜେପି ମେଣ୍ଟ ସହିତ ଲାଲୁ ଯାଦବଙ୍କ ଆର୍‌ଜେଡି ନେତୃତ୍ୱାଧୀନ ଇଣ୍ଡିଆମେଣ୍ଟର ଏଥର କଡା ମୁକାବିଲା ହେବ ବୋଲି ଆଶା କରାଯାଉଛି। ସେହି ଦୃଷ୍ଟିରୁ ବିହାର ରାଜନୀତି ଏବେ ଖୁବ୍ ସରଗରମ ହୋଇଉଠିଛି। ଏହାରି ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ କେନ୍ଦ୍ରୀୟ ନେତାମାନେ ବିହାରକୁ ଘନ ଘନ ଗସ୍ତ କରି ଶାସକମେଣ୍ଟର ପ୍ରଚାର ଅଭିଯାନକୁ ଜୋରଦାର କରିବା ସଂଗେସଂଗେ ରାଜ୍ୟର ବିକାଶ ନିମନ୍ତେ ଅର୍ଥରାଶି ଅଜାଡି ଦେଉଥିବାର ଲକ୍ଷ୍ୟ କରାଯାଉଛି। ସୋମବାର ଗୋଟିଏ ଦିନରେ ପ୍ରଧାନମନ୍ତ୍ରୀ ରାଜ୍ୟକୁ ତୋଫାନୀ ଗସ୍ତରେ ଆସି ୪୦ ହଜାର କୋଟି ଟଙ୍କାର ନିର୍ବାଚନୀ ଭେଟି ଦେଇଛନ୍ତି ଏବଂ ବିରୋଧୀ ଆର୍‌ଜେଡି ଓ କଂଗ୍ରେସ ଉପରେ ଶାଣିତ ଆକ୍ରମଣ କରିଛନ୍ତି। ରାଜ୍ୟରେ ବେଆଇନ ଭାବରେ ରହିଥିବା ଅନୁପ୍ରବେଶକାରୀଙ୍କୁ ହଟାଇବା ଉପରେ ସେ ଅଧିକ ଗୁରୁତ୍ୱ ଦେବା ସହିତ ଏହି ସମସ୍ୟା ପାଇଁ ବିରୋଧୀଦଳଗୁଡିକୁ ଦାୟୀ କରିଥିଲେ। ଗୋଟିଏ ପଟେ ଶାସକ ଏନ୍‌ଡିଏ ମେଣ୍ଟର ସହଯୋଗୀ ଦଳଗୁଡିକ ଇତିମଧ୍ୟରେ ଆସନ ବୁଝାମଣା ଚୁଡାନ୍ତ କରିସାରିଥିବା ବେଳେ ଅନ୍ୟ ପକ୍ଷରେ ବିରୋଧୀ ଇଣ୍ଡିଆ ମେଣ୍ଟରେ ଆସନ ବଣ୍ଟନକୁ ନେଇ ଟଣାଓଟରା ଅବ୍ୟାହତ ରହିଛି। ମେଣ୍ଟ ସହଯୋଗୀ ଦୁଇ ପ୍ରମୁଖ ଦଳ ଆର୍‌ଜେଡି ଓ କଂଗ୍ରେସ ମଧ୍ୟରେ ଦେଖାଦେଇଥିବା ମତଭେଦ ତୁଟିବାର ନାମଗନ୍ଧ ଧରୁନାହିଁ। କଂଗ୍ରେସ କଠୋର ଆଭିମୁଖ୍ୟ ଗ୍ରହଣ କରି ଅଧିକ ଆସନ ଦାବି କରୁଥିବାବେଳେ ଲାଲୁ-ତେଜସ୍ୱୀଙ୍କ ଆର୍‌ଜେଡି ଏଥିପାଇଁ ରାଜି ହେଉନାହିଁ। ସେହିପରି ବିରୋଧୀ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ କାହାକୁ ଉପସ୍ଥାପନ କରାଯିବ, ସେଥିନେଇ ମଧ୍ୟ ବିବାଦ ମୁଣ୍ଡ ଟେକିଛି। ବିରୋଧୀ ମେଣ୍ଟରେ ଅଧିକାଂଶ ସହଯୋଗୀ ଦଳ ଆର୍‌ଜେଡିର ଯୁବ ଚେହେରା ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପସନ୍ଦ କରୁଛନ୍ତି। ମାତ୍ର କଂଗ୍ରେସ ମହାମେଣ୍ଟରେ କାହାରିକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ଉପସ୍ଥାପନ କରିବାକୁ ଅନିଚ୍ଛା ପ୍ରକାଶ କରୁଛି। କଂଗ୍ରେସର ଏଭଳି କଠୋର ମନୋଭାବରେ କ୍ଷୁବ୍ଧ ହୋଇ ତେଜସ୍ୱୀ ମେଣ୍ଟ ଭାଙ୍ଗି ଦେଇ ରାଜ୍ୟର ସମସ୍ତ ୨୪୩ଟି ଯାକ ଆସନରେ ଆର୍‌ଜେଡି ଏକାକୀ ଲଢ଼ିବ ବୋଲି ଧମକ ଦେବାକୁ ପଛାଇନାହାନ୍ତି। ତେଜସ୍ୱୀଙ୍କ ଏଭଳି ଧମକ ପରେ ବିରୋଧୀ ଇଣ୍ଡିଆମେଣ୍ଟରେ ଏବେ ଛନକା ପଶିଯାଇଛି। ଲୋକସଭା ବିରୋଧୀ ଦଳ ନେତା ରାହୁଳ ଗାନ୍ଧୀ ଅଳ୍ପଦିନ ପୂର୍ବେ ବିହାରରେ 'ଭୋଟର ଅଧିକାର ଯାତ୍ରା' ଚଳାଇଥିଲେ ଏବଂ ଏଥିରେ ଜନସାଧାରଣ ବହୁ ସଂଖ୍ୟାରେ ସାମିଲ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା। ରାଜ୍ୟର ୧୧୦ ଟି ବିଧାନସଭା ନିର୍ବାଚନମଣ୍ଡଳୀ ଭିତର ଦେଇ ଏହି ଯାତ୍ରା ଗତି କରିଥିଲା। ଏଥିରେ ଉତ୍ସାହିତ ହୋଇ କଂଗ୍ରେସ ବିଧାନସଭା ନିର୍ବାଚନରେ ଅତି କମ୍‌ରେ ୭୦ ଟି ଆସନ ଦାବି କରୁଛି ଏବଂ ମେଣ୍ଟ ଉପରେ ଚାପ ପକାଇ ଚାଲିଛି। ଭୋଟର ଅଭିଯାନ ଯାତ୍ରା ସମୟରେ ବିରୋଧୀ ଦଳ କ୍ଷମତାକୁ ଆସିଲେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ରାହୁଲଙ୍କୁ ପ୍ରଶ୍ନ କରାଯାଇଥିଲା। ମାତ୍ର ଏହି ପ୍ରଶ୍ନକୁ ଏଡାଇ ଦେବାରୁ ଆର୍‌ଜେଡି ଖୁବ୍ ଅସନ୍ତୁଷ୍ଟ ହୋଇପଡିଥିଲା ଏବଂ ସେହିଦିନ ଠାରୁ ଇଣ୍ଡିଆ ମେଣ୍ଟରେ ଫାଟ ବଢ଼ିବାରେ ଲାଗିଛି। ତେବେ ବିରୋଧୀ ଦଳରେ ଏଭଳି ମତଭେଦ ଆଗାମୀ ଦିନରେ କ୍ଷମତାସୀନ ବିଜେପି-ଜେଡିୟୁ ମେଣ୍ଟକୁ କେତେଦୂର ସହାୟକ ହେବ, ତାହା କେବଳ ଭବିଷ୍ୟତ ହିଁ କହିବ।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।



# ଦେବଶିଳ୍ପୀ ବିଶ୍ୱକର୍ମା

ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ବିଶ୍ୱକର୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ସନ୍ତାନ। ଅନେକ ପୁରାଣ କହେ ବିଶ୍ୱକର୍ମା ହେଉଛନ୍ତି ଇନ୍ଦ୍ର ଓ ସୂର୍ଯ୍ୟଙ୍କର ମାନସ ସନ୍ତାନ। ହରିବଂଶ ପୁରାଣ ଅନୁସାରେ ସେ ବାସୁପ୍ରଭା ଓ ତେଜୋଦିପ୍ତ ଅଙ୍ଗିରାଋଷୀଙ୍କ ସନ୍ତାନ। ସମ୍ପୂର୍ଣ୍ଣ ବିଶ୍ୱବ୍ରହ୍ମାଣ୍ଡର ନିର୍ମାଣ ବିଶ୍ୱକର୍ମା ନିଜ ପିତା ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କ ଆଦେଶରେ କରିଥିଲେ। ବିଶ୍ୱକର୍ମାଙ୍କ ଜନ୍ମକୁ ନେଇ ବିଭିନ୍ନ ମତ୍ତ ଆସୁଥିଲେ ମଧ ରିଗ୍ ବେଦ ତାର ଏକ ସନ୍ତୋଷ ଜନକ ଉତର ଉପସ୍ଥାପିତ କରିଛି। ବିଶ୍ୱକର୍ମା ତ୍ରିନାଥ ବା ତ୍ରିଶକ୍ତି ଯଥା ବ୍ରହ୍ମା, ବିଷ୍ଣୁ, ଓ ମହେଶଙ୍କର ଶକ୍ତିରୁ ଉତ୍ପତ୍ତି। ସେ କେବଳ ଦେବ ଶିଳ୍ପୀ ନୁହଁନ୍ତି ସେ ଏକ ଧାରାରେ ବିଶ୍ୱବ୍ରହ୍ମାଣ୍ଡର ନିର୍ମାଣ କର୍ତ୍ତା ମଧ। ସୂର୍ଯ୍ୟଙ୍କର କନ୍ୟା ସଂଜ୍ଞା ନିଜ ପିତାଙ୍କ ତେଜ ସହି ନପାରି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପାଖରେ ପାଳିତ ହୋଇଥିଲେ , ତେଣୁ ସେ ବିଶ୍ୱକର୍ମାଙ୍କ ଦୁହିତା ଭାବରେ ପରିଚିତା। ଏହି ବିଶ୍ୱନିର୍ମାତାଙ୍କୁ ନେଇ ଅନେକ ରୋଚକ କାହାଣୀ ପୁରାଣ ପୃଷ୍ଠାରେ ବର୍ଣ୍ଣିତ। ଏହି ମହାନ ଦେବଶିଳ୍ପୀ ସ୍ୱର୍ଗର ଅମରାବତୀଠୁ , ସ୍ୱର୍ଣ୍ଣଲଙ୍କା, ଇନ୍ଦ୍ରପ୍ରସ୍ଥ, ହସ୍ତୀନାପୁର ଆଦିର ନିର୍ମାଣକାରୀ। ସେ ମଧ୍ୟ ହିନ୍ଦୁଧର୍ମର ବର୍ଣ୍ଣିତ ସମସ୍ତ ଦେବା ଦେବୀ ମାନଙ୍କର ଧରିଥିବା ଆୟୁଧର ନିର୍ମାଣ କର୍ତ୍ତା। ବୃତ୍ରାସୁର କବଳରୁ ସ୍ୱର୍ଗପୁରୀକୁ ରକ୍ଷାକରିବା ପାଇଁ ମହାନ ତପସ୍ୱୀ ଦଧିଚୀ ନିଜର ପ୍ରଦାନ କରିଥିବା ଶରୀରର ଅସ୍ଥିରେ ପ୍ରସ୍ତୁତ ହୋଇଥିବା ବଜ୍ରର ନିର୍ମାତା ମଧ ଥିଲେ ବିଶ୍ୱକର୍ମା। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ସମୟରେ ତାଙ୍କ ଶରୀରର କିଛିଅଂଶ ଭାସମାନ ହୋଇ ବାଙ୍କୀ ମୁହାଣରୁ ରାଜା ଇନ୍ଦ୍ରଦ୍ୟୁମ୍ନ ପାଇବା ପରେ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଆଜ୍ଞାନୁସାରେ ଦେବଶିଳ୍ପୀ ବିଶ୍ୱକର୍ମା ନିଜେ ଆସି ଲୀଳାମୟ ଜଗନ୍ନାଥଙ୍କର ଅଧାଗଢା ମୂର୍ତ୍ତି ପ୍ରସ୍ତୁତ କରିଥିଲେ। ଅନେକ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ସ୍ୱୟଂ ଜଗନ୍ନାଥ ବୋଲି କହିଥାନ୍ତି। ମହାଲକ୍ଷ୍ମୀ ଯେତେବେଳେ ମହାପ୍ରଭୁଙ୍କ ଦ୍ୱାରା ନିର୍ବାସିତ ହୋଇ ମନ୍ଦିର ଛାଡି ପଳାଇ ଆସିଥିଲେ ସେହି ସମୟରେ ଲକ୍ଷ୍ମୀଙ୍କ ଅନୁରୋଧରେ ବିଶ୍ୱକର୍ମା ଲକ୍ଷ୍ମୀଙ୍କ ପାଇଁ ସୁରମ୍ୟ ଉଆସ ନିର୍ମାଣ କରିଥିଲେ ବୋଲି ଲକ୍ଷ୍ମୀପୁରାଣ ପ୍ରମାଣ ଦେଇଥାଏ। ସେ ଦିନର ପୁରାଣ ବର୍ଣ୍ଣିତ ପୁଷ୍ପକ ବିମାନର ନିର୍ମାତା ଥିଲେ ଦେବଶିଳ୍ପୀ ବିଶ୍ୱକର୍ମା ଯାହା ଆଜି ଏରୋପ୍ଲେନ ଭାବେ ପରିଚିତ। ସେ ଦିନ ଯେଉଁ ମାରଣାସ୍ତ୍ର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ ହେଉଥିଲା ଆଜି ତାହା ସ୍ୱପ୍ନ ଭଳି ଲାଗୁଛି କାରଣ ସେ କେବଳ ଶତ୍ରୁକୁ ବିନାଶ କରୁଥିଲା କିନ୍ତୁ ଆଜିର ମାରଣାସ୍ତ୍ର ସମଗ୍ର ସମାଜ ତଥା ବିଶ୍ୱକୁ ଧ୍ୱଂସ କରୁଛି। ଏହି ବିଶ୍ୱକର୍ମାଙ୍କ ପରିବାର ବାବଦରେ ଅନେକ ଭିନ୍ନ ଭିନ୍ନ ମତ ଆସିଥାଏ। ନିରୁକ୍ତ ଓ ବ୍ରାହ୍ମଣ ଙ୍କ ମତରେ ସେ ଭୁବନଙ୍କ ସନ୍ତାନ। ବିଶ୍ୱକର୍ମା ତିନୋଟି କନ୍ୟାର ଜନକ ଥିଲେ ବରିହସ୍ମତୀ, ସଂଜ୍ଞା, ଓ ଚିତ୍ରାଙ୍ଗଦା। ସେ ମଧ ବିଶ୍ୱରୂପଙ୍କ ଜନକ ଥିଲେ। ସମଗ୍ର ବିଶ୍ୱରେ ବିଶ୍ୱକର୍ମାଙ୍କ ଭଳି ଇନିଅର ବା ଶିଳ୍ପୀ ଆଜି ମିଳିବା ଦୁର୍ଲଭ।



ଆଜି ପ୍ରତ୍ୟେକ ହିନ୍ଦୁ ସମାଜ ବା ସନାତନ ଧର୍ମରେ ଏହି ମହାନ ବିଶ୍ୱ ନିର୍ମାଣରେ ସ୍ରଷ୍ଟା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆରାଧନା ଭାଦ୍ରବ ମାସ କନ୍ୟା ସଂକ୍ରାନ୍ତିରେ ତାଙ୍କର ପୂଜା ମହୋତ୍ସବ ମହା ଆଡମ୍ବରରେ ପାଳନ କରାଯାଇଥାଏ। ଏହି ଦିନ ବିଭିନ୍ନ ଶିଳ୍ପ ସଂସ୍ଥାରେ ବିଶ୍ୱକର୍ମାଙ୍କ ମୂର୍ତ୍ତିକୁ ବସାଇ ପୂଜା ଆରାଧନା କରାଯିବା ସହ ଭୋଜି ଭାତର ଆସର କରାଯାଇଥାଏ। ପ୍ରତ୍ୟେକ ହିନ୍ଦୁ ମାନଙ୍କର ବିଶ୍ୱାସ ଯେ ଏହି ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ବିଶ୍ୱାସର ସହିତ ପୂଜା ଆରାଧନା କଲେ ପରିବାରରେ ସୁଖ ସମୃଦ୍ଧିର ବୃଦ୍ଧି ହୋଇଥାଏ। ଆଜିର ଏହି ପବିତ୍ର ଦିବସରେ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ନିର୍ମାଣର ଦେବତା ସମଗ୍ର ଦେଶ ତଥା ବିଶ୍ୱର କଲ୍ୟାଣ କରନ୍ତୁ ଏହାହିଁ ତାଙ୍କ ପାଦରେ ନିବେଦନ।

# ଓଡ଼ିଶାରେ ରଙ୍ଗମଞ୍ଚ ଓ କଳାବିକାଶ କେନ୍ଦ୍ର



ନାଟ୍ୟସାରଥି ଅଭୟ କୁମାର ଦାସ
ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭

ଉତ୍କଳୀୟ ମଞ୍ଚର ପ୍ରାଚୀନତାର ନିଦର୍ଶନ ଆମେ ପାଇଥାଉ ଉଦୟଗିରିର ରାଣୀଗୁମ୍ଫାରେ ଥିବା ସମ୍ରାଟ ଖାରବେଳଙ୍କର ଏକ ଶିଳାଲିପି ଓ ଖୋଦିତ ଚିତ୍ରରୁ। ଖ୍ରୀଷ୍ଟିୟ ନବମ ଶତାବ୍ଦୀରୁ ଉତ୍କଳୀୟ ସଂସ୍କୃତ ରଙ୍ଗମଞ୍ଚ ବିକାଶର ନିଦର୍ଶନ ଆମେ ପାଇଥାଉ। ମୁରାରୀ ମିଶ୍ର ଅନର୍ଘ ରାଘବ ନାଟକ ଲେଖି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ତାହା ମଞ୍ଚସ୍ଥ କରିଥିଲେ। ଜାତିର କଳାସଂସ୍କୃତିର ପରିଚୟ ମିଳିଥାଏ ତାର ରଙ୍ଗମଞ୍ଚରୁ ସେଇଥିପାଇଁ କୁହାଯାଏ 'ଏ ନେସନ ଇଜି ନୋନ୍ ବାୟ ଇଟସ୍ ଥିଏଟର'। ନାଟ୍ୟ ଶାସ୍ତ୍ର ପ୍ରଣେତା ଭରତ ତିନି ପ୍ରକାର ମଞ୍ଚର ନିର୍ଦ୍ଦେଶ କରିଯାଇଛନ୍ତି। ସେଗୁଡ଼ିକ ହେଉଛି ବିକୃଷ୍ଟ, ଚର୍ତୁସ୍ର ଓ ତ୍ରସ୍ୟ। ଭାରତର ସର୍ବପ୍ରଥମ ରଙ୍ଗମଞ୍ଚ କଲିକତାରେ ୧୭୫୬ରେ ଗଢ଼ି ଉଠିଥିଲା। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ତାହା ହେଉଛି ସ୍ଥାୟୀ, ଅସ୍ଥାୟୀ ଓ ସୌଖୁନୀର ରଙ୍ଗମଞ୍ଚ। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସ ଖୋଜିଲେ ୧୮୭୨ ମସିହାରେ କଟକ ମିଶନ ସ୍କୁଲରେ ଇଂରାଜୀ ନାଟକ ଅଭିନୀତ ହୋଇଥିବା ନେଇ ଉତ୍କଳ ଦୀପିକାରେ ବର୍ଣ୍ଣନା ହୋଇଛି। ତେବେ ୧୮୭୫-୭୬ ବେଳକୁ ଏଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହେବା ପରେ କଟକ ମ୍ୟୁନିସିପାଲଟି ହତାରେ ସର୍ବପ୍ରଥମେ ୧୮୭୬-୭୭ ସମୟରେ ବମ୍ବେର ପାର୍ସି ରିପନ ଓ ସାଙ୍ଗଲୀ ଥିଏଟର୍ସ ନାଟକ ପ୍ରଦର୍ଶନ କରିଥିଲେ। ତେବେ ୧୮୮୩ ବେଳକୁ ଧରାବାର ହିନ୍ଦୀ ଥିଏଟର୍ସ କମ୍ପାନୀ କଟକରେ ଏକ ରଙ୍ଗଶାଳା ନିର୍ମାଣ କରି ନାଟକ ଅଭିନୟ କରାଇଥିଲେ। ୧୮୮୧ରେ କାଞ୍ଚି କାବେରୀ ଓ ୧୮୮୨ରେ ମହୀଦାସ ବଜାରର ହାରାଧାନ ଘୋଷଙ୍କ ବାସଗୃହରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବନମାଳା'। ସେହିପରି ୧୮୮୩ରେ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହରେ 'କଳିକାଳ', ୧୮୮୪ରେ ପୁରୀ ହିନ୍ଦୁ ଥିଏଟରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରାମାଭିଷେକ', ୧୮୮୫ରେ ଶ୍ରୀପଞ୍ଚମୀ ତିଥିରେ କଟକ ଜିଲ୍ଲାର କୋଠପଦା ଗ୍ରାମରେ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା ହୋଇ 'କାଞ୍ଚି କାବେରୀ' ପ୍ରଦର୍ଶିତ ହୋଇଥିଲା।

ବାରବାଟୀ କିଲ୍ଲା ଠାରେ ୧୮୭୭ରେ ନାଟକ 'ଇଂରାଜୀ', ୧୮୮୯ରେ କଟକର ରଘୁନାଥପୁର ଠାରେ ନାରାୟଣ ମିଶ୍ରଙ୍କ 'ସୀତା ବନବାସ' ପ୍ରଦର୍ଶିତ ହୋଇଥିଲା। ୧୮୮୯ରେ କଟକରେ ନାଟକ 'ପ୍ରହ୍ଲାଦ', ୧୮୮୭ରେ ମଧୁସୂଦନ ଦାସଙ୍କ ଘରେ ବଙ୍ଗଳା ନାଟକ 'ହରିଶ୍ଚନ୍ଦ୍ର' ଅଭିନୀତ ହୋଇଥିଲା। ୧୮୭୫ରେ କଳା ଓ ସାଧନାର କ୍ଷେତ୍ର ମାହାଙ୍ଗା ଠାରେ ଜଗମୋହନ ଲାଲା ରାଧାକାନ୍ତ ରଙ୍ଗମଞ୍ଚ ପ୍ରତିଷ୍ଠା କରି ଓଡ଼ିଆ ଓ ବଙ୍ଗାଳୀ ନାଟକ ଅଭିନୀତ କରାଉଥିଲେ। ତେବେ ୧୮୮୭ ବେଳକୁ ମଧୁସୂଦନ ଦାସଙ୍କ ଘରେ ସ୍ଥାୟୀ ମଞ୍ଚ ଓ କଟକର ପ୍ରଖ୍ୟାତ ଜମିଦାର ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନିଜ ଘରେ ନାଟକ ପାଇଁ ରଙ୍ଗମଞ୍ଚ ତିଆରି କରିଥିଲେ। କଟକର ବିନୋଦବିହାରୀରେ ୧୮୯୮ରେ 'ବୀଣାପାଣୀ ଥିଏଟର' ପ୍ରତିଷ୍ଠା ହୋଇଥିଲା। ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ଥାୟୀ ମଞ୍ଚ ୧୮୯୭ରେ ପ୍ରତିଷ୍ଠା ହୋଇଥିଲା ଏହାର ନାମ ଥିଲା 'ପଦ୍ମନାଭ ରଙ୍ଗାଳୟ' ସେହିପରି ପରବର୍ତ୍ତୀ ସମୟରେ ୧୯୧୦ ବେଳକୁ ଜମିଦାର କୁଞ୍ଜବିହାରୀ ଘୋଷଙ୍କ ଉଦ୍ୟମରେ ବାସନ୍ତୀ ରଙ୍ଗମଞ୍ଚ, କଟକର ବାଙ୍କା ବଜାରର ରଜନୀକାନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ୧୯୧୩ରେ 'ଉଷା ପେଣ୍ଡାଲ' ଓ ପୁରୀ ଜିଲ୍ଲାର ବନମାଳି ପତିଙ୍କ ଉଦ୍ୟମରେ ୧୯୧୧ ମସିହାରେ ବଳଙ୍ଗା ଠାରେ ପ୍ରତିଷ୍ଠିତ ହୁଏ ଓଡ଼ିଶାର ପ୍ରଥମ ବ୍ୟବସାୟିକ ରଙ୍ଗମଞ୍ଚ 'ରାଧାକୃଷ୍ଣ ଥିଏଟର'। ସେହିପରି ୧୯୩୫ରେ ବ୍ରହ୍ମପୁରର ସାରଥି ସାହୁଙ୍କ ପ୍ରଚେଷ୍ଟାରେ 'ସାରଥି ଥିଏଟର' ୧୯୩୫ ମସିହାରେ ଗଢ଼ି ଉଠିଥିବାବେଳେ ସୋମନାଥ ଦାସଙ୍କ ପ୍ରଚେଷ୍ଟାରେ ୧୯୩୩ରେ 'ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ' ଓ ୧୯୪୫ରେ କଟକରେ 'ଅନ୍ନପୂର୍ଣ୍ଣ ବି ଗ୍ରୁପ' ମଞ୍ଚ ତିଆରି ହୁଏ। ଏହି ଅନ୍ନପୂର୍ଣ୍ଣା ଥିଏଟରଟି ୧୯୩୯ରେ ବଙ୍ଗଳା ନାଟ୍ୟକାର ଜଳନ୍ଧର ଚଟ୍ଟୋପାଧ୍ୟାୟଙ୍କ ନାଟକ 'ପିଡବ୍ଲୁଡ଼ି'ର ଓଡ଼ିଆ ଅନୁବାଦ ମଞ୍ଚସ୍ଥ କରିଥିଲେ।

୧୯୨୯ରେ କାଳୀଚରଣ ପଟ୍ଟନାୟକଙ୍କ 'ସାକ୍ଷୀଗୋପାଳ ନାଟ୍ୟ ସଂଘ', ୧୯୪୨ରେ କଟକ ମାଣିକଘୋଷ ବଜାରରେ 'ଭାରତୀୟ ଥିଏଟର', ୧୯୪୪ରେ 'ନ୍ୟୁ ଓଡ଼ିଶା ଥିଏଟର', ୧୯୪୧ରେ କଟକର ଧର୍ମଶାଳା ଠାରେ ଯୋଗୀନାଥ ପଣ୍ଡାଙ୍କ 'ଦୁର୍ଗାମଣି ଥିଏଟର', ୧୯୪୬ରେ ଜଗନ୍ନାଥ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ଜଗନ୍ନାଥ ଥିଏଟର', ୧୯୪୬ରେ ବରଗଡ଼ର ଅପର୍ତ୍ତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ 'ନାଟ୍ୟ ମନ୍ଦିର', ୧୯୨୩ରେ ରଣପୁରରେ 'ରଣପୁର ରଙ୍ଗମଞ୍ଚ' ସେହିପରି କଟକର ବଢ଼େଇସାହିରେ 'ସୌଖିନୀ ରଙ୍ଗମଞ୍ଚ' ଭାବେ ୧୯୧୯ ମସିହାରେ 'ବୀଣାପାଣି କ୍ଲବ', ୧୯୨୨ରେ କାଠଗଡ଼ା ସାହିର 'ଉମାକାନ୍ତ ସମିତି', ୧୯୨୬ରେ 'ଅମଲା କ୍ଲବ', ୧୯୨୪ରେ 'ଜୁନୟର ଆମେଚର କ୍ଲବ', ୧୯୨୮ରେ 'ପିଡବ୍ଲ୍ୟୁଡି କ୍ଲବ' ପ୍ରମୁଖ। ତେବେ ୧୯୪୬-୪୭ ସମୟରେ କଟକରେ 'ରୂପଶ୍ରୀ ଥିଏଟର' ସୁରେନ୍ଦ୍ରନାଥ ଦାସଙ୍କ ପରିଚାଳନାରେ ଗଢ଼ି ଉଠିଥିଲା। ୧୯୫୩ ଅକ୍ଟୋବର ୧୬ ତାରିଖରେ ସେ ସମୟରେ ବେଶ ନାଁ କମେଇଥିବା ରଙ୍ଗମଞ୍ଚ ଭାବେ 'ଜନତା ରଙ୍ଗମଞ୍ଚ' ଗଢ଼ି ଉଠିଥିଲା। ସେହିପରି ୧୯୬୬ ଅପ୍ରେଲ ୧୮ ତାରିଖରେ 'କଳାଶ୍ରୀ ଥିଏଟର' ଗଢ଼ି ଉଠିଥିଲା। ଓଡ଼ିଶାର ସୌଖିନ ନାଟ୍ୟ ସଂସ୍ଥା ଗୁଡ଼ିକ ମଧ ନାଟକକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଛନ୍ତି। ୧୯୬୪ରେ କଟକର 'ସୃଜନୀ', ୧୯୭୦ରେ ଭୁବନେଶ୍ୱରର 'ସଂକେତ', ୧୯୬୫ରେ ରାଉରକେଲାର 'ଲାଇଫ ଆଣ୍ଡ ରିଦିମ୍', ୧୯୬୮ର 'କଳିଙ୍ଗ କଳାପରିଷଦ' ଓ କଟକର 'ଫ୍ରେଣ୍ଡସ ୟୁନିୟନ ୟୁନାଇଟେଡ ଆର୍ଟିଷ୍ଟ' ପ୍ରମୁଖ। ଓଡ଼ିଆର ନାଟକ, ଲୋକନାଟକ ଆମ ଜନଜୀବନର ବାସ୍ତବ ଜୀବନ ଚିତ୍ର।

ହଜାର ବର୍ଷର ପ୍ରାଚୀନ ସହର କଟକରେ ନୃତ୍ୟ ସଙ୍ଗୀତର ପ୍ରମୁଖ ଅନୁଷ୍ଠାନଟି ହେଉଛି କଳାବିକାଶ କେନ୍ଦ୍ର। ଅନେକ ହୁଏତ ଜାଣିନଥିବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଭାରତୀୟ ନୃତ୍ୟ ସଙ୍ଗୀତକୁ କଳାପ୍ରେମୀଙ୍କ ନିକଟରେ ଆଦୃତ କରିବା ପାଇଁ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସର୍ବପ୍ରଥମେ ଓଡ଼ିଆ ବଜାରରେ ଗୋଟିଏ ଭଡ଼ା ଘରେ କଳାବିକାଶ କେନ୍ଦ୍ର ସ୍ଥାପିତ ହୋଇଥିଲା। ସେ ସମୟରେ ମାସିକ ଭଡ଼ା ଥିଲା ୨୫ଟଙ୍କା। ବିଧିବଦ୍ଧ ଭାବେ ଏହାର ପଞ୍ଜୀକରଣ ତଥା ସମ୍ବିଧାନ ତିଆରିର ପ୍ରସ୍ତୁତି କରିଥିଲେ ଗୋବିନ୍ଦ ଦାସ, ବାଙ୍କବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ। ଦିନକୁ ଦିନ ସଙ୍ଗୀତ ଓ କଳାର ଆଦର କରୁଥିବା ପିଲାମାନଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଏହା ରାଣୀହାଟର ଅନ୍ୟ ଏକ ଭଡ଼ା ଘରକୁ ସ୍ଥାନାନ୍ତରିତ ହେଲା ଏବଂ ଏହାର ମାସିକ ଭଡା ରହିଲା ୨୫୦ ଟଙ୍କା। ଦୁଇମହଲା ବିଶିଷ୍ଟ ଏହି କୋଠା ଘରେ କଳାବିକାଶ କେନ୍ଦ୍ରର ଶିକ୍ଷାଦାନ କାର୍ଯ୍ୟକ୍ରମ ପରିଚାଳିତ ହେଲା। କଳାବିକାଶ କେନ୍ଦ୍ରର ମୂଳ ସଂସ୍ଥାପକ ବାବୁଲାଲ ଯୋଶୀ ୧୯୫୭ ମସିହାରେ ମିଶନ ରୋଡ଼ର ୟୁନିୟନ କ୍ଲବ ସନ୍ନିକଟ ସେ ସମୟରେ ଜଙ୍ଗଲିଆ ଜମି ଭାବେ ପରିଚିତ ଚଉଦଗୁଣ୍ଠ ଯାଗାକୁ ମାତ୍ର ଚାରିଶହ ଟଙ୍କାର ବିନିମୟ ମୁଦ୍ରା ଦ୍ୱାରା ହସ୍ତଗତ ହୋଇଥିଲା। ତତ୍କାଳୀନ କଳାପ୍ରେମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ସ୍ଥାନଟିକୁ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ସେ ସମୟରେ କଟକର ଜିଲ୍ଲାପାଳ ସର୍ଦ୍ଦାର ଅମର ସିଂହ। ୧୯୫୮ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ନିଜସ୍ୱ ଲୋକାଲ ଡେଭଲପମେଣ୍ଟ ଫଣ୍ଡରୁ ଦଶ ହଜାର ଟଙ୍କା କଳାବିକାଶ କେନ୍ଦ୍ରର ଗୃହ ନିର୍ମାଣର ଶିଳାନ୍ୟାସ ପାଇଁ ପ୍ରଦାନ କରିଥିଲେ। ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସହଯୋଗରେ ପ୍ରଖ୍ୟାତ ଡୁଗଲ କମ୍ପାନୀ ଚାରି ହଜାର ଟଙ୍କାର ଇଟା ସହଜଯୋଗ ସ୍ୱରୂପ ପ୍ରଦାନ କରିଥିଲେ। କଟକ କଳାବିକାଶ କେନ୍ଦ୍ରର ପ୍ରଥମ ସଭାପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ପ୍ରଥମ ସମ୍ପାଦକ ଥିଲେ ବିଶ୍ୱନାଥ ରାଓ। ସେ ସମୟରେ ବର୍ତ୍ତମାନର ସୁବିଖ୍ୟାତ ନୃତ୍ୟଗୁରୁ ମାୟାଧର ରାଉତ ମାତ୍ର ପନ୍ଦର ଟଙ୍କା ଦରମା ବିନିମୟରେ ନୃତ୍ୟ ଶିକ୍ଷା ଦେଉଥିଲେ। କେଳୁଚରଣ ମହାପାତ୍ର ମଧ ମାସିକ କୋଡିଏ ଟଙ୍କା ଦରମାରେ ଶିକ୍ଷା ପ୍ରଦାନ କରୁଥିଲେ। ରାଖାଲ ଚନ୍ଦ୍ର ମହାନ୍ତି କେନ୍ଦ୍ରରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ହିସାବରେ ମଧ କର୍ତ୍ତବ୍ୟରତ ଥିଲେ। କେନ୍ଦ୍ରର ଅନ୍ୟତମ ଶିକ୍ଷକ ଭାବେ ବାଳକୃଷ୍ଣ ଦାଶ କାର୍ଯ୍ୟରତ ଥିଲେ। ସେ ସମୟରେ ଓଡ଼ିଶାର ଏକମାତ୍ର ଓ ପ୍ରମୁଖ ଅନୁଷ୍ଠାନ ଭାବେ କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ ଓ ଗୀତର ବିଧିବଦ୍ଧ ଚାରିବର୍ଷିଆ ପାଠ୍ୟକ୍ରମ ତିଆରି କରିଥିଲା। ସର୍ବପ୍ରଥମେ ୧୯୫୩ରୁ ୧୯୫୪ ଶିକ୍ଷା ବର୍ଷରେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, ନୀଳମାଧବ ବୋଷ, ଦୟାନିଧି ଦାସ ଓ ଅନେକ ପ୍ରମୁଖ ଶିକ୍ଷା ଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଗୀତରେ ଚାରି ବର୍ଷିଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା।

କଳାବିକାଶ କେନ୍ଦ୍ରର ସେ ସମୟର ବିଶେଷକରି ପ୍ରଥମ ପାଠ୍ୟକ୍ରମ ବ୍ୟାଚର କଥା ସମ୍ପର୍କରେ ଉଲ୍ଲେଖ କରୁଛୁ। ଆଜିର ପ୍ରସିଦ୍ଧ ସଂଗୀତ ସାଧକ ଭାବେ ସ୍ୱୀକୃତ ପାଇଥିବା ରାଖାଲ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ବଳ, ଅର୍ଜ୍ଜୁନ ଚରଣ ସାମଲ, ରଘୁନାଥ ନନ୍ଦ, ଅକ୍ଷୟ ମହାନ୍ତି, ଡକ୍ଟର ମନୋରଞ୍ଜନ ପୃଷ୍ଟି, ନବୀନ ଚନ୍ଦ୍ର ପଟ୍ଟନାୟକ ଓ ଇନ୍ଦିରା ରାୟ ପ୍ରମୁଖ ହେଉଛନ୍ତି ପ୍ରମୁଖ ପାଠ୍ୟକ୍ରମର ଛାତ୍ରଛାତ୍ରୀ। ସେହିପରି କେନ୍ଦ୍ରର ପ୍ରଚେଷ୍ଟାରେ ମାୟାଧର ରାଉତଙ୍କୁ ଓ ନବଘନ ମିଶ୍ରଙ୍କୁ ତତ୍କାଳୀନ ମାନ୍ଦ୍ରାଜର କଳାକେନ୍ଦ୍ର ଓ ଲକ୍ଷ୍ନୌର ମରିସ କଲେଜକୁ ନୃତ୍ୟ ଓ ବେହେଲାରେ ଉଚ୍ଚଶିକ୍ଷା ପାଇଁ ପଠାଯାଇଥିଲା। ଶ୍ରୀମତୀ କୁମକୁମ ମହାନ୍ତି କଳାବିକାଶ କେନ୍ଦ୍ରର ଛାତ୍ରୀ। କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଂଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଂଗୀତ, ଭାଓଲିନ, ଗୀତାର, ତବଲା, ସୁଗମ ସଙ୍ଗୀତ ପରି ସାତଟି ବିଭାଗ ରହିଛି। ସେହିପରି ୧୯୮୪ ମସିହାରୁ ଚାରି କଳା ଶିକ୍ଷା ନିମିତ୍ତ ଚମ୍ପକ ଲାଲ ମେହେଟ୍ଟା ଚାରୁ କଳା କେନ୍ଦ୍ର ସ୍ଥାପିତ ହୋଇଛି। ଏସବୁ ପାଠ୍ୟକ୍ରମର ସମୟ ସୀମା ହେଉଛି ଛଅ ବର୍ଷ।

ସ୍ୱାଧୀନତା ପାଇବା ପରେ ଓଡ଼ିଶୀ ନୃତ୍ୟ ସଂଗୀତର ହଜିଯାଇଥିବା ଗୌରବକୁ ପୁଣି ଫେରାଇ ଆଣି ଓଡ଼ିଶାର ସାଂସ୍କୃତିକ ପୁର୍ନଜାଗରଣର ଏକ ଉତ୍କୃଷ୍ଟ ଗବେଷଣା କେନ୍ଦ୍ର ହେଉଛି କଳାବିକାଶ କେନ୍ଦ୍ର। ଏଠାରେ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ତୃପ୍ତିଘୋଷ କର୍ମଜୀବୀ ମହିଳା ନିବାସ ରହିଛି। କେନ୍ଦ୍ରର ନୃତ୍ୟରେ ବିଶେଷ ପାରଦର୍ଶିତା ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଚ୍ଚତର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କେନ୍ଦ୍ର ରହିଛି ଏହି କେନ୍ଦ୍ର ତରଫରୁ ବିଭିନ୍ନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥାଏ। କଳାବିକାଶ କେନ୍ଦ୍ରରେ ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବ୍ୟବହୃତ ଓ ବିଶେଷ ପ୍ରକାର ବାଦ୍ୟ ଯନ୍ତ୍ର, ବେଶ ପୋଷକ ଅଳଙ୍କାର ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ କଳା ସାମଗ୍ରୀର ଏକ ଛୋଟ ସଂଗ୍ରାହଳୟ ରହିଛି। କଳାବିକାଶ କେନ୍ଦ୍ର ଟ୍ରଷ୍ଟ ଅଧୀନରେ ଏକ ପରାମର୍ଶଦାତା କମିଟି ଦୈନନ୍ଦିନ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଏ। କଳାବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ବାବୁଲାଲ ଯୋଶୀଙ୍କ ସେପ୍ଟେମ୍ବର ୨୫, ୧୯୮୩ ମସିହାରେ ପରଲୋକ ହୋଇଥିଲା। ୧୯୧୮ ମଇ ୩୧ ତାରିଖରେ ଗୁଜୁରାଟର ମହୁଆରେ ଜନ୍ମ ନେଇଥିବା ଏହି କଳାପ୍ରେମୀ ବ୍ୟକ୍ତି ଜଣଙ୍କ ସର୍ବପ୍ରଥମେ ଓଡ଼ିଶାର ମୋହନ ଗୋସ୍ୱାମୀଙ୍କ ରାହାସ ଦଳ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟରର ନାଟକ ଦେଖି ଆକୃଷ୍ଟ ହୁଅନ୍ତି ଓଡ଼ିଶାରେ ଏକ କଳା ପ୍ରତିଷ୍ଠାନ ଗଠନ କରିବା ପାଇଁ। ତାଙ୍କରି ସତ୍ୟନିଷ୍ଠ ଓ ସଂକଳ୍ପପୂର୍ଣ୍ଣ ସାଧନା ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ସାଧନା ଏପରି ତୀବ୍ର ଥିଲା ଯେ ଯାହା ଏକ ଲେଖନୀ ଜଣାପଡ଼ିଛି ଏହି କଳାବିକାଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଓ ସମ୍ବଳର ଅଭାବ ଥିବାରୁ ସେ ଏକ ପ୍ରକାର ବଜ୍ର ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ କେନ୍ଦ୍ରର ଗୃହ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ମୁଁ ଆଦୌ ଯୋତା ମାଡ଼ିବି ନାହିଁ କି ଗଦିରେ ଶୋଇବି ନାହିଁ ଏବଂ ପ୍ରତିଦିନ ଅନ୍ତତଃ ପକ୍ଷେ କେନ୍ଦ୍ରର ନିର୍ମାଣ ପାଇଁ ଶହେଟଙ୍କା ସହଯୋଗ ରାଶି ସଂଗ୍ରହ କରିବି। ଏହିପରି ଭାବରେ ସେ ସମର୍ପିତ ଭାବନା ନେଇ କଳାବିକାଶ କେନ୍ଦ୍ର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୧ ମସିହା ବେଳକୁ ରାଜସ୍ୱ ବିଭାଗର ସଚିବ ଥିବା ଏସ.କେ. ଘୋଷ ସହଯୋଗ ପ୍ରଦାନ କରି ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସରକାରୀ ଜାଗା ପାଇଁ ଲିଜ ସୂତ୍ର ନିମିତ୍ତ ସହଯୋଗ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କ ପତ୍ନୀ ତୃପ୍ତୀ ଘୋଷ ଥିଲେ କଳାବିକାଶ କେନ୍ଦ୍ରର ଜଣେ ସଭ୍ୟା। କଳାବିକାଶ କେନ୍ଦ୍ର କେବଳ ଓଡ଼ିଶାର ନୃତ୍ୟ କଳା କେନ୍ଦ୍ରର ଏକ ପ୍ରମୁଖ କ୍ଷେତ୍ର ନହଁ ବରଂ ଏହା ବିଶ୍ୱର କଳା ଓ ଗୌରବ କୃତୀ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ।

# କୃଷି ସମୃଦ୍ଧ ଯୋଜନାରେ ଆଗେଇବ କୃଷି ପ୍ରଗତି

ହୃଶିକେଷ ପୁହାଣ
ଥାଇଲୋ, ଅଲିକଣ୍ଟା, ବାଲିକୁଦା, ଜଗତସିଂହପୁର
ମୋ-୭୦୦୮୪୩୮୯୫୯

ଓଡ଼ିଶା ଏକ କୃଷି ପ୍ରବଣ ଓ ଚାଷ ବାସ ହିଁ ଓଡ଼ିଶାବାସୀଙ୍କ ମୁଖ୍ୟ ଜୀବନ ଜୀବିକା ଓ ଅର୍ଥନୀତି। ଅନେକ ହୁଏତ ଜାଣିନଥିବେ ଆମ ଚାଷୀ ପୁଅମାନେ ହେଉଛନ୍ତି ସମଗ୍ର ଓଡ଼ିଶା ଜନସଂଖ୍ୟାର ବଡ଼ ଓ ମୁଖ୍ୟ ଆଧାର। ପରିସଂଖ୍ୟନରୁ ଜଣାଯାଇଛି ମୋଟ ଶ୍ରମ ଶକ୍ତିରୁ ପାଖାପାଖି ୫୦% କେବଳ କୃଷି ଓ ଏହି ଚାଷବାସ ସମ୍ପର୍କିତ ହିଁ ଆୟ ହୋଇଥାଏ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ନେବାପରେ ଓଡ଼ିଶାବାସୀଙ୍କ ମୁଖ୍ୟ ଅବଲମ୍ବନ କୁହାଯାଉଥିବା କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦିନଥିଲା ବନ୍ୟା, ବାତ୍ୟା, ମରୁଡ଼ି, ପ୍ରାକୃତିକ ବିପର୍ଯ୍ୟୟ ଓ ତତ୍ ଜନିତ କ୍ଷୟକ୍ଷତିକୁ ନେଇ ଚାଷୀ ଆତ୍ମହତ୍ୟା ଉଦବେଗଜନକ ହୋଇପଡୁଥିଲା ତେବେ ସେ ସମୟ ଆଉ ନାହିଁ। ବର୍ତ୍ତମାନର ମୋହନ ସରକାର କୃଷି ନୀତିକୁ ସଂଗଠିତ କରି ଏହାକୁ ଯୋଜନାବଦ୍ଧ ଭାବରେ ତ୍ୱରାନ୍ୱିତ କରିବା ସହ ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଓ ଡିଜିଟାଇଜେସନ ଭଳି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ଓଡ଼ିଶାରେ କୃଷି କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହେବା ସହ ଉଲ୍ଲେଖନୀୟ ଭାବେ କେବଳ ଅଭିବୃଦ୍ଧି ହୋଇନାହିଁ ବରଂ ସମଗ୍ର ଭାରତକୁ ଏବେ କୃଷି ଉତ୍ପାଦନ ଭିତ୍ତିକ ରାଜ୍ୟ ଭାବେ ଏବଂ ରେକର୍ଡ଼ ସଂଖ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରି ଓଡ଼ିଶା ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ଓଡ଼ିଶାର ଚାଷବାସ ଭିତରେ ମୁଖ୍ୟତଃ ହେଉଛି ଧାନ ଚାଷ। ତେଣୁ ସରକାର ଇନପୁଟ ସବସିଡି ତୁରନ୍ତ ପ୍ରଦାନ କରି ଚାଷୀକୁ ଆଗେଇବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି।

ମୋହନ ସରକାରଙ୍କ ଡବଲ ଇଞ୍ଜିନ ସରକାରର ଚାଷୀ ନୀତି ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମୃଦ୍ଧ କୃଷକ ଯୋଜନା। ଏହି ଯୋଜନା ଦ୍ୱାରା ଓଡ଼ିଶାର ଚାଷୀପୁଅମାନଙ୍କ ଠାରୁ ପ୍ରତି କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମଏସପି ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି। ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ଖାଦ୍ୟଥାଳିରେ ପୁଷ୍ଟିଶସ୍ୟର ପୁନରଉଦ୍ଧାର ନିମିତ୍ତ ସରକାର ନୂତନ ଭାବେ ଶ୍ରୀ ଅନ୍ନ ଅଭିଯାନ ଆରମ୍ଭ କରିଛନ୍ତି। ସୂଚନାଥାଉକି ରାଜ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିବା ଏହି ଯୋଜନାଟି ତମାମ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି। ସରକାର ଚାଷୀପୁଅକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ସେମାନଙ୍କ ସହାୟତା ନିମିତ୍ତ ପ୍ରତି କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କ୍ୱିଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନ କରି ମାଣ୍ଡିଆ କ୍ରୟ କରୁଛନ୍ତି। ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି।

ସରକାର କୃଷି କ୍ଷେତ୍ର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା କୃଷି ଉତ୍ପାଦନ ଓ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲ୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାର ପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧ୍ୟାନ ଦିଆଯାଇଛି। ଏହାର ସୁଫଳ ଚାଷୀପୁଅମାନେ ପାଉଛନ୍ତି ଯାହାଦ୍ୱାରା କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦ କିଲୋୱାଟ ହେକ୍ଟରରେ ପହଞ୍ଚିଛି। ସରକାର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ରଖିଛନ୍ତି ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ / ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି।

କୃଷି ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ନିମିତ୍ତ ଲୋକପ୍ରିୟ ମୋହନ ସରକାର କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସିଏସ) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ଏହାର ସୁଫଳ ସ୍ୱରୂପ ୧୬ ଜିଲ୍ଲାର ୧୦୦ଟି ବ୍ଲକରେ ୨୫୮୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି। କେବଳ ସେତିକି ନୁହେଁ ଉତ୍ପାଦକ ଗୋଷ୍ଠୀର ଚାଷୀ ମାନଙ୍କ ଦ୍ୱାରା ୧୧୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି।

ଓଡ଼ିଶାର ମୋହନ ସରକାର ଚାଷୀପୁଅଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମିତ୍ତ ସେମାନଙ୍କୁ ବ୍ୟାଙ୍କିଙ୍ଗ ସହାୟତାର ବ୍ୟବସ୍ଥା କରିବା ସହ କୃଷି ବିଭାଗ ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛି ଏବଂ ଅନ୍ତର୍ଜାତିକ ସହଯୋଗ ଅନୁଷ୍ଠାନର ମିଳିତ ଉଦ୍ୟୋଗରେ ଉନ୍ନତ କୃଷିଯନ୍ତ୍ରପାତି, ଉପକରଣ ଓ ଆନୁସଙ୍ଗିକ ସହାୟକ ଉପକରଣ କିଣିବା ପାଇଁ ସହଯୋଗ ପ୍ରଦାନ କରାଯାଉଛି। ସରକାର ସହରାଞ୍ଚଳରେ ବାସ କରୁଥିବା ଚାଷ କ୍ଷେତର ଚଷାପୁଅଙ୍କ ପାଇଁ ସିଏମ କିଶାନ ଯୋଜନା ପ୍ରକଳ୍ପ ହାତକୁ ନେଇ ସେମାନଙ୍କ ପାଇଁ ସାମଗ୍ରିକ ସହାୟତା କରୁଛନ୍ତି ଓ ସେମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ କିଣିବା ସହ ବିପର୍ଯ୍ୟୟ ସମୟରେ ସେମାନଙ୍କର ଚାଷ କ୍ଷୟକ୍ଷତି ଜନିତ କଷ୍ଟକୁ ଲାଘବ କରିବା ପାଇଁ ସହଯୋଗ ରାଶି ପ୍ରଦାନ କରିଥାଏ। ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ବିଶେଷକରି ରବି ଋତୁରେ ଜଳସେଚନ ସୁବିଧା ନଥିବାରୁ ଫସଲ ପ୍ରସ୍ତୁତି ଓ ଉତ୍ପାଦନ କଷ୍ଟକର ହୋଇଥାଏ। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ନୂତନ ଭାବେ ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମିତ୍ତ 'ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ' ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମିତ୍ତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ପଦକ୍ଷେପ ହେଉଛି ଲୋକପ୍ରିୟ ମୋହନ ସରକାର ଅମୃତ ଅନ୍ନ ଯୋଜନା ହାତକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ପ୍ରସ୍ତୁତି ତଥା କୋଠଭୋଗ ଓ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତି ପାଇଁ ଜୈବିକ ପ୍ରଣାଳୀ ଧାନ ଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ଚାଷୀ ପୁଅ ତାର ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ କରି ରଖିବା ପାଇଁ ଶୀତଳ ଭଣ୍ଡାର ଉପରେ ନିର୍ଭରଶୀଳ ଥିବାରୁ ଏହି ବ୍ୟବସ୍ଥାକୁ ସୁଦୃଢ଼ ଓ ଯୋଜନାବଦ୍ଧ କରି ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ଘରୋଇ ସହଯୋଗରେ ପ୍ରତିଷ୍ଠାର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଦ୍ୱାରା ଯୁବ ଉଦ୍ୟୋଗୀ ବା ଯୁବଚାଷୀମାନେ ଚାଷବାସ ପ୍ରତି ଆଗ୍ରହ ବଢ଼ାଉଛନ୍ତି ଏବଂ ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛନ୍ତି।

ଓଡ଼ିଶାର ମୋହନ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଏପରି ଏକ ଚାଷୀ ଅନୁକୂଳ ଓ ଚାଷୀ ଅର୍ଥନୀତିକୁ ସୁଦୃଢ଼ କରୁଥିବା ବିଶାଳ କାର୍ଯ୍ୟକ୍ରମ ସରକାରଙ୍କ ଏହି ବଡ଼ ଯୋଜନାରେ ଚାଷୀ ଓ ଏହି ସମ୍ପର୍କିତ ଉଦ୍ୟୋଗ ପ୍ରତିଷ୍ଠା ନିମିତ୍ତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତ ବିକାଶର ମୂଳକେନ୍ଦ୍ର ଓଡ଼ିଶା ହୋଇଥିବାରୁ ଏବଂ ବିକଶିତ ଓଡ଼ିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ନିମିତ୍ତ ବିଶେଷକରି ଓଡ଼ିଶାରେ କୃଷି ପ୍ରଗତିକୁ ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ କୃଷି ଅର୍ଥନୀତିର ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ କରିଛନ୍ତି ସେ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ) : ଗୁରୁଡ଼ିଝାଟିଆ ଥାନା ପକ୍ଷରୁ ରୋଡ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ତପନକୁମାର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳେଇ, ପରିବେଶବିତ୍ ଶ୍ୱେତକାନ୍ତ ବେହେରା, ମଞ୍ଚେଶ୍ୱର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ, ଶ୍ରୀ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଗ୍ରାମମୁରବୀଙ୍କ ସହ ସମସ୍ତ ଥାନା କର୍ମଚାରୀ ଯୋଗ ଦେଇଥିଲେ। ଥାନା ପରିସରରୁ ଏହି ରାଲି ଆରମ୍ଭ ହୋଇ ଗୁରୁଡ଼ିଝାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶେଷ ହୋଇଥିବା ବେଳେ ଟ୍ରାଫିକ୍ ସଚେତନତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯିବା ସହ ହେଲମେଟ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ଗୋଲାପଫୁଲ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟତଃ ମୋବାଇଲରେ କଥା ହୋଇ ଗାଡ଼ି ନ ଚଳାଇବା, ହେଲମେଟ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାର ସ୍ଲୋଗାନ୍ ଦିଆଯାଇଥିଲା। ଥାନା ଅଧିକାରୀ ପତି ନିଜେ ସମସ୍ତ ଯାତ୍ରୀମାନଙ୍କୁ ଗୋଲାପଫୁଲ ଦେବା ସହ ସଡ଼କ ସୁରକ୍ଷା, ଜୀବନ ରକ୍ଷାର ମନ୍ତ୍ର ଦେଇଥିବାର ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଏବଂ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

# ନିମାପଡ଼ାରେ ସହୀଦ ଦିବସ ପାଳିତ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ନିମାପଡ଼ା ସହୀଦ ସ୍ମୃତି ସଂସଦ ମିଳିତ ସହଯୋଗରେ ଆୟୋଜିତ ନିମାପଡ଼ା ସହୀଦ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବାଦ ଖବର କାଗଜର ସମ୍ପାଦକ ତଥା ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସହୀଦ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଜୀବନାନନ୍ଦ ମହାପାତ୍ର, ପ୍ରଦୀପ କୁମାର ଖଟୋଇ, ଅଶୋକ ସାହୁ, ନଗରର ସମସ୍ତ କାଉନସିଲର, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗ ଦେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ନିମାପଡ଼ାର ପ୍ରିୟ ସଂଗ୍ରାମୀ ମାନଙ୍କର ଭୂମିକା ତଥା ସେପ୍ଟେମ୍ବର ୧୬ ତାରିଖ ସହୀଦ ଉଚ୍ଛବ ମଲିକଙ୍କ ବଳିଦାନ ନିମାପଡ଼ା ପାଇଁ ଏକ ସ୍ୱର୍ଣ୍ଣାଭ ଇତିହାସ ସୃଷ୍ଟି କରିଛି। ଏହି ଗୌରବମୟ ଇତିହାସ ପୃଷ୍ଠାର ମହାନାୟକ ମାନଙ୍କର ଆଦର୍ଶରେ ଆଜିର ଛାତ୍ର, ଯୁବ ସମାଜ ତଥା ଜନତାଙ୍କୁ ଅନୁପ୍ରାଣୀତ କରି ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ ପ୍ରତିଷ୍ଠା ଦିଗରେ ସହାୟକ ହେବା ପାଇଁ ସେପ୍ଟେମ୍ବର ୧୬ ତାରିଖ ନିମାପଡ଼ାର ସହୀଦ ଦିବସ ରୂପେ ପାଳନ ହୋଇଆସୁଛି। ଭୋର ସମୟରେ ପ୍ରଭାତ ଫେରି, ରାମଧୁନ୍, ମହାପୁରୁଷ, ସଂଗ୍ରାମୀ ମାନଙ୍କର ଫଳକ ସହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା। ସହୀଦ ଗ୍ରାମ କେଉଟତୋଟା ଡ଼ିହବାରୀରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଗଡ଼ଅଣ୍ଡିଆ ଗାନ୍ଧୀ ପୀଠ ଠାରେ ପହଞ୍ଚିଥିଲା। ପରେ ଜନ ସାଧାରଣଙ୍କ ଦ୍ୱାରା ସହୀଦ ମଶାଲ ଶୋଭାଯାତ୍ରା ସହୀଦ ସ୍ତମ୍ଭ ନିକଟରେ ପହଞ୍ଚିବା ପରେ ଜାତୀୟ ପତାକା ଉତ୍ତୋଳନ, ଗାର୍ଡ୍ ଅଫ୍ ଅନର ପ୍ରଦାନ କରାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ହିନ୍ଦୀଦିବସ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ, ଏହାର ମୁଖ୍ୟାଳୟରେ ଉଭୟ ଭୌତିକ ଏବଂ ଭର୍ଚୁଆଲ ମାଧ୍ୟମରେ ହିନ୍ଦୀ ଦିବସକୁ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଉତ୍ସବ ଏକତା, ସାଂସ୍କୃତିକ ଐତିହ୍ୟ ଏବଂ ଜାତୀୟ ସଂହତିର ପ୍ରତୀକ ଭାବରେ ହିନ୍ଦୀ ଭାଷାର ଗୁରୁତ୍ୱକୁ ଆଲୋକପାତ କରିଥିଲା। ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗ ଦେଇଥିଲେ। ଦେଶ ଗଠନ, ଦାୟିତ୍ୱ ଓ ଭାଷାର ଗର୍ବ ବିଷୟରେ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇ, ଶିକ୍ଷା ଏବଂ ଦୈନନ୍ଦିନ ଜୀବନରେ ହିନ୍ଦୀ ଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ମହାରାଷ୍ଟ୍ରର ୱାର୍ଦ୍ଧା ସ୍ଥିତ ମହାତ୍ମାଗାନ୍ଧୀ ଅନ୍ତର୍ଜାତୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଏବଂ ଡିନ୍ ଡକ୍ଟର. ଦେବରାଜ ଭର୍ଚୁଆଲରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଏବଂ ଭାରତର ବିବିଧ ଭାଷାଗତ ପରିଦୃଶ୍ୟରେ ଭାଷା ଏକ ସମ୍ପର୍କ ଭାବରେ ହିନ୍ଦୀର ଅଭିବୃଦ୍ଧି ଏବଂ ଗୁରୁତ୍ୱ ଉପରେ ତାଙ୍କର ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କୁଳସଚିବ ଡକ୍ଟର ଚିତ୍ତରଞ୍ଜ ସାହୁ, ଅର୍ଥ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ, ଡକ୍ଟର ସଚ୍ଚିଦାନନ୍ଦ ବକ୍ସି (ନିର୍ଦ୍ଦେଶକ, ବିଦ୍ୟାଳୟ ମାନବିକତା ଏବଂ ସାମାଜିକ ବିଜ୍ଞାନ), ଉପ କୁଳସଚିବ ସରୋଜକାନ୍ତ ନାୟକ, ଓଏସ୍‌ଓୟୁର ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ, ଓଏସ୍‌ଓୟୁ ପକ୍ଷରୁ ୧୨ ସେପ୍ଟେମ୍ବର ୨୦୨୫ରେ ଆୟୋଜିତ ହିନ୍ଦୀ କବିତା ରଚନା ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯାଇଥିଲା। ଏଥିରେ ପ୍ରଥମ ପୁରସ୍କାର ଡକ୍ଟର ମୀନା ସୋନି, ଦ୍ୱିତୀୟ ପୁରସ୍କାର ସତ୍ୟମ ଗୌଡ଼ା, ତୃତୀୟ ପୁରସ୍କାର ସୁସ୍ମିତା ଦାସ ଲାଭ କରିଛନ୍ତି। ସେହିପରି ସାନ୍ତ୍ୱନାମୂଳକ ପୁରସ୍କାର ଲାଭ କରିଛନ୍ତି ସୋମସ୍ୱତୀ ଜେନା, ଓଏସ୍‌ଓୟୁର ସମସ୍ତ ଆଞ୍ଚଳିକ କେନ୍ଦ୍ରର ଅଧ୍ୟାପକ ଏବଂ କର୍ମଚାରୀବୃନ୍ଦ ମଧ୍ୟ କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ, ଯାହା ଏହି କାର୍ଯ୍ୟକ୍ରମକୁ ଭାଷା ଏବଂ ସଂସ୍କୃତିର ଏକ ପ୍ରକୃତ ସମାବେଶୀ ଉତ୍ସବ କରିଥିଲା।

# ଏମ୍ପ୍ଲୟମେଣ୍ଟ ପୁରସ୍କାର ଗ୍ରହଣ କରିଛି ଜେଏସ୍‌ଡବ୍ଲୁ ଗ୍ରୁପ୍



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଭିନ୍ନ ବର୍ଗରେ ସର୍ବାଧିକ ସଂଖ୍ୟକ ନିଯୁକ୍ତି ସୃଷ୍ଟି କରିବା ପାଇଁ ଜେଏସ୍‌ଡବ୍ଲୁ ଗ୍ରୁପ୍ 'ଷ୍ଟାର ଏମ୍ପ୍ଲୟମେଣ୍ଟ ପୁରସ୍କାର ୨୦୨୪-୨୫' (ପାରମ୍ପରିକ ଶିଳ୍ପ) ପାଇଛି। ୧୫ ସେପ୍ଟେମ୍ବର ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଅଧିକାରୀ, ଶିଳ୍ପ ନେତା ଏବଂ ଗଣମାଧ୍ୟମର ଉପସ୍ଥିତିରେ ଓୟୁଏଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ମର୍ଯ୍ୟାଦାଜନକ ଉତ୍ସବରେ ବିପିଏସ୍‌ଏଲ୍/ ଜେୟୁଏସ୍‌ଏଲ୍/ଆଇଏସ୍‌ପି ଏବଂ ଖଣି/କୋଇଲା ଖଣି ଏବଂ ଗୋଷ୍ଠୀ କର୍ପୋରେଟ୍ ବ୍ୟାପାର (ଓଡିଶା) ସଭାପତି ଅନିଲ କୁମାର ସିଂହ ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଗଞ୍ଜେଇ ସହ ବାଇକ୍ ଜବତ

କାଳିମେଳା, (ଭାସ୍କର ନ୍ୟୁଜ୍): କାଳିମେଳା ପୁଲିସ ଏସଆଇ ଡି.ଡି.ଶୁଗ୍ରୀଙ୍କ ନେତୃତ୍ୱରେ ଗତକାଲି ରାତ୍ର ପେଟ୍ରୋଲିଙ୍ଗରେ ଏକ ଟିମ୍ ବାହାରି ଥିଲେ। ସେହି ସମୟରେ ଏମଭି-୯୦ ନମ୍ବର ଗ୍ରାମ ନିକଟ ୩୨୬ ନମ୍ବର ଜାତୀୟ ରାଜପଥ ଦେଇ ମୋଟୁ ଅଭିମୁଖେ ଏକ ପଲସର ବାଇକ୍‌ରେ ଦୁଇଟି ବ୍ୟାଗ ବୋଝେଇ ହୋଇ ଯାଉଥିବା ପୋଲିସ ଦେଖିବାକୁ ପାଇଥିଲେ। ସନ୍ଦେହ କରି ପୋଲିସ ବାଇକଟିକୁ ଅଟକାଇବା ପରେ ବାଇକ୍ ଚାଳକ ବାଇକ୍ ଏବଂ ବ୍ୟାଗ ଛାଡ଼ି ସେଠାରୁ ଚମ୍ପଟ ହୋଇ ଯାଇଥିଲେ। ପରେ ଉକ୍ତ ବ୍ୟାଗରେ ୨୨କେଜି ଗଞ୍ଜେଇ ରହିଥିବା ଜଣାପଡିଛି। ପୋଲିସ ଏନଡି-ପିଏସ ଆକ୍ଟ ଅନୁସାରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଗଞ୍ଜେଇ ସହ ବାଇକ୍ ଜବତ କରାଯାଇଥିଲା ଏବଂ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ପ୍ରକାଶ କରିଛନ୍ତି ଥାନା ଅଧିକାରୀ ମୁକୁନ୍ଦ ମେଲକା।

# ବିଶ୍ୱକର୍ମା ପୂଜା ଉପଲକ୍ଷେ ସାମ୍ବାଦିକ ପ୍ରକୋଷ୍ଠ ଉଦ୍‌ଘାଟିତ




ପାରାଦୀପ, (ଭାସ୍କର ନ୍ୟୁଜ୍): ସେପ୍ଟେମ୍ବର ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ପାରାଦୀପ ର ଓଡିଶା ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ ସେପ୍ଟେମ୍ବର ୧୬ତାରିଖ ମଙ୍ଗଳବାର ଦିନ ମୁଖ୍ୟ ପୂଜା ମହୋତ୍ସବ ସ୍ଥଳୀ ନିକଟସ୍ଥ ସିନେମା ହଲ ପାଖରେ ଏକ ସାମ୍ବାଦିକ ପ୍ରକୋଷ୍ଠ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଯୋଗଦେଇ ଏହି ପ୍ରକୋଷ୍ଠକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟର ଅଧ୍ୟକ୍ଷ ରତ୍ନାକର ସ୍ୱାଇଁ, ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ ଭାରତୀ ଏବଂ ମୁଖ୍ୟ ପରାମର୍ଶଦାତା ଶୁକଦେବ ଜେନା, ଆଇନ ପରାମର୍ଶଦାତା ରବିନ୍ଦ୍ର ଜେନା,ଟ୍ରଷ୍ଟି ପ୍ରଭାକର ସାହୁ, ରତ୍ନାକର ଜେନା, ସୁରେଶ ଚନ୍ଦ୍ର ସ୍ୱାଇଁ, ଦୀପକ ଦାସ, ସଂଘମିତ୍ରା ସ୍ୱାଇଁ, ମନୋଜ ଦାସ, ବିବେକାନନ୍ଦ ରାଉତ, ସଞ୍ଜୟ ରାଉତ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ବିରଜା ସେଠୀ, ଆଲୋକ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବଟକୃଷ୍ଣ ଦାସ, ଧ୍ରୁବ ଚରଣ ମହାପାତ୍ର, ଅରୁଣ ଓଝା, ହରିଶ୍ଚନ୍ଦ୍ର ଲେଙ୍କା, ସଞ୍ଜୀବ ମିଶ୍ର, କର୍ମେଶ୍ୱର ସ୍ୱାଇଁ, ନିରଞ୍ଜନ ଆଚାର୍ଯ୍ୟ, ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉକି ଏହି ସାତଦିନ ବ୍ୟାପି ମହୋତ୍ସବର ଖବର ପ୍ରସାରଣର ସୁବିଧା ନିମନ୍ତେ ଏହି ସାମ୍ବାଦିକ ପ୍ରକୋଷ୍ଠଟି ପ୍ରତିବର୍ଷ ନିର୍ମାଣ କରାଯାଇ ଥାଏ। ଏତଦ୍ ବ୍ୟତୀତ ମହୋତ୍ସବ ସମୟରେ ଆଗନ୍ତୁକ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଏହି ପ୍ରକୋଷ୍ଠରେ ଆଶ୍ରୟ ଦିଆଯାଇଥାଏ। ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଏପରି ଉଦ୍ୟମ ଓ ପ୍ରଚେଷ୍ଟାକୁ ମୁଖ୍ୟ ଅତିଥି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ଅତିଥି ଉଚ୍ଚ ପ୍ରଶଂସା କରିଥିବା ବେଳେ ଏହା ଓଡ଼ିଶାରେ ବିରଳ ବୋଲି ଉଲ୍ଲେଖ କରିଥିଲେ।

# ଗ୍ୟାସ ଟାଙ୍କି ଫାଟି ଜଳିଗଲା ଘର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ରୋଷେଇ କରୁଥିଲା ବେଳେ ଅସାବଧାନତା କାରଣରୁ ଗ୍ୟାସ ଟାଙ୍କି ଫାଟି ଏକ ଘର ଜଳି ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମ ପଂଚାୟତ ରିଷୋ ଗ୍ରାମରେ। ରିଷୋ ଗ୍ରାମର ଲିଲି ସ୍ୱାଇଁ ଆଜି ମଧ୍ୟାହ୍ନରେ ତାଙ୍କ ଘରେ ରୋଷେଇ କାର୍ଯ୍ୟ କରୁଥିଲେ। ଏହି ସମୟରେ ଜାଳେଣି ଗ୍ୟାସ ଟାଙ୍କିରୁ ଗ୍ୟାସ ଲିକ୍ ହେବା ସହ ଟାଙ୍କିଟି ଫାଟି ଯାଇଥିଲା। ଫଳରେ ଲିଲିଙ୍କର ଚାଳଘରଟି ପୋଡି ଯାଇଥିଲା। ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ତାଙ୍କର ବହୁ ଆସବାପତ୍ର ଧାନ ଚାଉଳ ପୋଡି ଯାଇଥିବାର ଜଣାଯାଇଛି। ଅଗ୍ନି ବିପନ୍ନ ପରିବାରକୁ ପ୍ରଶାସନ ତରଫରୁ କୌଣସି ସହାୟତା ପ୍ରଦାନ କରାଯାଇ ନଥିବା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ବାଲି ଚାଲାଣ ବେଳେ ଚଢ଼ଉ: ଜେସିବି ଓ ଟ୍ରାକ୍ଟର ଜବତ, ୨ ଗିରଫ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ବେଆଇନ ଭାବେ ବାଲି ମାଟି ଚୋରା ଚାଲାଣ ହେଉଥିବା ବେଳେ ଖଣି ବିଭାଗ କାଁ ଭାଁ ବାଲି ମାଟି ଚାଲାଣକାରୀକୁ ଧରୁଥିବା ବେଳେ ଖଣି ବିଭାଗ ସହିତ ବାଲି ମାଟି ଲୁଟେରାମାନେ ଲୁଚକାଳି ଖେଳ ଖେଳୁଛନ୍ତି। ଯାହାକୁ ନେଇ ପ୍ରତ୍ୟେକ ଦିନ ବ୍ୟାପକ ପରିମାଣରେ ରାଜସ୍ୱ କ୍ଷୟକ୍ଷତି ଘଟୁଛି। ରାଜସ୍ୱ ଟିକସ ପୈଠ ନ କରି କେତେଜଣ ବ୍ୟକ୍ତି ବାଲି ଚୋରା ଚାଲାଣ କରୁଥିବା ବେଳେ ନିମାପଡ଼ା ପୋଲିସ ହାତରେ ଧରାପଡ଼ି କୋର୍ଟ ଚାଲାଣ ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ ପୋଲିସ ଏବେ ବାଲି ମାଟି ମାଫିଆଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ବେଳେ ଜେସିବି ଟ୍ରାକ୍ଟର ପୋଲିସ ଜବତ କରି ଥାନାରେ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅଞ୍ଚଳରେ ବ୍ୟାପକ ମାତ୍ରାରେ ବାଲି ମାଟି ଚୋରା ଚାଲାଣ କରାଯାଉଛି। ବର୍ଷା ଦିନକୁ ନ ମାନି ବାଲି ଲୁଟେରାମାନେ ନଦୀବନ୍ଧ କାଟି ବାଲି ଚୋରୀ କରିବା ସେମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏକ ଜେସିବି ମେସିନ୍ ସାହାଯ୍ୟରେ ବାଲି ମାଟି ଖୋଳା ଯାଇ ଚାଲାଣ ହେଉଥିବା ବେଳେ ନିମାପଡ଼ା ପୋଲିସ ପହଞ୍ଚି ଜେସିବି ଓ ଟ୍ରାକ୍ଟରକୁ ଜବତ କରିଛି। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଦୁଇଜଣ ଟ୍ରାକ୍ଟର ଓ ଜେସିବି ଡ୍ରାଇଭରଙ୍କୁ କୋର୍ଟ ଚାଲଣ କରାଯାଇଥିବା ବେଳେ ଗାଡ଼ି ମାଲିକ ନାମରେ ମଧ୍ୟ ପୋଲିସ ମାମଲା ରୁଜୁ କରିଛି। ବାଲି-ମାଟି ଚୋରା ଚାଲାଣ ହେଲେ କାହାକୁ ବି କ୍ଷମା ଦିଆଯିବନି ବୋଲି ପୋଲିସ କହିଛି। ଏହି ମାଟି ଚାଲାଣ ଜେସିବି ଓ ଟ୍ରାକ୍ଟରକୁ ଖସାଇ ଦେବା ପାଇଁ ଥାନା ସମ୍ମୁଖରେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଧିଆ ପଡ଼ିଥିଲେ। କେତେଜଣ ଦଣ୍ଡିଆ ମଧ୍ୟସ୍ଥି କରିଥିବା ଘଟଣା ଥାନା ସିସିଟିଭିରେ କଏଦ ହୋଇ ରହିଛି। ଏହି ଘଟଣା ପ୍ରତି ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ, ଥାନାଧିକାରୀ ଦୃଷ୍ଟି ଦେଇ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ କାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ସାଢ଼େ ୩୨ଲକ୍ଷ ଟଙ୍କାର ବ୍ରାଉନସୁଗର୍ ଜବତ, ଦୁଇ ଗିରଫ



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ଅବକାରୀକୁ ପୁଣି ଏକ ବଡ଼ ଧରଣର ସଫଳତା ମିଳିଛି। ଜଳେଶ୍ୱର ଅବକାରୀ ବହୁତ ଦିନର ବ୍ୟବଧାନ ପରେ କମାରସିଆଲ୍ ଏମାଉଣ୍ଟର ବ୍ରାଉନସୁଗର ଜବତ୍ କରି ୨ ଜଣକୁ ଗିରଫ କରିଛି। ଜଳେଶ୍ୱର ଅବକାରୀ ବିଭାଗ କୌଣସି ଏକ ସୂତ୍ରରୁ ଖବର ପାଇ ମଙ୍ଗଳବାର ସକାଳ ସମୟରେ ଦୁଇଟି ଟିମ ଗଠନ କରି ୬୦ ନମ୍ବର ରାଜପଥ ଚାଲନ୍ତି ଠାରେ ଏବଂ ଆମ୍ବଳିଅଠା ବୁଲେଟ ମଟର ସାଇକଲ ଶୋରୁମ୍ ପାଖରୁ ଡିଲ ସମୟରେ ମାଡି ବସିଥିଲେ। ଚାଲନ୍ତି ୬୦ ନମ୍ବର ରାଜପଥ ପାଖରୁ ୨୧୫ ଗ୍ରାମ ଏବଂ ଆମ୍ବଳିଅଠା ପାଖରୁ ୧୧୦ ଗ୍ରାମର ବ୍ରାଉନ ଶୁଗାର ଜବତ କରିଛି। ମୋଟ୍ ୩୨୫ ଗ୍ରାମର ବ୍ରାଉନ ଶୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ସାଢ଼େ ୩୨ଲକ୍ଷ ଟଙ୍କା ହେବ। ଗିରଫ ଯୁବକଙ୍କ ଘର ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ତମ୍ବାଖୁରି ଗ୍ରାମର ସୁଦୀପ କୁମାର ଭୂୟାଁ (୩୪) ଏବଂ ଜଳେଶ୍ୱର ଥାନା ପଥରପୁରା ଗ୍ରାମର ସେଖ ସାଜନ (୨୪)। ଏ ନେଇ ଜଳେଶ୍ୱର ରେଞ୍ଜ ଅଫିସରେ ମାମଲା ଏବଂ ଜଳେଶ୍ୱର ଅବକାରୀ ଅଫିସରେ ମାମଲା ରୁଜୁ ହୋଇଛି। ଏହି ସମୟରେ ଆଇଆଇସି ହରିହର ସିଂ,ସାଟେଲାଇଟ ଅଧିକାରୀ ଲକ୍ଷସାଧନ ପ୍ରଧାନ, ଓଆଇସି ଚନ୍ଦନ ନାୟକ, ଏଏସଆଇ ଜୟ ପ୍ରକାଶ ବେହୁରିଆ, ସଞ୍ଜୀବ ମୁଣ୍ଡା, ବାସୁଦେବ କାମିଲା, ଅନିଲ ପଣ୍ଡା ଓ ମଧୁସ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଳ୍ପ ବିଭାଗର ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ

# ଭାରତ ମସଲାର କର୍ନଫ୍ଲୋର୍ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ




କଟକ, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କନ୍‌ଭେନ୍‌ସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ କଟକ ଜିଲ୍ଲାର ମସଲା ଓ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀର ଏକ ନୂତନ ୟୁନିଟର ଭିତ୍ତପ୍ରସ୍ତର ସ୍ଥାପନା କରିଛନ୍ତି। କୃଷି ଓ କୃଷକ ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଥିବା ଭାରତ ମସଲା କମ୍ପାନୀ ମକା ଚାଷୀ ମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବାକୁ ଯାଉଛି। ଏହା ଦ୍ୱାରା ଓଡ଼ିଶାର ଶିଳ୍ପ ଇତିହାସରେ କମ୍ପାନୀ ଆଉ ଏକ ସ୍ୱର୍ଣ୍ଣିମ ଇତିହାସ ଅଧ୍ୟାୟ ଯୋଡିଛି। ଆମ ରାଜ୍ୟରେ ଗଞ୍ଜାମ, କୋରାପୁଟ, ରାୟଗଡ଼ା ମାଲକାନଗିରି, କଳାହାଣ୍ଡି, ଭଳି ଜିଲ୍ଲା ଗୁଡ଼ିକ ମକା ଉତ୍ପାଦନ ପାଇଁ ଅନୁକୂଳ ହୋଇଥଲା ବେଳେ ଏହାର ଅଭାବୀ ବିକ୍ରୀ ସାଙ୍ଗକୁ ଚାଷୀମାନେ ମଧ ଚାଷ ପାଇଁ ଉପଯୁକ୍ତ ସହଯୋଗ ପାଇ ପାରୁ ନାହାନ୍ତି। ଫଳରେ ଉତ୍ପାଦନ ମଧ କମ ହେଉଛି। ଏହି ଅସୁବିଧାକୁ ଉପଲବ୍ଧ କରି ସରକାରଙ୍କ ସହଯୋଗରେ ଆମ କମ୍ପାନୀ ୫୦ ହଜାର ମେଟ୍ରିକ ଟନ ମକା ଚାଷୀଙ୍କ ଠାରୁ ସିଧାସଳଖ ଖର୍ଦୀ କରିବାକୁ ଯୋଜନା ରଖିଛି ବୋଲି ଭାରତ ମସଲା କମ୍ପାନିର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ରାଜ୍ୟରେ ମାତ୍ର ଦୁଇରୁ ତିନି ମେଟ୍ରିକ ଟନ ବର୍ତ୍ତମାନ ମକା ଅମଳ ହେଉଥିବାବେଳେ ଆମର ଆବଶ୍ୟକତା ଚାଷୀଙ୍କୁ ଚାଷ କରିବାକୁ ଯଥେଷ୍ଟ ମନୋବଳ ବୃଦ୍ଧି କରାଇବ। ଏପରିକି ଆମ କମ୍ପାନୀ ଯେତିକି ପରିମାଣରେ କର୍ନଫ୍ଲୋର ଉତ୍ପାଦନ କରିବ ତାହା ଆମ ରଜ୍ୟରେ ଆବଶ୍ୟକତାରୁ ଯଥେଷ୍ଟ ଅଧିକ ହେବ ବୋଲି ଶ୍ରୀ ପଣ୍ଡା ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୁର୍ବରୁ କମ୍ପାନୀ ଲଙ୍କା, ହଳଦୀ, ଅଦା ଓ ଟମାଟୋ ଚାଷ କରୁଥିବା ଚାଷୀ ମାନଙ୍କୁ ସହଯୋଗର ହାତ ବଢେଇ ଅଭାବୀ ବିକ୍ରିକୁ ଏଡ଼ାଇବା ସହ ମିଡିଲମ୍ୟାନ୍ ପ୍ରଥାକୁ ଅନେକାଂଶରେ ରୋକି ପାରିଥିବା ସେ କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା,ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂ ପୁନିଆ ଉପସ୍ଥିତିରେ ଭାରତ ମସଲା କମ୍ପାନିର କର୍ନଫ୍ଲୋର୍ ୟୁନିଟ୍‌ର ଶିଳାନ୍ୟାସ କରାଯାଇଛି। ଶିଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଭାରତ ମସଲା କମ୍ପାନିର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସହ ମୁଖ୍ୟମନ୍ତ୍ରୀ ମାଝୀ ଏହି ଗ୍ରାଉଣ୍ଡ ବ୍ରେକିଙ୍ଗ ମହୋତ୍ସବରେ ଶିଳ୍ପ ସଂକ୍ରାନ୍ତୀୟ ଅନେକ ପ୍ରସଙ୍ଗରେ ପଚାରି ବୁଝିଥିଲେ। ଏହି ଅବସରରେ ବାରଙ୍ଗସ୍ଥିତ ରାମଦାସ ପୁର ଭାରତ ମସଲା କମ୍ପାନୀ ପରିସରରେ ତହସିଲଦାର ଡ଼କ୍ଟର ତୁଷାର ଜ୍ୟୋତି ରଞ୍ଜନ, ଡିପାର ଏଆଇଇ ସ୍ୱପ୍ନା ଦାସ, ପରିଚାଳନା ନିର୍ଦ୍ଦେଶକ ଶୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା,ଦିଗନ୍ତ ପଣ୍ଡା, ଏସ ଏନ ମିଲେନିୟମ, ଆଶୁତୋଷ ପଣ୍ଡା, ଜିଏମ ଅଶ୍ୱିନୀ ଦାସ, ଜିଏମ୍ ଅପରେସନ ଅରୁଣ ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଭର୍ଚୁଆଲ ମୋଡରେ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ମନମୋହନ ସାମଲଙ୍କୁ ବିନ୍ଧାଛକରେ ଭବ୍ୟ ସମ୍ବର୍ଦ୍ଧନା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧିନ ବିନ୍ଧାଛକରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ପାଇଁ ବିନ୍ଧା ଛକରେ ମନମୋହନ ସାମଲଙ୍କ ଏକ ବିଶାଳ ତ୍ୱରଣ ନିର୍ମାଣ କରାଯାଇଥିଲା। ବିନ୍ଧା ଛକରେ ହଜାର ହଜାର ନେତା ଓ କର୍ମୀ ଏକ ବିଶାଳ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ୍ ଅଧିନ ୯ ପଞ୍ଚାୟତର ହଜାର ହଜାର ନେତା ଓ କର୍ମୀ ସମ୍ବର୍ଦ୍ଧନା ପର୍ବରେ ଯୋଗ ଦେଇଥିଲେ। ଏଥିସହିତ ଦୋଳସାହି, ଅଲ୍ଲିନଗର, ନନ୍ଦପୁର, ତିହିଡ଼ି, ଗୋଳାପୋଖରୀ, ଫତେପୁର, କୋହ୍ଲ, କମାରିଆ, ଆରୁହା, ପୀରହାଟ ଓ ଗଦି ବଜାରରେ ମଧ୍ୟ ବହୁ ନେତା ଓ କର୍ମୀ ରାଜ୍ୟ ସଭାପତି ସାମଲଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜ୍ୟ ସଭାପତି ସାମଲଙ୍କ ସହିତ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲା ସଭାପତି ଭଗବାନ



ଚନ୍ଦ୍ର ପଣ୍ଡ, ବରିଷ୍ଠ ନେତା ଅଜୟ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ବିନ୍ଧା ଛକରେ ଯୁବନେତା ଅଜୟ ରାଉତ, ଶଶିକାନ୍ତ ନାୟକ, ଉପେନ୍ଦ୍ର ରାଉଳ, ସରପଞ୍ଚ ଚକ୍ରଧର ଦାସ, ଅଜୟ ମହାନ୍ତି, ଯୁବନେତା ସୁବୋଧ ବଳ, ସଂଗ୍ରାମ ମହାନ୍ତି, ଅଶୋକ ରାଉତ, କମଳାକାନ୍ତ ସୂତାର, ଅଶୋକ ରାଉଳ, କିଶୋର ନାୟକ, ସନାତନ ମିଶ୍ର, ସୁବାସ ଚନ୍ଦ୍ର ସେଠୀ, ସମିତିସଭ୍ୟ ଦେବେନ୍ଦ୍ର ଦାସ, ସୌମ୍ୟରଞ୍ଜନ ସାହୁ, ପ୍ରଦୀପ ନାୟକ, ସନାତନ ସାହୁ, ମାଳତୀଲତା ସାହୁ, ତିହିଡ଼ିରେ ବରିଷ୍ଠ ବିଜେପି ନେତା ରଘୁନାଥ ପାତ୍ର, ସାଂସଦ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସମିତିସଭ୍ୟ ଶୁକଦେବ ମଲ୍ଲିକ, ମଣ୍ଡଳ ସଭାପତି କେଶବ ବେହେରା, ଦେବବ୍ରତ ପାଢ଼ୀ, ସରୋଜ ନାୟକ, ଦୋଳସାହିରେ ତପନ ପାଢ଼ୀ, ଭରତ ସାହୁ, ସୁଧାଂଶୁ ପାଣିଗ୍ରାହୀ, ରଣଜିତ ଜେନା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

# ଯୁବ ଅଧ୍ୟାପକଙ୍କ ଅକାଳ ବିୟୋଗ

ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଜଗନ୍ନାଥପୁର ଗ୍ରାମର ଜିବନାନନ୍ଦ ଶତପଥୀଙ୍କ ଏକମାତ୍ର ପୁତ୍ର ଯୁବ ଅଧ୍ୟାପକ ଜ୍ୟୋତିପ୍ରକାଶ ଶତପଥୀଙ୍କ ସୋମବାର ରାତିରେ ବ୍ରେନଷ୍ଟ୍ରୋକରେ ଅକାଳ ବିୟୋଗ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୨ବର୍ଷ ହୋଇଥିଲା। ସେ ଜଗତସିଂହପୁର ଏସବିଏମ କଲେଜରେ ଚୁକ୍ତି ଭିତ୍ତିକ ବିସିଏ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଦିନବେଳା ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ କଟକ ନିଆଯାଇ ଘରକୁ ଅଣାଯାଇଥିଲା। ସନ୍ଧ୍ୟାରେ ଜ୍ୟୋତି ପ୍ରକାଶଙ୍କ ଅବସ୍ଥା ଗୁରୁତର ହେବାରୁ ପୁନର୍ବାର ତାଙ୍କୁ କଟକ ବଡମେଡିକାଲ ନିଆଯାଇଥିଲା। ସେଠାରେ ରାତି ୧୨ ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ନିଜ ଘର ପାଟକୁରା ଥାନା ତଳକୁସୁମା ଗ୍ରାମ ହୋଇଥିବାବେଳେ ସେ ଦୀର୍ଘ ୪୦ବର୍ଷ ଧରି ଜଗନ୍ନାଥପୁର ଗ୍ରାମରେ ରହିଆସୁଥିଲେ। ଘରେ ସ୍ତ୍ରୀ ଓ ତାଙ୍କର ମା ଅଛନ୍ତି। ଜ୍ୟୋତିପ୍ରକାଶ ଅତ୍ୟନ୍ତ ଶାନ୍ତସରଳ ଓ ମେଳାପି ସ୍ୱଭାବର ବ୍ୟକ୍ତିତ୍ୱ ଥିଲେ। ତାଙ୍କରି ବିୟୋଗରେ ଅଞ୍ଚଳରେ ଶୋକାତୁର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଭାଜପା ଯୁବ ସଂଗଠକ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ପୁରୀ ସ୍ୱର୍ଗଦ୍ୱାରରେ ଜ୍ୟୋତି ପ୍ରକାଶଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଲୋକସେବା ଭବନ ସମ୍ମିଳନୀ କକ୍ଷରେ କାର୍ଯ୍ୟରତ ବିଭିନ୍ନ ଏନଜିଓଙ୍କ ସହ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଅନେକ ଗୁରତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଆଲୋଚନା କରିଛନ୍ତି। ଜନସାଧାରଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ଜନସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଲକ୍ଷ୍ୟ ବିଷୟରେ ଅବଗତ କରାଇଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମଧ୍ୟପ୍ରଦେଶ ଧାର ଜିଲ୍ଲାରୁ ଶୁଭାରମ୍ଭ ହେବାକୁ ଥିବା ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ସମ୍ପର୍କରେ ଆଲୋଚନା କରିଛନ୍ତି । ସମସ୍ତ ମହିଳା ଏବଂ ବାଳିକା କିଭଳି ଏହି ଯୋଜନା ଦ୍ୱାରା ଉପକୃତ ହେବେ ଏବଂ ଏହି ଅଭିଯାନକୁ ସଫଳ କରାଇବା ପାଇଁ ପ୍ରୟାସ କରିବା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଏନଜିଓଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ, ଏନଏଚଏମ ମିଶନ ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି. ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ମା' କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ



ମା' ଗଡ଼ଚଣ୍ଡୀଙ୍କ ସରସ୍ୱତୀ ବେଶ



ମା' ଝାଞ୍ଜିରି ମଙ୍ଗଳାଙ୍କ ଶୋଡ଼ଷୀ ବେଶ



ପିଠାପୁର ମା' ଧାକୁଲେଇଙ୍କ ଭୁବନେଶ୍ୱରୀ ବେଶ



ହରିପୁର ମା' ବିମଳାଙ୍କ ମାତଙ୍ଗୀ ବେଶ



ମା' ବିମଳାଙ୍କ ବଗଳାମୁଖୀ ବେଶ

### କଟକରେ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ନେଇ ବୈଠକ

## ବିଭିନ୍ନ ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଟକରେ ପ୍ରସ୍ତାବିତ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ କଟକ ଓଏମ୍‌ପି ଛକର ବିକାଶ ପାଇଁ ସେଠାରେ ଭେଣ୍ଡିଂ ଜୋନ, ଆଇଟି ପାର୍କ ଓ କନଭେନ୍‌ସନ ସେଂଟର ନିର୍ମାଣ ନେଇ କାର୍ଯ୍ୟାନୁଷ୍ଠାନ, ରାଣୀହାଟ ଛକର ବିକାଶ ପାଇଁ ଚିହ୍ନିତ ସ୍ଥାନରେ ଦୋକାନ ଗୃହ, ସରକାରୀ ବାସଗୃହ ଓ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଡିଜାଇନ୍ ଚୂଡ଼ାନ୍ତ କରାଯିବା, ସରକାରୀ ପ୍ରେସ୍, ଖପୁରିଆ ଠାରେ ଉପଲବ୍ଧ ଜମିର ଉନ୍ନତିକରଣ ପାଇଁ ଆବଶ୍ୟକ ରାସ୍ତାନିର୍ମାଣ ଏବଂ ସେଠାରେ ଡଃ ହରେକୃଷ୍ଣ ମହତାବ ପ୍ରତିମୂର୍ତ୍ତି ନିକଟରେ ବଗିଚା ନିର୍ମାଣ ଓ ଭେଣ୍ଡିଂ ଜୋନ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ସତ୍ୟଭାମାପୁରର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନିଆଯିବା ପାଇଁ ଆଲୋଚନା କରାଯାଇଥିଲା । ଆହୁରି ମଧ୍ୟ ତ୍ରିଶୁଳିଆ ଛକରୁ ବାରଙ୍ଗ ଦେଇ ନନ୍ଦନକାନନ ପର୍ଯ୍ୟନ୍ତ ଅବଶିଷ୍ଟ ରାସ୍ତାକୁ ଓସାରିଆ କରାଯାଇ ଉନ୍ନତିକରଣ ପାଇଁ ପ୍ରସ୍ତାବ କାର୍ଯ୍ୟକାରୀ ସଂପର୍କରେ ଆଲୋଚନା କରାଯାଇଥିଲା। ସେହିପରି ମହାନଦୀରେ ଏକ ବ୍ୟାରେଜ ନିର୍ମାଣ କରାଯିବା ନେଇ ରହିଥିବା ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟାକୁ ସମାଧାନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେବା ସହିତ କଟକ ଜିଲ୍ଲାପାଳଙ୍କୁ ଆବଶ୍ୟକ ସମନ୍ୱୟ ପାଇଁ ପରାମର୍ଶ ଦେଇଛନ୍ତି ।

## ଦ୍ୱିତୀୟ ନ୍ୟାସନାଲ ମେଡ଼ିଏସନ୍ କର୍ମଶାଳା ପ୍ରସ୍ତୁତି ସମୀକ୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୨୮ ତାରିଖରେ ଏଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ନ୍ୟାସନାଲ ମେଡ଼ିଏସନ୍ କର୍ମଶାଳାର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ହରିଚନ୍ଦନ ଅତିଥିମାନଙ୍କ ଆଗମନ ସମୟ, ସେମାନଙ୍କ ରହଣି ଓ କର୍ମଶାଳା ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ । ଏଥି ସହିତ ବିଭିନ୍ନ ରାଜ୍ୟରୁ ଆସୁଥିବା ମନ୍ତ୍ରୀଗଣ, ବିଚାରପତି, ଆଇନ ସଚିବ, ଆଡ୍‌ଭୋକେଟ୍ ଜେନେରାଲ, ଆଇନ ବିଶେଷଜ୍ଞ ଏବଂ ଅତିଥିଗଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ଏବଂ ଓଡ଼ିଶାର କଳା, ସଂସ୍କୃତି, ପର୍ଯ୍ୟଟନ ସହିତ ଅବଗତ କରାଇବା ନେଇ ଆଲୋଚନା ହୋଇଥିଲା । ଏଥି ସହ ରହଣି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଓଡ଼ିଶାର ପାଟବସ୍ତ୍ର, ହସ୍ତତନ୍ତ ଏବଂ କଳାକୃତିର ପ୍ରଚାରପ୍ରସାର ପାଇଁ ଏଠାରେ ହସ୍ତତନ୍ତ ପ୍ରଦର୍ଶନୀ ଖୋଲାଯିବା ନେଇ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରଞ୍ଜିତା ଜେନା, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ବିମାନ ବନ୍ଦର ପ୍ରାଧିକରଣର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ସ୍ୱତନ୍ତ୍ର ଅଭିଯାନ: ୧୫ ଦିନରେ ୧. ୪୦ କୋଟି ମୂଲ୍ୟର ବେଆଇନ ସାମଗ୍ରୀ ଜବତ, ୧୧୭ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅବକାରୀ ବିଭାଗର ଏନଫୋର୍ସମେଂଟ ସ୍ପେଶାଲ ଡ୍ରାଇଭ୍ ଅଧୀନରେ ୧୫ ଦିନରେ ମଧ୍ୟ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଯାଇଛି ଓ ୧. ୪୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବେଆଇନ ସାମଗ୍ରୀ ଜବତ କରାଯାଇଛି। ରାଜ୍ୟବ୍ୟାପୀ ଅଭିଯାନରେ ୨୧୬ ମାମଲା ରୁଜୁ ସହ ବେଆଇନ ମଦ ଏବଂ ନାରକୋଟିକ୍ ବ୍ୟବସାୟ ସହିତ ଜଡିତ ୧୧୭ ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ୧୧, ୪୫୧ ଲିଟର ଆଇଡି ଲିକର, ୩୬୭ ଲିଟର ଡ୍ୟୁଟି ପେଡ୍ ଲିକର ୧,୦୫, ୨୪୦ ଲିଟର ପୋଚ ନଷ୍ଟ କରାଯାଇଛି ଓ ଏଥି ସହ ୧୬୦୦ କିଲୋଗ୍ରାମ ମହୁଲି ଫୁଲ ଓ ଚୋରାଚାଲାଣ ପାଇଁ ୨୪ ଯାନ ଜବତ ହୋଇଛି। ନାରକୋଟିକ୍ ବିରୋଧୀ ସ୍ୱତନ୍ତ୍ର ଅଭିଯାନରେ ୧୪ ଏନଡିପିଏସ୍ ମାମଲା ରୁଜୁ ସହ ୭୮ କିଲୋଗ୍ରାମ ଗଞ୍ଜେଇ ଓ ୩୮ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ରାଜ୍ୟରେ ଅବୈଧ ମଦ ତଥା ନାରକୋଟିକ୍ କାରବାରକୁ ରୋକିବା ପାଇଁ ଏହି ବିଶେଷ ଅଭିଯାନ ଆଗାମୀ ଦିନରେ ଆହୁରି ତୀବ୍ର କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

### ଅଟୋ ଭିତରେ ଯୁବତୀଙ୍କୁ ଅସଦାଚରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅସାମାଜିକ ଯୁବକଙ୍କ ଉନ୍ମତ୍ତ କାଣ୍ଡ। ଅଟୋ ଭିତରେ କଲେ ଯୁବତୀଙ୍କୁ ଅସଦାଚରଣ କରିଛନ୍ତି ଯୁବକ ଜଣକ । ପ୍ରତିବାଦ କରିବାରୁ ଯୁବତୀଙ୍କୁ ବିଚ୍ ରାସ୍ତାରେ ଆକ୍ରମଣ। ତଳେ ପକେଇ ଗୋଇଠା ବିଧା ମାରିଛନ୍ତି ଯୁବକ। ଗ୍ୟାରେଜ ଛକ ନିକଟରେ ଘଟିଛି ଏଭଳି ଘଟଣା। ଅସଦାଚରଣର ଶିକାର ଯୁବତୀ କଲେ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି । ସିସିଟିଭି ଯାଞ୍ଚ କରି ପୋଲିସ ତଦନ୍ତ କରୁଛି।

### ନାଲକୋର ଫେକ ଜଏନିଂ ଲେଟର ଦେଇ ବନ୍ଧା ହେଲା ଦଲାଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନାଲକୋର ଫେକ ଜଏନିଂ ଲେଟର ଦେଇ ବନ୍ଧା ହେଲା ଦଲାଲ । ନରେଶ ବାରିକଙ୍କୁ ଗିରଫ କରିଛି ବଡଗଡ଼ ଥାନା ପୋଲିସ । ତା ନିକଟରୁ ନାଲକୋର ଫେକ୍ ଜଏନିଂ ଲେଟର, ଗେଟ ପାସ୍ ଏବଂ ମେଡିକାଲ ଫିଟନେସ ସାର୍ଟିଫିକେଟ ଜବତ କରିଛି ପୋଲିସ । ଫେକ୍ ଜଏନିଂ ଲେଟର ଦେଇ ଜଣେ ଯୁବକଙ୍କ ଠାରୁ ୧୮ଲକ୍ଷ ଟଙ୍କା ଠକେଇ କରିଥିଲା ଅଭିଯୁକ୍ତ । ଅଭିଯୋଗ ହେବା ପରେ ପୋଲିସ ଗିରଫ କରିଛି ।

### ସ୍ୱର୍ଣ୍ଣ ପଦକ ବିଜେତା ଆନନ୍ଦ କୁମାରଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ପିଡ୍ ସ୍କେଟିଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୧୦୦୦ ମିଟର ସ୍ପ୍ରିଣ୍ଟରେ ସ୍ୱର୍ଣ୍ଣ ପଦକ ବିଜେତା ଆନନ୍ଦ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମୁଁ ଆନନ୍ଦଙ୍କୁ ସ୍ପିଡ୍ ସ୍କେଟିଂ ୱାର୍ଲ୍ଡ ଚାମ୍ପିୟନଶିପ୍ ହଜାର ମି ସ୍ପ୍ରିଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅଭିନନ୍ଦନ ଜଣାଉଛି। ତାଙ୍କର ଦୃଢ଼ ସଂକଳ୍ପ, ତ୍ୱରିତ ଗତି ଓ ନିଷ୍ଠା ଭାରତକୁ ବିଶ୍ୱମଞ୍ଚରେ ସ୍ଥାନ ଦେଇଛି ଏବଂ ଯୁବବର୍ଗଙ୍କୁ ପ୍ରେରଣା ଦେଇଛି।

### ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଅସୁସ୍ଥ, ଘରୋଇ ହସ୍ପିଟାଲରେ ଭର୍ତ୍ତି

କଟକ(ଭାସ୍କର ନ୍ୟୁଜ): ଓଲିଉଡର ଆଗଧାଡିର ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ମଙ୍ଗଳବାର ଅସୁସ୍ଥ ହୋଇ ଚିକିତ୍ସା ନିମନ୍ତେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । କଫ, ଫୁସଫୁସ୍ ସଂକ୍ରମଣ ଯୋଗୁଁ ସେ ଅସୁସ୍ଥ ହୋଇଥିବା ଜଣାପଡିଛି । ବର୍ତ୍ତମାନ ତାଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ଓଲିଉଡରେ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଲିଭର ସିରୋସିସ୍ ରୋଗରେ ପୀଡିତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଭୁବନେଶ୍ୱର ସ୍ଥିତ ଏମ୍‌ସ ମେଡିକାଲରେ ସେ ଚିକିତ୍ସିତ ହେଉଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି । ଗୋଟିଏ ପଟେ ଅଭିଜିତ ମଜୁମଦାର ଚିକିତ୍ସିତ ହେଉଥିବା ବେଳେ ଏବେ ବୁଦ୍ଧାଦିତ୍ୟ ମହାନ୍ତି ଅସୁସ୍ଥ ହୋଇଛନ୍ତି । ୨୦୦୭ରେ ବୁଦ୍ଧାଦିତ୍ୟ ଆଇ ଲଭ ମାଇଁ ଇଣ୍ଡିଆ ଜରିଆରେ ଓଲିଉଡ୍‌ରେ ଡେବ୍ୟୁ କରିଥିଲେ ବିଦ୍ଧାଦିତ୍ୟ ।

### ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପାଳିତ

## ସ୍ମୃତିବନରେ ଗାନ୍ଧୀ ମଣିଷଙ୍କ ପାଇଁ ସ୍ମୃତିଚାରଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଗାନ୍ଧୀମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ୭ମ ଶ୍ରାଦ୍ଧ ଉତ୍ସବ ତାଙ୍କ ପ୍ରତିଷ୍ଠିତ ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଓ୍ୱାରେନ୍ଦ୍ରଙ୍କ ପୌରହିତ୍ୟରେ ଏଇ ନିଆରା ଜଙ୍ଗଲେ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ପାତ୍ରପଡ଼ାଠାରେ ଥିବା ସ୍ମୃତିବନରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିରେ ରୋପଣ କରାଯାଇଥିବା ବଉଳ ବୃକ୍ଷକୁ ପୂଜା କରାଯିବା ପରେ ଅତିଥିମାନେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ବିଶିଷ୍ଟ ଅତିଜ୍ଞ ସୁଚାର୍ଲାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ କୁମାର ଶତପଥୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସ୍ୱର୍ଗତ ପ୍ରଧାନଙ୍କ ସଙ୍ଗ ୪୦ ବର୍ଷର ସାନ୍ନିଧ୍ୟରୁ ବହୁତ କଥା ଶିଖିବାକୁ ମିଳିଛି । ସେ ଥିଲେ ସମୟାନୁବର୍ତ୍ତିତାର ମୂର୍ତ୍ତିମନ୍ତ ପ୍ରତୀକ । ଠିକଣା ସମୟରେ ସଭାରେ ପହଞ୍ଚା କେବଳ ନୁହେଁ ତାଙ୍କର ଦୈନନ୍ଦିନ ଜୀବନଶୈଳୀରେ ମଧ୍ୟ ସେ ତାକୁ ଆପଣାଇଥିଲେ । ଯେପରିକି ଦିନ ୧୨ଟା ପୂର୍ବରୁ ସେ ମଧ୍ୟାହ୍ନ ଭୋଜନ କରୁଥିଲେ । ଦିନ ୧୨ଟା ହପିଗଲେ ସେ ଉପବାସ ରହୁଥିଲେ । ଆଜିର ଯୁବପିଢି ତାଙ୍କର ଜୀବନ ଇତିହାସ ପଢିବାକୁ ସେ ଆହ୍ୱାନ ଦେଇଥିଲେ । ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ତାଙ୍କୁ ଜାତିର ଜନକ ବାପୁଜୀଙ୍କର ସଚ୍ଚା ଶିଷ୍ୟ ବୋଲି କହିଥିଲେ । ଅନ୍ୟତମ ଅତିଥି ଅଧ୍ୟାପକ ରମେଶ ଚନ୍ଦ୍ର ପାଚାଳସିଂହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସୁଚାର୍ଲାର କାର୍ଯ୍ୟନିର୍ବାହୀ କ୍ରାନ୍ତିକୁମାର ସାକ୍‌ସେନା ସ୍ମୃତିବନର ଇତିହାସ କହିବା ସହ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୃଷ୍ଟି ପୃଥ୍ୱୀରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଡ଼ିଶାର ବିକାଶ କରିବାକୁ ସଂକଳ୍ପ ନେଇଛି ବିଜେପି ସରକାର: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ଓଡ଼ିଶାରେ ବିଜେପି ଏକାକୀ ସରକାର ଗଢ଼ିବାରେ ସଫଳ ହୋଇଛି। ଏବେ ରାଜ୍ୟରେ ଥିବା ସମସ୍ତ ସମସ୍ୟାର ସମାଧାନ ପାଇଁ ସମୟ ଆସିଛି। ଓଡ଼ିଶାର ବିକାଶ କରିବାକୁ ସଂକଳ୍ପ ନେଇଛି ବିଜେପି ସରକାର । ସବୁ ସମସ୍ୟାର ସମାଧାନ କରି ଓଡ଼ିଶାକୁ ୧ ନମ୍ବର କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଭଦ୍ରକ ଜିଲା ଚାନ୍ଦବାଲିଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବିଧାୟକ ସୀତାଂଶୁ ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଜିଲା ସଭାପତି ଭଗବାନ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଓ ମଣ୍ଡଳସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଡବଲ ଇଞ୍ଜିନ୍ ସରକାର ଆଦିବାସୀ ବିରୋଧୀ: କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମୀପୁର କଂଗ୍ରେସ ଯୁବ ବିଧାୟକ ପବିତ୍ର ସାଉଁନ୍ତା ଅଭିଯୋଗ କରିଛନ୍ତି, ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଏବଂ ଦେଶର ରାଷ୍ଟ୍ରପତି ମଧ୍ୟ ଆଦିବାସୀ। ପୁଣି ସେ ଓଡ଼ିଆ। ଆମେ ଆଶା କରୁଥିଲୁ ଏଣିକି ଆଦିବାସୀ ସେମାନଙ୍କ ନ୍ୟାୟ ପାଇବେ, ଦୁଃଖ ଦୂର ହେବ। କିନ୍ତୁ ଦୁଃଖ ଦୂର ହେବା ପରିବର୍ତ୍ତେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମୌଳିକ ଅଧିକାରରୁ ସରକାର ବଞ୍ଚିତ କରୁଛନ୍ତି । କେନ୍ଦ୍ର ଏବଂ ରାଜ୍ୟର ଡବଲ ଇଞ୍ଜିନ ସରକାର ଆଦିବାସୀ ବିରୋଧୀ । ଯଦି ସରକାର ଛାତ୍ର ଛାତ୍ରୀଙ୍କ ବୃତି ପୁନଃଲାଗୁ ନ କରେ ତେବେ ଆମେ ନିକଟରେ ହେବାକୁ ଥିବା ବିଧାନସଭା ଅଧିବେଶନରେ ଆମ ଦାବି ରଖିବୁ ବୋଲି ବିଧାୟକ ସାଉଁନ୍ତା ପ୍ରକାଶ କରିଛନ୍ତି । କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଆଦିବାସୀ ଛାତ୍ର ଛାତ୍ରୀଙ୍କ ଅସୁବିଧା ଏବଂ ଡବଲ ଇଞ୍ଜିନ ସରକାରଙ୍କ ଦୋମୁହାଁ ନୀତିର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରି କହିଛନ୍ତି ଯେ, ରାଜ୍ୟରେ ୫୩ ହଜାର ଛାତ୍ର ଛାତ୍ରୀଙ୍କୁ ଆଜିକୁ ୫ମାସ ହେଲାଣି ପ୍ରାକ ମାଟ୍ରିକ ଛାତ୍ରବୃତି ଏପର୍ଯ୍ୟନ୍ତ ମିଳିନାହିଁ। ସୁନ୍ଦରଗଡ଼ ଜିଲ୍ଲାରେ ଗଣଶିକ୍ଷା ବିଭାଗ ଦ୍ୱାରା ୨୮୭ ଟି ଛାତ୍ରବାସରେ ୨୮ ହଜାର ଅନୁସୂଚିତ ଜାତି ଓ ଆଦିବାସୀ ବର୍ଗର ଛାତ୍ର ଛାତ୍ରୀ ମାନେ ପାଠ ପଢୁଛନ୍ତି। ସେହିଭଳି ଭାବରେ ଅନୁସୂଚିତ ଜାତି ଓ ଜନଜାତି ଉନୟନ ଓ ସଂଖ୍ୟା ଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୩୮ ଛାତ୍ରାବାସରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମୋଦି ସରକାର ୨୦୨୧ - ୨୨ ଶିକ୍ଷା ବର୍ଷ ଠାରୁ କେବଳ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବୃତି ପ୍ରଦାନ କରିବାର ନିୟମ ବଦଳାଇଲେ। ପୂର୍ବରୁ କଂଗ୍ରେସ ସରକାର ସମୟରେ ଆରଟିଇ ମାଧ୍ୟମରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଦାନ କରିଥିଲେ ବୋଲି ନିଜ ବକ୍ତବ୍ୟରେ ମୁଖପାତ୍ର ମହାନ୍ତି ପ୍ରକାଶ କରିଛନ୍ତି ।

## ବାଲିହରଚଣ୍ଡୀ ଘଟଣାରେ ଧାରଣା ଦେବ ମହିଳା ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବ୍ରହ୍ମଗିରିର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ପ୍ରେମିକକୁ ଗଛରେ ବାନ୍ଧି ତା ସମ୍ମୁଖରେ ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ଜନତା ଦଳ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରଦାନ ଓ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ମହିଳାଙ୍କୁ ସୁରକ୍ଷା ପ୍ରଦାନ ଦାବିରେ, ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାର ଏସ୍ପି ଅଫିସ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ତରଫରୁ ଧାରଣା ଦିଆଯିବା ସହିତ ଏହି ସମ୍ବନ୍ଧରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ । ମିନତୀ ବେହେରା କହିଥିଲେ, ମହିଳା ମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ମହିଳା ଓ ଶିଶୁ ଡେସ୍କ ଗୁଡିକ ବର୍ତ୍ତମାନ କାର୍ଯ୍ୟ କରୁନାହିଁ । ଯାହାଫଳରେ ଅତ୍ୟାଚାରର ଶିକାର ହେଉଥିବା ମହିଳା ମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାଛଡା ୧୮୧ ହେଲ୍ପଲାଇନ ମଧ୍ୟ କାର୍ଯ୍ୟ କରୁନାହିଁ । ଗତ ୧୪ ମାସ ବିଜେପି ଶାସନରେ, ରାଜ୍ୟରୁ ଯୁବତୀ ଚାଲାଣ ମଧ୍ୟ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ଏଥିପ୍ରତି ନିଘା ନାହିଁ । ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ମହିଳାଙ୍କ ସୁରକ୍ଷା ପାଇଁ ଲଢେଇ ଜାରି ରଖିବ ।

## ଜିଲ୍ଲା ଚତୁର୍ଥ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ



କଟକ(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ପକ୍ଷରୁ ଚତୁର୍ଥ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ମଙ୍ଗଳବାର ପୂର୍ବାହ୍ନରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ସାଂସଦ ଲୋକସଭା ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଠଗଡ ବିଧାୟକ ଆଠଗଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍‌ଦୋସ, କଟକ-ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦିଶା ବୈଠକରେ ଜିଲ୍ଲାରେ ଜଳ ଜୀବନ ମିଶନର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ କୃଷି ସଞ୍ଚାଇ ଯୋଜନାରେ ଜିଲ୍ଲାର ସ୍ଥିତି ସମ୍ପର୍କରେ ସମୀକ୍ଷା ସହ ସମଗ୍ର ଶିକ୍ଷା ଅଭିଯାନରେ ବିଦ୍ୟାଳୟ ମାନଙ୍କରେ ବାଳକ ମାନଙ୍କ ତୁଳନାରେ ବାଳିକା ମାନଙ୍କ ଉପସ୍ଥିତି କମ୍, ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡିକର ପୁନରୁଦ୍ଧାର ଓ ମିଶ୍ରଣ ଏବଂ ଏଥି ନିମନ୍ତେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ପଦକ୍ଷେପ, ସମ୍ମିଳିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକର ସ୍ଥିତି ଓ ନିର୍ମାଣ କାର୍ଯ୍ୟ ଆଦି ବିଷୟରେ ଆଲୋଚନା ପୂର୍ବକ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସେହିପରି ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୁଶଳ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ସହ କୁଶଳୀ କାରିଗର ନିର୍ମାଣ ଏବଂ ଆତ୍ମନିଯୁକ୍ତି ସୃଷ୍ଟି ସମ୍ବନ୍ଧରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ସଭାପତି ଆଶିଷ କୁମାର ସାହୁ ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଜନ କଲ୍ୟାଣ କାର୍ଯ୍ୟ ବିଷୟରେ ଆଲୋଚନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଦସ୍ୟ/ସଦସ୍ୟା, ବିଭିନ୍ନ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ର ଷଷ୍ଠ ଦିନର ପ୍ରଥମ ରାଉଣ୍ଡ ଖେଳ ପଳସାଗଡିଆ ବନାମ ହୁଡିଂତୋଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇ ବ୍ରେକର ଜରିଆରେ ହୁଡିଂତୋଟା ଦଳ ୩-୨ ଗୋଲ ରେ ବିଜୟ ଲାଭ କରି ତୃତୀୟ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ଖେଳ ସରଧା ବନାମ ମହିଷାମୁଣ୍ଡା ମଧ୍ୟରେ ହୋଇଥିଲା । ଗୋଲ ବିହୀନ ଖେଳ ପରେ ଟାଇ ବ୍ରେକର ଜରିଆରେ ମହିଷାମୁଣ୍ଡା ୪-୩ ଗୋଲ ରେ ବିଜେତା ହୋଇ ତୃତୀୟ ରାଉଣ୍ଡ ଖେଳରେ ହୁଡିଂତୋଟା ଦଳ ସହିତ ଖେଳିଥିଲେ । ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରି ହୁଡିଂତୋଟା ଦଳ ୧-୦ ଗୋଲ ରେ ବିଜୟୀ ହୋଇଥିଲେ । ଏହି ଖେଳ ରେ ମୁଖ୍ୟ ଅତିଥି ଦେଓ ଜଳ ସେଚନ ସହକାରୀ ଯନ୍ତ୍ରୀ ମଧୁସୂଦନ ହେମ୍ବ୍ରମ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ଆଜିର ଖେଳକୁ ପରିଚାଳନା କରିଥିବା ରେଫେରୀ ବୁଲେନ୍ଦ୍ର ହେମ୍ବ୍ରମ,ଅର୍ଜୁନ ସୋରେନ, ବିଷ୍ଣୁ କରାଇ ଙ୍କ ସହିତ ଟୁଟୁ ମେହେର,ରତିକାନ୍ତ ବାରିକ,କଲ୍ୟାଣ କୁମାର ନାଏକ,ସନ୍ତୋଷ ଦାସ, ଝୁଲା ଅଧିକାରୀ ସହଯୋଗ କରିଥିଲେ। ଆସନ୍ତା କାଲିର ଖେଳ ମରିଡା ଏଫ୍ ସି ବନାମ ଗୋଧିନାଳି ଦ୍ୱିତୀୟ ରାଉଣ୍ଡରେ ତିରିଂ ଏଫ୍ ସି ବନାମ ଖୁଣ୍ଟାପଡ଼ା ମଧ୍ୟରେ ହେବ ବୋଲି ସାଧାରଣ ସମ୍ପାଦକ ପ୍ରଭାକର ବାଗସିଙ୍ଗ ପ୍ରକାଶ କରିଛନ୍ତି।

# ■ ଆସୁଛନ୍ତି ମା’

➔ ଖିଲି ଖିଲି ହସୁଛି କାଶତଣ୍ଡି, ଖେଳୁଛି କୁମୁଦ କମଳ
➔ ମା’ଙ୍କୁ ସ୍ୱାଗତ ପାଇଁ ସଜେଇ ହୋଇଛି ପ୍ରକୃତି ରାଣୀ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍):ଶରତ ଋତୁରେ ପ୍ରକୃତିର ବିଚିତ୍ର ସୃଷ୍ଟି ହେଉଛି କାଶତଣ୍ଡି ଫୁଲ। ଶରତ ଆଗମନରେ ଏବେ ସବୁଠି କାଶତଣ୍ଡି ସମ୍ଭାର। ବିଲ, ନଦୀପଠା, ରାସ୍ତା ପାର୍ଶ୍ୱ ସବୁଠି ଖିଲି ଖିଲି ହୋଇ ହସୁଛି କାଶତଣ୍ଡି। ଜଗତ ଜନନୀ ମା ଦୁର୍ଗାଙ୍କ ଆଗମନର ହେଉଛି ପ୍ରାକ ସୂଚନା। ସତେ ଯେମିତି ଜଗତଜନନୀଙ୍କ ଆଗମନକୁ ଚାହିଁ ରହିଛି। ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରୁଥିବା ବେଳେ ଆନମନା ହୋଇ କେତେ କଣ ଲେଖୁଛନ୍ତି କବି। ଧୀର ସମୀରଣ ସ୍ପର୍ଶରେ ଦୋଳାୟ ମାନ ଧୋବ ଫରଫର କାଶତଣ୍ଡି। କେତେବେଳେ ଝୁଲି ଝୁଲି ଧରାକୁ ଛୁଁଉଛି, ତ ଆଉ କେତେବେଳେ ଆକାଶକୁ ଚାହିଁ ଖିଲି ଖିଲି ହୋଇ ହସୁଛି। ସେ ଜଣାଇଦେଉଛି ପାର୍ବଣର ଋତୁ ଆସିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଲ, ନଦୀପଠା, ରାସ୍ତାପାର୍ଶ୍ୱ ସବୁଠି ଦେଖିବାକୁ ମିଳୁଛି କାଶତଣ୍ଡିର ସୁନ୍ଦରତା। ଯାହାକୁ ଦେଖି କ୍ଷଣିକ ପାଇଁ ଅଟକି ଯାଉଛି ବାଟୋଇ। ବାସ ହୀନ ହେଲେ ବି ତାର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରୁଛି। ଆନମନା ହେଉଛନ୍ତି କବିର ମନ। ସେ ନିଜ କବିତା ମାଧ୍ୟମରେ ବର୍ଣ୍ଣନା କରୁଛନ୍ତି ପ୍ରକୃତିରାଣୀର ଶୋଭାରାଜି। ଆଉ ଏହି କାଶତଣ୍ଡି ଜଗତଜନନୀ ମା ଦୁର୍ଗାଙ୍କ ଧରାପୃଷ୍ଠକୁ ଆଗମନର ବାର୍ତ୍ତା ଦେଉଛି। ଏ ନେଇ ଅସ୍ତରଙ୍ଗ ଅଞ୍ଚଳ ଶିକ୍ଷାବିତି ତଥା କବି ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ କୁହନ୍ତି ‘କାଶତଣ୍ଡି ଫୁଲେ ମହି ଦିଶଇ ଧବଳ। ଧବଳ ହେଉଛି ସ୍ୱଚ୍ଛତା, ପବିତ୍ରତା ଏବଂ ଆନନ୍ଦ ର ପ୍ରତୀକ।ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟସ୍ଥ ଦେବୀ ନଦୀର ଅବବାହିକା, ରାସ୍ତା କଡ଼, ପୋଖରୀ ହୁଡା ସବୁଠି କାଶତଣ୍ଡି ର ସମ୍ଭାର। ଯାହାକୁ ଦେଖି ଭାବ ପ୍ରବଣ ହେଉଛନ୍ତି କବି ଓ ଲେଖକ। ପୁଲ୍‌କିତ ହେଉଛି ଧରା। ସୁନୀଳ ଆକାଶ ତଳେ ଦୂର ଦିଗବଳୟ ପର୍ଯ୍ୟନ୍ତ ବିସ୍ତାର ହୋଇଛି ଶୁଭ୍ରବସ୍ତ୍ର ପରିଧାନ କରିଥିବା ଏହି କାଶତଣ୍ଡି। ଶିକ୍ଷାବିତି ତଥା କବି ରବୀନ୍ଦ୍ର ମହାନ୍ତି କୁହନ୍ତି ‘ବିଲ ପାଟେ ଫୁଟେ କାଶତଣ୍ଡି, କୁମୁଦ କମଳ ଫୁଟେ ସରୋବର ମଣ୍ଡି। ଓଡ଼ିଆ ସଂସ୍କୃତି କାଶତଣ୍ଡି ମଧ୍ୟରେ ରହିଛି ଅନେକ ନିବିଡ଼ତା। ରେଖା ପଞ୍ଚମୀରେ କାଶତଣ୍ଡି ଗୁଚ୍ଛକୁ ଘର କବାଟରେ ବାନ୍ଧି ପୂଜା କରାଯାଏ। ଶାରଦୀୟ ଦୁର୍ଗା ପୂଜାର ପ୍ରତିକ୍ ହୋଇ ରହିଥାଏ କାଶତଣ୍ଡି। ପାର୍ବଣ ଋତୁର ବନ୍ଦନା ଗାଇବା ପାଇଁ ସତେ ଯେମିତି ଆନମନା ହୋଇଛି ପ୍ରକୃତି ରାଣୀ।

## ଦଶହରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୂଜା କମିଟିର ଶାନ୍ତି ବୈଠକ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧୀନରେ ଚଳିତ ବର୍ଷ ୧୧ ଗୋଟି ପୂଜା ଅନୁଷ୍ଠାନ ଦଶହରା ଆୟୋଜନ କରିଛନ୍ତି। ଚଳିତ ବର୍ଷ କିଭଳି ଶାନ୍ତିଶୃଙ୍ଖଳାରେ ପୂଜା ଅନୁଷ୍ଠିତ ହେବା ଶହ ରାବଣ ପୋଡି ଓ ଭସାଣି ଶାନ୍ତିଶୃଙ୍ଖଳାରେ କରାଯିବ ସେ ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକଙ୍କ ତତ୍ୱାବଧାନରେ ନିଆଳି ବଜାରରେ ଥିବା ଏକ ଘରୋଇ ମଣ୍ଡପରେ ୧୧ ଗୋଟି ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କୁ ନେଇ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଳାଶୁଣୀ ବଙ୍ଗାଳି ସାହିର ଦୁର୍ଗା କମିଟି ହରପାର୍ବତୀ କମିଟି, ନିଆଳି ହାଟ, ତାଂପଦା, କପାସି, ପହଂଗା, ବାଲିସାହି, ବିନିଶପୁର, ଦିଗୀ, ବରିଷଣ କମିଟିର କର୍ମକର୍ତ୍ତାଙ୍କ ଶହ ଆଲୋଚନା କରାଯାଇଥିଲା। ଆସନ୍ତା ୨ ତାରିଖରେ ପହଙ୍ଗା ଓ ବିଳାଶୁଣୀରେ ରାବଣ ପୋଡି କରାଯିବା ବେଳେ ଆସନ୍ତା ୩ ତାରିଖରେ ଭସାଣି କରାଯିବ। ମଦ, ଡିଜେ ଓ ବାଣ ପ୍ରତି କର୍ମକର୍ତାମାନେ ଧ୍ୟାନ ଦେବାକୁ ଆଲୋଚନା ହୋଇଥିଲା। ଏହି ବୈଠକରେ ଏସଆଇ ଜଗନ୍ନାଥ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ଏଏସଆଇ ରାଜୀବ ଲୋଚନ ଦାଶ, ରଂଜିତା ସିଂ ସହିତ ଅନ୍ୟ ପୋଲିସ ମାନେ ଉପସ୍ଥିତ ରହିଥିଲେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର
### ମୋଟ୍ ୬୯ ଅଭିଯୋଗ ଆଗତ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମାସର ତୃତୀୟ ସୋମବାର ଦିନ ମୟୁରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ପାଇଁ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗର ଶୁଣାଣି ପାଇଁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲାର ଏସ୍‌ପି ବରୁଣ ଘୁଣ୍ଟୁପାଲିଙ୍କ ଅନୁପସ୍ଥିତିରେ ଏଡିଏମ୍ ଈଶ୍ୱର ଚନ୍ଦ୍ର ନାଏକ ଓ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ମୋଟ ୬୯ ଗୋଟି ଅଭିଯୋଗ ଆଗତ ହୋଇଥିଲା ସେଥିରୁ ୪୭ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୨ଟି ଗ୍ରାମାଞ୍ଚଳର ଗୋଷ୍ଠୀଗତ ଥିଲା। ଆଜି ଅଭିଯୋଗ ଶୁଣାଣୀରେ ଭତ୍ତା, ରାସ୍ତା, ଡ୍ରେନ ନିର୍ମାଣ ସ୍କୁଲ ମରାମତି ଅଭିଯୋଗ ଆସିଥିଲା। ଉପଖଣ୍ଡ ଚିକିତ୍ସାଳୟର ଆମ ଶୌଚାଳୟକୁ କାର୍ଯ୍ୟରେ ଲଗାଇବା, କାଳ ବୈଶାଖୀରେ ଛପର ଉଡ଼ିଥିବା ସରଧା ଗ୍ରାମର ପ୍ରାଥମିକ ବିଦ୍ୟାଳୟର ମରାମତି କରିବା ଓ ମରଣଯନ୍ତା ସାଜିଥିବା ସରଧା ରାସ୍ତା ମରାମତି ନିମନ୍ତେ ପାଞ୍ଚପିଢ଼ ପ୍ରଗତିମଞ୍ଚର ସଂପାଦକ ଆଇନଜୀବୀ ଦିବ୍ୟ ପ୍ରସାଦ ସାହୁ, କର୍ଣ୍ଣା ଜୁନ ସାହା, କବିତା ମହାନ୍ତ ଓ ଜଗମୋହନ ମାହାନ୍ତ ଏଡ଼ିଏମ୍‌ଙ୍କ ପାଖରେ ଦାବି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଏଡ଼ିଏମ୍‌ଙ୍କ ସହିତ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏଆଇଟିଡିଏ ଚିତ୍ତ ରଂଜନ ମହାନ୍ତ ଉପଖଣ୍ଡ ପୋଲିସ ଅଧିକାରୀ ନବ କ୍ରିଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ନଗେନ୍ଦ୍ର ନାଥ ମହାପାତ୍ର, କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ଆର୍‌ଡବ୍ଲୁ ଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓ ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, କେନାଲ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଭଗବାନ ନାଏକ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓଏ ରାଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କ, ସହ କାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ, କରଞ୍ଜିଆ ତହସିଲଦାର ଦିବାକର ମାଝୀ, ପାଞ୍ଚ ବ୍ଲକର ବିଡିଓ, ତହସିଲଦାର, ଉଠା ଜଳସେଚନ ବିଭାଗର ଏସଇ ବିକ୍ରମାଦିତ୍ୟ ପାଣିଗ୍ରାହୀ ତଥା ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ମଞ୍ଜୁ ଦାସ ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

## କଫି ବଗିଚା ପରିଦର୍ଶନ କଲେ ଜଳ ବିଭାଜିକା ନିର୍ଦ୍ଦେଶକ



କେନ୍ଦୁଝର( ଭାସ୍କର ନ୍ୟୁଜ୍ ): ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦିନିକିଆ କେନ୍ଦୁଝର ଗସ୍ତରେ ଆସି ବିଭାଗ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ପ୍ରତି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଥମେ ଘଟଗାଁ ବ୍ଲକ ଗସ୍ତରେ ଯାଇ ପିଙ୍ଗିଳିଆ ଠାରେ କରାଯାଇଥିବା କାଜୁ ବଗିଚା ପରିଦର୍ଶନ କରିଥିଲେ । ୧୦ ହେକ୍ଟର ଜମିରେ ଲାଗିଥିବା କାଜୁ ଗଛ ସଠିକ୍ ରୂପେ ତଦାରଖ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରି ସଠିକ୍ ଭାବେ ରକ୍ଷଣାବେକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ଘଟଗାଁ ବ୍ଲକ ରୁଟିଙ୍ଗିଳା ଗ୍ରାମରେ ଓମ୍ଫାଡସି ଅନୁଦାନରେ କରାଯାଇଥିବା କ୍ଷେତ ପୋଖରୀ ବୁଲି ଦେଖିଥିଲେ। ଏହାପରେ ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ଅନ୍ତର୍ଗତ ତଳ ବୈତରଣୀ ଗ୍ରାମରେ ହୋଇଥିବା କଫି ନର୍ସରୀ ବୁଲି ଦେଖିବା ସହ ପଦ୍ମଶ୍ରୀ ଦୈତାରୀ ନାଏକ ଙ୍କ ସହ ଆଲୋଚନା କରିଥିଲେ। ତତପରେ ତରମାକାନ୍ତ ଗ୍ରାମ ପଂଚାୟତ ଜଳଡିହା ଗ୍ରାମରେ ୮ହେକ୍ଟର ଜମିରେ କରାଯାଇଥିବା କଫି ବଗିଚାକୁ ବୁଲି ଦେଖିବା ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରି କଫି ଚାଷ କରି ପରିବେଶ ସୁରକ୍ଷା ସହ ଲାଭବାନ ହୋଇପାରିବେ ବୋଲି କହିଥିଲେ। ଜଳଡିହା ଗ୍ରାମରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରିଥିଲେ। ବାଂଶପାଳ ବ୍ଲକର ପାହାଡିଆ ଅଂଚଳ ସମୁଦ୍ର ପତନ ଠାରୁ ୬୦୦ମିଟର ଉଚ୍ଚତାରେ ଥିବାରୁ କଫି ଚାଷ ପାଇଁ ଅନୁକୂଳ। ଥଣ୍ଡା ଜଳବାୟୁ ସହିତ ଭଲ ବର୍ଷା କଫି ଚାଷକୁ ସୁହାଇବ । ବାଂଶପାଳ ବ୍ଲକର ଥଣ୍ଡା ଜଳବାୟୁ ସହିତ ସର୍ବାଧିକ ବର୍ଷା ଏହି ଅଂଚଳରେ ହେଉଥିବାରୁ ଆସନ୍ତା ବର୍ଷ ଅଧିକ ଅଞ୍ଚଳରେ କଫି ଚାଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଶ୍ୱସ୍ତରରେ କଫିର ଚାହିଦା ରହୁଥିବାରୁ ବାଂଶପାଳରେ ଜୈବିକ ପଦ୍ଧତିରେ କଫି ଚାଷ କରି ସ୍ଥାନୀୟ ଆଦିବାସୀଙ୍କୁ କର୍ମନିଯୁକ୍ତି ସୃଷ୍ଟି କରାଯାଇ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି କରାଯାଇପାରିବ ବୋଲି କହିଥିଲେ। ଏହାପରେ ଚମ୍ପୁଆ ବ୍ଲକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରେ ପୋଖରୀ, ନିର୍ମିତ ଟ୍ରେଞ୍ଚ ଏବଂ ପ୍ୟାଚ୍ ଟ୍ରିଟମେଂଟ ବୁଲି ଦେଖିଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବନମାଳୀ ପାତ୍ର, ପ୍ରଦୀପ କୁମାର ରାଉତ ପ୍ରମୁଖ ଗସ୍ତ ଓ ସମୀକ୍ଷା ସମୟରେ ଉପସ୍ଥିତ ଥିଲେ।

## ବେଆଇନ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ, ଜଣେ ମହିଳା ମୃତ

ମୟୁରଭଞ୍ଜ(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ବଡ଼ସାହି ଥାନା ଅଧୀନ ଭୀମଦା ଉପକଣ୍ଠ ଭଞ୍ଜଡ଼ିହି ଗ୍ରାମରେ ବେଆଇନ ବାଣ ତିଆରି କାରଖାନା ରେ ଭୟଙ୍କର ବିସ୍ଫୋରଣ ଘଟି ଜଣେ ମହିଳା ଜଳି ଯାଇଛନ୍ତି ।ତାଙ୍କୁ ବାଲେଶ୍ୱର ରୁ ଭୁବନେଶ୍ୱର ହସ୍ପିଟାଲ ନିଆଯାଇଛି। ଗୁରୁତ୍ୱର ମହିଳା ଜଣକ କୁଞ୍ଜଲତା ମଣ୍ଡଳ। ବାଣ ତିଆରି ରେ ବ୍ୟବହାର ହେଉଥିବା ସାମଗ୍ରୀ ଗୁଡ଼ିକୁ ଘର ଲୋ ଲୋକମାନେ ନଦୀ କୁ ଫିଙ୍ଗି ଦେଇଥିଲେ। ଏହାକୁ ପୋଲିସ ଓ ସାଇଣ୍ଟିଫିକ ଟିମ ମିସି ଖଜି ବାହାର କରିଛନ୍ତି ଓ ସିଜ କରିଛନ୍ତି।



## ୧୭ରୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ
### ସମସ୍ତ ବର୍ଗର ମହିଳାଙ୍କ ହେବ ସ୍ୱାସ୍ଥ୍ୟ ପରୀକ୍ଷା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନଙ୍କ ଅଧକ୍ଷତାରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ସେପ୍ଟେମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ଲକ୍ଷ୍ୟ ସମସ୍ତ ମହିଳା ଏବଂ ୧୮ବର୍ଷ ପର୍ଯ୍ୟନ୍ତ କନ୍ୟା, ଶିଶୁ ମାନଙ୍କୁ ବିଭିନ୍ନ ବୟସ ଭିତ୍ତିରେ ଟୀକା ପ୍ରଦାନ କରାଯିବ। ୩୦ବର୍ଷ ଓ ତଦୁର୍ଦ୍ଧ ବୟସର ମହିଳାଙ୍କ ଉଚ୍ଚ ରକ୍ତଚାପ, ମଧୁମେହ ରୋଗ, ମୁଖ ଗହ୍ୱରର କର୍କଟ, ସ୍ତନ କର୍କଟ, ରକ୍ତହୀନତା, ସିକିଲ ସେଲ, ଆନିମିଆ ଏବଂ ଥାଲେସେମିଆ ଚିହ୍ନଟ ଓ ସେବା ଯୋଗାଇବା। ଏହି ଅଭିଯାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଗଣ ସହାୟକ ବିଭାଗ ଯଥା -ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବେସରକାରୀ ଚିକିତ୍ସାଳୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଦି ସାମିଲ ହେବେ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଯେତେ ମହିଳା ଅଛନ୍ତି ସମସ୍ତଙ୍କୁ ଏହି ଅଭିଯାନ ରେ ସାମିଲ କରାଯାଇ ଚିକିତ୍ସା ପ୍ରଦାନ କରାଯିବ। ସତ ପ୍ରତିଶତ ସଫଳତା ହାସଲ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦିନ କେଉଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେତେ ମହିଳାଙ୍କୁ ସେବା ଯୋଗାଇଦିଆଗଲା ତାହାର ସମସ୍ତ ତଥ୍ୟ ଡାଟା ବେଶ ପ୍ରସ୍ତୁତ କରିବେ। ଏହି ସେବା ସମ୍ପର୍କରେ ଜନ ସଚେତନତା ନିମନ୍ତେ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା, ପ୍ରାଚୀର ପତ୍ର ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ସିଡିପିଓ ଲୋଚନ ସେଠୀ ସମେତ ବିଭିନ୍ନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତର୍ଜାତୀୟ ସ୍ତରରେ ଚାରୁସ୍ ଡ୍ୟାନ୍ସ ଏକାଡେମୀର ସଫଳତା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଚଳିତମାସ ୧୩ ତାରିଖ ଓ ୧୪ ତାରିଖ ଶ୍ରୀକ୍ଷେତ୍ର ପୁରୀଧାମ ଠାରେ ଦୁଇଦିନ ଧରି କଲଚରାଲ ଡେଭେଲପମେଣ୍ଟ ଫାଉଂଣ୍ଡେସନ, ଓଡିଶା ତରଫରୁ ଅର୍ଣ୍ଣପୂର୍ଣ୍ଣା ଥିଏଟର ଠାରେ ଏକ ଅନ୍ତର୍ଜାତୀୟ ସ୍ତରର ନୃତ୍ୟ ପ୍ରତିଯୋଗିତା ଇଣ୍ଟେରନ୍ୟାସନାଲ ମେଗା ଡାନ୍ସ ଫେଷ୍ଟିଭାଲ ଆଣ୍ଡ କମ୍ପିଟିସନ‘ନବରନ୍’ ଅନୁଷ୍ଠିତ ହୋଇଥିଲା ।ଯେଉଁ ଠାରେ ଗୁରୁ ସୁଜାତା ମାଡାମ ଓ ଗୁରୁ ପୁପି ସାର ପ୍ରମୁଖ ବିଚାରକ ରୂପରେ ମଞ୍ଚାସିନ ଥିଲେ ।ଦେଶର ବିଭିନ୍ନ କୋଣ ଅନୁକୋଣରୁ ଅନେକ ନୃତ୍ୟଶିଳ୍ପୀ ମାନେଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ ଯେଉଁଥିରେ ମୟୁରଭଞ୍ଜ କରଞ୍ଜିଆ ଅଞ୍ଚଳର ନୃତ୍ୟ ଶିକ୍ଷା ଅନୁଷ୍ଠାନ ଚାରୁସ୍ ଡ୍ୟାନ୍ସ ଏକାଡେମୀ ର ଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ, ପ୍ରତିଯୋଗିତାରେ ବରିଷ୍ଠ ବର୍ଗର ଯୁଗଳ ନୃତ୍ୟ ବିଭାଗରେ ଚାରୁସ୍ ଡ୍ୟାନ୍ସ ଏକାଡେମୀର ପିଲାମାନେ ବିଜୟୀ ହୋଇ ସଫଳତା ହାସଲ କରିଛନ୍ତି ତା ସହିତ ଅନ୍ୟ ପ୍ରତିଯୋଗୀ ଙ୍କୁ ସାମ୍ମନ ପତ୍ର, ମେଡାଲ, ଉପଢ଼ୌକନ ଦିଆଯାଇ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ,ଚାରୁସ୍ ଡ୍ୟାନ୍ସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ପତିଙ୍କୁ ମଧ୍ୟ ତାଙ୍କ ପାରଦର୍ଶିତା ଓ ନୃତ୍ୟ କ୍ଷେତ୍ରରେ ଅବଦାନ ପାଇଁ କଲଚରାଲ ଡେଭେଲପମେଣ୍ଟ ଫାଉଣ୍ଡେସନ ତରଫ ରୁ ସମ୍ମାନ ପତ୍ର ଏବଂ ବିଶେଷ ଉପହାର ସହିତ ‘ସମ୍ମାନୀତ ଗୁରୁ’ ରୂପେ ସମ୍ମାନିତ କରାଯାଇଛି ।

## ଗଡ଼କୁଜଙ୍ଗ ଓ ପଲ୍ଲୀକଣ୍ଠା ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ଅନିୟମିତତା

ଏରସମା, (ଭାସ୍କର ନ୍ୟୁଜ) :ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅର୍ନ୍ତଗତ ଗଡ଼କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହୋଇଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁଇ ମହଲା ବିଶିଷ୍ଟ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ୩୫ଲକ୍ଷ ଟଙ୍କାର ଅର୍ଥ ରାଶୀ ବ୍ୟୟ ବରାଦ କରାଯାଇଥିବା ଜଣାପଡିଛି। ତେବେ ଠିକାଦାର ଓ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକରେ ୧୦ରୁ ୧୨ଝୁଡ଼ି ବାଲି ସହିତ ସିମେଣ୍ଟ ୧ଝୁଡି ଭାଗରେ ଏହି ଗୃହ ନିର୍ମାଣ କରାଯାଇଥିବା ବେଳେ ନିମ୍ନମାନର ଗୋଡି, ବାଲି, ରଡ, ସିମେଣ୍ଟରେ ଛାତ ପକାଯାଇଥିବା ଅଭିଯୋଗ ହୋଇଛି। ସେହିପରି ପଲ୍ଲୀକଣ୍ଠା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହୋଇଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁଇ ମହଲା ବିଶିଷ୍ଟ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ୩୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଜଣାପଡିଛି। ଯଦି ଏହି ଦୁଇଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ନିର୍ମାଣକୁ ଭିଜିଲାନ୍ସ ତଦନ୍ତ କରାଯିବ ତାହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସଲ ମୁଖା ଖୋଲିବ ବୋଲି ସାଧାରଣରେ ଜୋରଦାର ଚର୍ଚ୍ଚା ହେଉଛି ।ଏହି ଦୁଇ ଗୋଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲାପାଳ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରିବା ସହିତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣକୁ ତଦନ୍ତ କରି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଜନ ସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।



## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବେତନଟୀ ମଣ୍ଡଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା


ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ଥାନା ଅଧୀନ ବେତନଟୀ ସ୍ଥିତ ବଙ୍ଗଳାଛକ ସତସଙ୍ଗବିହାର ଠାରେ ଦିନିକିଆ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବେତନଟୀ ମଣ୍ଡଳ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶତାଧିକ ଛାତ୍ରଛାତ୍ରୀ, ପୁରୁଷ ଏବଂ ମହିଳା ପୁଷ୍ପବୃଷ୍ଟି କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ବ୍ୟବସ୍ଥାକୁ ଦେଖି କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତପ୍ରଧାନ ସନ୍ତୋଷ ବ୍ୟକ୍ତ କରି ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କୁ ପାଖକୁ ଡାକି ଉତ୍ତରୀୟ ଦେଇ ଧନ୍ୟବାଦ ଅର୍ପଣ କରିଥଲେ। ଏହି ଅବସରରେ ମାନ୍ୟବର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ବଡସାହି ବିଧାୟକ ସନାତନ ବିଜୁଳି, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଙ୍କ ସମେତ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ମୟୁରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ପ୍ରମୁଖ ମଧ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଦିବାସୀ ନୃତ୍ୟ, ଧୁମସା ଓ ମାଦଳ ତାଳେ ତାଳେ ନେଇ ମନ୍ତ୍ରୀ ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ମିଳିତ ଜନଶୁଣାଣି ଶିବିରରେ ୧୪୧ ଅଭିଯୋଗ

ଭଣ୍ଡାରିପୋଖରୀ ( ଭାସ୍କର ନ୍ୟୁଜ୍ ): ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ୧୪୦ ଅଭିଯୋଗର ଶୁଣାଣୀ ହୋଇଛି। ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତି, ଅତିରିକ୍ତ ଜିଲ୍ଲା ପୁଲିସ ଅଧିକ୍ଷକ ଅରୂପ ରାଉତରାୟ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ କନକଲତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ତୃପ୍ତିମୟୀ ପାତ୍ର ପ୍ରମୁଖ ଅଭିଯୋଗଗୁଡିକର ଶୁଣାଣୀ କରିଥିଲେ। ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବଦଳିକୁ ନେଇ ବହୁ ଅଭିଯୋଗ ହୋଇଥିଲା। ସେହିପରି ବି.ଏଲ.ଏମ. ଗୁଡିକର କାର୍ଯ୍ୟକାରିଣୀ ପରିବର୍ତ୍ତନକୁ ବିରୋଧ କରି ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ଅଭିଯୋଗ କରିଥିଲେ। ବର୍ଦ୍ଧିତ ଭତ୍ତା ମିଳୁନଥିବା, ଜଳନିଷ୍କାସନ ସମସ୍ୟାର ନିରାକରଣ, ସାର ଅଭାବ ଜନିତ ଅଭିଯୋଗ ହୋଇଥିଲା। ରାଜପଥରେ ଗୁମୁଟି ଦୋକାନ ଦ୍ୱାରା ଅବରୋଧ ସମସ୍ୟା, ମାଳଦା ସେବା ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି ଅନୁମୋଦନ ପାଇଁ ଜିଲ୍ଲା ସମବାୟ ଉପ ନିବନ୍ଧକଙ୍କୁ ନିର୍ଦ୍ଦେଶ ପାଇଁ ଜିଲ୍ଲାପାଳଙ୍କୁ ଆବେଦନ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ ସମସ୍ୟା, ରାସନ କାର୍ଡ ସମସ୍ୟା, ମୋବାରକପୁର ଉଚ୍ଚ ବିଦ୍ୟାଳୟର କିରାଣୀ ଓ ପିଅନଙ୍କ ବିରୋଧରେ ଅନିୟମିତା ଅଭିଯୋଗ ହୋଇଥିଲା। ମେଡିକାଲ ଛକରେ ବେଆଇନ ମଦ ବିକ୍ରୟ ଅଭିଯୋଗ ହୋଇଥିଲା।

## ରାଶିଫଳ


ବୁଧବାର, ୧୭ ସେପ୍ଟେମ୍ବର ୨୦୨୫



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ। ଖୁସି ହେବେ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୈାଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଳାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।




**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ।




**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ । ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ। ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହୋଇପାରେ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ। ଲୋକଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ’ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନୀତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ ।ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ।



କୁମ୍ଭ: ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



ମୀନ: ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ।



ଷ୍ଟାରେଜ୍ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଦୁବାଇ : ଏସିଆ କପରେ ରବିବାର ଖେଳାଯାଇଥିବା ମ୍ୟାଚରେ ଟିମ୍ ଇଣ୍ଡିଆ ଖେଳାଳିମାନେ ହାତ ନ ମିଳାଇବା ଘଟଣା ପରେ, ପାକିସ୍ତାନ ଅପମାନିତ ମନେ କରୁଛି । କିନ୍ତୁ ଏଥିପାଇଁ ଭାରତ ବଦଳରେ ମ୍ୟାଚ ରେଫରିଙ୍କୁ ଦାୟୀ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ଏ ନେଇ ପିସିବି ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରେ ଅଭିଯୋଗ କରି ମ୍ୟାଚ ରେଫରିଙ୍କୁ ହଟାଇବାକୁ ଦାବି କରାଯାଇଛି। ରବିବାର ଭାରତ-ପାକିସ୍ତାନ ମ୍ୟାଚର ଟସ ପଡ଼ିବା ସମୟରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନୀ ଅଧିନାୟକ ସଲମାନ ଆଗାଙ୍କ ସହ ହାତ ମିଳାଇନଥିଲେ। ଏପରିକି ମ୍ୟାଚ ପରେ ବି ଖେଳାଳିମାନେ ହାତ ମିଳାଇନଥିଲେ। ରବିବାର ଭାରତ-ପାକିସ୍ତାନ ମ୍ୟାଚର ଟସ ପଡ଼ିବା ସମୟରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନୀ ଅଧିନାୟକ ସଲମାନ ଆଗାଙ୍କ ସହ ହାତ ମିଳାଇନଥିଲେ। ଏପରିକି ମ୍ୟାଚ ପରେ ବି ଖେଳାଳିମାନେ ହାତ ମିଳାଇନଥିଲେ। ଏଥିରେ ଖପ୍ପା ହୋଇ ପିସିବି ଆଇସିସି ନିକଟରେ ଆବେଦନ କରିଛି ଏବଂ ଭାରତ-ପାକିସ୍ତାନ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପରୁ ହଟାଇବା ପାଇଁ ଦାବି କରିଛି। ପାକିସ୍ତାନ ଆଇସିସିକୁ ତୁରନ୍ତ ପ୍ରଭାବରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛି। ପିସିବି ମନେ କରୁଛି ଯେ ମ୍ୟାଚ ରେଫରି ଭାରତୀୟ ଖେଳାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଏଥିପାଇଁ ତାଙ୍କୁ ହଟାଯିବା ଦରକାର।

# ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନନ୍ଦକୁମାର ଭେଲକୁମାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆନନ୍ଦକୁମାର 'ସ୍ପିଡ ସ୍କେଟିଙ୍ଗ ବିଶ୍ୱ ଚାମ୍ପିଅନସିପ ୨୦୨୫'ର ସିନିଅର ପୁରୁଷ ୧୦୦୦ ମିଟର ସ୍ପ୍ରିଣ୍ଟ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, 'ତାଙ୍କର ଧୈର୍ଯ୍ୟ, ଗତି ଏବଂ ଉତ୍ସାହ ତାଙ୍କୁ ଭାରତର ପ୍ରଥମ ବିଶ୍ୱ ସ୍କେଟିଙ୍ଗ ଚାମ୍ପିଅନ କରିଛି । ତାଙ୍କର ଏହି ସଫଳତା ଅଗଣିତ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ। ଏକ୍ସର ଏକ ପୋଷ୍ଟରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ କହିଛନ୍ତି; ସ୍ପିଡ ସ୍କେଟିଙ୍ଗ ବିଶ୍ୱ ଚାମ୍ପିଅନସିପ ୨୦୨୫ର ସିନିଅର ପୁରୁଷ ୧୦୦୦ ମିଟର ସ୍ପ୍ରିଣ୍ଟ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଆନନ୍ଦକୁମାର ଭେଲକୁମାରଙ୍କ ପାଇଁ ଗର୍ବିତ । ତାଙ୍କର ଧୈର୍ଯ୍ୟ, ଗତି ଏବଂ ଉତ୍ସାହ ତାଙ୍କୁ ଭାରତର ପ୍ରଥମ ବିଶ୍ୱ ସ୍କେଟିଙ୍ଗ ଚାମ୍ପିଅନ କରିଛି । ତାଙ୍କର ଏହି ସଫଳତା ଅଗଣିତ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ । ତାଙ୍କୁ ବହୁତ ଅଭିନନ୍ଦନ ଏବଂ ଭବିଷ୍ୟତର ସଫଳତା ପାଇଁ ଶୁଭକାମନା। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୈଶାଳୀ ରମେଶ ବାବୁଙ୍କୁ 'ଫିଡେ ଓ୍ୱିମେନ୍ସ ଗ୍ରାଣ୍ଡ ସ୍ୱିସ୍ ୨୦୨୫'ର ବିଜୟୀ ହୋଇଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, 'ତାଙ୍କର ଉତ୍ସାହ ଏବଂ ସମର୍ପଣ ଭାବନା ଉଦାହରଣ ଯୋଗ୍ୟ । ଭବିଷ୍ୟତର ସଫଳତା ପାଇଁ ତାଙ୍କୁ ବହୁତ ଶୁଭକାମନା।' ସୋସିଆଲ ମିଡିଆ ଏକ୍ସର ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଅସାଧାରଣ ଉପଲବ୍ଧି । ବୈଶାଳୀ ରମେଶବାବୁଙ୍କୁ ଅଭିନନ୍ଦନ। ତାଙ୍କର ଉତ୍ସାହ ଏବଂ ସମର୍ପଣ ଭାବନା ଉଦାହରଣଯୋଗ୍ୟ। ଭବିଷ୍ୟତର ସଫଳତା ପାଇଁ ତାଙ୍କୁ ବହୁତ ଶୁଭକାମନା।



## ସ୍ପିଡ୍ ସ୍କେଟିଂ ଚାମ୍ପିଅନ୍‌ସିପ୍

# ଆନନ୍ଦ ଭି କୁମାର ଏବଂ କ୍ରିଷ୍ ଶର୍ମାଙ୍କୁ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ: ଆନନ୍ଦ ଭି କୁମାର ଏବଂ କ୍ରିଷ ଶର୍ମା ଉଭୟ ସିନିୟର ଏବଂ ଜୁନିୟର ବିଭାଗରେ ବିଶ୍ୱ ସ୍ପିଡ୍ ସ୍କେଟିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦ ହାସଲ କରିଛନ୍ତି। ଏହା ଦେଶ ପାଇଁ ଗୌରବର ମୁହୂର୍ତ୍ତ। ଉଭୟ ଚାଇନାରେ ଆୟୋଜିତ ବିଶ୍ୱ ସ୍ପିଡ୍ ସ୍କେଟିଂ ଚାମ୍ପିଅନ୍‌ରେ ୧୦୦୦ ମିଟର ଟ୍ରାକ୍ ଦୌଡ଼ରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ଟୁଇଟ୍ ମାଧ୍ୟମରେ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





ଏହି ପରିପ୍ରେକ୍ଷିରେ ରୋଲର ସ୍କେଟିଂ ଫେଡେରେସନ ଅଫ୍ ଇଣ୍ଡିଆ (ଆର୍‌ଏସ୍‌ଏଫ୍‌ଆଇ) ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ୭୫ବର୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପାଦ ଥାପି ଥିବା ବେଳେ ଏବଂ ଆଗାମୀ ବର୍ଷଗୁଡ଼ିକରେ ଦେଶକୁ ଅଧିକ ଜୋରଦାର ନେତୃତ୍ୱ ଦେଉଥିବାରୁ ତାଙ୍କୁ ମଧ ଆମେ ଅଭିନନ୍ଦନ ଜ୍ଞାପନ କରୁଛୁ। ମୋଦିଜୀଙ୍କ କ୍ରୀଡ଼ା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଏବଂ ଧ୍ୟାନ ଦେଉଛନ୍ତି। ଏଥିସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ବସୁନ୍ଧରା ରାଜେ ସିନ୍ଧିଆ ଉଭୟ ଖେଳାଳୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପଠାଇବା ସହ ଏହା ସେମାନଙ୍କୁ ଉତ୍ସାହିତ କରିବ ଏବଂ ନୈତିକ ସାହସ ଯୋଗାଇବ ବୋଲି କହିଛନ୍ତି। ଏ ନେଇ ସୂଚନା ପ୍ରଦାନ କରିଛନ୍ତି ଆର୍‌ଏସ୍‌ଏଫ୍‌ଆଇର ସଭାପତି ତୁଳସୀରାମ ଅଗ୍ରୱାଲ।

# ଆପୋଲୋ ଟାୟାର୍ସ ଟିମ୍ ଇଣ୍ଡିଆର ନୂଆ ଜର୍ସି ସ୍ପନସର



ମୁମ୍ବାଇ : ଭାରତୀୟ କ୍ରିକେଟ ଦଳର ଜର୍ସି ସ୍ପନସର ଭାବେ ଆପୋଲୋ ଟାୟାର୍ସକୁ ୨୦୨୭ ପର୍ଯ୍ୟନ୍ତ ନିଯୁକ୍ତ କରାଯାଇଛି। ଡ୍ରିମ୍୧୧କୁ ବାଦ ଦେବା ପରେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏହି ନିଷ୍ପତ୍ତି ନେଇଛି। ଆପୋଲୋ ଟାୟାର୍ସ ପ୍ରତି ମ୍ୟାଚ ପାଇଁ ୪.୫ କୋଟି ଟଙ୍କା ଦେବ, ଯାହା ଡ୍ରିମ୍୧୧ର ୪ କୋଟି ଟଙ୍କାଠାରୁ ଅଧିକ। ଏହି ଚୁକ୍ତି ଆପୋଲୋକୁ ବିଶ୍ୱବ୍ୟାପୀ ଲୋକପ୍ରିୟତା ଦେବ ଓ ଭାରତୀୟ କ୍ରିକେଟରେ ଏକ ବଡ଼ ସ୍ପନସରଶିପ ଚୁକ୍ତି ଭାବେ ଗଣା ହେଉଛି। କୁହାଯାଇଛି ଯେ ଏହି ଚୁକ୍ତି ୫୭୯ କୋଟି ଟଙ୍କାରେ ନିଶ୍ଚିତ ହୋଇଛି, ଯାହା ଆଗାମୀ ଅଢ଼େଇ ବର୍ଷ ପାଇଁ ରହିବ। ଏହି ସମୟ ମଧ୍ୟରେ, ଭାରତୀୟ ଦଳ ୧୨୧ ଦ୍ୱିପାକ୍ଷିକ ମ୍ୟାଚ୍ ଏବଂ ବହୁ-ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ୨୧ ମ୍ୟାଚ୍ ଖେଳିବ। କିଛି ସପ୍ତାହ ପୂର୍ବରୁ, ଭାରତୀୟ ଦଳ 'ଡ୍ରିମ-୧୧' ଜର୍ସି ପିନ୍ଧି ଖେଳୁଥିଲା, କିନ୍ତୁ ଅନଲାଇନ୍ ଗେମିଂ ବିଲ୍ ପରେ, ଏହାକୁ ବାଦ ଦିଆଯାଇଥିଲା। ଏହା ପରେ ବିସିସିଆଇ ଏକ ନୂଆ ସ୍ପନସର ଖୋଜୁଥିଲା। ହରିଆଣାର ଗୁରୁଗ୍ରାମରୁ ପରିଚାଳିତ ଆପୋଲୋ ଟାୟର୍ସ ବିଶ୍ୱର ୧୦୦ ରୁ ଅଧିକ ଦେଶରେ ସକ୍ରିୟ ଅଛି। ଏହା କାନଭା ଏବଂ ଜେକେ ସିମେଣ୍ଟ୍ସ କମ୍ପାନୀଠାରୁ ପ୍ରତିଯୋଗିତାର ସମ୍ମୁଖୀନ ହୋଇଥିଲା, ଯେଉଁମାନେ ଯଥାକ୍ରମେ ୫୪୪ କୋଟି ଏବଂ ୪୭୭ କୋଟି ଟଙ୍କା ନିଲାମ ଡାକିଥିଲେ। ଚଳିତ ଏସିଆ କପରେ ପୁରୁଷ ଦଳ ଓ ଅଷ୍ଟ୍ରେଲିଆ ବିପକ୍ଷ ମହିଳା ଦଳର ତିନି ମ୍ୟାଚ ଦିନିକିଆ ସିରିଜରେ କୌଣସି ସ୍ପନସର ନାହାନ୍ତି। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ମହିଳା ବିଶ୍ୱକପରେ ମହିଳା ଦଳର ଜର୍ସିରେ ନୂଆ ସ୍ପନସର ଥାଇପାରେ କି ନାହିଁ, ତାହା ଅସ୍ପଷ୍ଟ। ପୁରୁଷ ଦଳ ଏସିଆ କପରେ ୟୁଏଇ ଓ ପାକିସ୍ତାନକୁ ହରାଇ ଦମଦାର ଆରମ୍ଭ କରିଛି ଓ ସେପ୍ଟେମ୍ବର ୧୯ରେ ଓମାନ ବିପକ୍ଷରେ ଖେଳିବ। ମହିଳା ଦଳ ମୁଲ୍ଲାନପୁରରେ ଅଷ୍ଟ୍ରେଲିଆଠାରୁ ପ୍ରଥମ ମ୍ୟାଚ ହାରିଛି ଓ ସେପ୍ଟେମ୍ବର ୧୭ରେ ଦ୍ୱିତୀୟ ମ୍ୟାଚରେ ଫେରିବାକୁ ଚେଷ୍ଟା କରିବ।

## ■ ହାତ ନ ମିଳାଇବା ଘଟଣା ■

# ପାକିସ୍ତାନ କଥା ଶୁଣିଲାନି ଆଇସିସି



ନୂଆଦିଲ୍ଲୀ: ଏସିଆ କପ୍‌ରେ ପାକିସ୍ତାନ ସହ ଭାରତ ହାତ ନମିଶାଇବା ଘଟଣା ନେଇ ପୁଣି ଦୁଇ ଦେଶ ମଧ୍ୟରେ ବିବାଦ ଘନେଇଛି। ଏସିଆ କପରୁ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ପାଇଁ ପାକିସ୍ତାନର ଦାବିକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରତ୍ୟାଖ୍ୟାନ କରିଛି। ପାକିସ୍ତାନ ଧମକ ଦେଇଥିଲା ଯେ ଯଦି ପାଇକ୍ରଫ୍ଟଙ୍କୁ ହଟା ନଯାଏ, ତେବେ ସେମାନେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବେ। ଆଇସିସି ଏହି ଘଟଣାର ତଦନ୍ତ କରିବା ପରେ ପିସିବିକୁ ନିଷ୍ପତ୍ତି ଜଣାଇଛି। ପ୍ରକାଶ ଥାଉ କି ଭାରତୀୟ ଦଳ ରବିବାର ଏସିଆ କପ୍ ମୁକାବିଲାରେ ପହଲଗାମ ଆକ୍ରମଣର ସାଙ୍କେତିକ ବିରୋଧ କରିବ ବୋଲି ପୂର୍ବରୁ ସୂଚନା ରହିଥିଲା। ଟସ୍ ବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନିଜ ପାକିସ୍ତାନୀ ପ୍ରତିପକ୍ଷ ସଲମାନ ଅଲୀ ଆଗାଙ୍କ ସହ ହାତ ନ ମିଳାଇ ଏବଂ ସୌଜନ୍ୟମୂଳକ କଥାବାର୍ତ୍ତା ନହୋଇ ଏହାର ଛୋଟିଆ ଝଲକ ଦେଇଥିଲେ। ଛକା ମାରି ଭାରତର ବିଜୟ ମୁଣ୍ଡି ମାରିବା ପରେ ସୂର୍ଯ୍ୟକୁମାର ଏବଂ ନନ୍‌ଷ୍ଟ୍ରାଇକର ଶିବମ ଦୁବେଙ୍କ ସହ ସିଧାସଳଖ ପ୍ୟାଭିଲିୟନ ଫେରିଥିଲେ। ପାକିସ୍ତାନୀ ଖେଳାଳିଙ୍କ ସହ ହାତମିଳାଇ ନଥିଲେ କିମ୍ବା କଥା ହୋଇ ନଥିଲେ। ଅନ୍ୟ ଭାରତୀୟ ଖେଳାଳିମାନେ ମଧ ପରମ୍ପରା ବିପରୀତ ଡ୍ରେସିଂ ରୁମ୍ ତଳକୁ ଆସି ପାକିସ୍ତାନ ଦଳକୁ ଭେଟି ନଥିଲେ କିମ୍ବା ହାତ ମିଳାଇ ନଥିଲେ। ବରଂ ସୂର୍ଯ୍ୟ ଓ ଶିବମ ପହଞ୍ଚିବା ପରେ କାଳେ କେଉଁ ପାକିସ୍ତାନୀ ଖେଳାଳି ନିଜ ତରଫରୁ ହାତମିଳାଇବାକୁ ଆସିଯିବେ, ସେଥିପାଇଁ ତୁରନ୍ତ ଡ୍ରେସିଂ ରୁମ୍‌ର ଦ୍ୱାର ବନ୍ଦ କରି ଦେଇଥିଲେ। ଏଭଳି ଦୃଶ୍ୟ ପାକିସ୍ତାନରେ ଝଡ଼ ସୃଷ୍ଟି କରିଛି। ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖତରଙ୍କ ସହ ପାକିସ୍ତାନର ବହୁ କ୍ରିକେଟ୍ ବିଶେଷଜ୍ଞ ଏଥିଲାଗି ଭାରତୀୟ ଖେଳାଳିଙ୍କୁ ତୀବ୍ର ସମାଲୋଚନା କରିଥିଲେ।


## ଆଇସିସି ଅନ୍ତର୍ଜାତୀୟ ଦିନିକିଆ ମହିଳା ବ୍ୟାଟର ତାଲିକ

# ମନ୍ଧାନା ପୁଣି ନମ୍ବର ୱାନ



ଦୁବାଇ: ଆଇସିସି ଅନ୍ତର୍ଜାତୀୟ ଦିନିକିଆ ମହିଳା ବ୍ୟାଟର ତାଲିକ ଘୋଷଣା କରିଛି। ତାଲିକାରେ ପୁନର୍ବାର ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି ଭାରତର ଟପ୍ ଅର୍ଡର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା। ମୁଲ୍ଲାନପୁରଠାରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚରେ ମନ୍ଧାନା ୬୩ ବଲ୍‌ରୁ ୫୮ରନ୍ ସଂଗ୍ରହ କରିଥିଲେ। ତେବେ ସେ ଭାରତକୁ ପରାଜୟରୁ ବଞ୍ଚାଇପାରି ନ ଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ବିଜୟ ଲାଭ କରି ସିରିଜ ୧-୦ରେ ଆଗୁଆ ରହିଛି। ସେପ୍ଟେମ୍ବର ୩୦ରୁ ମହିଳା କ୍ରିକେଟ ବିଶ୍ୱକପ୍ ଆରମ୍ଭ ହେବାକୁଥିବା ବେଳେ ନମ୍ବର-୧ ସ୍ଥାନ ମନ୍ଧନାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବ। ଅର୍ଦ୍ଧଶତକ ଯୋଗୁ ମନ୍ଧାନାଙ୍କୁ ୭ରେଟିଂ ପଏଣ୍ଟ ମିଳିଥିଲା। ଦ୍ୱିତୀୟ ସ୍ଥାନକୁ ଖସିଥିବା ଇଂଲଣ୍ଡ ଷ୍ଟଲଓ୍ୱାର୍ଟ ନାଟ୍ ସ୍କିଭର-ବ୍ରଷ୍ଟଙ୍କଠାରୁ ସେ ବର୍ତ୍ତମାନ ୪ ପଏଣ୍ଟ ଆଗରେ ରହିଛନ୍ତି। ମନ୍ଧାନା ୨୦୧୯ରେ ପ୍ରଥମେ ନମ୍ବର-୧ ର୍‌ୟାଙ୍କିଙ୍ଗ ହାସଲ କରିଥିଲେ। ୨୦୨୫ରେ ସେ ଦୁଇଥର ପ୍ରଥମ ସ୍ଥାନରେ ରହିପାରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ୬୪ରନ୍ ସ୍କୋର କରିଥିବା ଭାରତୀୟ ଓପନର ପ୍ରତୀକା ରାଓ୍ୱଲ ୪ ସ୍ଥାନ ଉପରକୁ ଉଠି ୪୨ତମ ସ୍ଥାନରେ ରହିଛନ୍ତି। ୫୪ରନ କରିଥିବା ଟପ୍ ଅର୍ଡର ବ୍ୟାଟର ହାର୍ଲିନ ଦେଓଲ ବର୍ତ୍ତମାନ ୪୩ତମ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆ ପାଇଁ ବାମହାତି ଷ୍ଟଲଓ୍ୱାର୍ଟ ବେଥ୍ ମୁନି ତାଙ୍କ ଅପରାଜିତ ୭୭ ରନ ପାଇଁ ୩ ସ୍ଥାନ ପଦୋନ୍ନତି ସହ ୫ମ ସ୍ଥାନ ଅଧିକାର କରିଥିବା ବେଳେ ଆନାବେଲ ସଦରଲାଣ୍ଡ (୪ ସ୍ଥାନ ପଦୋନ୍ନତି) ଓ ଫୋଏବ୍ ଲିଚ୍‌ଫିଲ୍ଡ (୧୩ ସ୍ଥାନ ପଦୋନ୍ନତି) ସେମାନଙ୍କ ଅର୍ଦ୍ଧଶତକ ପାଇଁ ମିଳିତ ଭାବେ ୨୫ମ ସ୍ଥାନରେ ଅଛନ୍ତି। ପେସର କିମ୍ ଗାରେଥ ଓ ସ୍ପିନର ଅଲାନା କିଙ୍ଗ୍ ପ୍ରତ୍ୟେକ ଗୋଟିଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ଅଛନ୍ତି। ମ୍ୟାଚରେ ଗୋଟିଏ ଉଇକେଟ ନେଇଥିବା ଭାରତୀୟ ସ୍ପିନର ସ୍ନେହ ରାଣା ୫ ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ସ୍ପିନର ସୋଫି ଏକ୍‌ଲେଷ୍ଟୋନ୍ ନମ୍ବର ୱାନ ର୍‌ୟାଙ୍କିଙ୍ଗ ବୋଲର ଭାବେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି।

# ୩୦ ଲିଟର ମା' କ୍ଷୀର ଦାନ କଲେ ଜ୍ୱାଲା ଗୁଟ୍ଟା



ନୂଆଦିଲ୍ଲୀ: ବ୍ୟାଡମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା, ଯିଏ ନିକଟରେ ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି, ସରକାରୀ ହସ୍ପିଟାଲକୁ ୩୦ ଲିଟର ମା' କ୍ଷୀର ଦାନ କରି ଶିଶୁ ସ୍ୱାସ୍ଥ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୋସିଆଲ ମିଡିଆରେ ସେ କହିଛନ୍ତି, ମା' କ୍ଷୀର ଜୀବନ ରକ୍ଷା କରେ। ଅକାଳ ଜନ୍ମ ଓ ଅସୁସ୍ଥ ଶିଶୁଙ୍କ ପାଇଁ ଦାନ କରା କ୍ଷୀର ଜୀବନ ବଦଳାଇ ଦେଇପାରେ। ସମୟ ପୂର୍ବରୁ ଜନ୍ମ, କମ ଓଜନ ବା ମା' କ୍ଷୀର ଉତ୍ପାଦନ କରିପାରୁ ନ ଥିବା ମାତାଙ୍କ ଶିଶୁଙ୍କ ପାଇଁ ଦାନ କରା କ୍ଷୀର ଆବଶ୍ୟକ। ସୁସ୍ଥ ସ୍ତନ୍ୟପାୟୀ ମାତା, ଯେଉଁମାନେ ନିଜ ଶିଶୁଙ୍କ ଆବଶ୍ୟକତା ଅତିରିକ୍ତ କ୍ଷୀର ଉତ୍ପାଦନ କରନ୍ତି, ସେମାନେ ମିଲ୍କ ବ୍ୟାଙ୍କରେ କ୍ଷୀର ଦାନ କରିପାରନ୍ତି। ଦିଲ୍ଲୀରେ ଲେଡି ହାର୍ଡିଙ୍ଗ, ଏମ୍ସ ଓ ସଫଦରଜଙ୍ଗ ହସ୍ପିଟାଲରେ ମିଲ୍କ ବ୍ୟାଙ୍କ ରହିଛି। ଦାତା ମାତାଙ୍କୁ ଏଚଆଇଭି, ହେପାଟାଇଟିସ, ସିଫିଲିସ ଓ ଆଚରଣଗତ ସମସ୍ୟା ପାଇଁ ସ୍କ୍ରିନିଂ କରାଯାଏ। ଯେଉଁମାନେ ମାଦକ ଦ୍ରବ୍ୟ, ତମାଖୁ, ଅତ୍ୟଧିକ ମଦ କିମ୍ବା କ୍ୟାଫେନ ସେବନ କରନ୍ତି ବା ଅଙ୍ଗ ପ୍ରତିରୋପଣ କିମ୍ବା ରକ୍ତ ସଞ୍ଚାରଣ ଗ୍ରହଣ କରିଛନ୍ତି, ସେମାନେ ଦାନ କରିପାରିବେ ନାହିଁ। କ୍ଷୀର ପାଶ୍ଚୁରାଇଜ କରାଯାଇ -୨୦° ସେଲସିୟସରେ ଡିପ ଫ୍ରିଜରରେ ସଂରକ୍ଷଣ କରାଯାଏ।

# ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ



ବାଲିମେଳା (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ବାଲିମେଳା ଉଚ୍ଚବିଦ୍ୟାଳୟାରେ ୧୨ ତମ ବିଦ୍ୟାଳୟ ସ୍ତରୀୟ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ବଳଭଦ୍ର ମାଝୀ, ସାଂସଦ, ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ସ୍ୱତନ୍ତ୍ର ସମ୍ମାନିତ ଅତିଥି ମଙ୍ଗୁ ଖିଲ, ବିଧାୟକ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ, ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ପାଣିଗ୍ରାହୀ ଜିଲ୍ଲା ଶିକ୍ଷାଧିକାରୀ, ମାଲକାନଗିରି, ମୁନା ତୁରୁକ ସହାୟକ ଜିଲ୍ଲାପାଳ, ମାଲକାନଗିରି, ଦେବୀପ୍ରସାଦ ଦୋରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦ, ରଶ୍ମି ବାଙ୍କା, ଉପାଧ୍ୟକ୍ଷା, ତୁଳମଣୀ ଛତି, କାଉନସିଲ୍ଲର, ବିଜ୍ଞାପିତ ଅଞ୍ଚଳ ପରିଷଦ ବାଲିମେଳା, ମଞ୍ଜୁଲତା ଭୋଇ, ଭାଗିରଥି ବେହେରା, ଅତିରିକ୍ତ ଶିକ୍ଷାଧିକାରୀ, ମାଲକାନଗିରି, ଅସିତ ମିସ୍ତ୍ରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରୁକୋଣ୍ଡା, ରବୀନ୍ଦ୍ର ନାଥ ଧର, ଗୋଷ୍ଠି ଶିକ୍ଷା ଅଧିକାରୀ, ମାଲକାନଗିରି, ସୁଶ୍ରୀ ଗାୟତ୍ରୀ ଦେବୀ ଗୋଷ୍ଠି ଶିକ୍ଷା ଅଧିକାରୀ, ଚିତ୍ରକୋଣ୍ଡା, ରବିରଶ୍ମି ଗୁରୁ ସଭାପତି ପ୍ରେସ୍ କ୍ଲବ ବାଲିମେଳା, ଦିଲୀପ କୁମାର ବେପାରୀ, ସଭାପତି, ପୂର୍ବତନ ଛାତ୍ର ସଙ୍ଘ, ଶରତ କୁମାର ରାଉତ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ମାଲକାନଗିରି, ଶିବ ଦତ୍ତ ସାହୁ, ଯୁଗ୍ମ ସମ୍ପାଦକ ଉତ୍କଳ ସାମ୍ବାଦିକ ସଙ୍ଘ ଉତ୍ସବରେ ଅଂଶଗ୍ରହଣ କରିଥିବାବେଳେ କାର୍ତ୍ତିକ ଚନ୍ଦ୍ର ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମାଲକାନଗିରି, ସୁଶୀଳା କୁମାରୀ ହିଆଲ, ପ୍ରଧାନ ଶିକ୍ଷୟିତ୍ରୀ, ବାଲିମେଳା ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବ ପରିଚାଳନା, ଏହି କ୍ରୀଡା ସମାରୋହରେ ମାଲକାନଗିରି ଜିଲ୍ଲାର ସମସ୍ତ ସାତଗୋଟି ଗୋଷ୍ଠି କେନ୍ଦ୍ରରୁ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଏହି କ୍ରୀଡା ସମାରୋହ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏହି ଉତ୍ସବରେ ଉଚ୍ଚ ବିଦ୍ୟାଳୟରେ ସମସ୍ତ ଶିକ୍ଷକ, କର୍ମଚାରୀ, ସମସ୍ତ ଗୋଷ୍ଠିରୁ ପ୍ରାୟ ଶତାଧିକ, ଶାରୀରିକ ଶିକ୍ଷକ, ଶିକ୍ଷୟିତ୍ରୀ, ଉପସ୍ଥିତ ଥିଲେ।

# ଆନ୍ତଃରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ୍ ପ୍ରତିଯୋଗିତା



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ୩୨ଟି ଟିମକୁ ନେଇ ଆରମ୍ଭର ସପ୍ତମ ଦିନ ପ୍ରଥମ ରାଉଣ୍ଡ ଖେଳ ମାରିଡା ଏଫ୍ ସି ବନାମ ଗୋଧିନାଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲ ଦେବା ଯୋଗୁଁ ଟାଇ ବ୍ରେକର ଜରିଆରେ ମାରିଡା ଏଫ୍ ସି ଦଳ ୫-୪ ଗୋଲରେ ବିଜୟ ଲାଭ କରି ତୃତୀୟ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ଖେଳ ତିରିଂ ଏଫ୍ ସି ବନାମ ଖୁଣ୍ଟାପଡା ମଧ୍ୟରେ ହୋଇଥିଲା । ଖୁଣ୍ଟାପଡା ୨-୦ ଗୋଲରେ ବିଜୟୀ ହୋଇ ମାରିଡା ଏଫ୍ ସି ସହିତ ଖେଳିଥିଲେ। ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇ ବ୍ରେକର ଜରିଆରେ ଖୁଣ୍ଟାପଡା ୫-୪ ଗୋଲ ରେ ବିଜୟୀ ହୋଇଥିଲେ। ଆଜି ଖେଳରେ ମୁଖ୍ୟ ଅତିଥି ଦେଓ ଜଳ ସେଚନ ସହକାରୀ ଯନ୍ତ୍ରୀ ମଧୁସୂଦନ ହେମ୍ବ୍ରମ, ସଂସଦର ଉପଦେଷ୍ଟା ଦୀପକ କୁମାର ଦାସ ଅଧିକାରୀ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ସଂସଦର ଉପ ସଭାପତି ଡା: ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ଅଭିମନ୍ୟୁ ତ୍ରିପାଠୀ, ମନମୋହନ ସାମଲ ଆଦି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ପରିଚାଳନା କରିଥିବା ରେଫେରୀ କଲ୍ୟାଣ କୁମାର ନାଏକ, ମନରଞ୍ଜନ ସେଠୀ, ବିଶ୍ୱନାଥ ଟୁଡୁଙ୍କ ସହିତ ଟୁଟୁ ମେହେର, ରତିକାନ୍ତ ବାରିକ, ସନ୍ତୋଷ ଦାସ ସହଯୋଗ କରିଥିଲେ। ଆସନ୍ତାକାଲି ପ୍ରଥମ କ୍ୱାର୍ଟର ଫାଇନାଲ ଓ ସେମି ଫାଇନାଲ ଖେଳ ଏକ୍ସଏଲ ୧୦୦ ବନାମ ପାଇଥନ ଏଫ୍‌ସି ଦ୍ୱିତୀୟ ରାଉଣ୍ଡରେ କଳାପଥର ବନାମ ଇଲେଭେନ ଷ୍ଟାର ମଧ୍ୟରେ ହେବାର ସଂସଦ ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି।

# ଓଡିଶା ପ୍ରୋ ଟି୨୦ ଲିଗ୍: ଜର୍ସି ଉନ୍ମୋଚିତ




କଟକ (ଭାସ୍କର ନ୍ୟୁଜ୍) : ସେପ୍ଟେମ୍ବର ୧୭ରେ ଖେଳାଯିବାକୁ ଥିବା ଉଦଘାଟନୀ ମ୍ୟାଚରେ ସୂର୍ଯ୍ୟକାନ୍ତ ପ୍ରଧାନ ନେତୃତ୍ୱରେ ଭୁବନେଶ୍ୱର ଟାଇଗର୍ସ ସ୍ୱସ୍ତିକ ସାମଲ ନେତୃତ୍ୱାଧୀନ କଟକ ପାନ୍ଥର୍ସକୁ ଭେଟିବ। କଟକର ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ୬ଟି ଟିମ ମଧ୍ୟରେ ଓଭରାଲ ୧୮ଟି ମ୍ୟାଚ ଖେଳାଯିବ। ସେପ୍ଟେମ୍ବର ୨୬ରେ ଫାଇନାଲ ମ୍ୟାଚ ଆୟୋଜିତ ହେବ । ଓଡିଶାରେ ଏହି ଲିଗ କ୍ରିକେଟକୁ ଏକ ନୂତନ ଦିଗ ପ୍ରଦାନ କରିବ ବୋଲି ଓସିଏ ସେକ୍ରେଟାରୀ ସଞ୍ଜୟ ବେହେରା କହିଛନ୍ତି । ବିଶେଷ କରି ଯୁବ ଖେଳାଳିଙ୍କ ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ହେବ ବୋଲି ସେ କହିଛନ୍ତି। ଘରୋଇ କ୍ରିକେଟରେ ଏହି ଲିଗ ଆଗାମୀ ଦିନରେ ଏକ ଲ୍ୟାଣ୍ଡମାର୍କ ସ୍ଥାପନ ହେବ ବୋଲି ସେ ଦୃଢ଼ତା ସହକାରେ କହିଛନ୍ତି । ଓସିଏ ଆରିଭା ସ୍ପୋର୍ଟ୍ସ ସହ ମିଶି ଏହି ଲିଗର ଆୟୋଜନ କରୁଛି । ଅଂଶଗ୍ରହଣ କରୁଥିବା ୬ଟି ଟିମର ନାମ ହେଲା, ଭୁବନେଶ୍ୱର ଟାଇଗର୍ସ, କଟକ ପାନ୍ଥର୍ସ, କେନ୍ଦୁଝର ମାଇନର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ଓ୍ୱାରିୟର୍ସ। ସୂଚନାଯୋଗ୍ୟ ଯେ, ଭାରତୀୟ କ୍ରିକେଟର ଦୁଇ ମହାନ ଖେଳାଳି ଦେବାଶୀଷ ମହାନ୍ତି ଓ ଇରଫାନ ପଠାନଙ୍କୁ ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ କରାଯାଇଛି । ଓଡିଶାର ଦେବାଶୀଷ ନିଜକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିଥିବା ବେଳେ ତାଙ୍କ ଉପସ୍ଥିତି ଯୁବ ଖେଳାଳିଙ୍କୁ ପ୍ରେରଣା ଯୋଗାଇବ । ସେହିପରି ପୂର୍ବତନ କ୍ରିକେଟର ସଞ୍ଜୟ ରାଉଳ ଓ ବିସିସିଆଇ ମ୍ୟାଚ ରେଫରୀ ଏହି ଲିଗରେ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇବେ। ଓଭରାଲ ୧୮ ମ୍ୟାଚ ଷ୍ଟାର ସ୍ପୋର୍ଟ୍ସ ଖେଳ ଓ ଷ୍ଟ୍ରିମିଙ୍ଗ ଲାଇଭ ଫ୍ୟାନକୋଡରେ ଅପରାହ୍ନ ୨ଟା ଓ ସନ୍ଧ୍ୟା ୭ଟାରେ ପ୍ରସାରିତ ହେବ। ଓଡିଶା ମହିଳା କ୍ରିକେଟ ଟିମକୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ ଖେଳାଯିବ । ଉଦଘାଟନୀ ଦିବସରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ରଫି ଉନ୍ମୋଚିତ କରିବେ । ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯିବ। ଚାମ୍ପିୟନ ଟିମକୁ ୫୦,୦୦,୦୦୦, ରନର୍ସଅପ ଟିମକୁ ୨୫,୦୦,୦୦୦ ଓ ପ୍ରତ୍ୟେକ ମ୍ୟାଚର ପ୍ଲେୟାର ଅଫ ଦି ମ୍ୟାଚକୁ ୧୦,୦୦୦, ପ୍ଲେୟାର ଅଫ ଦି ସିରିଜକୁ ୧୦୦୦୦୦ ଟଙ୍କା ପୁରସ୍କାର ରାଶି ବାବଦକୁ ଦିଆଯିବ । ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ପାଇଁ ୫୦,୦୦୦ ଲେଖାଏଁ ଟଙ୍କା ଏହି ବାବଦକୁ ରଖାଯାଇଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା ଓ ଆରିଭା ସ୍ପୋର୍ଟ୍ସର ମୁଖ୍ୟ ସଲମାନ ଖାଁ ଉପସ୍ଥିତ ଥିଲେ। ମଙ୍ଗଳବାର ଏହି ଲିଗରେ ଅଂଶଗ୍ରହଣ କରୁଥିବା ଟିମର ଖେଳାଳିଙ୍କ ଜର୍ସି ଉନ୍ମୋଚିତ ହୋଇଛି । ପୂର୍ବରୁ ଇରଫାନ ପଠାନ ଓ ଦେବାଶୀଷ ମହାନ୍ତିଙ୍କୁ ଏହି ଲିଗର ବ୍ରାଣ୍ଡ ଆମ୍ବାସଡର ଭାବେ ଘୋଷଣା କରାଯାଇଥିଲା । ଜର୍ସି ଉନ୍ମୋଚନ ବେଳେ ଇରଫାନଙ୍କ ସମେତ ୬ଟି ଟିମର ମାର୍କ୍ୟୁ ଖେଳାଳି ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ସୂର୍ଯ୍ୟକାନ୍ତ ପ୍ରଧାନ, ସ୍ୱସ୍ତିକ ସାମଲ, ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ ଓ ସନ୍ଦୀପ ପଟ୍ଟନାୟକଙ୍କୁ ମାର୍କ୍ୟୁ ଖେଳାଳି ଭାବେ ବଛାଯାଇଛି । ଏହି ଅବସରରେ ନରେନ୍ଦ୍ର ହୀରଓ୍ୱାନୀଙ୍କୁ କଟକ ପାନ୍ଥର୍ସ, ଶ୍ରୀତମ ଦାସଙ୍କୁ କେନ୍ଦୁଝର ମାଇନର୍ସ, ଏଲିନା ସାମନ୍ତରାୟଙ୍କୁ ଭୁବନେଶ୍ୱର ଟାଇଗର୍ସ, ସୁପ୍ରିୟା ନାୟକଙ୍କୁ ପୁରୀ ଟାଇଟାନ୍ସ, ଶୈଳେନ୍ଦ୍ର ସାମନ୍ତରାୟଙ୍କୁ ରାଉରକେଲା ଷ୍ଟିଲର୍ସ ଓ ଶୀତଲ ଦାସଙ୍କୁ ସମ୍ବଲପୁର ଓ୍ୱାରିୟର୍ସର ଆମ୍ବାସଡର ଭାବେ ଘୋଷଣା କରାଯାଇଥିଲା । ଓସିଏ ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ ବିକାଶ ପ୍ରଧାନ, ଜଂଏଟ ସେକ୍ରେଟାରୀ ପ୍ରଭାତ କୁମାର ଭୋଳ, ଆରିଭା ସ୍ପୋର୍ଟ୍ସର ନିର୍ଦ୍ଦେଶକ କ୍ଷିତିଜ ଗୁପ୍ତା ଓ ଇରଫାନ ପଠାନ ଉପସ୍ଥିତ ଥିଲେ । ଫାଓର ସମ୍ପାଦକ ଓ ଓଏଏର ଚେୟାରମ୍ୟାନ ଆଶୀର୍ବାଦ ବେହେରା ଓସିଏର ଏହି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଲିଗ ଆଗାମୀ ଦିନରେ ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ହେବ ବୋଲି ସେ କହିଥିଲେ ।

## ଏସିଆ କପ୍‌ର ନବମ ମ୍ୟାଚ୍

# ଦୃଢ଼ ସ୍ଥିତିରେ ବାଂଲାଦେଶ

ଆବୁଧାବି : ମଙ୍ଗଳବାର ଏସିପଆ କପ୍‌ର ନବମ ମ୍ୟାଚ୍ ବାଂଲାଦେଶ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ବାଂଲାଦେଶ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଚାଲିଛି। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଭଲ ଆରମ୍ଭ କରିଥିଲେ ମଧ୍ୟ ଦଳ ବଡ ସ୍କୋର କରି ପାରିନଥିଲା। ଦଳ ପକ୍ଷରୁ ସେଫ୍ ହସେନ୍ ୩୦, ତାନ୍‌ଜିଦ୍ ହାସନ ସର୍ବାଧିକ ୫୨ରନ୍ କରିଥିବା ବେଳେ ଅଧିନାୟକ ତଥା ୱିକେଟକିପର ନୁର ଅହମ୍ମଦ ୯, ତିହ୍ୱାଦି ହୃଦୟ ୨୬, ସାମିମ୍ ହୁସେନ୍ ୧୧, ଜାକର ଅଲ୍ଲି ୧୨, ନରୁଲ ହସେନ୍ ୧୨ ରନ୍ କରିବାରୁ ଦଳ ୨୦ଓଭରରେ ୫ୱିକେଟ ହରାଇ ୧୫୪ କରିବାକୁ ସକ୍ଷମ ହୋଇଥିଲା। ଆଫ୍‌ଗାନିସ୍ତାନ ପକ୍ଷରୁ ଆଜ୍‌ମୁଲ୍ଲା ଗୋଟିଏ ୱିକେଟ ପାଇଥିବା ବେଳେ ଅଧିନାୟକ ରସିଦ୍ ଖାଁ ୨ ଓ ନୁର ଅହମ୍ମଦ ୨ ୱିକେଟ ଅକ୍ତିଆର କରିଥିଲେ। ୧୫୬ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଆଫ୍‌ଗାନିସ୍ତାନ ଓହ୍ଲାଇଥିଲା। ଆଫ୍‌ଗନିସ୍ତାନ ପକ୍ଷରୁ ସାଦିଗୁଲ୍‌ହା ଅଟଳ ଖାତା ଖୋଲି ପାରିନଥିଲେ। ସେହିପରି ୱିକେଟକିପର ୩୫, ଇବ୍ରାହିମ୍ ଜାଦ୍ରାନ ୫, ଗୁଲ୍‌ବାଦିନ ନାଏବ ୧୬, ମହମ୍ମଦ ନବି ୧୫, ଆଜମାତୁଲ୍‌ହା ଓମାରଜି ୩୦, କରିମ ଜାନାତ୍ ୫ ରନ୍, ଅଧିନାୟକ ରସିଦ୍ ଖାଁ୧୫, ନୂର ଅହମ୍ମଦ ୧ରନ୍ କରି ବ୍ୟାଟିଂ କରୁଛନ୍ତି। ବାଂଲାଦେଶ ପକ୍ଷରୁ ନାସୁମ୍ ଅହମ୍ମଦ ୨ୱିକେଟ, ମୁସ୍ତାଫିଜର ରହମାନ୍ ୧, ତାସ୍କିନ୍ ଅହମ୍ମଦ ୧, ରସିଦ୍ ହୋସେନ୍ ୨ୱିକେଟ ଅକ୍ତିଆର କରିଥିଲେ। ରିପୋର୍ଟ ଲେଖା ହେଲା ବେଳକୁ ଆଫ୍‌ଗାନିସ୍ତାନ ୧୮ଓଭରରେ ୭ୱିକେଟ ହରାଇ ୧୨୮ରନ୍ ସଂଗ୍ରହ କରିନେଇଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



Prime Minister Narendra Modi

Service is the resolve,
India First the inspiration...75 years

## ଯେତେବେଳେ ମହିଳାମାନେ ସୁସ୍ଥ ରହିବେ, ତେବେ ପରିବାର ଓ ଦେଶ ସଶକ୍ତ ହୋଇପାରିବ

# ସୁସ୍ଥ ନାରୀ ସଶକ୍ତ ପରିବାର

## ଅଭିଯାନର ଶୁଭାରମ୍ଭ

୧୭ ସେପ୍ଟେମ୍ବରରୁ ୦୨ ଅକ୍ଟୋବର, ୨୦୨୫

ଏବଂ

## ପିଏମ୍ ମିତ୍ର ପାର୍କ, ଧାରର ଶିଳାନ୍ୟାସ

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଙ୍କ ଦ୍ୱାରା



ଦେଶବ୍ୟାପୀ ସ୍ୱାସ୍ଥ୍ୟ ଶିବିରର ଆୟୋଜନ

୮ମ ରାଷ୍ଟ୍ରୀୟ ପୋଷଣ ମାସର ଶୁଭାରମ୍ଭ

ପିଏମ୍ଏମ୍ଭିୱାଇ ଅନ୍ତର୍ଗତ ମାତୃତ୍ୱ ଲାଭର ବିତରଣ

ଆଦି ସେବା ପର୍ବର ଶୁଭାରମ୍ଭ

ଏକ କୋଟି ସିକଲ ସେଲ ସ୍କ୍ରିନିଂ ଏବଂ କାଉନସେଲିଂ କାର୍ଡର ବିତରଣ

ସୁମନ ସଖୀ ଚାଟବଟ୍‌ର ଶୁଭାରମ୍ଭ

'ଏକ ବଗିଆ ମାଁ କେ ନାମ' ଅନ୍ତର୍ଗତ ଛୋଟଚାରା ବିତରଣ

୧୭ ସେପ୍ଟେମ୍ବର ୨୦୨୫/ଧାର, ମଧ୍ୟପ୍ରଦେଶ
ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ

## ଅଭିଯାନ ସଂପର୍କିତ କାର୍ଯ୍ୟକ୍ରମ

### ସମସ୍ତ ମହିଳାଙ୍କ ପାଇଁ ଚିକିତ୍ସା ଯାଞ୍ଚ ଏବଂ ସ୍ୱାସ୍ଥ୍ୟସେବା

- ଇଏନ୍‌ଟି, ଚକ୍ଷୁ, ରକ୍ତଚାପ, ମଧୁମେହ ଏବଂ ଦାନ୍ତର ପରୀକ୍ଷା
- କ୍ୟାନସର-ମୁଖ/ସ୍ତନ/ଗ୍ରୀବା
- ଗର୍ଭବତୀ ମହିଳାଙ୍କ ପ୍ରସବ ପୂର୍ବ ପରୀକ୍ଷା
- ଟିକାକରଣ ସେବା/ଆନେମିଆ ସ୍ତର ପରୀକ୍ଷା
- ଟେଲିମାନସ ସୁବିଧା/ଟିବି ପରୀକ୍ଷା
- ସିକଲ ସେଲ୍
- ବିଶେଷ ପରାମର୍ଶ

### ସୁଗମ ସ୍ୱାସ୍ଥ୍ୟ ପହଞ୍ଚାଇବା ସୁବିଧା

- ମାତୃ ଏବଂ ଶିଶୁ ସୁରକ୍ଷା (ଏମ୍‌ସିପି) କାର୍ଡ
- ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାର ପଞ୍ଜିକରଣ
- ଆୟୁଷ୍ମାନ ବୟୋବନ୍ଦନା କାର୍ଡ
- ସିକଲସେଲ୍ କାର୍ଡ
- ଆଭା ଆଇଡି କାର୍ଡ ପଞ୍ଜିକରଣ
- ପୋଷଣ ଟ୍ରାକ୍ ଲାଭାର୍ଥୀଙ୍କ ପଞ୍ଜିକରଣ

### ସୁସ୍ଥ ଜୀବନ ଶୈଳୀ ଏବଂ ସୁସ୍ଥତା ବଜାୟ ରଖିବା

- ଚିନି ଏବଂ ଖାଦ୍ୟ ତେଲରେ ୧୦% ହ୍ରାସ ମୋଟାପଣ କମ୍ କରିବ
- ସ୍ଥାନୀୟ ଏବଂ ଆଞ୍ଚଳିକ ଭୋଜନର ବୃଦ୍ଧି କରିବା
- ପ୍ରାରମ୍ଭିକ ବାଲ୍ୟାବସ୍ଥାରୁ ଯତ୍ନ ଏବଂ ଶିଶୁ ତଥା ଛୋଟ ପିଲାଙ୍କ ଆହାର ଅଭ୍ୟାସ
- ମାସିକ ଧର୍ମ ସ୍ୱଚ୍ଛତା ରଖିବା ଏବଂ ପୋଷଣ
- ଟେକ୍‌ହୋମ୍ ରାସନ (ଟିଏଚ୍‌ଆର)ର ବିତରଣ

**ନାଗରିକମାନଙ୍କ ସକ୍ରିୟ ଭାଗିଦାରୀ**

ରକ୍ତଦାନ ଶିବିର । ନିକ୍ଷୟ ମିତ୍ର ସ୍ୱେଚ୍ଛାସେବୀ ପଞ୍ଜିକରଣ । ଅଙ୍ଗଦାନ ପଞ୍ଜିକରଣ

CBC 46101/13/0018/2526

ଏହି ସେବାସବୁର ଲାଭ ନେବାପାଇଁ ମହିଳା ଏବଂ ଶିଶୁ ନିଜର ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ର ସହ ସଂପର୍କ କରନ୍ତୁ

#SwasthNariSashaktParivar




# ‘ବୃକ୍ଷ ହିଁ ଜୀବନ’



**ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ । ସାରା ଦେଶରେ ତାଙ୍କ ଜନ୍ମ ଦିବସକୁ ନେଇ ଉତ୍ସାହର ମାହୋଲ ସୃଷ୍ଟି ହୋଇଥିବା ବେଳେ ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ । ମୋଦୀଙ୍କ ଜନ୍ମ ଦିବସରେ ଓଡ଼ିଶା ସରକାର ‘ଏକ୍ ପେଡ୍ ମା’ କେ ନାମ୍ ୨.୦’ରେ ୭୫ ଲକ୍ଷ ଚାରାରୋପଣ କରିବାର ନିଷ୍ପତ୍ତି ନିଶ୍ଚିତ ଭାବେ ଯୁଗାନ୍ତକାରୀ । ଏହି କାର୍ଯ୍ୟକ୍ରମ ପାଇଁ ଯୁବବର୍ଗ ଆଗକୁ ଆସିଛନ୍ତି, ଯାହାକି ସମାଜ ପାଇଁ ଏକ ଶୁଭ ଲକ୍ଷଣ । ସେହିପରି ସମାଜର ସବୁ ବର୍ଗର ଯଥା- ବରିଷ୍ଠ ନାଗରିକ, ମହିଳା, ଦିବ୍ୟାଙ୍ଗ ଜନ ଓ ଜନଜାତି ସମ୍ପ୍ରଦାୟର ଉତ୍ଥାନ ପାଇଁ ତାଙ୍କ ଜନ୍ମ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ଯାହାକି ସବୁ ବର୍ଗଙ୍କୁ ସଶକ୍ତ କରିବ ।**



## କାର୍ଯ୍ୟଦକ୍ଷତା-ଭିତ୍ତିକ ପୁରସ୍କାର ପ୍ରଦାନ କରାଯିବ

‘ଏକ ପେଡ୍ ମା କେ ନାମ’ ଦ୍ୱିତୀୟ ସଂସ୍କରଣ ଅଭିଯାନକୁ ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ଭାବରେ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଏଥିରେ ମନୋନୀତ ଗଛ କିସମଗୁଡ଼ିକ ମଧ୍ୟରେ ନିମ୍, ଅର୍ଜୁନ, ହରିଡା, ବହେଡା, ଜାମୁନ, କଦମ୍ବ, କୃଷ୍ଣ ଚୁଡା, ଅଶୋକ ଏବଂ ଅନ୍ୟାନ୍ୟ ଜଳବାୟୁ-ପ୍ରତିରୋଧୀ ପ୍ରଜାତି ଅନ୍ତର୍ଭୁକ୍ତ। ଉଲ୍ଲେଖନୀୟ ପ୍ରୟାସ ଦେଖାଉଥିବା ବ୍ୟକ୍ତି ଏବଂ ଗୋଷ୍ଠୀଙ୍କ ପାଇଁ କାର୍ଯ୍ୟଦକ୍ଷତା-ଭିତ୍ତିକ ପୁରସ୍କାର ପ୍ରଦାନ କରାଯିବ। ଅଭିବୃଦ୍ଧି ଏବଂ ପ୍ରଭାବକୁ ଉନ୍ନତ କରିବା ପାଇଁ ସ୍ଥାନୀୟ ମାଟି ଏବଂ ଜଳବାୟୁ ଆଧାରରେ ମନୋନୀତ ଚାରାଗୁଡ଼ିକ ଆଞ୍ଚଳିକ ଭାବରେ ଭିନ୍ନ ହେବ।

## ସାମୂହିକ ପ୍ରୟାସ ଦ୍ୱାରା ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ ହୋଇପାରିବ: ମୁଖ୍ୟମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସମ୍ମାନ ଜଣାଇବା ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ, ଭାରତର ସମସ୍ତ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ‘ଏକ ପେଡ୍ ମା’ କେ ନାମ ୨.୦’ ଅଭିଯାନର ଅଂଶସ୍ୱରୂପ ସେପ୍ଟେମ୍ବର ୧୭ ତାରିଖରେ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବାକୁ ସ୍ଥିର କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ସୋମବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକର ଅଧ୍ୟକ୍ଷତା କରି ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହିତ ପ୍ରସ୍ତୁତି ସମୀକ୍ଷା କରିଥିଲେ । ସେ ବୃକ୍ଷରୋପଣ ଅଭିଯାନକୁ ଓଡିଶାର ଜନସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ପ୍ରତି ‘ଏକ ହୃଦୟସ୍ପର୍ଶୀ ଅଭିନନ୍ଦନ’ ବୋଲି ଅଭିହିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ପାଇଁ ଓଡ଼ିଶାରେ ୭.୫ କୋଟି ବୃକ୍ଷ ରୋପଣର ଲକ୍ଷ ଧାର୍ଯ୍ୟ କରିଛନ୍ତି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷାକରି ବିଗତ ୪୫ ଦିନ ମଧ୍ୟରେ ୪.୭ କୋଟି ବୃକ୍ଷ ରୋପଣ କରିସାରିଛି ବୋଲି ସେ ସୂଚନା ଦେବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଭାସୀ ବୈଠକରେ ସାଧୁବାଦ ଜ୍ଞାପନ କରିଛନ୍ତି ।

## ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ମଧ୍ୟରେ ୭୫ ଲକ୍ଷ ଚାରାରୋପଣ କରିବାକୁ ପରାମର୍ଶ

ବୈଠକରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ମଧ୍ୟରେ ୭୫ ଲକ୍ଷ ଉର୍ଦ୍ଧ୍ୱ ଚାରାରୋପଣ କାର୍ଯ୍ୟ ଶେଷ କରିବାକୁ ତୃଣମୂଳସ୍ତରର ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମେରୀ ଲାଇଫ ପୋର୍ଟାଲରେ ଅପଲୋଡ କରିବା ଦ୍ୱାରା ଚାରାର ପରବର୍ତ୍ତୀ ପ୍ରଗତି ସମ୍ପର୍କିତ ତଥ୍ୟ ଆକଳନ କରିବାକୁ ସୁବିଧା ହେବ ତେଣୁ ଏହି ପୋର୍ଟାଲରେ ଅପଲୋଡ କରିବାକୁ ନ ଭୁଲିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## ପରିବେଶଗତ ସୁରକ୍ଷାକୁ ସନ୍ତୁଳିତ କରିବା ଲକ୍ଷ୍ୟ

ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିବେଶ ସଂରକ୍ଷଣ ଦୃଷ୍ଟିକୋଣରୁ ଅନୁପ୍ରାଣିତ ଏହି ପଦକ୍ଷେପ ବିକାଶ ସହିତ ପରିବେଶଗତ ସୁରକ୍ଷାକୁ ସନ୍ତୁଳିତ କରିବା ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ଅବଦାନ ଅନ୍ତର୍ଭୁକ୍ତ ଅଟେ। ବନ ବିଭାଗ ୧୫ ଲକ୍ଷ ଗଛ, ପଞ୍ଚାୟତିରାଜ ବିଭାଗ ୩୪ ଲକ୍ଷ, ଶିଳ୍ପ ବିଭାଗ ୧୫ ଲକ୍ଷ, କୃଷି ବିଭାଗ ୨୩ ଲକ୍ଷ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ୨.୨ ଲକ୍ଷ, ରାଜ୍ୟ ପୋଲିସ ୩ ଲକ୍ଷ ଏବଂ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ୨ ଲକ୍ଷ ଗଛ ଲଗାଇବାକୁ ଯୋଜନା ରହିଛି। ୨ ଲକ୍ଷରୁ ଅଧିକ ସ୍କୁଲ ଶିକ୍ଷକ, ୧୫ ଲକ୍ଷ ଛାତ୍ରଛାତ୍ରୀ, ୭୬,୦୦୦ ଅଙ୍ଗନୱାଡି କର୍ମୀ, ୧୭,୦୦୦ ଆଶା କର୍ମୀ, ୧୦,୦୦୦ ଇକୋ-କ୍ଲବ, ୧୭,୫୦୦ ବନ ସୁରକ୍ଷା କମିଟି, ୧ ଲକ୍ଷ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବକ, ୧୬,୫୦୦ ମେରା ଭାରତ ସ୍ୱେଚ୍ଛାସେବକ ଏବଂ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଘରୋଇ ସଂଗଠନ ଅଂଶଗ୍ରହଣ ଏହି ଅଭିଯାନରେ ଯୋଗଦାନ କରିବେ ବୋଲି ଜଣାପଡିଛି ।

## ଚାରାରୋପଣର ଫଟୋ ମେରୀ ଲାଇଫ୍ ପୋର୍ଟାଲରେ ଅପଲୋଡ୍ କରିବା ପାଇଁ ଅନୁରୋଧ

ଗତବର୍ଷ ଓଡ଼ିଶା ‘ଏକ ପେଡ୍ ମା କେ ନାମ’ ପ୍ରଥମ ସଂସ୍କରଣ ଅଭିଯାନ ଅନ୍ତର୍ଗତ ୬.୭୨ କୋଟି ଚାରାରୋପଣ ସହିତ ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ଛାତ୍ର-ଛାତ୍ରୀ, ଯୁବ ପିଢ଼ି, ସଚେତନ ନାଗରିକ ସମାଜ, ବନ ସୁରକ୍ଷା ସମିତି /ଇକୋ ଡେଭଲପମେଣ୍ଟ କମିଟିର ସଦସ୍ୟ-ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ‘ମୋ ଭାରତ’ ସ୍ୱେଚ୍ଛାସେବକ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଶିଳ୍ପ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମସ୍ତ ସରକାରୀ ଓ ସାମାଜିକ ଅନୁଷ୍ଠାନମାନଙ୍କୁ ଆସନ୍ତାକାଲି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ସାମିଲ ହୋଇ ଚାରାରୋପଣର ଫଟୋ ମେରୀ ଲାଇଫ ପୋର୍ଟାଲରେ ଅପଲୋଡ କରିବା ପାଇଁ ଅନୁରୋଧ କରିଛନ୍ତି ।

**ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସରେ ଦେଶରେ ରୋପଣ ହେବ ୧.୫ କୋଟି ଚାରା**

# ଓଡ଼ିଶାରେ ଗୋଟିଏ ଦିନରେ ରୋପିତ ହେବ ୭୫ ଲକ୍ଷ ଚାରା



ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଏବଂ ‘ଏକ ପେଡ୍ ମା କେ ନାମ’ ଦ୍ୱିତୀୟ ସଂସ୍କରଣ ଅଭିଯାନ ଅନ୍ତର୍ଗତ ସାରା ଦେଶରେ ୧.୫ କୋଟି ଚାରାରୋପଣ କରାଯିବାକୁ ଥିବାବେଳେ ଓଡିଶା ସରକାର ରାଜ୍ୟର କୋଣ ଅନୁକୋଣରେ ଏକକାଳୀନ ରେକର୍ଡ ୭୫ ଲକ୍ଷ ଚାରାରୋପଣ କରି ଓଡିଶାକୁ ସବୁଜ-ସୁନ୍ଦର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ରାଜ୍ୟବ୍ୟାପୀ ଚାରା ରୋପଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ପୃଥିବୀର ଅସ୍ତିତ୍ୱ, ପ୍ରାଣୀଜୀବନର ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ତାପମାତ୍ରା ବୃଦ୍ଧିକୁ ରୋକିବା ଆଦି ସମସ୍ତ କିଛି ବୃକ୍ଷ ସହିତ ଏକାନ୍ତ ଭାବେ ଜଡିତ । ‘ବୃକ୍ଷ’ କେବଳ ପ୍ରାକୃତିକ ସମ୍ପଦ ନୁହେଁ, ବରଂ ମାନବଜୀବନର ରକ୍ଷାକର୍ତ୍ତା ବୋଲି ମନ୍ତ୍ରୀ ସିଂଖୁଣ୍ଟିଆ କହିବା ସହିତ ଝାରସୁଗୁଡା, ତାଳଚେର, କଳିଙ୍ଗ ନଗର ଭଳି ଶିଳ୍ପାଞ୍ଚଳ, ସ୍ୱଳ୍ପ ବୃଷ୍ଟିପାତ ହେଉଥିବା ଅଞ୍ଚଳ, ଟାଙ୍ଗରା ଭୂମିରେ ଅଧିକରୁ ଅଧିକ ଚାରା ରୋପଣ କରିବା ସହିତ ଏହାର ଉପଯୁକ୍ତ ଯତ୍ନ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । କଥାରେ ଅଛି ଛୁଆ ଟିଏ ଜନ୍ମ କରିଦେଲେ ହେବନି, ଛୁଆକୁ ମଣିଷ କରିବା ଗୁରୁତ୍ୱପୂର୍ଣ୍ଣ । ଠିକ ସେହିପରି ଚାରା ଟିଏ ରୋପଣ କରିଦେଲେ ହେବନି ଏହାକୁ କିପରି ବୃକ୍ଷରେ ରୂପାନ୍ତରିତ କରିବା ସେ ଦିଗରେ ଯତ୍ନବାନ ହେବାପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଆଭାସୀ ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି ରାଜେଶ, ବରିଷ୍ଠ ବିଭାଗୀୟ ଅଧିକାରୀ, ସାରା ରାଜ୍ୟର ବନଖଣ୍ଡ ଅଧିକାରୀ ଯୋଗ ଦେଇଥିଲେ ।

THIS IS A PUBLIC ANNOUNCEMENT FOR INFORMATION PURPOSES ONLY AND IS NOT A PROSPECTUS ANNOUNCEMENT. THIS DOES NOT CONSTITUTE AN INVITATION OR OFFER TO ACQUIRE, PURCHASE OR SUBSCRIBE TO SECURITIES. THIS PUBLIC ANNOUNCEMENT IS NOT INTENDED FOR RELEASE PUBLICATION OR DISTRIBUTION, DIRECTLY OR INDIRECTLY, OUTSIDE INDIA.

Galaxy Medicare Limited
EST. 1992

# GALAXY MEDICARE LIMITED

Our Company was originally incorporated in the name & style of "Galaxy Medicare Limited" on July 23, 1992, in Bhubaneswar, Odisha as a Public Limited Company under the provisions of the Companies Act, 1956 vide Certificate of Incorporation bearing CIN: U24232OR1992PLC003113. For details of change in the name of our Company and address of Registered Office of our Company, see ***"History and Certain Corporate Matters"*** on page 301 of the Prospectus.

**Registered and Corporate Office:** Plot No.2, Zone D, Mancheswar Industrial Estate, Bhubaneswar, Rasulgarh, Khorda, Odisha-751010. **Contact Person:** Mr. Pralaaju Naik, Company Secretary and Compliance Officer;
**Tel:** +91 7064810000/+91 7381890000 **E-mail:** cs@galaxymed.co.in; **Website:** www.galaxy.in
**Corporate. Identity Number:** U24232OR1992PLC003113

(Please scan this QR Code to view the Prospectus)

**"THE ISSUE IS BEING MADE IN ACCORDANCE WITH CHAPTER IX OF THE SEBI ICDR REGULATIONS (IPO OF SMALL AND MEDIUM ENTERPRISES) AND THE EQUITY SHARES ARE PROPOSED TO BE LISTED ON SME PLATFORM OF NATIONAL STOCK EXCHANGE OF INDIA LIMITED (NSE EMERGE)."**

## OUR PROMOTERS: MR. DILLIP KUMAR DAS, Mr. SUBHASISH DAS, Ms. KIRAN DAS, INDUSTRIAL DESIGNS & SERVICES PVT LTD AND D.K DAS & SONS HUF

## BRIEF DESCRIPTION OF THE BUSINESS OF THE COMPANY

**Our company commenced its operations in 1992 when our founder, Mr. Dillip Kumar Das, acquired a closed business unit from Odisha Industrial Infrastructure Development Corporation (IDCO) and Odisha State Financial Corporation under the investment promotion, facilitation and aftercare strategy of Industrial Promotion and Investment Corporation of Odisha (IPICOL) and revived the business unit to start manufacturing of Medical Devices such as Plaster of Paris Bandage (POP Bandage), Medical Tapes and Bandages, Other surgical dressings and external preparations products of Wound care & Wound management including sterile surgical wound dressing, medical disposable, adhesive bandages, absorbent gauze, etc. Our business operations have been led by our Promoter Mr. Dillip Kumar Das and assisted by his younger son, Mr. Subhasish Das and his Daughter-in-Law, Mrs. Kiran Das who have experience in the Medical Device, Plasters of Paris Bandages (POP Bandage) and Other Surgical Dressing Industry.**

## BASIS OF ALLOTMENT

**INITIAL PUBLIC OFFER OF 41,32,000 EQUITY SHARES OF FACE VALUE OF ₹ 10/- EACH ("EQUITY SHARES") OF GALAXY MEDICARE LIMITED ("OUR COMPANY" OR "THE ISSUER") OF WHICH FRESH ISSUE OF 33,08,000 EQUITY SHARES AND OFFER FOR SALE OF 8,24,000 EQUITY SHARES FOR CASH AT A PRICE OF ₹ 54/- PER EQUITY SHARE, INCLUDING SHARE PREMIUM OF ₹ 44/- PER EQUITY SHARE) ("OFFER PRICE"), AGGREGATING TO ₹ 2,118.96 LACS (THE "OFFER"), OF WHICH 2,08,000 EQUITY SHARES OF FACE VALUE OF ₹ 10/- EACH FOR CASH AT AN OFFER PRICE OF ₹ 54/- PER EQUITY SHARE, AGGREGATING TO ₹ 112.32 LACS WILL BE RESERVED FOR SUBSCRIPTION BY THE MARKET MAKER TO THE OFFER (THE "MARKET MAKER RESERVATION PORTION"). THE OFFER LESS MARKET MAKER RESERVATION PORTION I.E., OFFER OF 39,24,000 EQUITY SHARES OF FACE VALUE OF ₹ 10/- EACH FOR CASH AT AN OFFER PRICE OF ₹ 54/- PER EQUITY SHARE, AGGREGATING TO ₹ 2,118.96 LACS IS HEREINAFTER REFERRED TO AS THE "NET OFFER". THE OFFER AND THE NET OFFER WILL CONSTITUTE 27.23 % AND 25.86 %, RESPECTIVELY OF THE POST ISSUE PAID UP EQUITY SHARE CAPITAL OF THE COMPANY.**

## OFFER PERIOD

## BID OPENED ON :- WEDNESDAY, SEPTEMBER 10, 2025 | BID CLOSED ON :- FRIDAY, SEPTEMBER 12, 2025

## FACE VALUE OF EQUITY SHARES IS RS 10.00 EACH AND ISSUE PRICE IS RS 54 EACH
## THE ISSUE PRICE IS 5.4 TIMES OF THE FACE VALUE OF EQUITY SHARE

### RISKS TO INVESTORS

For detailed Risk Factor refer to page 50 of the Prospectus.

1. Risk to Investors: Summary description of key risks based on materiality:
   a. We are supplying to certain key customers, from whom we derive a significant portion of our revenues. The loss of any significant customer may have a material and adverse effect on our business and results of operations.
   b. We are highly dependent on our suppliers for uninterrupted supply of Raw-Materials. Any shortfall in the supply of our raw materials, or an increase in our raw material costs and other input costs, may adversely affect the pricing and supply of our products with subsequently having an adverse effect on the business, results of operations and financial conditions of our company.
   c. Our Company, our Directors, and our Promoters are parties to certain legal proceedings. Any adverse decision in such proceedings may have adverse effect on our business, prospects, results of operations and financial condition.
   d. There have been instances of delay in filing of Goods and Service Tax (GST) returns, Employee State Insurance (ESI) Returns, return of Tax Deducted at Source (TDS) dues and in payment of Provident Fund dues.
   e. Inventories and trade receivables form a major part of our current assets. Failure to manage our inventory and trade receivables could have an adverse effect on our net sales, profitability, cash flow and liquidity.
   f. We are dependent on our promoters and senior management and other key personnel, and the loss of, or our inability to attract or retain, such persons could affect our business, results of operations, financial condition and cash flows.
   g. The Proliferation of Look-alike Products in the Market poses a risk on our reputation and brand name.
   h. We derive a substantial amount of our revenue from exports and our exports are exposed to potential financial, economic, political and other risks of international markets.
   i. Our cost of production is exposed to fluctuations in the prices of our major raw material.
   j. Any delay, interruption or reduction in the supply of raw materials to manufacture our products may adversely affect our business, results of operations, cash flows and financial condition.

   The Merchant Banker associated with the Issue has handled 6 public issues in the past out of which none of the SME Issue closed below the Issue Price on listing date.

| Name of BRLM | Total Issue | | Issue closed below IPO Price on listing date |
|---|---|---|---|
| | Mainboard | SME | |
| Affinity Global Capital Market | 0 | 6 | 1 |

2. The average cost of acquisition per Equity Share held by our Promoters is as follows:

| Name of Promoter | No. of Shares Held | Average Cost of Acquisition (in Rs.) * |
|---|---|---|
| Mr. Dillip Kumar Das | 21,11,202 | 1.40 |
| Mrs. Kiran Das | 1,75,578 | 1.54 |
| Mr. Subhasish Das | 7,59,342 | 0.79 |
| DK Das & Sons (HUF) | 24,45,194 | 1.22 |
| Industrial Design & Services Pvt. Ltd. | 19,57,800 | 1.84 |

   And the Offer price at the Upper end of the Price band is Rs. 54 per Equity Share.
3. The Price/ Earnings ratio based on Diluted EPS for Fiscal 2025 for the company at the upper end of the Price Band is 24.32 times.
4. Weighted Average Return on Net worth for Fiscals 2025, 2024 and 2023 is 19.32%
5. Weighted average cost of acquisition compared to floor price and cap price

| Type of transaction | Weighted average cost of acquisition (₹ per equity shares) | Floor Price (in times) | Cap Price (in times) |
|---|---|---|---|
| Weighted average cost of primary / new issue acquisition | NIL | NA | NA |
| Weighted average cost of secondary acquisition | NA | NA | NA |

**calculated for last 18 months*

*** There were no secondary transactions in last 18 months from the date of this prospectus.*

**PROPOSED LISTING: WEDNESDAY, SEPTEMBER 17, 2025**

***The Issue was being made through the Book Building Process, in terms of Rule 19(2)(b)(i) of the Securities Contracts (Regulation) Rules, 1957, as amended ("SCRR") read with Regulation 253 of the SEBI ICDR Regulations. as amended, wherein not more than 50% of the Net Issue was available for allocation on a proportionate basis to Qualified Institutional Buyers ("QIBs", the"QIB Portion"). Further, not less than 15% of the Net Issue shall be available for allocation on a proportionate basis to Non-Institutional Bidders and not less than 35% of the Net Issue was made available for allocation to Individual Bidders in accordance with the SEBI (ICDR) Regulations, subject to valid Bids being received at or above the Issue Price. All potential Bidders were required to mandatorily utilise the Application Supported by Blocked Amount ("ASBA") process providing details of their respective ASBA accounts, and UPI ID in case of RIBs using the UPI Mechanism, if applicable, in which the corresponding Bid Amounts was blocked by the SCSBs or by the Sponsor Bank under the UPI Mechanism, as the case may be, to the extent of respective Bid Amounts, Anchor Investors were not permitted to participate in the Issue through the ASBA process. We do not have an anchor investor for the issue. For details, see 'Offer Procedure" beginning on page 483 of the Prospectus.***

***The investors are advised to refer to the Prospectus for the full text of the Disclaimer clause pertaining to NSE. For the purpose of this Offer, the designated Stock Exchange will be the National Stock Exchange of India Limited EMERGE platform.***

### SUBSCRIPTION DETAILS

The issue received 3,872 applications for 1,78,74,000 equity shares (including marker maker reservation portion) as per the Application data after considering invalid bids. Other than RC 10 Transaction declined by Investors, RC 10 Mandate not accepted by Investors and Withdrawal /Cancelled Bids reported by SCSB and technical rejections resulting in 1.28 times subscription (including reserved portion of market maker). The Details of the Applications received from various categories (before technical rejection) are as under:

Detail of the Applications Received:

| Sr No. | Category | Valid Shares Received in each category | No. of Equity Shares available for allocation (as per Prospectus) | Spilled Over Equity Shares Allotted | Total Allotment | Amount (Rs.) |
|---|---|---|---|---|---|---|
| 1 | Qualified Institutional Buyers - MF (excluding Anchor Investors) | 80,000 | 80,000 | 0 | 80,000 | 43,20,000 |
| 2 | Non Institutional Investors - above Rs. 2 Lakhs and Upto Rs. 10 Lakhs | 3,38,000 | 5,12,000 | -1,74,000 | 3,38,000 | 1,82,52,000 |
| 3 | Non Institutional Investors -Above Rs. 10 Lakhs | 2,54,000 | 10,24,000 | -7,70,000 | 2,54,000 | 1,37,16,000 |
| 4 | Individual Investors | 44,12,000 | 23,08,000 | 9,44,000 | 32,52,000 | 17,56,08,000 |
| 5 | Market Maker | 2,08,000 | 2,08,000 | 0 | 2,08,000 | 1,12,32,000 |
| | **TOTAL** | **52,92,000** | **41,32,000** | | **41,32,000** | **2,23,12,80,000** |

***Spill over from under subscription of Non-Institutional Investor Category upto Rs. 10 lacs of 1,74,000 equity shares and spill over from under subscription of Non-Institutional Investor Category above Rs. 10 lacs of 7,70,000 equity shares has been re-allocated to Individual investor category**

**Final Demand**

A summary of the final demand as per NSE as on the Bid/Issue Closing Date at different Bid prices is as under:

| Sl No | Bid Price | Bids Quantity | % of Total | Cumulative Total | % of Cumulative | No of Bids |
|---|---|---|---|---|---|---|
| 1 | 51 | 21,68,000 | 12.13% | 21,68,000 | 12.13% | 135 |
| 2 | 52 | 44,000 | 0.25% | 22,12,000 | 12.38% | 11 |
| 3 | 53 | 28,000 | 0.16% | 22,40,000 | 12.53% | 7 |
| 4 | Cut Off | 1,56,34,000 | 87.47% | 1,78,74,000 | 100.00% | 3719 |
| | **TOTAL** | **1,78,74,000** | **100.00%** | **2,44,94,000** | **1.37037037** | **3872** |

The Basis of Allotment was finalised in consultation with the Designated Stock Exchange- NSE on 15.09.2025.

## SUBSCRIPTION DETAILS

1) **Allocation on Individual Investor (After Technical Rejections):** The Basis of Allotment to the Individual Investors, who have bid at cut-off Price or at or above the Issue Price of Rs. 54 per equity share, was finalised in consultation with NSE. The category was subscribed by 1.36 times i.e., for 44,12,000 Equity Shares. Total number of shares allotted in this category is 32,52,000 Equity Shares to 813 successful applicants. The category wise details of the Basis of Allotment are as under:

| Sr. No | No. of Shares applied for (Category wise) | Number of applications received | % to total | Total No. of Shares applied in each category | % to total | Proportionate shares available | Allocation per Applicant: Before Rounding off | Allocation per Applicant: After Rounding off | Ration of allottees to applicants | | Number of successful applicants (after rounding) | % to total | Total No. of shares allocated/ alloted | % to total | Surplus/ Deficit (7)-(14) |
|---|---|---|---|---|---|---|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) | (10) | | (12) | (13) | (14) | (15) | (16) |
| 1 | 4,000 | 1,103 | 100 | 44,12,000 | 100 | 32,52,000 | 2948.32 | 4000 | 14 | 19 | 813 | 100 | 32,52,000 | 100 | 0 |
| **Grand Total** | | **1,103** | **100** | **44,12,000** | **100** | **32,52,000** | | | | | **813** | **100** | **32,52,000** | **100** | **0** |

2) **Allocation on Non-Institutional Investor (After Technical Rejections) Below 10 Lakhs:** The Basis of Allotment to Other than Individual Investors, who have bid at Issue price of 54 per equity share or above, was finalised in consultation with NSE. The category was subscribed by 0.23 times i.e., for 3,38,000 Shares. Total number of shares allotted in this category is 3,38,000 Equity Shares to 50 successful applicants. The category wise details of the Basis of Allotment are as under:

| Sr. No | No. of Shares applied for (Category wise) | Number of applications received | % to total | Total No. of Shares applied in each category | % to total | Proportionate shares available | Allocation per Applicant: Before Rounding off | Allocation per Applicant: After Rounding off | Ration of allottees to applicants | | Number of successful applicants (after rounding) | % to total | Total No. of shares allocated/ alloted | % to total | Surplus/ Deficit (7)-(14) |
|---|---|---|---|---|---|---|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) | (10) | | (12) | (13) | (14) | (15) | (16) |
| 1 | 6,000 | 35 | 70 | 2,10,000 | 62.13 | 3,18,106.51 | 9,088.76 | 6,000 | 1 | 1 | 35 | 70 | 2,10,000 | 62.13 | -1,08,107 |
| 2 | 8,000 | 13 | 26 | 1,04,000 | 30.77 | 1,57,538.46 | 12,118.34 | 8,000 | 1 | 1 | 13 | 26 | 1,04,000 | 30.77 | -53,538 |
| 3 | 10,000 | 1 | 2 | 10,000 | 2.96 | 15,147.93 | 15,147.93 | 10,000 | 1 | 1 | 1 | 2 | 10,000 | 2.96 | -5,148 |
| 4 | 14,000 | 1 | 2 | 14,000 | 4.14 | 21,207.1 | 21,207.1 | 14,000 | 1 | 1 | 1 | 2 | 14,000 | 4.14 | -7,207 |
| **Grand Total** | | **50** | **100** | **3,38,000** | **100** | **5,12,000** | | | | | **50** | **100** | **3,38,000** | **100** | **-1,74,000** |

3) **Allocation on Non-Institutional Investor (After Technical Rejections) Above 10 Lakhs:** The Basis of Allotment to Other than Retail Individual Investors, who have bid at Issue price of 54 per equity share or above, was finalised in consultation with NSE. The category was subscribed by 0.25 times i.e., for 2,54,000 Shares. Total number of shares allotted in this category is 2,54,000 Equity Shares to 10 successful applicants. The category wise details of the Basis of Allotment are as under:

| Sr. No | No. of Shares applied for (Category wise) | Number of applications received | % to total | Total No. of Shares applied in each category | % to total | Proportionate shares available | Allocation per Applicant: Before Rounding off | Allocation per Applicant: After Rounding off | Ration of allottees to applicants | | Number of successful applicants (after rounding) | % to total | Total No. of shares allocated/ alloted | % to total | Surplus/ Deficit (7)-(14) |
|---|---|---|---|---|---|---|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) | (10) | | (12) | (13) | (14) | (15) | (16) |
| 1 | 20,000 | 6 | 60 | 1,20,000 | 47.24 | 4,83,779.53 | 8,062.99 | 20,000 | 1 | 1 | 6 | 60 | 1,20,000 | 47.24 | -3,63,780 |
| 2 | 26,000 | 1 | 10 | 26,000 | 10.24 | 1,04,818.9 | 1,0481.89 | 26,000 | 1 | 1 | 1 | 10 | 26,000 | 10.24 | -78,819 |
| 3 | 28,000 | 2 | 20 | 56,000 | 22.05 | 2,25,763.77 | 1,1288.19 | 28,000 | 1 | 1 | 2 | 20 | 56,000 | 22.05 | -1,69,764 |
| 4 | 52,000 | 1 | 10 | 52,000 | 20.47 | 2,09,637.8 | 2,0963.78 | 52,000 | 1 | 1 | 1 | 10 | 52,000 | 20.47 | -15,76,38 |
| **Grand Total** | | **10** | **100** | **2,54,000** | **100** | **1024000** | | | | | **10** | **100** | **2,54,000** | **100** | **-7,70,000** |

4) **Allocation to QIBs (After Technical Rejections):** The Basis of Allotment to QIBs, who have bid at Issue price of 54 per equity share or above, was finalised in consultation with NSE. The category was subscribed by 1.00 times i.e., for 80,000 Shares. Total number of shares allotted in this category is 80,000 Equity Shares to 1 successful applicant. The category wise details of the Basis of Allotment are as under:

| Sr. No | No. of Shares applied for (Category wise) | Number of applications received | % to total | Total No. of Shares applied in each category | % to total | Proportionate shares available | Allocation per Applicant: Before Rounding off | Allocation per Applicant: After Rounding off | Ration of allottees to applicants | | Number of successful applicants (after rounding) | % to total | Total No. of shares allocated/ alloted | % to total | Surplus/ Deficit (7)-(14) |
|---|---|---|---|---|---|---|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) | (10) | | (12) | (13) | (14) | (15) | (16) |
| 1 | 80,000 | 1 | 100 | 80,000 | 100 | 80,000 | 80,000 | 80,000 | 1 | 1 | 1 | 100 | 80,000 | 100 | 0 |
| **Grand Total** | | **1** | **100** | **80,000** | **100** | **80,000** | | | | | **1** | **100** | **80,000** | **100** | **0** |

| Category | FI'S/BANK'S | MF'S | IC'S | NBFC'S | AIF | FPC/FII | VCF | TOTAL |
|---|---|---|---|---|---|---|---|---|
| QIB | - | - | - | - | 80,000 | - | - | **80,000** |

5) **Allocation to Market Maker (After Technical Rejections):** The Basis of Allotment to Market Maker, who have bid at Issue price of 54 per equity share or above, was finalised in consultation with NSE. The category was subscribed by 1 time i.e., for 2,08,000 Shares. Total number of shares allotted in this category is 2,08,000 Equity Shares to 1 successful applicant. The category wise details of the Basis of Allotment are as under:

| Sr. No | No. of Shares applied for (Category wise) | Number of applications received | % to total | Total No. of Shares applied in each category | % to total | Proportionate shares available | Allocation per Applicant: Before Rounding off | Allocation per Applicant: After Rounding off | Ration of allottees to applicants | | Number of successful applicants (after rounding) | % to total | Total No. of shares allocated/ alloted | % to total | Surplus/ Deficit (7)-(14) |
|---|---|---|---|---|---|---|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) | (10) | | (12) | (13) | (14) | (15) | (16) |
| 1 | 2,08,000 | 1 | 100 | 2,08,000 | 100 | 2,08,000 | 2,08,000 | 2,08,000 | 1 | 1 | 1 | 100 | 2,08,000 | 100 | 0 |
| **Grand Total** | | **1** | **100** | **2,08,000** | **100** | **2,08,000** | | | | | **1** | **100** | **2,08,000** | **100** | **0** |

The Board of Directors of the company at its meeting held on September 15, 2025, has approved the Basis of Allocation of Equity Shares as approved by the Designated Stock Exchange (NSE) and has authorised the corporate action for issue of Equity shares to various successful applicants. The CAN- cum-allotment advices and/or notices will forward to the Email Id's and address of the applicants as registered by the depositories/ as filed in the application form on or before Tuesday, September 16, ,2025. Further the instructions to SCSB's for unblocking the amount will process on or prior to Tuesday, September 16, 2025. In case the same is not received within 10 days, investors may contact at the address given below. The Equity Shares allocated to the successful applicants are being credited to their beneficiary accounts subject to validation of the account details within the depositories concerned. The company is taking steps to get the Equity Shares admitted for trading on the NSE Emerge within Four working days from the date of the closure of the issue.

Note: All capitalized terms used and not defined herein shall have the respective meanings assigned to them in the Prospectus dated September 15, 2025 ("Prospectus") filled with the Registrar of Companies, Odisha.

### CORRIGENDUM

**On page no. 122 under column XII - No. of locked in shares for Promoters and Promoter Group: 1,09,88,476**

**On page no. 123 under column XII - Total No. of locked in shares is 1,10,39,983**

**On page no. 124 under column XII – No. of locked in share of Mr. Dillip Kumar Das is 12,87,202**

### INVESTORS PLEASE NOTE

The details of the allotment made would also be hosted on the website of Registrar to the Offer, Cameo Corporate Services Limited at www.cameoindia.com.

All future correspondence in this regard may kindly be addressed to the Registrar to the Offer quoting full name of the First/ Sole applicants, Serial number of the Application Form, number of Equity Shares applied for and Bank Branch where the application had been lodged and payment details at the address of the Registrar given below:

CAMEO

**Cameo Corporate Services Limited**
Subramanian Building" 1 Club House Road, Chennai- 600 002
Tel: +91 40 6716 2222; E-mail: ipo@cameoindia.com; Investor Grievance e-mail: investor@cameoindia.com
Website: www.cameoindia.com; Contact Person: Mrs. K. Sreepriya; SEBI Registration No.: INR000003753

For **Galaxy Medicare Limited**
Sd/-
**Dillip Kumar Das**
Managing Director
**DIN: 00402931**

Place : Bhubaneswar, Odisha
Date : September 16, 2025

**THE LEVEL OF SUBSCRIPTION SHOULD NOT BE TAKEN TO BE INDICATIVE OF EITHER THE MARKET PRICE OF THE EQUITY SHARES ON LISTING OR THE BUSINESS PROSPECTS OF GALAXY MEDICARE LIMITED.**

**Galaxy Medicare Limited** is proposing, subject to market conditions, public issue of its equity shares and has filed Prospectus with the Registrar of Companies, Odisha. The Prospectus is available on the website of the SEBI at www.sebi.gov.in as well as on the website of the BRLM i.e., Affinity Global Capital Market Private Limited at www.affinityglobalcap.in, the website of the NSE Emerge at www.nseindia.com. Investors should note that investment in Equity Shares involves a high degree of risk and for details relating to same, see section titled "Risk Factors" beginning on page 50 of the Prospectus which has been filed with the ROC. The Equity Shares have not been and will not be registered under the U.S. Securities Act (the "Securities Act") or any state securities laws in the United States, and may not be offered or sold within the United States or to, or for the account or benefit of "U.S. persons" (as defined in the Regulations S under the Securities Act), except pursuant to an exemption from, or in a transaction not to subject to the registration requirements of the Securities Act of 1933.

KIRIN ADVISORS



ନୂଆଦିଲ୍ଲୀ: ଦିନକୁ ଦିନ ଟ୍ରେନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଟ୍ରେନ ଯାତ୍ରାକୁ ଆରାମଦାୟକ ଏବଂ ସୁବିଧାଜନକ କରିବା ଦିଗରେ ରେଳବାଇ ନିରନ୍ତର ତାର ପ୍ରୟାସ ଜାରି ରଖିଛି। ଏହି କାରଣରୁ ଅଧିକାଂଶ ଲୋକ ଟ୍ରେନରେ ଯାତ୍ରା କରିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଦୂରଗାମୀ ଟ୍ରେନରେ ଯାତ୍ରା କରିବା ସମୟରେ ଖାଦ୍ୟ ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୋଇଥାଏ। ତେଣୁ ଯାତ୍ରା କରିବା ପୂର୍ବରୁ ଖାଦ୍ୟକୁ ନେଇ ଯାତ୍ରୀମାନେ ଚିନ୍ତାରେ ପଡ଼ି ଯାଇଥାଆନ୍ତି। ବର୍ତ୍ତମାନ ଏହି ସମସ୍ୟା ଧୀରେ ଧୀରେ ହ୍ରାସ ପାଇବା ପରି ମନେ ହେଉଛି। ଟ୍ରେନ ଯାତ୍ରୀଙ୍କ ପାଇଁ ରେଳବାଇ ଏପରି ଏକ ପଦକ୍ଷେପ ନେଇଛି ଯାହାଦ୍ୱାରା ଯାତ୍ରୀଙ୍କୁ ସହଜ ଏବଂ ସୁବିଧାଜନକ ଭାବେ ମନ ପସନ୍ଦର ଖାଦ୍ୟ ମିଳିପାରିବ। ଏଣିକି ଯାତ୍ରୀଙ୍କୁ ଖାଦ୍ୟ ପାଇଁ ଷ୍ଟେସନରେ ଓହ୍ଲାଇବାକୁ ପଡିବ ନାହିଁ କିମ୍ବା ଅନ୍ୟ କାହା ଉପରେ ନିର୍ଭର କରିବାକୁ ପଡିବ ନାହିଁ। ରେଳବାଇର ନୂତନ ବ୍ୟବସ୍ଥା ଦ୍ୱାରା ଯାତ୍ରୀମାନେ ନିଜ ସିଟରେ ହିଁ ତାଜା ଏବଂ ନିଜର ପସନ୍ଦର ଖାଦ୍ୟ ପାଇପାରିବେ।

### ମଧ୍ୟପ୍ରଦେଶ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

# ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରିବେ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୭ ତାରିଖରେ ମଧ୍ୟପ୍ରଦେଶ ଗସ୍ତରେ ଯିବେ । ମଧ୍ୟାହ୍ନ ୧୨ଟା ସମୟରେ ଧାରରେ ସେ 'ସ୍ୱସ୍ଥ ନାରୀ ସଶକ୍ତ ପରିବାର' ଏବଂ 'ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାହ' ଅଭିଯାନର ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ ଓ ଲୋକାର୍ପଣ କରିବା ସହିତ, ଉପସ୍ଥିତ ବିଶାଳ ସମାବେଶକୁ ମଧ ସମ୍ବୋଧିତ କରିବେ। ସ୍ୱାସ୍ଥ୍ୟ, ପୋଷଣ, ଫିଟନେସ ଏବଂ ଏକ ସ୍ୱସ୍ଥ ଓ ସଶକ୍ତ ଭାରତ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ 'ସ୍ୱସ୍ଥ ନାରୀ ସଶକ୍ତ ପରିବାର' ଏବଂ 'ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାହ' ଅଭିଯାନର ଶୁଭାରମ୍ଭ କରିବେ। ଏହି ଅଭିଯାନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସମଗ୍ର ଦେଶର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ଡାକ୍ତରଖାନା ଇତ୍ୟାଦିରେ ଆୟୋଜିତ ହେବ। ଏହି ସମୟରେ ୧ ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ, ଯାହା ଦେଶରେ ମହିଳା ଓ ଶିଶୁମାନଙ୍କ ପାଇଁ ସବୁଠାରୁ ବୃହତ ଆଉଟରିଚ୍ ହେବ । ଦେଶବ୍ୟାପୀ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବା, ଏହି ଅଭିଯାନର ପ୍ରମୁଖ ବିଶେଷତା ହେବ। ଗୋଷ୍ଠୀ ସ୍ତରରେ ମହିଳାଙ୍କ ପାଇଁ ନିବାରକ, ପ୍ରୋତ୍ସାହନକାରୀ ଏବଂ ଉପଚାରାତ୍ମକ ସେବା ପ୍ରଦାନ କରିବା ଦେଶବ୍ୟାପୀ ଏହି ବ୍ୟାପକ ଅଭିଯାନର ଲକ୍ଷ୍ୟ । ଏହା ଅଣ-ସଂଚାରିତ ରୋଗ, ଆନେମିଆ,ଟ୍ୟୁବରକ୍ୟୁଲୋସିସ, ସିକିଲସେଲ ରୋଗର ସ୍କ୍ରିନିଙ୍ଗ, ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବ। ମେଡିକାଲ କଲେଜ, ଜିଲ୍ଲା ଡାକ୍ତରଖାନା, କେନ୍ଦ୍ରୀୟ ସରକାରୀ ପ୍ରତିଷ୍ଠାନ ଏବଂ ପ୍ରାଇଭେଟ ହସପିଟାଲରୁ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଚକ୍ଷୁ ଡାକ୍ତର, ଇଏନଟି, ଡେଣ୍ଟାଲ, ଚର୍ମ ରୋଗ ବିଶେଷଜ୍ଞ ଏବଂ ମାନସିକ ରୋଗ ବିଶେଷଜ୍ଞଙ୍କୁ ଏଥିରେ ସାମିଲ କରାଯିବ। ଏହି ଅଭିଯାନରେ ଦେଶବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯିବ। ପର୍ଯ୍ୟାବରଣ ସଂରକ୍ଷଣ ଏବଂ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ପ୍ରତିବଦ୍ଧତା ସ୍ୱରୂପ ପ୍ରଧାନମନ୍ତ୍ରୀ ରାଜ୍ୟରେ 'ଏକ ବଗିୟା ମା କେ ନାମ' ଅଭିଯାନ ପାଇଁ ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଜଣେ ମହିଳା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଏକ ଚାରା ଉପହାର ପ୍ରଦାନ କରିବେ । ମଧ୍ୟପ୍ରଦେଶରେ ୧୦ ହଜାରରୁ ଅଧିକ ମହିଳା 'ମା କୀ ବଗିୟା'ର ବିକାଶ କରିବେ । ବୃକ୍ଷର ସୁରକ୍ଷା ନିଶ୍ଚିତ କରିବା ପାଇଁ ମହିଳା ଗୋଷ୍ଠୀଙ୍କୁ ମଧ ଆବଶ୍ୟକ ସମ୍ବଳ ଉପଲବ୍ଧ କରାଯାଉଛି ।

## ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହେଲା ଆଦିତ୍ୟ ବିର୍ଲା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶା ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଛି ଆଦିତ୍ୟ ବିର୍ଲା ଗ୍ରୁପ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛି ଆଦିତ୍ୟ ବିର୍ଲା ଗ୍ରୁପ। ଓଡ଼ିଶାରେ ସର୍ବୋତ୍କୃଷ୍ଟ ନିଯୁକ୍ତି ପ୍ରଦାନ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ସରକାରଙ୍କ ତରଫରୁ ସର୍ବୋତ୍କୃଷ୍ଟ ନିଯୁକ୍ତିଦାତା ତଥା ତାରକା ନିଯୁକ୍ତିଦାତା ଭାବେ ଆଦିତ୍ୟ ବିର୍ଲା ଗ୍ରୁପକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ଶିଳ୍ପ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଆଦିତ୍ୟ ବିର୍ଲା ଗ୍ରୁପର କର୍ପୋରେଟ ଅଫେୟାର୍ ମୁଖ୍ୟ ଅର୍ଦ୍ଧେନ୍ଦୁ ମହାପାତ୍ର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଓଡ଼ିଶା ଯୁବାବର୍ଗଙ୍କୁ ଚାକିରୀ ପ୍ରଦାନ ଦିଗରେ ପ୍ରାଥମିକତା ଦିଆଯାଇଥିବାବେଳେ ଗତବର୍ଷ ୨୦୨୪, ଜୁନ୍ ମାସରୁ ଏଯାଏଁ ଅର୍ଥାତ୍ ଚଳିତବର୍ଷ ୨୦୨୫ ସେପ୍ଟେମ୍ବର ମାସ ସୁଦ୍ଧା ୧୨,୪୧୫ ଜଣ ପ୍ରାର୍ଥୀଙ୍କୁ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଚାକିରୀ ପ୍ରଦାନ କରାଯାଇଛି। ତେବେ ଏଥିମଧ୍ୟରୁ ମୋଟ୍ ୭୬ ପ୍ରତିଶତରୁ ଉର୍ଦ୍ଧ୍ୱ ଅର୍ଥାତ୍ ୯,୪୮୦ ଜଣ ପ୍ରାର୍ଥୀ କେବଳ ଓଡ଼ିଶାର ଅଛନ୍ତି । ସମ୍ପ୍ରତି ଓଡ଼ିଶା ସରକାର ଆଦିତ୍ୟ ବିର୍ଲା ଗ୍ରୁପ ଏଭଳି ପଦକ୍ଷେପକୁ ଭୂୟସି ପ୍ରଶଂସା କରିବା ସହ ରାଜ୍ୟ ସରକାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ନୂତନ ଭାବେ ଆଦିତ୍ୟ ବିର୍ଲା ଗ୍ରୁପ ଅନ୍ତର୍ଗତ ବିଭିନ୍ନ ଶିଳ୍ପରେ ନିଯୁକ୍ତି ପାଇଥିବା ୩୫ଜଣ ପ୍ରାର୍ଥୀ ଉପସ୍ଥିତ ଥିଲେ ।

## ସୋନି ଇଣ୍ଡିଆର 'ଅବ୍ କୁଛ୍ ସିନେମାଟିକ୍ କର୍‌ତେ ହେଁ'ର ଶୁଭାରମ୍ଭ



ନୂଆଦିଲ୍ଲୀ: ସୋନି ଇଣ୍ଡିଆ ପକ୍ଷରୁ ଏକ ନୂଆ ଅଭିଯାନ 'ଅବ୍ କୁଛ ସିନେମାଟିକ୍ କର୍‌ତେ ହେଁ'କୁ ଉନ୍ମୋଚନ କରାଯାଇଛି । ଏଥିରେ ଭାରତୀୟ ବିବାହର ନିରବ ନାୟକ ସ୍ଥାନୀୟ ଫଟୋ ଓ ଭିଡିଓ ଷ୍ଟୁଡିଓ ପ୍ରତି ସମ୍ମାନ ପ୍ରଦାନ କରାଯାଇଛି। ଛୋଟ ସହର ଗୁଡ଼ିକରେ ଦଶନ୍ଧି ଦଶନ୍ଧି ଧରି ସେହିସମାନ ଷ୍ଟୁଡିଓର ବିଭିନ୍ନ ପିଢ଼ି ଦ୍ୱାରା ଫଟୋଗ୍ରାଫି ପରମ୍ପରା ଆଗକୁ ବଢ଼ିଥାଏ। ସେହି ପରିବାର ପରିଚାଳିତ ଷ୍ଟୁଡିଓଗୁଡିକୁ ବେଶ୍ ବିଶ୍ୱାସ କରାଯାଏ। ଦୁନିଆ ବଦଳି ଯାଇଥିବା ବେଳେ ବିବାହରେ ମଧ୍ୟ ପରିବର୍ତ୍ତନ ଘଟିଛି। ତେଣୁ କ୍ୟାମେରାରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହି ଅଭିଯାନରେ ସୋନି ପକ୍ଷରୁ ବିବାହ କ୍ରିଏଟରମାନଙ୍କୁ ନିଜ ଗିୟର ଅପଗ୍ରେଡ୍ କରିବା ସହ ନିଜ କଳାରେ ସଂସ୍କାର ଆଣିବା ପାଇଁ ଆମନ୍ତ୍ରଣ କରାଯାଉଛି। ସୋନି ସିନେମା ଲାଇନ୍‌ର ଏଫ୍‌ଏକ୍ସ ୩୦ ପ୍ରାରମ୍ଭିକ ମଡେଲ୍ ବିନା ଖର୍ଚ୍ଚ ପ୍ରତିବନ୍ଧକରେ ସିନେମା ଭଳି ଅନୁଭବ ପ୍ରଦାନ କରୁଛି। ସୋନି ଇଣ୍ଡିଆର ଇମେଜିଂ ବ୍ୟବସାୟର ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି ଯେ, 'ସୋନି ଇଣ୍ଡିଆରେ ଆମର ବିଶ୍ୱାସ ରହିଛି ଯେ ବିବାହ ଏକ କାର୍ଯ୍ୟକ୍ରମଠାରୁ ଢ଼େର ଅଧିକ ଏବଂ ସେଗୁଡ଼ିକ ହେଉଛି ଜୀବନରେ ଏକମାତ୍ର କାହାଣୀ ଯାହାକୁ ସିନେମା ଭଳି ସମାନ ଭବ୍ୟତା ଓ ଯାଦୁ ସହିତ କହିବା ପାଇଁ ସଂରକ୍ଷିତ ରଖିବା ଦରକାର। ବିଗତ ବର୍ଷଗୁଡ଼ିକରେ ଭାରତୀୟ ବିବାହରେ ଘଟିଥିବା ରୂପାନ୍ତରଣକୁ ଆମେ ଦେଖିଛୁ। ଆଜିର ଦମ୍ପତିମାନେ କେବଳ ମୁହୂର୍ତ୍ତକୁ ତୋଳି ଧରିବାକୁ ଚାହୁଁନାହାନ୍ତି, ସେମାନେ ତାହାକୁ ଏକ ଅସୀମ ସିନେମାରେ ପରିଣତ କରିବାକୁ ଚାହୁଁଛନ୍ତି ଯାହାକୁ ପିଢ଼ି ପିଢ଼ି ଧରି ଅନୁଭବ କରିପାରିବେ। 'ଅବ କୁଛ ସିନେମାଟିକ୍ କର୍‌ତେ ହେଁ' ସହିତ ଆମେ ସେହି ଷ୍ଟୁଡିଓଗୁଡ଼ିକୁ ପାଳନ କରୁଛୁ ଯେଉଁମାନେ ପିଢ଼ି ପିଢ଼ି ଧରି ଏହି ମୁହୂର୍ତ୍ତ ଗୁଡ଼ିକର ରକ୍ଷାକାର ହୋଇଛନ୍ତି। ନୂଆ ଯୁଗର କାହାଣୀ ବର୍ଣ୍ଣନାକୁ ଗ୍ରହଣ କରିବା ଲାଗି ଆମେ ସେମାନଙ୍କୁ ସ୍ୱାଗତ କରୁଛୁ। ଏହି ଅଭିଯାନ କେବଳ ପ୍ରଯୁକ୍ତିର କଥା କହୁନାହିଁ, ଏହା ପରମ୍ପରାକୁ ସମ୍ମାନ, ପରିବର୍ତ୍ତନକୁ ଗ୍ରହଣ ଏବଂ ପ୍ରତି ପ୍ରେମକାହାଣୀକୁ ତାହା ହକଦାର ଥିବା ସିନେମାଟିକ୍ ଅଧ୍ୟାୟ ପ୍ରଦାନ କରିବାକୁ ଚାହୁଁଛି। ଏହି ସିନେମା ହେଉଛି ୬ ମିନିଟର ଏବଂ ତାହାକୁ ହିନ୍ଦୀ, ମାଲାୟାଲମ, ତେଲୁଗୁ ଓ କନ୍ନଡ ଭାଷାରେ ପ୍ରସ୍ତୁତ କରାଯାଇଛି। ଯାହା ବିବାହ ଫଟୋଗ୍ରାଫର ଓ ଦମ୍ପତିଙ୍କ ଭିତରେ ଥିବା ଭାବପୂର୍ଣ୍ଣ ସମ୍ପର୍କକୁ ତୋଳି ଧରିଛି। ନିକଟରେ ସୋନିଏଫ୍‌ଏକ୍ସ ୩୦କୁ ଗ୍ରହଣ କରିଥିବା ଡିଏଫ୍ ପ୍ରଡକ୍ସନ୍‌ର ଦେବେନ କହିଛନ୍ତି ଯେ, 'ଏହି କ୍ୟାମେରାରେ ଯେଭଳି ନମନୀୟତା ରହିଛି ଆଗରୁ ମୋର ଥିବା ଗିୟର୍‌ରେ ସେଭଳି ନମନୀୟତା ନଥିଲା। ଏଫ୍‌ଏକ୍ସ ୩୦ ଜରିଆରେ ବିବାହ ସୁଟିଂ କରିବା ବେଶ୍ ସହଜ ହୋଇଛି ଏବଂ ଫଳାଫଳ ମଧ୍ୟ ସିନେମା ଭଳି ଦେଖାଯାଉଛି।

## ଫ୍ଲିପ୍‌କାର୍ଟ ପକ୍ଷରୁ 'ଫ୍ୟାଶନ ସ୍ପଟ୍‌ଲାଇଟ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ: ୨୦୨୫ ପାର୍ବଣ ଋତୁ ପୂର୍ବରୁ ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ ବିଶେଷ କରି ଟିୟର ୨+ ଅଂଚଳଗୁଡିକରେ ଡିଜିଟାଲ-ପ୍ରଥମ ଫ୍ୟାଶନ ବ୍ରାଣ୍ଡଗୁଡିକର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏହାର ଫ୍ଲାଗସିପ ପ୍ରୋଗ୍ରାମ 'ଫ୍ୟାଶନ ସ୍ପଟଲାଇଟ'ର ଶୁଭାରମ୍ଭ ଘୋଷଣା କରିଛି। ଫ୍ଲିପକାର୍ଟ ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରୋଗ୍ରାମକୁ ୧୦ ଗୁଣ ବୃଦ୍ଧି କରିବା, ପ୍ରାୟ ୫୦୦ ବ୍ରାଣ୍ଡରେ ପହଂଚିବା ଏବଂ ଶେଷରେ ଏହାର ପହଂଚକୁ ଆହୁରି ଅନେକ କ୍ଷେତ୍ରକୁ ବିସ୍ତାର କରିବା ପାଇଁ ଯୋଜନା ରଖିଛି ଯାହା ଫ୍ୟାଶନ ସ୍ପଟଲାଇଟକୁ ଡି୨ସି ଫ୍ୟାଶନ ପ୍ରତିଭାମାନଙ୍କ ପାଇଁ ବାସ୍ତବରେ ଏକ ଗଣତାନ୍ତ୍ରିକ ଲଂଚପ୍ୟାଡରେ ପରିଣତ କରିବ। ୧୦୦ରୁ ଅଧିକ ଡି୨ସି ଫ୍ୟାଶନ ବ୍ରାଣ୍ଡ ଆଜି ଫ୍ଲିପକାର୍ଟ ଫ୍ୟାଶନରେ ଲାଇଭ ରହିଥିବା ବେଳେ ଏହି ସଂସ୍ଥା ଦେଶର ଲକ୍ଷ ଲକ୍ଷ ସପରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ, ଟ୍ରେଣ୍ଡ-ଆଧାରିତ ସିଲେକ୍ସନ ଆଣିବା ପାଇଁ ନିଜର ପ୍ରୟାସକୁ ଆହୁରି ବ୍ୟାପକ କରିଛି। ଅନେକ ଡି୨ସି ଫ୍ୟାଶନ ବ୍ରାଣ୍ଡଗୁଡିକ ଫ୍ଲିପକାର୍ଟର ମାର୍କେଟପ୍ଲେସରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ କରିଛନ୍ତି, ଯେପରିକି ରେୟାର ର୍ୟାବିଟି ବାର୍ଷିକ ଆଧାରରେ ୫୦୦%ରୁ ଅଧିକ ବୃଦ୍ଧି ହୋଇଥିବା ବେଳେ ମିରାଜିଓ ୨୩୦୦%ରୁ ଅଧିକ ବୃଦ୍ଧି ହୋଇଛି ଏବଂ ଜୁକ୍ ଗତ ବର୍ଷ ୨୦୦%ରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ଏହି ଶୁଭାରମ୍ଭ ସମ୍ପର୍କରେ ଫ୍ଲିପକାର୍ଟ ଫ୍ୟାଶନର ଉପାଧକ୍ଷ କୁନାଲ ଗୁପ୍ତା କହିଛନ୍ତି, 'ଫ୍ୟାଶନ କ୍ଷେତ୍ରରେ ଡି୨ସି ବିପ୍ଳବ ଭାରତବ୍ୟାପୀ ଉଦ୍ୟୋଗୀମାନଙ୍କ ଏକ ନୂଆ ତରଙ୍ଗ ଦ୍ୱାରା ଆଗକୁ ବଢୁଛି ଯିଏ ଆଂଚଳିକ ସଂସ୍କୃତି ଓ ଉପଭୋକ୍ତା ଆବଶ୍ୟକତା ସହ ଗଭୀର ଭାବେ ଜଡିତ। ସ୍ପଟଲାଇଟକୁ ସେମାନଙ୍କ ପାଇଁ-ଗ୍ରୀଷ୍ମ ଜଳବାୟୁ, ସ୍ଥାନୀୟ ଅଭିଜ୍ଞତା ଓ ଫ୍ୟାବ୍ରିକ ଉଦ୍ଭାବନ ପାଇଁ ଗଠିତ ବ୍ରାଣ୍ଡଗୁଡିକ ପାଇଁ ନିର୍ମାଣ କରାଯାଇଛି, ଯାହା ଭାରତର ଲୋକମାନଙ୍କୁ ସଠିକ ଫ୍ୟାଶନ ଦେଉଛି। ଆମର ଲକ୍ଷ୍ୟ ହେଉଛି ସେମାନଙ୍କୁ ବ୍ୟାପକତା ଓ ଉତ୍ପାଦ-ବଜାର ବୈଧତା ହାସଲ କରିବା ପର୍ଯ୍ୟନ୍ତ ସହଯୋଗ କରି ସେମାନଙ୍କର ଜିରୋ-ଟୁ-ୱାନ ଯାତ୍ରାରେ ସକ୍ଷମ କରିବା।'

## ଟିସିଏସ୍ ଗ୍ରାମୀଣ ଆଇଟିକ୍ୱିଜର ୨୬ତମ ସଂସ୍କରଣର ଶୁଭାରମ୍ଭ

ନୂଆଦିଲ୍ଲୀ: ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଏବଂ କର୍ଣ୍ଣାଟକ ସରକାରଙ୍କ ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ବିଟି ବିଭାଗ ପକ୍ଷରୁ ଟିସିଏସ୍ ଗ୍ରାମୀଣ ଆଇଟିକ୍ୱିଜ୍ କାର୍ଯ୍ୟକ୍ରମର ୨୬ତମ ସଂସ୍କରଣ ପାଇଁ ନିବେଦନ ଖୋଲାଯାଇଥିବା ଘୋଷଣା କରାଯାଇଛି। ବେଙ୍ଗାଲୁରୁ ଟେକ୍ ସମିଟ ୨୦୨୫ର ର ଏକ ଅଂଶ ହିସାବରେ ଏହି କ୍ୱିଜରେ ଅନଲାଇନ୍ ପରୀକ୍ଷା, ଭର୍ଚୁଆଲ୍ ଏବଂ ଶାରୀରିକ କ୍ୱିଜ୍ ପର୍ଯ୍ୟାୟ ରହିଛି। ଏଥିରେ ସାରା ଭାରତର ଛୋଟ ସହର ଓ ଜିଲ୍ଲାର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଅଂଶ ଗ୍ରହଣ କରିବାକୁ ଉତ୍ସାହିତ କରାଯାଇଛି। ସହର ନିଗମ ସୀମା ମଧ୍ୟରେ ଥିବା ବିଦ୍ୟାଳୟଗୁଡିକ ପାଇଁ ଏହି କ୍ୱିଜ୍ ଖୋଲା ନୁହେଁ। ଟିସିଏସ୍ ଗ୍ରାମୀଣ ଆଇଟିକ୍ୱିଜ୍ ବିଭିନ୍ନ କ୍ଷେତ୍ରରେ ପ୍ରଯୁକ୍ତିର ପ୍ରୟୋଗ ଏବଂ ପ୍ରଯୁକ୍ତି ପରିବେଶ, ବ୍ୟବସାୟ, ଏହାର ଲୋକ, ନୂତନ ପ୍ରବୃତ୍ତି ଯେପରିକି ଏଆଇ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ଅନ୍ୟାନ୍ୟ ଦିଗଗୁଡିକ ଉପରେ ଧ୍ୟାନ ଦେବ। ଏହା ଆଇଟି ଯେଉଁ କ୍ଷେତ୍ର ଗୁଡିକରେ ପ୍ରଭାବ ପକାଇଛି, ସେହି ସବୁ କ୍ଷେତ୍ର ଯଥା ବ୍ୟାଙ୍କିଂ, ଶିକ୍ଷା, ମନୋରଞ୍ଜନ, ରୋବୋଟିକ୍ସ, ପୁସ୍ତକ, ମଲଟିମିଡିଆ, ସଙ୍ଗୀତ, ଚଳଚ୍ଚିତ୍ର, ଇଂଟରନେଟ, ବିଜ୍ଞାପନ, କ୍ରୀଡା, ଗେମିଂ ଏବଂ ସୋସିଆଲ୍ ନେଟୱାର୍କିଂ ଆଦି ମଧ ଏଥିରେ ଅନ୍ତର୍ଭୁକ୍ତ ହେବ। ଏହି କ୍ୱିଜରେ ଆଠଟି ଆଂଚଳିକ ଫାଇନାଲ୍ ଆୟୋଜିତ ହେବ ଯେଉଁଥିରେ ବିଜେତାମାନେ ୨୦୨୫ ନଭେମ୍ବରରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଫାଇନାଲରେ ଭାଗ ନେବେ। ସମସ୍ତ ଆଂଚଳିକ ବିଜୟୀଏବଂ ଦ୍ୱିତୀୟ ସ୍ଥାନଧାରୀମାନଙ୍କୁ ଯଥାକ୍ରମେ ୧୦,୦୦୦ ଏବଂ ୭,୦୦୦ ଟଙ୍କା ମୂଲ୍ୟର ଉପହାର ଭାଉଚର୍ ପ୍ରଦାନ କରାଯିବ। ଜାତୀୟ ବିଜୟୀ ଏବଂ ଦ୍ୱିତୀୟ ସ୍ଥାନଧାରୀଙ୍କୁ ଅତିରିକ୍ତ ଭାବରେ ଯଥାକ୍ରମେ ୧,୦୦,୦୦୦ ଏବଂ ୫୦,୦୦୦ ଟଙ୍କା ମୂଲ୍ୟର ଟିସିଏସ୍ ଶିକ୍ଷାବୃତି ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନେ ୨୦୨୫ ସେପ୍ଟେମ୍ବର ୩୦ ପୂର୍ବରୁ ନିମ୍ନଲିଖିତ ୱେବସାଇଟରେ କ୍ୱିଜ୍ ପାଇଁ ଅବେଦନ କରିପାରିବେ। ଏହାର ପୂର୍ବବର୍ତୀ ସଂସ୍କରଣର ଏହି କ୍ୱିଜ୍ ୨୮ ରାଜ୍ୟ ଏବଂ ଚାରି କେନ୍ଦ୍ରଶାସିତ ଅଂଚଳରୁ ୫.୬ ଲକ୍ଷରୁ ଅଧିକ ପ୍ରତିଯୋଗୀଙ୍କୁ ଆକର୍ଷିତ କରିଥିଲା। ଟିସିଏସ୍ ୨୦୦୦ ଠାରୁ କର୍ଣ୍ଣାଟକ ସରକାରଙ୍କ ଇଲେକ୍ଟ୍ରୋନିକ୍ସ, ଆଇଟି, ବିଟି ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗର ସହଭାଗିତାରେ ଗ୍ରାମୀଣ ଆଇଟିକ୍ୱିଜ୍ ଆୟୋଜନ କରି ଆସୁଛି। ଭାରତର ଛୋଟ ସହର ଓ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଇଟି ସଚେତନତା ବୃଦ୍ଧି କରିବା, ପ୍ରଯୁକ୍ତି ଜଗତର ଅଭିନବ ବିକାଶଗୁଡିକ ସହିତ ସେମାନଙ୍କୁ ପରିଚିତ କରିବାକୁ ସର୍ବଦା ଲକ୍ଷ୍ୟ ରହିଛି।





ବୋଲଗଡ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବି. ଜେ. ପି ସାଂସ୍କୃତିକ ପ୍ରକୋଷ୍ଠ ତରଫରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିନ ଅବସରରେ ଓଡିଶା ର ସମ୍ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କ ଆଦର୍ଶ ରେ ବୋଲଗଡ ବ୍ଲକ ର ବିଭିର୍ଣ୍ଣ ଗ୍ରାମ ମାନଙ୍କରେ ସେବାପକ୍ଷ ପାଳନ କରାଯାଇଛି । ଗତକାଲି ଏହି ପରିପେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସହିତ ସାଧାରଣ ସଭା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ମେଘ ମହ୍ଲାର ସାଂସ୍କୃତିକ ଦଳ ତରଫରୁ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ଭିତ୍ତିକ ଜନସଚେତନତା କାର୍ଯ୍ୟକ୍ରମ ଗାଁ ଗାଁ ରେ ପ୍ରଚାର ଓ ପ୍ରସାର କରାଯାଇଥିଲା । ଅନୁଷ୍ଠାନର କଳାକାର ଗଙ୍ଗାଧର ମହାପାତ୍ର, ଗୋପୀନାଥ ମହାପାତ୍ର ଓ ଓମ ପ୍ରକାଶ ମହାଦେବଙ୍କ ସହଯୋଗରେ ପ୍ରସାରିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖ ଅବସରରେ ପ୍ରକୋଷ୍ଠ ତରଫରୁ ବିଭିନ୍ନ ଜାଗାରେ ଜନସଚେତନତା କାର୍ଯ୍ୟକ୍ରମ, ସଫେଇ କାର୍ଯ୍ୟକ୍ରମ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ମାଗଣା ସ୍ୱାସ୍ଥ୍ୟ ସେବା ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ କରାଯିବାପାଇଁ ସ୍ଥିର କରାଯାଇଛି । ଏଥିରେ ଜିଲ୍ଲା ଓ ବ୍ଲକ ର ସମସ୍ତ କଳାକାର ଓ ସଂଯୋଜକ ମାନେ ସାମିଲ ହୋଇ ସହଯୋଗ କରିବେବୋଲି ଡ଼. ବେହେରା ଆଶା ରଖିଛନ୍ତି, ରାଜ୍ୟ ବି. ଜେ. ପି ସାଂସ୍କୃତିକ ପ୍ରକୋଷ୍ଠ ର ସଂଯୋଜିକା ଶ ପିଙ୍କି ପ୍ରଧାନ, ସହ ସଂଯୋଜକ କୃତିବାସ ରଥ ଓ ଭାରତୀୟ ଜନତାପାର୍ଟିର ପ୍ରମୁଖ ନେତୃବୃନ୍ଦଙ୍କ ସହଯୋଗରେ ରାଜ୍ୟରେ ଏହି ସେବାପକ୍ଷ ପାଳନ କରାଯାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଏଥିରେ ପ୍ରମୁଖ ସ୍ଥାନ ନେବ ବୋଲି ଶ୍ରୀଯୁକ୍ତ ବେହେରା ଆଶା ରଖିଛନ୍ତି ।

# କାମରେ ଲାଗୁନି ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ




ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ବଡବାହାଲ ପଞ୍ଚାୟତ ଅନ୍ତର୍ଗତ ବଡବାହାଲ ଛକ ନିକଟରେ ନିର୍ମାଣ ଧିନ ସୌଜନ୍ୟ ଶୌଚାଳୟ ଯାହା ସରପଞ୍ଚଙ୍କ ଅଧିନରେ ନିର୍ମିତ ହୋଇଛି । ଖାଲି ଗୋଟିଏ ନୁହେଁ ପାଖେ ପାଖେ ୨ଗୋଟି ଶୌଚାଳୟ ଯାହା ତାଲାପଡି ରହିଛି, ଲୋକଙ୍କ କାମରେ ଆସୁନାହିଁ । ଏହି ଶୌଚାଳୟ ଦ୍ୱୟ ୩ଲକ୍ଷ ଲେଖା ସର୍ବମୋଟ ୬ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ଧିନ ହୋଇଥିବା ବେଳେ । ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇ ପାରିନି । ଏହାର କାର୍ଯ୍ୟ ୨୦୨୪ରେ ଆରମ୍ଭ ହୋଇଥିବା ବେଳେ ଆଜକୁ ବର୍ଷେରୁ ଅଧିକ ହେବ ଗୋଟିଏର କାମ ସରିଛି ଏବଂ ଅନ୍ୟ ଗୋଟେ ଅଧାରେ ପଡ଼ିରହିଛି । ସମସ୍ୟା ସାଜିଛି ପାଣି । ପାଣିର ବ୍ୟବସ୍ଥା ହୋଇନ ପାରୁଥିବାରୁ ଏହା ଖାଲି ନିର୍ମାଣ କରି ରଖାଯାଇଛି । ଲୋକଙ୍କ କାମରେ ବ୍ୟବହାର ହୋଇ ପାରୁନଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଏବାବଦରେ ସରପଞ୍ଚଙ୍କ ସ୍ୱାମୀ ଓ ସମିତିଙ୍କୁ ପଚାରିବାରୁ ଏହା ଅଧା କାମ ହୋଇଛି ଏବଂ ଅଧା ବାକି ଅଛି ବୋଲି କହିଛନ୍ତି । ସବୁଠାରୁ ବଡ଼କଥା କାମନସରୁଣୁ ଏଥିରେ ଲାଗିଥିବା ଫଳକଟି ଭାଙ୍ଗି ଚୁରମାର୍ ହୋଇ ପଡ଼ିରହିଛି । ଆଗକୁ ଏଥିରେ ପାଣି ସୁବିଧା କେବେ ହେବ ଓ ଲୋକଙ୍କ କାମରେ ଲାଗିବ ତାହା ସାଜିଛି ପ୍ରଶ୍ନବାଚୀ । ପାଣି ସୁବିଧା ହେଲେ ଏହା ଲୋକଙ୍କ କାର୍ଯ୍ୟରେ ଆସିବ । ତେଣୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ଲାଞ୍ଚୁଆ ଏବିଡ଼ିଓଙ୍କ ବଦଳି ଦାବିରେ ବ୍ଲକ ଘେରାଉ




ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକକୁ ଘେରାଉ କରିଛି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଗଞ୍ଜାମ । ବିବାହ ପଞ୍ଜିକରଣ ଦାୟିତ୍ୱରେ ଥିବା ଏବିଡିଓ ନିରାକାର ଜେନା ବିବାହ ପଞ୍ଜିକରଣ ସାର୍ଟିଫିକେଟ ଦେବାକୁ ସିଧା ଲାଞ୍ଚ ମାଗୁଥିବା ଅଭିଯୋଗ ଆଣିଛନ୍ତି । ଲାଞ୍ଚ ନଦେଲେ ବର୍ଷ ବର୍ଷ ଧରି ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଛି । ଏଭଳି ସମସ୍ୟା ମଧ୍ୟରେ ମଜୁଦୁର ମହିଳା ମାନେ ସରକାରୀ ଯୋଜନାରେ ସାମିଲ ହୋଇ ନ ପାରି ଆଜି ଉଗ୍ର ରୂପ ଧାରଣ କରି ବ୍ଲକ ଅଫିସ ଘେରାଉ କରିଛନ୍ତି । ରାଜ୍ୟ ମଜଦୁର ସଙ୍ଘ ଗଞ୍ଜାମ ଜିଲ୍ଲା ସଭାପତି ଭୋକାଲି ସେଠିଙ୍କ ନେତୃତ୍ୱରେ ବ୍ଲକ ଅଫିସ ଘେରାଉ କରି ଏବିଡ଼ିଓ ନିରାକାର ଜେନାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ତାଙ୍କ ଫୋଟ ଚିତ୍ରକୁ ନିଆଁ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିଡ଼ିଓ ଶରତ କୁମାର ପାତ୍ର ଅନୁପସ୍ଥିତି ଯୋଗୁଁ ଏବିଡ଼ିଓ ନିରାକାର ଜେନାଙ୍କୁ ସାକ୍ଷାତ ବେଳେ ଉଚ୍ଚ ସ୍ୱରରେ ବାକ ବିତଣ୍ଡା ହୋଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏବିଡ଼ିଓ ସେଠାରୁ ଚିଲେଇ ଚିଲେଇ ଚାଲିଯାଇଥିବା ଦେଖିବାକୁ ମିଳିଥିଲା । ଘେରାଉ ପାଇଁ ଆସିଥିବା ମଜଦୁର ସଙ୍ଘର କର୍ମକର୍ତ୍ତା ଓ ମହିଳା ତାଙ୍କ ପଛ ପଛେ ଗୋଡ଼ାଇ ଗୋଡ଼ାଇ ଯାଇ ବିଭିନ୍ନ ପ୍ରଶ୍ନ କରିଥିଲେ । ବିବାହ ପଞ୍ଜିକରଣ ସାର୍ଟିଫିକେଟ କେବେ ଦେବ ଆଉ ଅପେକ୍ଷା କରିବୁ ନାହିଁ । ଲାଞ୍ଚୁଆ ଅଫିସର ମୁର୍ଦାବାଦ ବୋଲି ନାରା ଦେଇଥିଲେ । ସଂଘ ଜିଲ୍ଲା ସଭାପତି ବିବାହ ପଞ୍ଜିକରଣ ଦାୟୀତ୍ୱରୁ ତୁରନ୍ତ ହଟାଇବା ପାଇଁ ଜୋର ଦାବି କରିଥିଲେ । ଏଥିନେଇ ବିଡ଼ିଓଙ୍କ ସହ ଫୋନରେ ଯୋଗାଯୋଗ କରିବାରୁ ତୁରନ୍ତ ଦାୟୀତ୍ୱରୁ ହଟାଇ ଦେବା ପ୍ରତିଶୃତି ମିଳିଲା ପରେ ବିକ୍ଷୋଭକାରୀ ମାନେ ବ୍ଲକ ଅଫିସ ଛାଡ଼ିଥିଲେ । ବ୍ଲକରେ ପ୍ରତି ବିଭାଗରେ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଏହିଭଳି ମାତ୍ରାଧିକ ଦୁର୍ନୀତିରେ ଲିପ୍ତ ରହି ଜନସାଧାରଣ ମାନଙ୍କୁ ଦୁର୍ବ୍ୟବହାର କରି ଜନ ଅସନ୍ତୋଷ ବଢ଼ାଉଥିବା ଅଭିଯୋଗ ଏବେ ଶୁଣିବାକୁ ମିଳୁଛି ।

# ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା




ମାଥିଲି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଚାଉଲମେନ୍ଦି ପଞ୍ଚାୟତ ସଦର ମହକୁମାଠାରେ ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା ହୋଇଯାଇଛି । ଏହି ଶୋଭାଯାତ୍ରାରେ ଚାଉଲମେନ୍ଦି ସରପଞ୍ଚ ଜଳନ୍ଧର ନାୟକ ଯୋଗ ଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହାର ମୂଳ ଲକ୍ଷ୍ୟ ହେଲା ଅଧାରୁ ପାଠ ଛାଡିଥିବା ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଜନସଚେତନତା ବା ଜାଗ୍ରତ ନିମନ୍ତେ ଚାଉଳମେନ୍ଦି ପଞ୍ଚାୟତରେ ବିଭିନ୍ନ ବିଦ୍ୟାଳୟରେ ପଦଯାତ୍ରା ଆୟୋଜିତ ହୋଇଯାଇଛି । ସରପଞ୍ଚ ଶ୍ରୀ ନାୟକ ସବୁଜ ପତାକା ଦେଖାଇ ଶୋଭାଯାତ୍ରା ର ଆରମ୍ଭ କରିଛନ୍ତି । ଚାଉଳମେନ୍ଦି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଶରଥ ନାୟକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ସେହିଭଳି ମଲଲିଗୁଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତୀକାନ୍ତ ମହାନ୍ତି ଶୋଭାଯାତ୍ରାର ମୁଖ୍ୟ ଆୟୋଜକ ଥିଲେ । ପ୍ରକାଶ ଥାଉ କି ଚାଉଳମେନ୍ଦି ପଞ୍ଚାୟତର ୪ ଜଣ ଦିବ୍ୟାଙ୍ଗ ଛାତ୍ର/ଛାତ୍ରୀଙ୍କୁ ବିଦ୍ୟାଳୟ ଗୁଡିକରେ ନାମ ଲେଖାଇଥିବା ବେଳେ ୧୦ ଜଣ ଛାତ୍ର/ଛାତ୍ରୀଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖା ଯାଇଛି । ପଞ୍ଚାୟତର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

## ରୋଗୀଙ୍କୁ ଚେୟାରରେ ଦିଆଯାଉଛି ସାଲାଇନ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ନାହି ଯଥେଷ୍ଟ ପରିମାଣର ଖଟିଆ, ପରିବାର ଲୋକଙ୍କ ସହାୟତାରେ ଚେୟାରରେ ବସି ସାଲାଏନ ନେଉଛନ୍ତି ରୋଗୀ । କିଛି ଏପରି ଚିତ୍ର ବର୍ତ୍ତମାନ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହୋଇଥିବା ବେଳେ ଏହା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯେଉଁଥିରେ ଜଣେ ରୋଗୀଙ୍କୁ ଗୋଟିଏ ସାଲାଏନ ଲାଗିଥିବାର ଫୋଟ ଦେଖୁବାକୁ ମିଳିଥିବା ବେଳେ ରୋଗୀ ଜଣଙ୍କ ଏକ ଚେୟାରରେ ବସି ଏହି ସାଲାଏନ ନେଉଥିବା ଦେଖିବାକୁ ମିଳିଛି । ଏହା ସହ ସାଲାଏନକୁ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନଥୁବାରୁ ରୋଗୀଙ୍କ ସମ୍ପର୍କୀୟ ଏହି ସାଲାଇନଟିକୁ ନିଜ ହାତରେ ଧରି ଛିଡା ହୋଇଥିବା ଫୋଟରୁ ସ୍ପଷ୍ଟ ହୋଇଛି । ଜିଲ୍ଲାରେ ୭ ମହଲା ବିଶିଷ୍ଟ ଅତ୍ୟାଧୁନିକ ଚିକିତ୍ସାଳୟରେ ରୋଗୀଙ୍କୁ ଏପରି ଚିକିତ୍ସା ସେବା ମିଳିବା ସ୍ୱାସ୍ଥ୍ୟ ସେବାର ଗୁମର ଖୋଲୁଥିବା ନେଇ ଆଲୋଚନା ହେଉଛି । ତେବେ ଏନେଇ ଆମେ ଜିଲ୍ଲା ଉପମୁଖ୍ୟ ସ୍ୱାସ୍ଥ୍ୟ ଅଧୀକାରୀ ବ୍ରଜବନ୍ଧୁ ଦାସଙ୍କୁ ଯୋଗଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ଦିନ କ୍ଷମତା ଠାରୁ ଅଧିକ ସଂଖ୍ୟକ ରୋଗୀଙ୍କ ଚିକିତ୍ସା କରାଯାଉଛି । ଫଳରେ ଆମ ନିକଟରେ ଖଟିଆ ଅଭାବ ଦେଖା ଦେଇଛି । ସମସ୍ତ ରୋଗୀଙ୍କୁ ଖଟିଆ ଦେବା ପାଇଁ ଆବଶ୍ୟକ ସଂଖ୍ୟାରେ ଖଟ ନଥିବାରୁ ଏପରି ସ୍ଥିତି ଉପୁଜିଥାଇ ପାରେ ବୋଲି ସେ ପ୍ରକାଶ କରିଛନ୍ତି ।

# ମା' ମାହେଶ୍ୱରୀଙ୍କ ପୀଠରେ ଷୋଡ଼ଶ ପୂଜା ଆରମ୍ଭ



ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦରମହକୁମା ସ୍ଥିତ ମା' ମାହେଶ୍ୱରୀ ପୀଠରେ ସର୍ବ ଗୁଣା ସଂପୂର୍ଣ୍ଣା ମା' ମାହେଶ୍ୱରୀଙ୍କ ଷୋଡ଼ଶ ଦିନାତ୍ମକ ପୂଜାକାର୍ଯ୍ୟ ଖଣ୍ଡା ବସା ମହାସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜାରେ ପୂଜକ ବୃଷଭ ମହାନ୍ତି, ଦେହୁରୀ ତ୍ରିଶୀଙ୍ଗ ବଘାର, ବରୁଆ ଭକ୍ତ ବଘାର, କଇଁରୁ ବଘାର, ନଅ ଅମାତ ଭାବରେ ବିରଞ୍ଚି ମେରଲୀ, ଚାରିଶହ କର୍ମୀ, ମଙ୍ଗୁଲୁ ପଧାନ, ଦଶରଥ ପଧାନ, ମୁରଲି ଖମାରୀ, ପଲଟନ କର୍ମୀ, କୁନ୍ଦା ପଧାନ, ସୁବାଷ ବଘାରପ୍ରମୁଖ ମାଁ ମାହେଶ୍ୱରୀଙ୍କ ପୁଜା କାର୍ଯ୍ୟ ରେ ନିୟୋଜିତ ଥିଲେ ସେହିପରି ପୂଜା ପରିଚାଳନା କମିଟିର ସଭପତି, ପ୍ରଫୁଲ୍ଲ କୁମାର ବଘାର ସମ୍ପାଦକ, ଶ୍ରୀମୁଖ ବଘାର, ଶହ ସମ୍ପାଦକ ସୁଦାମ ଚରଣ ବଘାର, ଉପ ସଭାପତି, ବିକ୍ରମ ବଘାର, ରାଧେଶ୍ୟାମ ପଧାନ, କୋଷାଧ୍ୟକ୍ଷ ମକୁନ୍ଦ୍ ପଧାନ, ଉପଦେଷ୍ଟା ପ୍ରଭାକର ବଘାର, ହରେ କୃଷ୍ଣ ବଘାର, କବି ମହାକୁର, ସଦସ୍ୟ, ବାଲଗୋପାଲ ବଘାର, ଜୟକୃଷ୍ଣ ବଘାର , ଅଶ୍ୱିନୀ ବଘାର, କାର୍ତ୍ତିକ ବଘର, ଦୁର୍ଯୋଧନ ବଘାର, ଦୁଶାସନ ବଘାର, ପିତାମ୍ବର ବଘାର, କୁନୁ ବଘାର, ସାନ ମହାକୁର, ସାଗର ମାହାର, ପିଣ୍ଟୁ ବଘାର, ମକୁନ୍ଦ୍ ବଘାର, ରମାରଞ୍ଜନ ବଘାର, ଅଶୋକ ବଘାର, ଲଳିତ ବଘାର, ତପନ ବଘାର, ସତ୍ୟ ନାରାୟନ ବଘାର, ନରୋତ୍ତମ ପଧାନ, ଅଦିବାସ ମାହାର, ଖଗେଶ୍ୱର ପ୍ରଧାନ, ଯୁବରାଜ ବଘାର, ବାଞ୍ଛା ପଧାନ ପ୍ରମୁଖ ଭକ୍ତ ବୃନ୍ଦ ଉପସ୍ଥିତ ଥିଲେ । ସେହିପରି ମୁରିବହାଲ ବ୍ଲକର ଖରାଲି, ଯମୁନା, ଜାନିପଡା, ଦନ୍ଦ୍ରା, ବାରବନ୍ଧ, କୁମ୍ଭାରି, ବାଗବାହାଲି, ଚନାବାହାଲ ପ୍ରମୁଖ ଗ୍ରାମର ମାଁ ମାହେଶ୍ୱରି ପୀଠ ମାନଙ୍କରେ ଖଣ୍ଡାବସା ପୂଜା ଧୁମ୍‌ଧାମରେ ପାଳନ ହୋଇଯାଇଛି ।

# ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରଶାସନ ତତ୍ପର

## ବିଦ୍ୟାଳୟ ଫେରିଲେ ୯୭୬ ଡ୍ରପଆଉଟ୍ ଛାତ୍ରଛାତ୍ରୀ

ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ଅଧାରୁ ପାଠ ଛାଡିଥିବା ଓ ବିଦ୍ୟାଳୟ ଯାଉ ନଥିବା ମୋଟ ୮୧୧୧ ପିଲା ରହିଥିବା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଡ୍ରପ୍‌ଆଉଟ ସର୍ଭେରୁ ଜଣାପଡ଼ିଛି । ଏମାନଙ୍କ ମଧ୍ୟରୁ ୬୦୭୫ ଜଣ ଡ୍ରପ୍ ଆଉଟ ଥିବାବେଳେ ୨୦୩୬ଜଣ ପିଲା ଆଦୌ ସ୍କୁଲକୁ ଯାଇନାହାନ୍ତି । ମୋଟ ୯୭୬ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଦ୍ୟାଳୟରେ ନାମ ସେ ଲେଖାଯାଇଥିବା ଜିଲ୍ଲା ସର୍ବଶିକ୍ଷା ଅଭିଯାନ ବିଭାଗ ସୂତ୍ରରୁ ଜଣା ପଡିଛି । ଜିଲ୍ଲା ଶିକ୍ଷା ଅଧୀକାରୀ ତଥା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡ଼ିଛି କି, ୭ ରୁ ୧୪ ବର୍ଷ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟରେ ୨୫୨୬ଜଣ, ୧୫ରୁ ୧୬ ବର୍ଷ ମଧ୍ୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୧୪୧ଜଣ, ୧୭ରୁ ୧୮ ବର୍ଷ ମଧ୍ୟରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୧୪୦୦ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଛନ୍ତି । ସେମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବ୍ଲକରୁ ୮୨୦ ଜଣ, କାଳିମେଳା ବ୍ଲକରୁ ୫୮୭ ଜଣ, ଖଇରପୁଟ ବ୍ଲକରୁ ୮୨୭ଜଣ, କୋରୁକୁଣ୍ଡା ବ୍ଲକରୁ ୭୩୩ ଜଣ, ମାଲକାନଗିରି ବ୍ଲକରୁ ୧୬୬୪ ଜଣ, ମାଥିଲି ବ୍ଲକରୁ ୯୯୭ ଜଣ, ପଡିଆ ବ୍ଲକର ୪୪୭ ଜଣ ମୋଟ ୬୦୭୫ ଜଣ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିଛନ୍ତି । ଇତିମଧ୍ୟରେ ଡ୍ରପ୍‌ଆଉଟ ପିଲାଙ୍କ ପରିବାର ଏବଂ ଛାତ୍ରଛାତ୍ରୀଙ୍କୁ କାଉନସେଲିଂ କରାଯାଇଛି । ସ୍କୁଲର ଦୂରତା, ପରିବାରର ଦାରିଦ୍ର୍ୟତା, ଭଲ ପାଠ ନ ପଢିବା, କାମରେ ପରିବାରକୁ ସାହାଯ୍ୟ କରିବା ଭଳି ବିଭିନ୍ନ କାରଣ ଯୋଗୁ ସେମାନେ ଅଧାରୁ ପାଠପଢ଼ା ଛାଡିଥିବା ଜଣାପଡିଛି । ୬୦୭୫ ଡ୍ରପଆଉଟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଇତିମଧ୍ୟରେ ୯୭୬ ଛାତ୍ରୀଛାତ୍ରଙ୍କୁ ପୁନଃ ପାଠ ପଢିବା ପାଇଁ ବିଭିନ୍ନ ବିଦ୍ୟାଳୟରେ ନାମଲେଖା ଯାଇଥିବାବେଳେ ଆଗକୁ ଜିଲ୍ଲାରେ ଡ୍ରପଆଉଟ ସଂଖ୍ୟାକୁ କମେଇବା ଓ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରଶାସନ ତତ୍ପର ଥିବା କୁହାଯାଇଛି ।

# ଗାଈ ଗୁହାଳ ପାଲଟିଛି ଏଟିଏମ କେନ୍ଦ୍ର



ରଣପୁର, (ଭାସ୍କର ନ୍ୟୁଜ୍): ରାଜ୍ୟରେ ବ୍ୟାଙ୍କ ସେବାକୁ ସହଜ କରିବା ପାଇଁ ଟଙ୍କା ଉଠାଣ ଓ ଡିପୋଜିଟ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍ ସେବା ଆରମ୍ଭ କରିଛନ୍ତି । ଯାହା ଫଳରେ ବ୍ୟାଙ୍କରେ କିଛି ମାତ୍ରାରେ ଭିଡ କମ୍ ଦେଖିବାକୁ ମିଳୁଛି । ଏଟିଏମ୍ କାଉଣ୍ଟର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପାଇଁ ବ୍ୟାଙ୍କ ପରିଚାଳକ ଦୃଷ୍ଟି ଦେଉଛନ୍ତି । କିନ୍ତୁ ଅନେକ ସ୍ଥାନରେ ଏଟିଏମ୍ କାଉଣ୍ଟର ପ୍ରତି ବ୍ୟାଙ୍କ ପରିଚାଳକଙ୍କ ଅଣଦେଖା ଯୋଗୁଁ ଏଟିଏମ୍ କାଉଣ୍ଟର ଗାଈ ଗୁହାଳ ରେ ପରିଣତ ହେଉଛି । ଗାଈଙ୍କ ମଳ ମୂତ୍ରରେ ଅଗମ୍ୟ ପାଲଟୁଛି । ସେଭଳି ଦେଖିବାକୁ ମିଳୁଛି ନୟାଗଡ଼ ଜିଲ୍ଲା ରଣପୁର ଇଉ କୋ । ବ୍ୟାଙ୍କ ନିକଟରେ ଥିବା ଏଟିଏମ କାଉଣ୍ଟର ରେ । ପରିଚାଳକ ଗ୍ରାହକ ସେବାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି । ଅନେକ ସମୟରେ ଏଟିଏମ୍‌ରେ ଟଙ୍କା ନଥାଏ । ଏଟିଏମ୍‌ରେ ଡିପୋଜିଟ ସୁବିଧା ନାହିଁ । ଏଟିଏମ୍ କାଉଣ୍ଟର ଭିତରେ ଗାଈ ଓ ଷଣ୍ଢ ପଶି ମଳମୁତ୍ର ତ୍ୟାଗ କରିବା ଯୋଗୁଁ ଗ୍ରାହକ ଏଟିଏମ୍ ଭିତରେ ପଶି ପାରନ୍ତି ନାହିଁ । ବ୍ୟାଙ୍କ ଝାଡୁଦାର ଏଟିଏମ୍ ଝାଡୁ କରନ୍ତି ନାହିଁ । ଏ ନେଇ ରଣପୁର ୟୁକୋ ବ୍ୟାଙ୍କ ପରିଚାଳକଙ୍କ ସହ ବାରମ୍ବାର ଯୋଗାଯୋଗ ପାଇଁ ଚେଷ୍ଟା କରା ଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ବ୍ୟାଙ୍କ ଉଚ୍ଚ ଅଧିକାରୀ ଦୃଷ୍ଟିଦେବାକୁ ଗ୍ରାହକ ମାନେ ଅନୁରୋଧ କରିଛନ୍ତି ।

# ୮ ଲକ୍ଷ ଇନାମୀ ମହିଳା ମାଓନେତ୍ରୀଙ୍କ ଆତ୍ମସମର୍ପଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଗାରିଆବନ୍ଦ ପୋଲିସ ନିକଟରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା ଜଣେ ମହିଳା ମାଓ ନେତ୍ରୀ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ଏହି କୁଖ୍ୟାତ ମାଓ ନେତ୍ରୀଙ୍କ ନାମ ଜାନସୀ ଓରଫ ଭାଚେଲା ମାତାମି ହୋଇଥିବା ବେଳେ ସେ ମୃତ କୁଖ୍ୟାତ ମାଓବାଦୀ ସତ୍ୟମ ଗାଓ୍ୱାଡେଙ୍କ ପତ୍ନୀ ବୋଲି ଜଣା ପଡିଛି । ଜାନସୀ ମୂଳତଃ ମହାରାଷ୍ଟ୍ରର ବାସିନ୍ଦା ହୋଇଥିବା ବେଳେ ସେ ୨୦୦୫ ମସିହାରୁ ନକ୍ସଲ ସଂଗଠନ ସହିତ ଜଡିତ ରହି ବିଭିନ୍ନ ସ୍ତରରେ ଦାୟିତ୍ୱ ନିର୍ବାହ କରିଛନ୍ତି । ସେ ପ୍ରେସ୍ ଏବଂ ପ୍ରଚାର କାର୍ଯ୍ୟଠାରୁ ଆରମ୍ଭ କରି କ୍ଷେତ୍ର କମିଟି ସଦସ୍ୟ, ଡେପୁଟି କମାଣ୍ଡର, କମାଣ୍ଡର ଏବଂ ଶେଷରେ ନାଗାରି କ୍ଷେତ୍ର କମିଟି ସଚିବ ଭାବେ କାର୍ଯ୍ୟ କରିଥିଲେ । ୨୦୧୧ ମସିହାରେ ସେ ମାଓ ନେତା ତଥା ଡିଭିସିଏମ୍ ସତ୍ୟମ ଗାଓ୍ୱାଡେଙ୍କୁ ବିବାହ କରିବା ପରେ, ଦୁହେଁ ଦୀର୍ଘ ସମୟ ଧରି ମୈନପୁର ଡିଭିଜନରେ ନକ୍ସଲ କାର୍ଯ୍ୟକଳାପ ଚଳାଇଥିଲେ । ୨୦୧୪ ମସିହାରେ ଏକ ଏନକାଉଣ୍ଟର ରେ ସତ୍ୟମ ଗାଡେଙ୍କ ମୃତ୍ୟୁ ପରେ ମଧ୍ୟ, ଜାନସି ସଂଗଠନରେ ରହିଲେ ଏବଂ ୨୦୨୨ ମସିହାରୁ ସଚିବ ଭାବରେ କାର୍ଯ୍ୟ କରି ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ । ତେବେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ମାଓ ସଙ୍ଗଠନରେ ନିଜକୁ ଏକାକୀ ଅନୁଭବ କରୁଥିବା ବେଳେ ସଙ୍ଗଠନ ନୀତି ଆଦର୍ଶ ହରାଇ ଦୁର୍ବଳ ହେଉଥିବା ଏବଂ ସୁରକ୍ଷା ବଳର ଘନ ଘନ ଅପରେସନ ଯୋଗୁଁ ସେ ସାଧାରଣ ଜୀବନ ଯାପନ କରିବାକୁ ନିଷ୍ପତି ନେଇ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି । ସରକାରୀ ନୀତି ନିୟମ ଅନୁଯାୟୀ ତାଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଆନ୍ତଃରାଜ୍ୟ ଡିଜେ ଲାଇଟ ସାଉଣ୍ଡରେ ଆକର୍ଷଣୀୟ ଗଣେଶ ଭସାଣି



ମୁନିଗୁଡ଼ା, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ମୁନିଗୁଡା ସଦରମହକୁମା ଆଧାମ୍ରିକ ପାଇକସାହିର ବିଜୁପଟ୍ଟନାୟକ ଯୁବକ ସଂଘ ଆନୁକୂଲ୍ୟରେ ୨୦ ବର୍ଷ ହେବ ଅନୁଷ୍ଠିତ ହୋଇ ଆସୁଥିବା ଗଣେଶ ପୂଜା ଗତକାଲି ଶିରିପୁରୁ ପୋଖରୀରେ ବିସର୍ଜନ କରାଯାଇଛି । ଗତ ୨୭ ତାରିଖରୁ ପୂଜାପାଇ ଆସୁଥିବା ମହାବିନାୟକ ପୂଜା ପର୍ବକୁ ମିନା ବଜାର, ଆଧୁନିକ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକ ସଜା ସହିତ ଲୋକମାନଙ୍କୁ ଆକର୍ଷିତ କରିଥିଲା । ହଜାର ହଜାର ଲୋକଙ୍କୁ ନିଃଶୁଳ୍କ ପ୍ରସାଦ ସେବନ କରାଯାଉଥିବା ବେଳେ ଲୋକମାନଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ନାଚ ଗୀତର ଆସର ଜମିଥିଲା । ଏହା ସତ୍ତ୍ୱେ ମଧ ଗତକାଲିର ଭସାଣୀ ପର୍ବ ପାଇଁ ଆନ୍ତଃ ରାଜ୍ୟ ଡିଜେର ସପ୍ତରଙ୍ଗର ଝିଲିମିଲି ଆଲୋକ ସାଙ୍ଗକୁ ଦର୍ଶକ ଓ କମିଟିର ଯୁବକ ମାନଙ୍କ ମନକୁ ହଟ କଲାଭଳି ରଙ୍ଗରଙ୍ଗିଆ ଗୀତର ତାଳେତାଳେ ଝୁମୁଥିଲେ ଯୁବପିଢି ମାନେ । ପାଇକ ସାହି ଗଣେଶ ମଣ୍ଡପରୁ ସୁସଜ୍ଜିତ ଗାଡିରେ ବାଣ, ବାଜା, ଡିଜେ ରୋଷଣୀରେ ବଜାର ପରିକ୍ରମା କରାଯାଇଥିଲା । ହେଲେ ଜିଲ୍ଲାର ସର୍ବ ପ୍ରଥମ ଏହି ଆକର୍ଷଣୀୟ ରୋଷଣୀକୁ ଉପଭୋଗ କରିବାକୁ ବିଭିନ୍ନ ଅଞ୍ଚଳରୁ ଧାଇଁ ଆସିଥିଲେ ଦର୍ଶକ । ଲୋକ ଗହଳିରେ ମୁନିଗୁଡ଼ା ବଜାର ଟ୍ରାଫିକ ଅଶାୟତ୍ତ ହୋଇଥିଲେ ମଧ ଆଇଆଇସି ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ଟ୍ରାଫିକ ନିୟନ୍ତ୍ରଣ କରି ଶାନ୍ତି ଶୃଙ୍ଖଳା ଭାବେ ବଜାର ପରିକ୍ରମା କରି ବିସର୍ଜନ ପାଇଁ ଯାଇଥିଲା । ହେଲେ ରୋଷଣୀ ଆସିବା ସମୟରେ ପାଇକ ସାହି ଛକରେ ସୁସଜ୍ଜିତ ଆଲୋକ ସଜା ଆଧୁନୀକ ବାଣ ଫୁଟିବାକୁ ବୃହତ କାୟ ଷ୍ଟାଣ୍ଡ ନିକଟରେ ହଜାର ହଜାର ଲୋକ ରୁଣ୍ଡ ହୋଇଥିଲେ । ବହୁ ଅପେକ୍ଷା କୃତ ଏହି ଆକର୍ଷଣୀୟ ଭିନ୍ନ ଭିନ୍ନ ରକମର ବାଣଫୁଟାକୁ ଆନନ୍ଦ ପାଇଥିଲେ ଦର୍ଶକ । ମୁନିଗୁଡା ପୋଲିସର ସହଯୋଗ ଏବଂ ଜନସାଧାରଣଙ୍କ ଶୃଙ୍ଖଳା ପାଇଁ ସାଧୁବାଦ ଜଣାଇଛନ୍ତି ଆୟୋଜିତ ଅନୁଷ୍ଠାନର ସଦସ୍ୟମାନେ ।

# ଶିମିଳିପାଳରୁ ଶିକାରୀ ଗିରଫ



ବାରିପଦା, (ଭାସ୍କର ନ୍ୟୁଜ୍): ସିମିଳିପାଳ ବନ୍ୟଜନ୍ତୁ ଅଭୟାରଣ୍ୟରେ ଶିକାରକୁ ରୋକିବାରେ ବନବିଭାଗ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଠାକୁରମୁଣ୍ଡା ୱାଇଲ୍ଡଲାଇଫ୍ ରେଞ୍ଜ୍ ଅଧୀନରେ ଅବସ୍ଥିତ ପହରାଦାରୀ ସମୟରେ ଇଓ ଟ୍ରେଲ୍ ଗାର୍ଡ କ୍ୟାମେରାରେ ଏକ ଶିକାରୀଙ୍କୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବାବେଳେ ଧରାପଡ଼ିଥିଲେ । ଏହା ପରେ ବନକର୍ମଚାରୀମାନେ ଉକ୍ତ ସ୍ଥାନରେ ବ୍ୟାପକ ସନ୍ଧାନ ଅଭିଯାନ ଚାଲାଇଥିଲେ । ଭୂମିସ୍ତରରେ ସଂଗୃହୀତ ତଥ୍ୟ ଆଧାରରେ ଶିକାରୀଙ୍କ ପରିଚୟ ହୋଇଥିଲା । ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ କୁଞ୍ଜି ସାଏ (ବୟସ୍: ୪୦), ପିତା- ଦୁବୁଲିଆ ସାଏ (ମୃତ), ଗାଁ- କେଶଡିହା, ପୋଷ୍ଟ-କେଶଡିହା, ଥାନା- ମହୁଲଡିହା, ଜିଲ୍ଲା- ମୟୂରଭଞ୍ଜ ବୋଲି ପରିଚୟ କରାଯାଇଥିଲା । ଅଭିଯୁକ୍ତଙ୍କ ଘର ଓ ପରିସରରେ ଚଢ଼ାଉ କରି ବନବିଭାଗ ଦ୍ୱାରା ନିମ୍ନଲିଖିତ ଅବୈଧ ବସ୍ତୁଗୁଡ଼ିକ ଜବତ କରାଯାଇଥିଲା । ସମ୍ବର ହରିଣର ଶିଙ୍ଗ ୪, ହର୍ଣ୍ଣବିଲ୍ ପକ୍ଷୀର ଚାଞ୍ଚ- ୧, ପକ୍ଷୀ ପାଇଁ ସ୍ନେୟାର ୧୩୭ଟି, ଧନୁଷ ୩ଟି, କାଣ୍ଡ ୮ଟି, ବୈଧ ପ୍ରକ୍ରିୟା ପାଳନ କରି ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ବାରିପଦାରେ ମୟୂରଭଞ୍ଜ ଜିଲ୍ଲା ମହୋଦୟ ଉଔଗ କୋର୍ଟରେ ପ୍ରସ୍ତୁତ କରାଯାଇଛି । ବନବିଭାଗ ସୂତ୍ରରୁ ଜଣାପଡ଼ିଛି, ଆଧୁନିକ ଇଓ ଆଧାରିତ ନିଗରାନୀ ପ୍ରଣାଳୀ ସିମିଳିପାଳରେ ଅବୈଧ ଶିକାରକୁ ନିୟନ୍ତ୍ରଣ କରିବାରେ ମୁଖ୍ୟ ଭୂମିକା ନିଭାଉଛି ।

# ମା'ମାଣିକେଶ୍ୱରୀ, କଲରାଶୁଣୀ ଓ ଭୈରବୀ ମା'ଙ୍କ କୃଷିଭିତ୍ତିକ ବାଲିଯାତ୍ରା ସମାପନ



ମୁନିଗୁଡ଼ା/ଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକ ଡାଙ୍ଗସୋରଡା ଠାରେ ରାଜା ରାଜୁଡା ସମୟରୁ ହୋଇ ଆସୁଥିବା ମା ମାଣିକେଶ୍ୱରୀ ଙ୍କ କୃଷି ଓ ପ୍ରେମର ପର୍ବ ବାଲି ଯାତ୍ରା ଧୁମଧାମରେ ପାଳିତ ହୋଇ ରବିବାର ଦିନ ଉଦ୍‌ଯାପିତ ହୋଇଥିବା ବେଳେ ସୋମବାର ଦିନ ମୁନିଗୁଡା ବ୍ଲକ ଭୈରବ ଗଡ଼ର ମା ଭୈରବୀ ଏବଂ ଜଗଦଲପୁର ଠାରେ ମା କଲରାଶୁଣୀଙ୍କ ଝାମୁଯାତ୍ରା ସମାପନ ହୋଇଯାଇଛି । ଏହି ଯାତ୍ରା ୧୧ ଦିନଧରି ଅନୁଷ୍ଠିତ ହୋଇଥାଏ । ଆରମ୍ଭରୁ ପୂଜାର୍ଚ୍ଚନା ପରେ ବାଲି ଆଣି ମାଙ୍କ ପୂଜା ଘରେ ରଖାଯାଇଥାଏ । ସେହି ବାଲିରେ ଭଜା ବିହନ ପୋତା ଯାଇ ମାଙ୍କ ଅପାର କରୁଣାରୁ ଧାନ ଗଜା ହୋଇଥାଏ । ଦୈନିକ ସନ୍ଧ୍ୟାରେ ପୂଜାରୀ ବେଜୁ ନାଚ ସାଙ୍ଗକୁ ମାଙ୍କୁ ଦ୍ୱାର ଦ୍ୱାର ବୁଲାଇ ଭୋଗ ଦେଇଥାନ୍ତି, ବଡ଼ ଉପବାସ ପର ଦିନ କଣ୍ଟା ଦୋଳିରେ ମାଙ୍କ ଆଜ୍ଞାମାଳ ଧରି ଗଙ୍ଗାଧର ପୂଜାରୀ ଝୁଲୁଥିବା ବେଳେ, ପଶୁବଳି ଦିଆଯିବା ପରେ ମାଙ୍କ ଆଜ୍ଞା ପାଇଥିବା ପୂଜାରୀ ନିଆଁରେ ଖାଲି ପାଦରେ ନାଚିଥାଆନ୍ତି । ବିଭିନ୍ନ ମାନସୀକ ଧାରୀ ମାଙ୍କ ଆଜ୍ଞାରେ ମନବାଞ୍ଛା ପୂରଣ ହୋଇଥାଏ । ମାଙ୍କ ପୂଜାର୍ଚ୍ଚନା ଓ ହୋମ ଯଜ୍ଞକୁ ପୁରୋହିତ ଦୈତାରୀ ବ୍ରହ୍ମା ସମାହିତ କରିଥାନ୍ତି । ଏହି ଯାତ୍ରା ଧୁମଧାମରେ ପାଳିତ ହେଉଥିବା ବେଳେ ଲୋକମାନଙ୍କ ମନୋରଞ୍ଜନ ପାଇଁ ମିନା ବଜାର,ରାମ ଦୋଳି, ଓ ବିଭିନ୍ନ ପ୍ରକାର ଖେଳ ସମେତ ନାଚ ଗୀତର ଆସର ଜମିଥିଲା । ଜନଗହଳିକୁ ଆଖି ଆଗରେ ରଖି ଫାଣ୍ଡି ଅଧିକାରୀ ନରେନ୍ଦ୍ର ବେହେରା ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏହି ଯାତ୍ରାକୁ ଶୃଙ୍ଖଳାର ସହିତ ସମାପନ ହୋଇଥିବାରୁ କମିଟିର ସଦସ୍ୟ ଦୟାନିଧି ପାତ୍ର, ସୁନାମାଝି ବ୍ରେଡକା, ପଙ୍କଜ ଦଣ୍ଡସେନା, ବିଶ୍ୱଜିତ ଚଣ୍ଡ, କବିରାଜ ପାତ୍ର, ପଦ୍ମନ ପାଲକା, ପ୍ରଭାକର ପାତ୍ର, ଆନନ୍ଦ ପାତ୍ର, ଶବର ଦିବାକା, ଭୋଳା ପାତ୍ର, ବିଜୟାନନ୍ଦ ଦାସ, ବାମଦେବ ସେଠି ପ୍ରମୁଖ ଜନସାଧାରଣ ଓ ଡାଙ୍ଗସୋରଡା ପୋଲିସଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଉର୍ସ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, (ଭାସ୍କର ନ୍ୟୁଜ୍) : ଭଦ୍ରକରେ ମୁସଲମାନ ସମ୍ପ୍ରଦାୟର ଉର୍ସ ଉତ୍ସବ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ ଓ ସେପ୍ଟେମ୍ବର ୨୪ରେ ଉର୍ସ ଉତ୍ସବ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଭଦ୍ରକରେ ପାଳିବେ ଏହି ପର୍ବକୁ । ଏହି ଉତ୍ସବ କିପରି ଶାନ୍ତି ଶୃଙ୍ଖଳାରେ ପାଳନ ହେବ ସେ ନେଇ ଭଦ୍ରକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ଭଦ୍ରକ ମୁସଲିମ ଜମାତର କର୍ମକର୍ତ୍ତା, ହିନ୍ଦୁ ସଂଗଠନର କର୍ମକର୍ତ୍ତା, ଜିଲ୍ଲାର ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହି କିପରି ଭାବେ ଏହି ଉତ୍ସବ ଶାନ୍ତି ଶୃଙ୍ଖାଳରେ ପାଳନ ହେବ ସେ ନେଇ ଆଲୋଚନା କରାଯାଇଥିଲା । ତେବେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ପାନୀୟ ଜଳ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ରାସ୍ତାଘାଟ, ବିଜୁଳି ସରବରାହ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର







ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ମୁରୁଣ୍ଡୁଣୀ ପଞ୍ଚାୟତ ଟୁଟୁସିଙ୍ଗା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ରାଧାମୋହନ ମହାରଣାଙ୍କ ଅଧକ୍ଷତାରେ ବିଶ୍ୱପ୍ରାଥମିକ ସହାୟତା ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ରେଡକ୍ରସର ମୁଖ୍ୟ ପ୍ରଶିକ୍ଷକ ପ୍ରବୀର୍ ଦାସ୍ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ରେଡକ୍ରସ୍‌ର ଭୂମିକା କାର୍ଯ୍ୟଶୈଳୀ ଓ ପ୍ରାଥମିକ ଚିକିତ୍ସାରେ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ରେଡକ୍ରସ୍ କାଉନସେଲର୍ ସଞ୍ଜିତ୍ ମେହେର୍ ଅତିଥି ପରିଚୟ ପ୍ରଦାନ ସହିତ ପ୍ରାଥମିକ ଚିକିତ୍ସା ସହାୟତା ସମ୍ପର୍କରେ ଟିପ୍ପଣୀ ରଖିଥିଲେ । ଶେଷରେ ପ୍ରାଥମିକ ସହାୟତା ସମ୍ବନ୍ଧୀୟ ଏକ ତାଲିମ୍ ପ୍ରବୀର୍ ଦାସ୍‌ଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଇଥିଲା । ଶେଷରେ ଅନୁଷ୍ଠାନର କ୍ରୀଡା ଶିକ୍ଷକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ ସୂର୍ଯ୍ୟବନ୍ଧ ପଡ଼ାବାସୀ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି ଅଞ୍ଚଳର ଲୋକେ। ସାଧାରଣତଃ ଜଣେ ଲୋକ ବଂଚିବାକୁ ହେଲେ ତାର ଯେଉଁ ମୌଳିକ ଅଧିକାର ଆବଶ୍ୟକ ପଡ଼ିଥାଏ, ତାହାହେଲା ଯିବା ଆସିବା କରିବା ପାଇଁ ଭଲ ରାସ୍ତାଟିଏ, ନିଜକୁ ସ୍ୱଚ୍ଛ ନିର୍ମଳ ରଖିବା ହେଲେ ଭଲ ପୋଖରୀଟିଏ ଓ ଖରାବର୍ଷାରୁ ରକ୍ଷା ପାଇଁ ଘର ଖଣ୍ଡିଏ। ଏସବୁ ଅତ୍ୟନ୍ତ ଆବଶ୍ୟକୀୟ ଅଟେ। କିନ୍ତୁ ଏହି ସବୁ ମଧ୍ୟରୁ ବଞ୍ଚିତ ଅଛନ୍ତି ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଡ ଦୋହେଲ ଗ୍ରାମ ପଂଚାୟତ ସାନଦୋହେଲ ଗ୍ରାମର ସୂର୍ଯ୍ୟବନ୍ଧ ପଡାବାସୀ। ସେମାନଙ୍କ ଅଭିଯୋଗ ଅନୁଯାୟୀ ସାନ ଦୋହେଲ ବସ୍ତିରୁ ସୂର୍ଯ୍ୟବନ୍ଧ ପଡାକୁ ଆସିବାକୁ



ହେଲେ ରାସ୍ତାର ଅବସ୍ଥା ଅତି ଦୟନୀୟ। ରାସ୍ତାର ଦୁଇ ପାର୍ଶ୍ୱରେ ଲତାବୁଦା ଭରପୁର ହୋଇ ରହିଛି। ପୁରଣା କଂକ୍ରିଟ ରାସ୍ତା ଫାଟ ଫାଟ ହୋଇ ଭାଙ୍ଗି ଯାଇଥିବାରୁ ଫାଟ ଭିତରେ ବିଷଧର ସାପ ମାନେ ରହିଥିବା ଦେଖିବାକୁ ମିଳୁଛି। ବର୍ଷା ଦିନେ କାଦୁଅ ପଚ ପଚ ହୋଇ ମାଲ ମାଟି ରେ ଗୋଡ ଖସରି ଲୋକେ ପଡି ହାତ ଗୋଡ ଭାଙ୍ଗୁ ଥିବା କହୁଛନ୍ତି । ପଡ଼ାର କିଛି ଲୋକେ କ୍ରସର ଗୁଣ୍ଡ ଆଣି କିଛି ସ୍ଥାନରେ ପକେଇ ଯିବା ଆସିବା କରୁଛନ୍ତି। ସୂର୍ଯ୍ୟବନ୍ଧର ଅବସ୍ଥା ଏମିତି ଖରାପ। ମଇଳା ପାଣିରେ ଗାଧୋଇ ଲୋକେ ନାନା ପ୍ରକାର ଚର୍ମ ରୋଗରେ ପୀଡିତ ହେଉଛନ୍ତି। ବନ୍ଧରେ ଲକ୍ଷ ଲକ୍ଷ ଟଙ୍କା ର କାମ ହେଉଛି। ହେଲେ ଆଖିଦୃଶିଆ କାମ ହେଇନାହିଁ। ତେଣୁ ଆସୁଥିବା ଟଙ୍କା ଯାଉଛି କୁଆଡେ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ଲୋକେ ଡରି କି କିଛି କହିପାରୁ ନାହାନ୍ତି। ହେଲେ ରାସ୍ତା ପାଇଁ ସରପଞ୍ଚ ଠାରୁ ବ୍ଲକ ପର୍ଯ୍ୟନ୍ତ ଦରଖାସ୍ତ ଦେଲେଣି। ଦରଖାସ୍ତ କୁବା କିଏ ପଚାରେ। ଗରିବ ଲୋକର ଗୁହାରି କିଏ ଶୁଣେ। ଏପରି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ସୂର୍ଯ୍ୟବନ୍ଧ ପଡା ବାସୀ।ତେଣୁ ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସୂର୍ଯ୍ୟବନ୍ଧ ପଡାବାସୀ ଦାବି କରିଛନ୍ତି।

# 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ତଦାରଖ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକର ଠିଡିକାଜୋର, ମାଧପୁର ଓ ତଳଗାଁ ଆଦି ବିଭିନ୍ନ ଗ୍ରାମ ପଞ୍ଚାୟତ, କଣ୍ଟାମାଳ ରେଞ୍ଜ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ । ଜିଲ୍ଲାପାଳ ଶ୍ରୀ ନାୟକ ବିଭିନ୍ନ ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହରଭଙ୍ଗା ବିଡିଓ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।



# 'ମା ପାଇଁ ଗଛଟିଏ' ସଚେତନତା ଶୋଭାଯାତ୍ରା

ମାଥିଲି (ଭାସ୍କର ନ୍ୟୁଜ) ମାଥିଲି ବନାଞ୍ଚଳ ପକ୍ଷରୁ ଭାରତ ସରକାରଙ୍କ ଯେଉଁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ରହିଛି (ଏକ ପେଡ୍ ମାଁ କେ ନାମ) ପ୍ରତ୍ୟେକ ଗାଁକୁ ଚାରା ପହଞ୍ଚେଇବା ପାଇଁ ଆଜି ମାଥିଲି ପୁରୁଣା ବ୍ଲକ ଠାରୁ ଥାନା ପର୍ଯ୍ୟନ୍ତ ଏକ ରାଲି ଅନୁଷ୍ଠିତ ହୋଇଥିଲା। ଏନେଇ ଆଜି ମାଥିଲି ପୁରୁଣା ବ୍ଲକ



ପରିସରରେ ଫରେଷ୍ଟ ରେଞ୍ଜର ବାସୁଦେବ ନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ରେଞ୍ଜର ବାସୁଦେବ ନାୟକ କହିଛନ୍ତି । ଏହି ରାଲିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଫରେଷ୍ଟର ମୂରଲୀଧର ମହାରଣା , ସମାରା ଖରା, ପବିତ୍ର କୁମାର ଦାସ, ଏ ପିଙ୍କି ରାଓ ଓ ଫରେଷ୍ଟ ଗାର୍ଡ ଦିଲ୍ଲୀପ କୁମାର ଡାକୁଆ, ଅନିତା କୁମାରୀ ନାୟକ, ମଧୁସ୍ମିତା ପୃଷ୍ଟି,ଦିପ୍ତି ରଞ୍ଜନ ନାୟକ, ସେବତୀ ମାଝୀ , ଅର୍ଜୁନ ବଟେ, ମଞ୍ଜୁ ଝିଲିମିଲିଆ, ପ୍ରୀତି ପୁଷ୍ପଲତା ଦାସ, ବଂଶୀ ଅନୁଗୁଲିଆ , ହୃଷିକେଶ ପଣ୍ଡା ଓ ମାଥିଲି ରେଞ୍ଜର ପ୍ରୋଟେକ୍ସନ ସ୍କ୍ୱାର୍ଡ, ସରକାରୀ ଉଚ୍ଚ ବିଦ୍ୟାଳୟ ମାଥିଲିର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ।

# ପ୍ଲାଇଉଡ୍ କମ୍ପାନୀ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଣୀକଣା ଓ ଲୁଙ୍ଗୁରୀ ଠାରେ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭର୍ଚୁଆଲ ମାଧ୍ୟମରେ ଓଡିଶାରେ ୧୨ଜିଲ୍ଲାରେ ୨୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି କ୍ରମରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଣୀକଣା ଠାରେ ପ୍ଲାଇଉଡ୍ କମ୍ପାନୀ ଗ୍ରୀନ୍ ପ୍ଲାଏ ସାଣ୍ଡିଲା ପ୍ରାଇଭେଟ ଲିମିଟେଡ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ବ୍ଲକ ଉପାଧ୍ୟକ୍ଷା ଶିବାୟା ବାଙ୍ଗିରୀ , ବିଡିଓ ଯଶ୍ମିନ ପ୍ରଧାନ, ତହସିଲଦାର ଦେବବ୍ରତ କରାଟି, ସ୍ଥାନୀୟ ସରପଞ୍ଚ ମହାଲକ୍ଷ୍ମୀ ଜାନି ପ୍ରମୁଖ ଉପସ୍ଥିତ ଥିଲେ।ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଗ୍ରୀନ୍ ପ୍ଲାଏ ସାଣ୍ଡିଲ ପ୍ରାଇଭେଟ ଲିମିଟେଡ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିତଲ ଯୋଗଦେଇ ସେମିଳିଗୁଡା ରାଣୀକଣା ଠାରେ ୬୦୬କୋଟି ଟଙ୍କାରେ ଦୁଇଟି ପ୍ଲାଇଉଡ୍ ଫ୍ୟାକ୍ଟ୍ରି ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ଏଠାରେ ପେପର, ପ୍ଲାଇଉଡ୍ ଏବଂ ବନଜାତୀୟ ସାମଗ୍ରୀ ଉତ୍ପାଦନ ହେବ । ଫ୍ୟାକ୍ଟ୍ରି ଦ୍ୱାରା ସ୍ଥାନୀୟ ଅଚଂଳରେ ୧୩୦୦ ନୂଆ ନିଯୁକ୍ତି ସୃଷ୍ଟି ହେବ ଏବଂ ଅଂଚଳର ବିକାଶ ହେବ ବୋଲି ପ୍ରକାଶ କରିଥିଲେ ।

# କାର୍ ସହ ଗଞ୍ଜେଇ ଜବତ

କୋରାପୁଟ(ଭାସ୍କର ନ୍ୟୁଜ୍): ନନ୍ଦପୁର ବ୍ଲକ ପାଡୁଆ ପୋଲିସ ଏକ କାର୍ ସହ ୨୨୫କିଲୋ ଗଞ୍ଜେ ଜବତ କରିଛି । ତେବେ କାର୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଏସଆଇ ଦୀପକ କୁମାର ବାରିକ ପୋଲିସ ଟିମ୍ ସହ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଅତଣ୍ଡା ପଂଚାୟତର ଦୋକାନପୁଟ୍ ଅଚଂଳରୁ ଆନ୍ଧ୍ରର ଆରୁକୁ ଅଚଂଳକୁ ଏକ କାର୍ ଯୋଗେ ଗଞ୍ଜେଇ ଚାଲାଣ କରାଯାଉଥିବା ସୂଚନା ମିଳିଥିଲା ।



**ଡ୍ରାଇଭର ଫେରାର**

ଏହାପରେ ପୋଲିସ ଟିମ୍ ପାଡୁଆ ଡାକବଙ୍ଗଳା ଛକ ନିକଟରେ ଗାଡି ମୋଟର ଯାଂଚ ଆରମ୍ଭ କରିଥିଲେ । ଅପରାହ୍ନ ପ୍ରାୟ ୨ଟାରେ ସମୟରେ ଏକ ମାରୁତି କାର୍ (ଓଆର୍ ୦୨ଏଏ ଲ୫୨୦୨) ହାଣ୍ଡିପୁଟ ଛକ ପଟୁ ଦ୍ରୁତଗତିରେ ଆସୁଥିବା ଦେଖି ପୋଲିସ ଟିମ୍ ଅଟକାଇ ଥିଲେ । ପୋଲିସକୁ ଦେଖି କାର୍ ଡ୍ରାଇଭର ଗାଡି ଛାଡି ସେଠାରୁ ଫେରାର ହୋଇ ଯାଇଥିଲେ । ପୋଲିସ କାର୍ ନିକଟରେ ପହଞ୍ଚି ଯାଂଚ କରିବାରୁ ଜରି ପ୍ୟାକେଟରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ । ଏହାପରେ ଗଞ୍ଜେଇ ସହ କାର୍ ଜବତ କରିଥିଲେ । ଓଜନ କରିବାରୁ ୨୨୫ କେଜି ଥିବା ଜଣାପଡିଥିଲା । ଏନେଇ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ପୋଲିସ ।

# ମା' ପାଇଁ ଗଛଟିଏ ଅଭିଯାନ ଉପରେ ସଚେତନତା

ବରଗଡ଼ (ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲା ଘନାମାଳ୍ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ 'ମାଆ ପାଇଁ ଗଛଟିଏ' ଅଭିଯାନ କାର୍ଯ୍ୟକ୍ରମ ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପରିବେଶବିତ ପ୍ରକୃତିବନ୍ଧୁ ମୀନକେତନ ସାହୁ, ସମ୍ମାନିତ ଅତିଥି ଭାବରେ ପ୍ରକୃତି ବନ୍ଧୁ କେଦାରନାଥ ସାହୁ, ଦିପ୍ତୀପୁର ଫରେଷ୍ଟର ସୁଶାନ୍ତ ଦାଶ, ମୁଖ୍ୟବକ୍ତା ଭାବେ ପ୍ରକୃତି ପ୍ରେମୀ ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ସରାଫ ଯୋଗ ଦେଇ ବୃକ୍ଷରୋପଣ ତଥା ଏହାର ସୁରକ୍ଷା ପାଇଁ ସମସ୍ତେ



ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ସଚେତନତା ସଭା ପରେ ଗ୍ରାମରେ 'ମାଆ ପାଇଁ ଗଛଟିଏ' ଅଭିଯାନ ଉପରେ ଏକ ଜନ ସଚେତନତା ପଦଯାତ୍ରା କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ମାଆମାନଙ୍କୁ, ଅଶୋକ,ମନ୍ଦାର, ଟଗର, ଲେମ୍ବୁ, ଡାଳିମ୍ବ, ପଣସ, ପିଜୁଳି, ସଜନା ଛୁଇଁ, ଅମୃତ ଭଣ୍ଡା, ଅଁଳା, ଇତ୍ୟାଦି ଶତାଧିକ ଚାରା ବଣ୍ଟନ କରାଯାଇଥିଲା। ପଲସାପାଲି ଗ୍ରାମ ପଞ୍ଚାୟତ ଅଧିନରେ ଥିବା ବିଭିନ୍ନ ଗ୍ରାମର ମହିଳା ଓ ବିଭିନ୍ନ ମହାବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଖେଳ ଶିକ୍ଷକ ରାମକୃଷ୍ଣ ବାରିକ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହିନ୍ଦୀ ଶିକ୍ଷକ ପବିତ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ତରଫରୁ ବଣ୍ଟନ କରା ଯାଇଥିବା ଗଛଗୁଡ଼ିକୁ ନେଇ ପୁଅ ଜିଉନ୍ତିଆ ଅବସରରେ ପୁଅ ଝିଅଙ୍କ ସୁରକ୍ଷିତ ଭବିଷ୍ୟତ କାମନା କରି ମା' ମାନେ ପରିବାର ସହ ନିଜ ଘର ବାଡି ବଗିଚାରେ ରୋପଣ କରିଥିଲେ । ବନରକ୍ଷୀ ତେଜସ୍ୱିନୀ ସାହୁ, ବନରକ୍ଷୀ ହେମସାଗର ସାହୁଙ୍କ ସହ ବନ ବିଭାଗର କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

# ନବଜାତକକୁ ନେଇଗଲେ ସ୍ୱାସ୍ଥ୍ୟକର୍ମୀ, ଅଭିଯୋଗ କଲେ ପରିବାର ଲୋକେ

ମାଥିଲି (ଭାସ୍କର ନ୍ୟୁଜ) : ଚିକିତ୍ସା ପାଇଁ ନବଜାତକକୁ ନେଇ ଆଉ ଫେରାଇଲେନି ସ୍ୱାସ୍ଥ୍ୟକର୍ମୀ। ଏ ସଂପର୍କରେ ପଚରାଉଚରା କରିବାରୁ ଛୁଆ ମରିଯାଇଛି ବୋଲି କହି ଘଉଡ଼ାଇ ଦେଲେ। ଏପରିକି, ପରିବାରଲୋକଙ୍କୁ ଧମକ ଚମକ ଦେବା ସହ ମା'କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦେଲେ। ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ବିରୋଧରେ ଆଜି ଏଭଳି ଏକ ସାଂଘାତିକ ଅଭିଯୋଗ ଆସିଛି । ଅଭିଯୋଗ ଅନୁଯାୟୀ, ମାଥିଲି ବ୍ଲକ୍ ଅନ୍ତର୍ଗତ କମାରପାଲ୍ଲୀ ଗ୍ରାମର ଲଚୁ କବାସୀଙ୍କ ସ୍ତ୍ରୀ ଆଡମେ ପଡିଆମୀ ଗର୍ଭବତୀ ଥିଲେ ।



ପ୍ରସବ ବେଦନା ହେବାରୁ ପରିବାର ଲୋକ ତାଙ୍କୁ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଜୁଲାଇ ୧୮ତାରିଖ ଅପରାହ୍ଣରେ ଆଡମେ ଏକ କନ୍ୟା ପ୍ରସବ କରିଥିଲେ । ପ୍ରସବ ପରେ କିଛି ମହିଳା ନବଜାତ ସନ୍ତାନ ଟିକୁ ଧରି ଚାଲି ଯାଇଥିଲେ । ସ୍ୱାସ୍ଥ୍ୟକର୍ମୀ ନବଜାତ ଟିକୁ ଚିକିତ୍ସା ଆଳରେ ସାଙ୍ଗରେ ନେଇଯାଇଥିଲେ। କିନ୍ତୁ ତା' ପରଠାରୁ ଆଉ ଶିଶୁ ସଂପର୍କରେ କେହି ଉଁ ଚୁଁ କରି ନଥିଲେ । କିଛି ଦିନ ପରେ ଆଡମେ ସୁସ୍ଥ ହେବା ପରେ ଛୁଆ କୁଆଡ଼େ ଗଲା ବୋଲି ପଚାରିବାରୁ ଶିଶୁଟି ମରିଯାଇଛି ବୋଲି ସ୍ୱାସ୍ଥ୍ୟକର୍ମୀ କହିଥିଲେ । ସେ ଶିଶୁର ମୃତଦେହ ମାଗିବାରୁ ତାକୁ ତ ଧମକଚମକ ଦେଇ ମେଡିକାଲରୁ ଡିସ୍‌ଚାର୍ଜ ଚାର୍ଜ କରିଦେଇଥିଲେ । ଘଟଣାର ଦୁଇ ମାସ ପରେ ଏନେଇ ପରିବାର ଲୋକେ ଆଜି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଘଟଣାର ତଦନ୍ତ ପାଇଁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ତେବେ ଘଟଣା ସଂପର୍କରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ବ୍ରଜବନ୍ଧୁ ଦାସଙ୍କୁ ଯୋଗଯୋଗ କରିବାରୁ ସେ କହିଛନ୍ତି ଯେ ଏହା ଏକ ସମ୍ବେଦନଶୀଳ ଘଟଣା । ପରିବାର ଲୋକେ ଏନେଇ ଯଦି ଲିଖିତ ଅଭିଯୋଗ କରିଛନ୍ତି, ନିଶ୍ଚିତ ଭାବେ ଘଟଣାର ତଦନ୍ତ କରି ପଦକ୍ଷେପ ନେବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଉମ୍ବସରା ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା ଦାବି ଜୋର୍ ଧରିଲା

ଗୁଣପୁର(ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂତନ ବ୍ଲକ ଓ ତହସିଲ ସଂଖ୍ୟା ବୃଦ୍ଧି କରାଯିବା ନେଇ ରାଜସ୍ୱ ମନ୍ତ୍ରୀଙ୍କ ଘୋଷଣା ପରେ ରାୟଗଡ଼ା ଜିଲ୍ଲାରେ ନୂତନ ବ୍ଲକ ଗଠନ ନେଇ ଦାବି ଜୋର ଧରିଛି । ଏହି କ୍ରମରେ ଗୁଣପୁର ବ୍ଲକ ଅନ୍ତର୍ଗତ ଉମ୍ବସରା ପଂଚାୟତକୁ ନୂତନ ବ୍ଲକ ଭାବେ ଘୋଷଣା କରିବାକୁ ୬ ଗୋଟି ପଂଚାୟତର ବାସିନ୍ଦା ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଆବାହକ ଦାଶରଥି ସେନାପତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଉକ୍ତ ଶୋଭାଯାତ୍ରାଟି ସ୍ଥାନୀୟ ଏସପି ଗୁଡ଼ା ଛକ ନିକଟରୁ ବାହାରି ସହର ପରିକ୍ରମା କରି ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଶୋଭାଯାତ୍ରାରେ ୬ ଗୋଟି ପଂଚାୟତର ଶତାଧିକ ଲୋକ ସାମିଲ ହୋଇଥିଲେ । ଉମ୍ବସରା ପଂଚାୟତକୁ



ନୂତନ ବ୍ଲକ ଭାବେ ଘୋଷଣା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପଂଚାୟତ ବାସୀଙ୍କ ପକ୍ଷରୁ କୁହାଯାଇଛି ଯେ , ସଦର ବ୍ଲକର ୧୯ ଗୋଟି ପଂଚାୟତ ରହିଛି । ସେଥି ମଧ୍ୟରୁ ଉମ୍ବସରା ଏକ ବଡ଼ ପଂଚାୟତ ଅଟେ । ତେଣୁ ଟିଟିମିରି, ଘନାନ୍ତରୀ , ଭୀମପୁର,ବାଘଶଳା,ଚାଲକମ୍ବା ପଂଚାୟତକୁ ନେଇ ଉମ୍ବସରାକୁ ଏକ ନୂତନ ବ୍ଲକ ଭାବେ ଗଠନ କରାଯାଉ ବୋଲି ଦାବି କରାଯାଇଛି । ଭୌଗଳିକ ଦୃଷ୍ଟି କୋଣରୁ ସମସ୍ତ ମାନଦଣ୍ଡ ରହିଥିବାରୁ ଉମ୍ବସରାକୁ ବ୍ଲକ ଘୋଷଣା କରାଗଲେ ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ଇତ୍ୟାଦି କ୍ଷେତ୍ରରେ ଅଂଚଳର ଉନ୍ନତି ହୋଇପାରିବ । ଅଂଚଳବାସୀଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ ୬ ଗୋଟି ପଂଚାୟତର ବୁଦ୍ଧିଜୀବୀ, କୃଷିବିତ୍, ବ୍ୟବସାୟୀ ମାନେ ଉପସ୍ଥିତ ରହିଥିଲେ ।

# ଆସୁଛି ଦଶହରା, ପୂଜା ବାହାନାରେ ଖୁଡୁଖୁଡ଼ି ଖେଳକୁ ବନ୍ଦ ଦାବି

ରାଇଘର(ଭାସ୍କର ନ୍ୟୁଜ୍):ଆଗକୁ ଦଶହରା ପୂଜା ସାଙ୍ଗକୁ ନବରାତ୍ର ପୂଜା ଆସୁଥିବାବେଳେ ପୂଜା ବାହାନାରେ ଗ୍ରାମାଞ୍ଚଳରେ ଚାଲୁଥିବା ଖୁଡୁଖୁଡ଼ି ବା ଜୁଆଖେଳକୁ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ବର୍ତ୍ତମାନ ନବରାତ୍ର ପୂଜା ସକାଶେ ମା'ଙ୍କ ପୀଠ ସଜାଇ ହେଉଥିବାବେଳେ ଜୁଆ ଦଲାଲମାନେ ଖେଳ କରିବାକୁ ସଜବାଜ ହେଲେଣି। ନବରଙ୍ଗପୁର ଜିଲ୍ଲା ଛତିଶଗଡ ସୀମାନ୍ତରେ ଅବସ୍ଥିତ ରାଇଘର ବ୍ଲକରେ ୨୬ଟି ପଂଚାୟତ ରହିଛି। ନବରାତ୍ରି ପୂଜା ଓ ଦଶହରା ପରେ ପରେ ସେହି ୨୬ ଗୋଟି ପଞ୍ଚାୟତର ସାପ୍ତାହିକ ହାଟ ଦିନ ଅନୁଷ୍ଠିତ ହୁଏ ଗ୍ରାମ ଦଶହରା ।ପ୍ରକାଶ ଥାଉ କି ନବରଙ୍ଗପୁର ଜିଲ୍ଲା ପ୍ରସିଦ୍ଧ ଅଟେ ମଣ୍ଡେଇ ଯାତ୍ରା। ଏହା ମାର୍ଚ୍ଚ ଓ ଏପ୍ରିଲ ମାସ ରେ ହୋଇଥାଏ। ମଣ୍ଡେଇ ଯାତ୍ରା ଭଳି ଆୟୋଜନ ହୋଇ ଆସୁଥିବା ନବରାତ୍ର ପୂଜା ଓ ଗାଁ ଦଶହରାରେ ଜମିଥାଏ ଜୁଆଖେଳର ପସରା ।ଫଳରେ ସ୍ଥାନୀୟ ଗ୍ରାମବାସୀ ସର୍ବହରା ହେବା ସହ ଘର ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ନଜିର ରହିଛି। ପ୍ରକାଶ ଥାଉ କି ରାଇଘର ବ୍ଲକର ୨୬ ଗୋଟି ପଞ୍ଚାୟତରେ ନବରାତ୍ର ପୂଜା ଓ ଦଶହରା ସମୟରେ ପଞ୍ଚାୟତର ଗ୍ରାମାଞ୍ଚଳର ହାଟ ବଜାରରେ ଜୁଆ ଖୁଡୁଖୁଡି ଖେଳ ହେଉଥିବା ଯୋଗୁଁ ଅଞ୍ଚଳବାସୀ ଉକ୍ତ ଖେଳ ଦ୍ୱାରା ସର୍ବହରା ହେଉଛନ୍ତି । ଗତବର୍ଷ ଜିଲ୍ଲା ପୋଲିସ ପ୍ରଶାସନର ନିର୍ଦ୍ଦେଶ ହେଉ ଅଥବା ସ୍ଥାନୀୟ ରାଇଘର ଓ କୁନ୍ଦେଇ ପୋଲିସ ପକ୍ଷରୁ ହେଉ ଚଢାଉ କରାଯାଇ କିଛି ଜଣଙ୍କୁ ଗିରଫ କରାଯାଇଥିଲା ସତ। କିନ୍ତୁ ପରବର୍ତ୍ତୀ ସମୟରେ ସେହି ଜୁଆ ଖେଳ କରୁଥିବା ଦଲାଲ୍‌ମାନେ ପୁଣି ଖେଳ କରିଥିଲେ। ବର୍ତ୍ତମାନ ରାଇଘର ଉମରକୋଟର କେତେ ଗୁଡ଼ାଏ ହାଟରେ ଜୁଆଖେଳ ଖୁଲମ୍ ଖୁଲା ଚାଲିଛି । ପୋଲିସ ପେଟ୍ରୋଲିଂ କଡାକଡ଼ି ସହ ଜୁଆ ଖେଳ କିଭଳି ସମ୍ପୂର୍ଣ୍ଣ ରୂପେ ବନ୍ଦ ହେବ ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଅନ୍ୟପଟେ ପୋଲିସ୍ ଭୟରେ ଜୁଆ ଦଲାଲ ଖେଳ ବନ୍ଦ କରିବା ବଦଳରେ ପାଖରେ ଥିବା ଜଙ୍ଗଲ ମଧ୍ୟରେ ଖୁଲମ୍ ଖୁଲା ଖେଳ ଚଲାଇଛନ୍ତି । ତାସହ କିଛି ଜୁଆ ଦଲାଲ କହୁଛନ୍ତି ଯେ ଆମେ ସମସ୍ତଙ୍କ ଠାରୁ ବୁଝି ଖେଳ କରୁଛୁ। ଯାହା ଫଳରେ ଗ୍ରାମାଞ୍ଚଳରେ ଜୁଆ ଖୁଡୁଖୁଡି ଖେଳ ବୃଦ୍ଧି ପାଇବାରେ ଲାଗିଛି। ନବରାତ୍ର ପୂଜା ଓ ଗାଁ ଦଶହରାରେ ବାହାରୁ ଏବଂ ସ୍ଥାନୀୟ ଅଂଚଳର କିଛି ଦଲାଲ୍ ଆସି ଖେଳ ଆୟୋଜନ କରୁଛନ୍ତି । ଦଲାଲ୍ ମାନେ ସାଧାରଣତ ବିଳମ୍ବିତ ରାତିରେ ଏହି ଖେଳ କରୁଥିବାବେଳେ ପୋଲିସ ଭୟରେ ଗ୍ରାମ ଠାରୁ ଅଳ୍ପ ଦୂରରେ ଜଂଗଲ ମଧ୍ୟରେ ଏହି ଖେଳ ହେଉଛି। ଉକ୍ତ ଖେଳ ରାଇଘର ବ୍ଲକରେ ଲୋକଙ୍କୁ ସର୍ବହରା କରୁଥିବାବେଳେ ଏଥିପ୍ରତି ପୋଲିସ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ତେଣୁ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଖୁଡୁଖୁଡ଼ି ଖେଳ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି।

# ରଜାମୁଣ୍ଡା ଖେଳପଡିଆରେ ସାର୍ବଜନୀନ ନୂଆଖାଇ ଭେଟ୍‌ଘାଟ୍

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ପଞ୍ଚାୟତର ରଜାମୁଣ୍ଡା ଗ୍ରାମ ଖେଳ ପଡିଆ ଠାରେ ପଞ୍ଚାୟତ ସ୍ତରୀୟ ସାର୍ବଜନୀକ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ପଞ୍ଚାୟତ ସମିତି ଉପାଧକ୍ଷ ତଥା ନୂଆଖାଇ ପାଳନ କମିଟିର ସଭାପତି ଗୌତମ ତାଣ୍ଡିଙ୍କ ସଭାପତିତ୍ୱରେ ନୂଆଖାଇ ଭେଟ ଘାଟ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଞ୍ଚାୟତର ନଅଗୋଟି ଗ୍ରାମରୁ ଶହ ଶହ ମହିଳା କଳସ ଯାତ୍ରାରେ ବାହାରି ନୂଆଖାଇ ଭେଟ ଘାଟ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ପରେ ଗ୍ରାମର ଝଙ୍କାର ଗ୍ରାମ ଦେବା ଦେବୀ ଓ ମାଆ ସମଲେଶ୍ୱରୀଙ୍କୁ କୁରେ ପତର ରେ ନୂଆ ଧାନ ଚୁଡା ଓ ପିଠା ଅର୍ପଣ ପରେ ଅତିଥିମାନଙ୍କ ସମେତ ହଜାର ହଜାର ମହିଳା ଓ ପୁରୁଷ ନୂଆଖାଇ ଥିଲେ। ସବୁଠାରୁ ଆକର୍ଷଣୀୟ ଥିଲା ମହିଳାଙ୍କ କଳସ ଯାତ୍ରା, ମହିଳାଙ୍କ ରାମ କାଠି ନାଚ, ଦେଶୀ ବାଜା, ଖୋଲ କୀର୍ତନ ରେ ଗର୍ଜି ଉଠୁଥିଲା ଖେଳ ପଡିଆ ।ଏଥିରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଜେଡି ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଜେପି ରାଜ୍ୟ ସଭାପତି ଓଡିଶା ବିଜେପି,ସାଂସଦ କଳାହାଣ୍ଡି ଓ




ନୂଆପଡା ବିଧାୟକ ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ନୂଆପଡା ଜିଲ୍ଲା ପରିଷଦ ଉପାଧକ୍ଷା ଦିପିକା ଦୀପ, ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସାନମହେଶ୍ୱର ଗ୍ରାମ ପଂଚାୟତ ସରପଞ୍ଚ ଆହ୍ଲାଦିନୀ ବେହେରା ଜିଲ୍ଲା ପରିଷଦ, ଜୋନ ନମ୍ବର ୪ ଚିତ୍ତରଞ୍ଜନ ବେହେରା, ବ୍ଲକ ସରପଞ୍ଚ ସଂଘ ସଭାପତି ଖଡ଼ିଆଳ ସନ୍ତୋଷ କୁମାର ମିଶ୍ର, ସାନମହେଶ୍ୱର ପୂର୍ବତନ ସରପଞ୍ଚ ବିଦୁର କୁମାର ଶବର, ପୂର୍ବତନ ସରପଞ୍ଚ, ସାନମହେଶ୍ୱର ଶ୍ୟାମ ସୁନ୍ଦର କୁଲଦୀପ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଅତିଥିମାନେ ନୂଆଖାଇ ଏକ କୃଷିଭିତ୍ତିକ ଗଣପର୍ବ ଏହି ପର୍ବ ଆମମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖେ। ନୂଆପଡା ଜିଲ୍ଲାର ଅନେକ ଗାଁ ରେ ନୂଆଖାଇ ଭେଟ ଘାଟପର୍ବ ହେଉଛି ଯାହାକି ନିର୍ଦ୍ଦିଷ୍ଟ ଏକ ଜାତିକୁ ନେଇ ହୋଇଥାଏ। କିନ୍ତୁ ସାନମହେଶ୍ୱର ଗ୍ରାମ ପଂଚାୟତର ରଜା ମୁଣ୍ଡା ଖେଳ ପଡିଠାରେ ଗ୍ରାମ ପଂଚାୟତ ର ୯ ଗୋଟି ଗାଁ ର ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତ ଲୋକଙ୍କୁ ନେଇ ରଜାମୁଣ୍ଡା ଗ୍ରାମ ଖେଳ ପଡିଆ ଠାରେସାର୍ବଜନୀନ ନୂଆଖାଇ ଭେଟ ଘାଟ କରିଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଖୁବ ସୁନ୍ଦର ଭାବେ ଥବିରାମ ଦିପ ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର କୁଲଦୀପ। ୯ଟି ଗ୍ରାମର ଲୋକଙ୍କ ସହଯୋଗ ଓ ଲୋକେ ଆଶୀର୍ବାଦ କରିଥିବା ସାନମହେଶ୍ୱର ଗ୍ରାମ ପଂଚାୟତର ସମିତି ସଭ୍ୟ ବର୍ତ୍ତମାନର ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ଓ ସରପଞ୍ଚ ଆହ୍ଲାଦିନୀ ବେହେରାଙ୍କ ଅକ୍ଲାନ୍ତ ଉଦ୍ୟମରେ ସାର୍ବଜନୀନ ନୂଆଖାଇ ଭେଟଘାଟ ଧୂମଧାମରେ ସଫଳ ହୋଇଛି । ଦଶମୁ ବେହେରା, ପ୍ରବୀଣ ମୁଣ୍ଡ, ପୁସ୍ତମ ତାଣ୍ଡି, ଖିରୋଦ ବେହେରା, ପିଣ୍ଟୁ ନେତାମ, ସନ୍ତୋଷ ଭୋଇ, ଚିତ୍ତଦେବ ବେହେରା, ରାମେଶ୍ୱର ଶବର, ଥମୀର ମଙ୍ଗରାଜ, ଅନନ୍ତ ମାଝୀ, ସାନୁଜ ବେହେରା, ବାସୁଦେବ ତାଣ୍ଡି, ଜୟକୃଷ୍ଣ ହଂସ, ନରେନ୍ଦ୍ର ତାଣ୍ଡି, ନରେଶ ମହାରଥା, ଧନୁର୍ଦ୍ଧର ଶବର କୃପା ବଛାଙ୍କ ସମେତ ସମସ୍ତ ପଞ୍ଚାୟତ ବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଗୁଞ୍ଜି ତାଣ୍ଡିଙ୍କ ଆଶୁ ଆରୋଗ୍ୟ କାମନା କରି ତାଙ୍କ ପୁଅ ପୁସ୍ତମ ତାଣ୍ଡି ପଞ୍ଚାୟତର ପାଞ୍ଚ ଶହ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଓ ନିଃସହାୟ ମହିଳାମାନଙ୍କୁ କମ୍ବଳ ବଣ୍ଟନ କରିଥିବା ବେଳେ ପଞ୍ଚାୟତର ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଅର୍କେଷ୍ଟ୍ରାରେ ଦର୍ଶକ ଝୁମି ସମ୍ବଲପୁରୀ ଗୀତ ଓ ନାଚରେ ସମସ୍ତେ ମନଭରି ଉପଭୋଗ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଖଡ଼ିଆଳ ପୋଲିସ ଦାୟିତ୍ୱ ତୁଲାଇଥିଲେ।

# ୨୭ କେଜି ଗଞ୍ଜେଇ ଜବତ, ୨ ଗିରଫ

ଗୁଣପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଗୁଣପୁର ପୋଲିସ ସ୍ଥାନୀୟ ରେଳ ଷ୍ଟେସନ ନିକଟରେ ଚଢାଉ କରି ୨୭ କିଲୋ ଗଞ୍ଜେଇ ଜବତ କରିବା ସହ ଚୋରା ଚାଲାଣରେ ସମ୍ପୃକ୍ତି ଥିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ଅନ୍ୟ ଜଣେ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ଅଡବା ଥାନା ଅଂଚଳର ସୁଦାମ ନାୟକ ଓ ଆର.ଉଦୟଗିରି ଥାନା ଅଞ୍ଚଳର ନାନୁନା ବେବର୍ତ୍ତା ବୋଲି ଜଣା ପଡିଛି । ସୂଚନା ଅନୁଯାୟୀ ଗୁଣପୁର ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ରେଳ ଷ୍ଟେସନ ନିକଟରେ ଚଢାଉ କରିଥିଲା । ଚଢାଉ ସମୟରେ ସେମାନଙ୍କ ନିକଟରୁ ୨୭ କିଲୋ ଗଞ୍ଜେଇ ଜବତ କରିଥିଲା । ଜବତ ଗଞ୍ଜେଇ ସବୁ ବେଆଇନ ଭାବେ ଗଜପତି ଜିଲ୍ଲା ଅଞ୍ଚଳରୁ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଅଭିମୁଖେ ଚୋରା ଚାଲାଣ ହେଉଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯୫ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।ଘଟଣାର ଅଧିକା ତଦନ୍ତ ଜାରି ରଖିଛି ଗୁଣପୁର ପୋଲିସ ।



ବେଲପାହାଡ (ଭାସ୍କର ନ୍ୟୁଜ୍ ): ଶିକ୍ଷକତା ପ୍ରତି ପ୍ରେରିତ ଏବଂ ବିଦ୍ୟାଳୟରେ ଶିକ୍ଷାନୁକୂଳ ପରିବେଶକୁ ସୁଦୃଢ଼ କରିବା ଭଳି ଏକ ମହତ୍ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆଙ୍କ ଦୃଢ଼ ନେତୃତ୍ୱରେ "ଟି ୱିଥ୍ ଟିଚର୍ସ" ନାମରେ ଏକ ଅଭିନବ ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମ ବେଲପାହାଡ଼ ସ୍ଥିତ ପି.ଏମ. ଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟଠାରେ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ, ବେଲପାହାଡ଼ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁବରାଜ ସିଂ ଓ ପିପିଲିମାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମୁଲ୍ୟ କୁମାର ମଲ୍ଲିକଙ୍କ ସମେତ ଦୁଇଟି ଆଞ୍ଚଳିକ ସାଧନ କେନ୍ଦ୍ରର ୧୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସେ ସିଧାସଳଖ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବୋଧନ କରି ଶିକ୍ଷକମାନଙ୍କ ମଧ୍ୟରେ ଏକତା ଏବଂ ସାମୂହିକ ଦାୟିତ୍ୱବୋଧ ବିଦ୍ୟାଳୟ ବିକାଶର ମୂଳମନ୍ତ୍ର ବୋଲି ମତପ୍ରକାଶ କରିଥିଲେ । 'ଟି ୱିଥ୍ ଟିଚର୍ସ' ପ୍ରୟାସଟି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଶିକ୍ଷକମାନଙ୍କ ମଧ୍ୟରେ ସଂଯୋଗ ସୃଷ୍ଟିର ଏକ ମାଧ୍ୟମ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ଦିନମାନଙ୍କରେ ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ସିଧାସଳଖ ଭାବରେ ଆଲୋଚନା କରି ସେମାନଙ୍କ ସମସ୍ୟା ଗୁଡ଼ିକର ସମାଧାନ କରିବା ସହିତ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ଗଡ଼ତିଆ ସୂଚନା ପ୍ରଦାନ କରିଛନ୍ତି ।



# ମିଳିତ ଅବକାରୀ ଚଢ଼ାଉ: ୪୫୦ ଲିଟର ମଦ ଜବତ



ବାଙ୍କୀ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପଅଧିକ୍ଷକ ପି ଏଚ୍ ତିରୁପତିଙ୍କ ତତ୍ତ୍ୱାବଧାନ ରେ ବୈଦେଶ୍ୱର ଥାନା ଅନ୍ତର୍ଗତ ଖଜୁରୀ ପଦା ଏବଂ କରଡ଼ାପଲ୍ଲୀ ଗ୍ରାମରେ ଆଠଗଡ ଅବକାରୀ ବିଭାଗ, ଏବଂ ବାଙ୍କୀ ଅବକାରୀ ଥାନା ସହିତ ଏକ ମିଳିତ ଚଢାଉ କରାଯାଇଥିଲା। ଉକ୍ତ ଚଢାଉରେ ସର୍ବମୋଟ ୪୫୦ ଲିଟର ଦେଶୀ ମଦ ସହ ୪୦୦୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ୫ ଗୋଟି ମଦ ରନ୍ଧା ପାଇଁ ବ୍ୟବହୃତ ହେଉଥିବା ଆଲୁମିନିୟମ ଡିସ୍କ ଜବତ କରାଯାଇଛି ଏବଂ ୨ ଗୋଟି ମାମଲା ରୁଜୁ କରା ଯାଇଛି। ଏହି ଚଢାଉରେ ଉପସ୍ଥିତ ଥିବା ଅଫିସର ରବି ନାରାୟଣ ପଧାନ ଅବକାରୀ ନିରୀକ୍ଷକ ଆଠଗଡ.ଅରୁଣ ଭୋଇ ଅବକାରୀ ଉପ ନିରୀକ୍ଷକ ଆଠଗଡ.ସୌମ୍ୟ ରଞ୍ଜନ ମାଝୀ ଅବକାରୀ ଉପ ନିରୀକ୍ଷକ ବାଙ୍କୀ ପ୍ରଦୀପ କୁମାର ଦଳାଇ,ଏ ଏସାଇ. ମମତା ସିଂ , ବାଙ୍କୀ. ଈଶ୍ୱର ଟୁଡୁ, ବାଙ୍କୀ. ପ୍ରେମାଞ୍ଜଳି ତିର୍କି, କନେଷ୍ଟବଳ ବାଙ୍କୀ ଓ ସମସ୍ତ କମଚାରୀଗଣ ସହଯୋଗ କରିଥିଲେ।

# 'ଓଡ଼ିଆ ଜନଜୀବନ ଓ ଭାଗବତ' ସଂପର୍କିତ ଆଲୋଚନାଚକ୍ର



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଓଡ଼ିଆ ଜନଜୀବନ ଓ ଭାଗବତ' ସଂପର୍କିତ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମ ଓଡ଼ିଆ ବିଭଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ସ୍ମିତା ରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ସାରଙ୍ଗ ଜବାହର ନବୋଦୟ ବିଦ୍ୟାଳୟର ମଧୁସ୍ମିତା ମିଶ୍ର ( ରସାୟନ ବିଜ୍ଞାନ), ପରଜଙ୍ଗ କଲେଜ ପ୍ରାଧ୍ୟାପକ ବିକାଶ କୁମାର ପ୍ରଧାନ ଆନୁଷ୍ଠାନିକ ଭାବେ ଯୋଗଦେଇ ଓଡ଼ିଆ ସମାଜରେ ଭାଗବତର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ଛାତ୍ର ଛାତ୍ରୀଙ୍କୁ ଉତ୍ସାହ ପ୍ରଦାନ କରିଥିଲେ ।ଅଧ୍ୟାପକ କୁଳମଣି ମେହେର,ଅଞ୍ଜନ କୁମାର ମହାରଣା,ଅଧ୍ୟାପିକା ଦେବିକୃପା ଦଳବେହେରା ଓଡ଼ିଆ ଜନ ଜୀବନରେ ଭାଗବତର ସ୍ଥାନ ସମ୍ବନ୍ଧୀୟ ଅଭିଭାଷଣ ପ୍ରଦାନ କରିଥିଲେ ।ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ସ୍ୱଲିଖିତ ପ୍ରବନ୍ଧ ଉପସ୍ଥାନ ପୂର୍ବକ ନିଜସ୍ୱ ଅଭିବ୍ୟକ୍ତି ପ୍ରକାଶ କରିଥିବା ବେଳେ,ପ୍ରତିମା ସାହୁ ରେନୀମୟୀ ରାଉତ ,ସୁନେଲି ପରିଡା,କାଜଲ ସାହୁ ଆଦି ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ।ଏଥିସହିତ ବିଶ୍ୱ ଓଜୋନ ଦିବସ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ପାଳନ ପୂର୍ବକ ସଚେତନତା ସୃଷ୍ଟି କରାଯାଇଥିଲା ।(ପ୍ରତିବର୍ଷ ୧୬ ସେପ୍ଟେମ୍ବରରେ ପାଳିତ ହୋଇଥାଏ। ୧୯୮୭ ମସିହାରେ 'ମଣ୍ଟ୍ରିଅଲ ପ୍ରୋଟୋକଲ' (Montreal Protocol) ସହିତ, ଓଜୋନ ପରସ୍ତ ସୁରକ୍ଷା ପାଇଁ ବିଶ୍ୱ ମାନବଜାତିଙ୍କର ପ୍ରୟାସକୁ ସ୍ମରଣ କରାଯାଏ )।ଏହି ଉଭୟ କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ର ଛାତ୍ରୀଙ୍କ ସମେତ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦିନିକିଆ ମୟୂରଭଞ୍ଜ ଗସ୍ତ




ବାରିପଦା (ଭାସ୍କର ନ୍ୟୁଜ୍): ଆଜି ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି । ଉକ୍ତ ବୈଠକରେ ନବଜାତ ଶିଶୁମାନଙ୍କର ଉପଯୁକ୍ତ ପୋଷଣ ସହ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଚର୍ଚ୍ଚା ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ପ୍ରଶାସନ ପକ୍ଷରୁ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ଏକ ବିବରଣୀ ଉପସ୍ଥାପନ କରା ଯାଇଥିଲା। ବୈଠକରେ ନବଜାତ ଶିଶୁଙ୍କ ପୋଷଣ ଠାରୁ ଆରମ୍ଭ କରି ସେମାନେ ଦ୍ୱାଦଶ ଶ୍ରେଣୀରେ ପଢିବା ପର୍ଯ୍ୟନ୍ତ ସେମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ, ଦକ୍ଷତା ବୃଦ୍ଧି ହୋଇପାରିବ, ସ୍ୱାସ୍ଥ୍ୟ ଠିକ୍ ରହିବ, ତାହା ଉପରେ ଚର୍ଚ୍ଚା ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାପାସିଟି ବିଲଡିଂ ବଢାଇବା ଆବଶ୍ୟକ । ସାକ୍ଷରତା ହାର ବୃଦ୍ଧି କରିବା ସହ ସ୍କୁଲରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣାତ୍ମକ ମାନକୁ ବଢାଇବା ଦିଗରେ ଯୋଜନା କରାଯିବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଓଡ଼ିଶାର ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ଲୋକସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୟୂରଭଞ୍ଜ ଜିଲ୍ଲାର ମାନ୍ୟବର ବିଧାୟକ ବୃନ୍ଦ ପ୍ରକାଶ ସୋରେନ, ଭାସ୍କର ମଢେଇ, ଭାଦବ ହାଁସଦା, ସନାତନ ବିଜୁଲି, ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ, ଜଲେନ ନାଏକ, ସୁଶ୍ରୀ ସଞ୍ଜଳୀ ମୁର୍ମୁଙ୍କ ସମେତ ବାଲେଶ୍ୱର ବିଧାୟକ ମାନସ ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇଥିବା ବେଳେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଜିଲ୍ଲାର ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଗସ୍ତ କାଳରେ ଅନେକ ସ୍ଥାନରେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ବଜାର ରାସ୍ତା ପାଲଟିଛି ଗୋରୁ ଗୋଠ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ତହସିଲ ଅଧୀନ ରେ ଥିବା ଶହଶହ ଏକର ଅନାବାଦି ଗୋଚର ଜମିଓ ଜଙ୍ଗଲ କିସମ ଜମି ଏବେ ଜବର ଦଖଲକାରୀଙ୍କ କବ୍ଜାରେ ସ୍ୱାସ୍ଥ୍ୟକେନ୍ଦ୍ର ହେଉ କି ସରକାରୀ କାର୍ଯ୍ୟାଳୟ ହେଉ ନିର୍ମାଣ କରିବାକୁ ସରକାରୀ ଜାଗାକୁ ମାଡି ବସିଛନ୍ତି ଜବରଦଖଲକାରୀ। ଦୀର୍ଘ ଦିନଧରି କୃଷ୍ଣପ୍ରସାଦ ତହସିଲ ପ୍ରଶାସନକୁ ଜନସାଧାରଣ ଜଣାଇଥିଲେ ମଧ ପ୍ରଶାସନ ନୀରବ ରହୁଛି । ଏପରିକି କୃଷ୍ଣପ୍ରସାଦ ଅଧୀନରେ ଥିବା ଅନାବାଦି ରାସ୍ତା ଗୋଚର ଜମି ଓ ଜଙ୍ଗଲକିସମ ଜାଗାରେ କୋଠାନିର୍ମାଣ ହେଇଛି । ଦିନକୁ ଦିନ ରାସ୍ତା ସଙ୍କୁଚିତ ହେବାସହ ଅନାବାଦି ଗୋଚର ନାଳ ନର୍ଦ୍ଦମା ବାଦ ପଡୁନାହି ପ୍ରଶାସନର ନୀରବତା ଦେଖି ନିର୍ଭୟରେ ଅନେକ ଲୋକ ବ୍ୟବସାୟ ଉଦ୍ଦେଶ୍ୟରେ ଏକର ଏକର ରାସ୍ତା ପାର୍ଶ୍ୱ ଅନାବାଦି ଗୋଚର ଜମିକୁ ମାଡିବସି ଛନ୍ତି । ସ୍ଥାନୀୟ ଲୋକ କହୁଛନ୍ତି ଯେ ଅନାବାଦି ଗୋଚର ଜମି ବେଆଇନ ଭାବେ ଦଖଲ କରି ରଖିଥିବାରୁ ଗୋରୁ ଗାଈଙ୍କ ଖାଦ୍ୟ ଅଭାବ ଯୋଗୁ ବଜାର ରାସ୍ତା ଗୋରୁ ଗୋଠ ପାଲଟିଛି । ବେଳ ଥାଉ ଥାଉ ଏହି ସବୁ ସରକାରୀ ଜମିକୁ ଜବରଦଖଲ ମୁକ୍ତ ସହ ଅନାବାଦି ଜମିକୁ ସରକାରୀ କାର୍ଯ୍ୟାଳୟ ସ୍ୱାସ୍ଥ୍ୟ କେନ୍ଦ୍ର କେନ୍ଦ୍ର ନିର୍ମାଣ କରାଯିବା ସହ ଗୋଚର ଜମିକୁ ଗୋସମ୍ପଦ ପାଇଁ ବ୍ୟବହାର କରାଯିବାକୁ ଦାବି।

# ଅବକାରୀ ଚଢ଼ାଉ ବେଳେ ହଜାର ହଜାର ଲିଟର ପୋଚ୍ ଜବତ



ଚିକିଟି (ଭାସ୍କର ନ୍ୟୁଜ୍):ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଶ୍ରବଣ ବିବେକ ଏମ, ଆଇ.ପି.ଏସ୍ ଓ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ, ଓ.ଏ.ଏସ ଓ ଅବକାରୀ ଉପ ଅଧିକ୍ଷକ କୁମୁଦ ରଂଜନ କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜରଡା ଥାନା ଅନ୍ତର୍ଗତ ଜାମ ସାହି, ଯୁବା ସାହି, ବେଙ୍ଗେଇ, ସିନ୍ଧୂରପୁର, ଗୁଜୁଲିଂ ଆଦି ଅଞ୍ଚଳର ପାହାଡିଆ ଜଙ୍ଗଲ ଓ ନାଳ ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଭାଟି ଗୁଡିକୁ ନଷ୍ଟ କରିବା ସହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ୨୫୬୦୦ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୮୪୦ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ, ଡ୍ରମ, ଡେକ୍ଚି ଇତ୍ୟାଦିକୁ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୫,୦୦,୦୦୦/- ଟଙ୍କା ହେବ। ଏହି ଚଢ଼ଉ ରେ ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା, ବ୍ରହ୍ମପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଅର୍ଜୁନ କୁମାର ମଲ୍ଲିକ, ଖାରିଆଗୁଡ଼ା ଫାଣ୍ଡି ଅଧିକାରୀ ସମୀର ଜୟସିଂହ, ଦିଗପହଣ୍ଡି ଅବକାରୀ ଥାନା ଅଧିକାରୀଣୀ ଅନିତା ପ୍ରଧାନ, ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା, ବ୍ରହ୍ମପୁର ଅବକାରୀ ଥାନା ଅଧିକାରୀଣୀ ସୁଶ୍ରୀ ସଂଗୀତା ମହାପାତ୍ର, ଗୋପାଳପୁର ଅବକାରୀ ଥାନା ଅଧିକାରୀଣୀ ସସ୍ମିତା ମଲ୍ଲିକ, ଅବକାରୀ ଉପ ନିରୀକ୍ଷିକା ରାଜେଶ୍ୱରୀ ବିଶ୍ୱାଳ, ଉପ ନିରୀକ୍ଷକ ସୁବ୍ରତ ସେଠୀ, ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଉପ ନିରୀକ୍ଷିକା ନର୍ମଦା ନାହାକ, ବ୍ରହ୍ମପୁର ଅବକାରୀ ବିଭାଗର କର୍ମଚାରୀମାନଙ୍କ ସହ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ, ଜରଡା ଥାନା କର୍ମଚାରୀଙ୍କ ସହ ଏ ପି ଆର ଫୋର୍ସ ଓ ପୋଲିସ୍ କର୍ମଚାରୀ ମାନଙ୍କୁ ନେଇ ମୋଟ ୧୨୦ ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ ।

# ଓଡିଶା ଶିଳ୍ପୀ ମହାସଂଘର ଦାବିପତ୍ର

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ରାଜ୍ୟ ସମ୍ପାଦକ ପ୍ରିୟରନ କରଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟକୁ ଦାବିପତ୍ର ଦିଆଯାଇଛି । ଦାବି ଗୁଡିକ ହେଲା ରାଜ୍ୟ ସରକାର ବୁଣାକାରଙ୍କ ସମେତ କାରିଗରଙ୍କୁ ସାମିଲ କରିବା ସହ ମାସିକ ୨ହଜାର ଟଙ୍କା ଭତ୍ତା ପ୍ରଦାନ କରିବା, ଓଡିଶା ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ପାଇଁ ଏକ ବୋର୍ଡ ଗଠନ କରିବା ଓ ବୁଣାକାରଙ୍କ ନିମନ୍ତେ ରାଜ୍ୟ ବଜେଟରେ ବ୍ୟବସ୍ଥା ହୋଇଥିବା ୨ହଜାର କୋଟି ଆର୍ଥିକ ରାଶିକୁ ୫ହଜାର କୋଟିକୁ ବୃଦ୍ଧି କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଜିଲ୍ଲା ପୋଲିସ ମୁଖ୍ୟାଳୟ ତଥା ଏସପିଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲାର ବିଭିନ୍ନ ଅଚଂଳରୁ ଶତାଧିକ ବୁଣାକର ଓ କାରିଗର ଶିଳ୍ପୀ ଏକ ରାଲିରେ ସହର ପରିକ୍ରମା କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


# ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି ବଣ୍ଡା ମହିଳା



ଖଇରପୁଟ (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲାର ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟର ମହିଳାମାନେ ଧୀରେ ଧୀରେ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି । ପୂର୍ବରୁ ସେମାନେ ବାହ୍ୟଜଗତରୁ ବିଚ୍ଛିନ୍ନ ରହି ଜଙ୍ଗଲ, ପାହାଡ଼ ଘେରା ପରିବେଶ ମଧ୍ୟରେ ନିଜ ଜୀବନ କାଟୁଥିଲେ । ସରକାରୀ ଯୋଜନା କ'ଣ, ବ୍ୟାଙ୍କ ସେବା ବିଷୟରେ କିଛି ଜାଣି ନ ଥିଲେ। ହେଲେ ବଣ୍ଡା ସମ୍ପ୍ରଦାୟର ମହିଳାମାନେ ଏବେ ବ୍ୟାଙ୍କରେ ଟଙ୍କା ସଞ୍ଚୟ କରିବା ନେଇ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ସ୍ୱଳ୍ପ ଟଙ୍କାରେ ନିଜର ପରିବାର ପ୍ରତିପୋଷଣ କରୁଥିବା ଏହି ଜନଜାତି ଏବେ ବ୍ୟାଙ୍କରେ ଟଙ୍କା ସଞ୍ଚୟ କରିବା ଏବଂ ଟଙ୍କା ଉଠାଇବା ଶିଖିଲେଣି। ଅଧିକ ରୋଜଗାର କରିବା ପରେ ଏହାକୁ କିପରି ବ୍ୟାଙ୍କରେ ରଖିବେ ଏବଂ ଅଧିକ ଟଙ୍କା ପାଇବେ ସେ ନେଇ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇଛି। ମହିଳାମାନେ ବଣ୍ଡାଘାଟିରୁ ତଳକୁ ଓହ୍ଲାଇ ଖଇରପୁଟଠାରେ ରହିଥିବା ଏସ୍‌ବିଆଇ ଶାଖାରେ ନିଜର ରୋଜଗାରର ବଳକା ଟଙ୍କାକୁ ଜମା କରୁଥିବା ଦେଖିବାକୁ ମିଳୁଛି। ଏଥିସହ ସେମାନେ ବ୍ୟାଙ୍କକୁ ଯାଇ ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସହଯୋଗ ରାଶି ଉଠାଣ କରୁଛନ୍ତି ।ସୂଚନାଥାଉକି, ବଣ୍ଡା ସମ୍ପ୍ରଦାୟର ମହିଳାମାନେ ଜଙ୍ଗଲଜାତ ଦ୍ରବ୍ୟ କିମ୍ବା ଧାନ, ମାଣ୍ଡିଆ ଧରି ମାଇଲ ମାଇଲ ବାଟ ଚାଲି ସହର, ବଜାର ହାଟରେ ବିକ୍ରି କରିଥାନ୍ତି । ଏବେ ମହିଳାମାନେ ବ୍ୟାଙ୍କ କାର୍ଯ୍ୟ ଶିଖିବା ପରେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ମଧ ପହଞ୍ଚି ନିଜର ନିଜର ହକ୍ ଦାବି କରିଛନ୍ତି ।

# ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ, ଚିନ୍ତାରେ ପର୍ଯ୍ୟଟକ

- ବିଭିନ୍ନ ଘଟଣା ପରେ ବି ଚେତୁନି ପୋଲିସ
- ଆଲୋକ ବ୍ୟବସ୍ଥା ନାହିଁ, ପାଟ୍ରୋଲିଂ ଢିଲା
- ପୋଲିସ ଫାଣ୍ଡି କରିବାକୁ ଦାବି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଗୋପାଳପୁର ବେଳାଭୂମିର ବଳାତ୍କାର ଘଟଣା ହେଉ ଅବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବଳାତ୍କାର ଘଟଣା ଏବେ ବି ମନରୁ ଲିଭି ନ ଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ପୀରଜାହାନିଆ ବେଳାଭୂମିକୁ ନେଇ ଚିନ୍ତାରେ ପର୍ଯ୍ୟଟକ। କାରଣ ଏବେ ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ ହୋଇପଡିଛି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ଅପରାହ୍ନ ଠାରୁ ରାତି ପର୍ଯ୍ୟନ୍ତ ଅନେକ ସମୟରେ ପୁରୁଷ ଓ ମହିଳା ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଭୁବନେଶ୍ୱର, କଟକ ସମେତ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକ ଙ୍କ ସହ ପ୍ରେମୀ ଯୁଗଳ ଙ୍କ ପାଇଁ ପୀରଜାହାନିଆ ବେଳାଭୂମି ଅମରାବତି ପାଲଟିଛି। ପୀର ଜାହାନିଆ ବେଳାଭୂମି ନିକଟରେ ଥିବା ଝାଉଁବଣରେ ବହୁ ଆପତ୍ତିଜନକ ସାମଗ୍ରୀ ଦେଖିବାକୁ ମିଳୁଛି। ଅନେକ ସମୟରେ ଅସ୍ତରଙ୍ଗ ପୀରଜାହାନିଆ ସମୁଦ୍ରକୂଳ ହେଉ ଅବା ଝାଉଁ ଜଙ୍ଗଲ ମଧ୍ୟରେ ପ୍ରେମୀଯୁଗଳ ବୁଲୁଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ବିଶେଷ ସେମାନଙ୍କୁ ହଇରାଣ କରିବା ସହ ଜୋର ଜବରଦସ୍ତ ଟଙ୍କା ମଧ ଆଦାୟ କରିବାର ନଜିର ରହିଛି। ପୀର ଜାହାନିଆ ବେଳାଭୂମିଟି ଅସ୍ତରଙ୍ଗ ଥାନା ଅଧୀନରେ ଯାଉଥିବାରୁ ଅସ୍ତରଙ୍ଗ ଥାନାରେ କର୍ମଚାରୀ ଅଭାବରୁ ପାଟ୍ରୋଲିଂ ଧିମେଇ ଯାଉଛି। ସପ୍ତାହକ ମଧ୍ୟରେ ପୀରଜାହାନିଆରେ କେବଳ ନିର୍ଦ୍ଦିଷ୍ଟ ବାରରେ କାଁ ଭାଁ ପୋଲିସ ପାଟ୍ରୋଲିଂ ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ପୋଲିସ ନଥାଏ, ଯାହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ବିଶେଷ ଲୋକଙ୍କୁ ହଇରାଣ କରିଥାନ୍ତି। ଏଠାରେ ଅଧିକାଂଶ ସମୟରେ ଅସାମାଜିକ ଦୌରାତ୍ମ୍ୟ ଯୋଗୁଁ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅତୀତରେ ସେଠାରେ ଯୁବତୀ ହଇରାଣ କରିବା ସହ ପ୍ରେମୀ ଯୁଗଳ ଙ୍କ ଭିଡିଓ ଉତ୍ତୋଳନ ଭଳି ଜଘନ୍ୟ ଘଟଣା ମାନ ଘଟିଯାଇଛି। ପୀରଜାହାନିଆରେ ଅପରାହ୍ନ ସମୟରୁ ସନ୍ଧ୍ୟା ଶୂନଶାନ ସୁଯୋଗ ନେଇ ଯାବତୀୟ ଘଟଣା ମାନ ଘଟିଯାଉଛି ।ଏ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ଓ କିଛି ବୁଦ୍ଧିଜୀବୀ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହା ସହ ପୀରଜାହାନିଆ ବେଳାଭୂମିରେ ଉଜ୍ଜ୍ୱଳ ଆଲୋକ ଲଗେଇବା ସଙ୍ଗେ ସଙ୍ଗେ ବାଲିରେ ଚାଲିବା ନିମନ୍ତେ ଏକ ସ୍ୱତନ୍ତ୍ର ଗାଡି ଯୋଗାଇ ଦେବା ସହ ପୋଲିସ ତରଫରୁ ଏକ ଫାଣ୍ଡି ସ୍ଥାପନା ସହ କଡାକଡି ପାଟ୍ରୋଲିଂ କରିବାକୁ ଦାବୀ କରିଛନ୍ତି।

# ୭୪ତମ ଜିଲ୍ଲା ପରିଷଦ ସାଧାରଣ ବୈଠକ





ମାଲକାନଗିରି(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁଙ୍କ ଅଧକ୍ଷତାରେ ୭୪ ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଉପାଧକ୍ଷ ପତିତ ପାବନ ବୈଦ୍ୟ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସୋମେଶ କୁମାର ଉପାଧ୍ୟାୟ, ବନଖଣ୍ଡ ଅଧିକାରୀ ସାଇ କିରଣ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର ମଞ୍ଚାସୀନ ଥିଲେ । ଏହି ସଭାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପୂର୍ବ ବୈଠକରେ ହୋଇଥିବା ଆଲୋଚନା ତଥା ଜନଜାତି ଉନ୍ନୟନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ପ୍ରାଥମିକ ଶିକ୍ଷା ଓ ଗଣଶିକ୍ଷା, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ, ସମାଜ ମଙ୍ଗଳ ବିଭାଗ ଆଦି ବିଷୟରେ ଗୃହକୁ ଶ୍ରୀ ଶବର ସୂଚନା ଦେଇଥିଲେ । ବୈଠକରେ ପାନୀୟ ଜଳ ସମ୍ବନ୍ଧରେ ଆସିଥିବା ଅଭିଯୋଗ ଗୁଡିକର ସମାଧାନ ତଥା ନୂଆ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇ ଥିଲା। ସେହିପରି ଚାଲୁଥିବା ପାନୀୟ ଜଳ ପ୍ରକଳ୍ପଗୁଡିକ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ ଅଧିକାରୀଙ୍କୁ ଗୃହରେ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ସମଗ୍ର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବୀ ଡାକ୍ତର ଓ ଚିକିତ୍ସାଜନିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ଓ ପ୍ରସ୍ତାବିତ କାର୍ଯ୍ୟର ସ୍ଥିତି ଅଗ୍ରଗତି ଉପରେ ଉପସ୍ଥିତ ବିଧାୟକ ଓ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ସମୀକ୍ଷା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବୈଠକରେ ମତ ରଖିଥିଲେ। ବିଶେଷ କରି ନିର୍ଦ୍ଦିଷ୍ଟ ସମୟରେ ଟେଣ୍ଡର ପ୍ରକ୍ରିୟା ସହ ସମସ୍ତ କାର୍ଯ୍ୟ ଶେଷ କରିବା, ନୂତନ ରାସ୍ତା ନିର୍ମାଣ ଓ ମରାମତି, ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ କାର୍ଯ୍ୟ ନିମନ୍ତେ ବିଧାୟକ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତାବ ଉପସ୍ଥାପନା କରିବା ଉପରେ ଗୁରୁତ୍ୱ ଦେଇ ପଞ୍ଚାୟତ ଓ ବ୍ଲକ ମାନଙ୍କରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟର ସ୍ଥିତି ପରଖି କାର୍ଯ୍ୟାନୁଷ୍ଠନ ଗ୍ରହଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।ନିର୍ଦ୍ଦେଶମତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସମ୍ପର୍କରେ ଯଥାକ୍ରମେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକରେ ଆଲୋଚନା ପୂର୍ବକ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ। ଜନ ପ୍ରତିନିଧି ମାନେ ସମସ୍ତ ବିଷୟରେ ଆଲୋଚନା ପୂର୍ବକ ସମୀକ୍ଷା ସହ ସମଗ୍ର ଜିଲ୍ଲାରେ ଚାଲୁ ରହିଥିବା ବିଭିନ୍ନ କାର୍ଯ୍ୟ ଓ ବିଭିନ୍ନ ଯୋଜନା ଅନ୍ତର୍ଗତ ନିଜ ନିଜ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ସମୀକ୍ଷା ମଧ କରିଥିଲେ ଏବଂ ଆବଶ୍ୟକୀୟ ଥିବା ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରୟାସ ଜାରି ରଖାଯିବା ନେଇ ମତ ରଖିଥିଲେ । ଏଥି ସହ ଜିଲ୍ଲାରେ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସାର କ୍ରୟ ଓ ଉପଲବ୍ଧତା ଆଦି ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଆଜିର ଅନୁଷ୍ଠିତ ବୈଠକରେ ଆଲୋଚିତ ସମସ୍ତ ବିଷୟକୁ ଦୃଷ୍ଟିଦେଇ ତଥା ବିଧାୟକ ଓ ଜିଲ୍ଲା ପରିଷଦର ସଭ୍ୟ/ ସଭ୍ୟାମାନେ ଉତ୍ଥାପନ କରିଥିବା ପ୍ରସ୍ତାବ ଓ ସେମାନଙ୍କ ଅଂଚଳର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଏହାର ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡିଓ ମାନେ ଉପସ୍ଥିତ ଥିଲେ।

# ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ବାରିପଦା:(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସହୀଦ ସ୍ମୃତି ଭବନରେ ଆମେ: ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖରେ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି ଓ ପ୍ରଥମଥର ପାଇଁ ୯ ଦିନ ବ୍ୟାପି ଅନୁଷ୍ଠିତ ଏହି ମହୋତ୍ସବର ଓଡିଶା, କୋଲକାତା, ଆସାମର ନାଟ୍ୟସଂସ୍ଥା ଦ୍ୱାରା ମଞ୍ଚସ୍ଥ ନାଟକ ଦର୍ଶକଙ୍କ ମନରେ ଅଭୁଲା ସ୍ମୃତି ହୋଇରହିଗଲା ଓ ଏହି ଅବସରରେ କଳାକ୍ଷେତ୍ରରେ ଭଞ୍ଜମାଟି ପାଇଁ ଗୌରବ ଆଣିଥିବା ପ୍ରତିଷ୍ଠିତ ଦିବଂଗତ କଳାକାରଙ୍କ ସ୍ମୃତିରେ ୧୬ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା ଓ ଅଞ୍ଜଳି ମିଶ୍ରଙ୍କୁ ନିର୍ମଳକାନ୍ତି କବି ସ୍ମୃତି, ସୁବ୍ରତ ସାହୁଙ୍କୁ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ସ୍ମୃତି, ସୌର ବିହାରୀ ଦାସଙ୍କୁ ନିମାଇ ମହାନ୍ତି ସ୍ମୃତି, ସନ୍ତୋଷ ମହାନ୍ତିଙ୍କୁ ପ୍ରସନ୍ନ ମହାନ୍ତି ସ୍ମୃତି, ଧୀର ବସାଙ୍କୁ ଗୌରିପଦ ତ୍ରିପାଠୀ ସ୍ମୃତି, ତାପସ ସରଘରିଆଙ୍କୁ ବିଜୟ ମହାନ୍ତି ସ୍ମୃତି, ସୁବୋଧ ପଟ୍ଟନାୟକଙ୍କୁ ଅଜିତ ଦାସ ସ୍ମୃତି, ସ୍ୱରାଜ ବାରିକଙ୍କୁ ଉତ୍ତମ ମହାନ୍ତି ସ୍ମୃତି, ବ୍ରିଜେନ୍ଦ୍ର ରାଉତ ଙ୍କୁ ସଦାନନ୍ଦ ସାହୁ ସ୍ମୃତି, କୁନ୍ଦନ ଭଞ୍ଜଙ୍କୁ ସଲିଲ ମିତ୍ର ସ୍ମୃତି, ସତ୍ୟନାରାୟଣ ଦାସଙ୍କୁ ସିଦ୍ଧାର୍ଥ ବୋଷ ସ୍ମୃତି, ରତିକାନ୍ତ ବେହେରାଙ୍କୁ ସମାଜ ପତି ସ୍ମୃତି, ମହେଶ ସାହୁଙ୍କୁ ସତ୍ୟନାରାୟଣ ଭଞ୍ଜର ସ୍ମୃତି, ଶିବ ଶଙ୍କର ବାରିକଙ୍କୁ ଆନନ୍ଦ ଶଙ୍କର ଦାସ ସ୍ମୃତି, ପ୍ରୟାସ ଶତପଥିଙ୍କୁ ଡଃ ପ୍ରମୋଦ ତ୍ରିପାଠୀ ସ୍ମୃତି, ବିଶ୍ୱଜିତ ପାଲଙ୍କୁ ଡଃ ପଞ୍ଚାନନ ପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ଓ ତତସହିତ ଚିତ୍ରକଳା ପ୍ରଦର୍ଶନୀରେ ୧୮ ବର୍ଷରୁ କମ ବିଭାଗରେ ପ୍ରଥମ ଶ୍ରେୟାଂଶୁ ବେହେରା, ଦ୍ୱିତୀୟ ସୌର୍ଯ୍ୟ ସାହା, ତୃତୀୟ ତ୍ରିଲେଖା ନାୟକ ଏବଂ ୧୮ ବର୍ଷରୁ ଉର୍ଦ୍ଧ ବିଭାଗରେ ପ୍ରଥମ ସୁଲଗ୍ନା ରଣା, ଦ୍ୱିତୀୟ ରାଜକିଶୋର ମହାନ୍ତ, ତୃତୀୟ ସ୍ମୃତି ମହାନ୍ତିଙ୍କୁ ମଧ ପୁରସ୍କୃତ କରାଯାଇଥିଲା ବୋଲି ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଜଣାଇଛନ୍ତି ।



ପ୍ରୋଟିନ୍ ଏବଂ ଫାଇବରରେ ଭରପୂର ମସୁର ଡାଲି । ଏହାକୁ ଖାଇବା ଦ୍ୱାରା ପେଟ ଅଧିକ ସମୟ ପର୍ଯ୍ୟନ୍ତ ଫୁଲ୍ ରହିଥାଏ ଯାହା ଫଳରେ ଭୋକ କମ୍ ଲାଗେ । ଏହି କାରଣରୁ ମସୁର ଡାଲି ଓଜନ କମାଇବାରେ ସହାୟକ ହୋଇଥାଏ । ଏହା ସହିତ ଡାଲିରେ ଫାଇବର ଥିବାରୁ ହଜମ ପ୍ରକ୍ରିୟା ମଧ୍ୟ ଠିକ୍ ରହିଥାଏ । ମସୁର ଡାଲି ଶରୀରରେ ବଢ଼ିଥିବା କୋଲେଷ୍ଟ୍ରଲକୁ କମ୍ କରିଥାଏ, ଯାହା ଫଳରେ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଯଥେଷ୍ଟ କମିଯାଏ । ଯେହେତୁ ଏହି ଡାଲିରେ ପ୍ରଚୁର ପରିମାଣରେ ଫାଇବର ଥାଏ ତେଣୁ ଏହା ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ । ମସୁର ଡାଲି ଆଣ୍ଟିମାଇକ୍ରୋବିଆଲ୍ ଗୁଣରେ ଭରପୂର, ଯାହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି ଡାଲିରେ କ୍ୟାଲସିୟମ୍, ମାଗ୍ନେସିୟମ୍ ଏବଂ ଫସଫରସ ମଧ୍ୟ ଥାଏ, ଯାହା ହାଡ଼କୁ ମଜବୁତ କରିବାରେ ସହାୟକ ହୋଇଥାଏ । ମସୁର ଡାଲିର ସୁପ୍ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ । ମସୁର ଡ଼ାଲିର ଖେଚୁଡ଼ି କରି ମଧ୍ୟ ଆପଣ ଖାଇପାରିବେ ।



# ଦେବଶିଳ୍ପୀ ବିଶ୍ୱକର୍ମା

*ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ହେଉଛନ୍ତି ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଥିଲେ ହେଁ ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି। ତାଙ୍କୁ ବିଶ୍ୱନିୟନ୍ତା ନାରାୟଣଙ୍କ ଏକ ରୂପ ଭାବେ ଅନେକେ ଗ୍ରହଣ କରିଛନ୍ତି। ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା।*

କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୁତ ହୋଇଥିଲେ ଦେବଶିଳ୍ପୀ ବିଶ୍ୱକର୍ମା। ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନାକର, କର୍ଣ୍ଣରେ ମକର ମୁଣ୍ଡଳ, ଅନୁପମ ରତ୍ନାଳଙ୍କାରରେ ବିଭୂଷିତ। ସେ ମହାଜ୍ଞାନୀ, କିଶୋର ପରି ପ୍ରତିଭାତ। ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ। ପ୍ରଜାପତି ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମବୋଲି ପୁରାଣରେ ବର୍ଣ୍ଣିତ। ବ୍ରହ୍ମାଙ୍କ ନିର୍ଦ୍ଦେଶରେ ସେ ସମଗ୍ର ସୃଷ୍ଟି ରଚନା କରିଥିଲେ। ସେ ସକଳ ଶିଳ୍ପକଳାର ଜନକ। ସେଥିପାଇଁ ବିଭିନ୍ନ ଶିଳ୍ପାନୁଷ୍ଠାନ ମାନଙ୍କରେ କନ୍ୟ ସଂକ୍ରାନ୍ତିରେ ପୂଜା ବିଶ୍ୱକର୍ମା ପୂଜା କରାଯାଏ। ସ୍ୱର୍ଗର ଅମରାବତୀ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ। ଦେବତା ମାନଙ୍କର ସମସ୍ତ ଶାସ୍ତ୍ର, ବିମାନ ଆଦି ଏହାଙ୍କ ଦ୍ୱାରା ନିର୍ମିତ। ବଢ଼େଇ, ନିର୍ମାତା ଓ କାରିଗରମାନେ ନିଜ ନିଜ ଘରେ ବିଶ୍ୱକର୍ମାଙ୍କୁ ପୂଜା କରିଥାନ୍ତି। ବିଭିନ୍ନ ଯନ୍ତ୍ରପାତିକୁ ଶୁଦ୍ଧପୁତ କରି ପୂଜା କରାଯାଏ, ସେଥିପାଇଁ ଏହିଦିନ ଯାନ୍ତ୍ରିକ କାର୍ଯ୍ୟ ବନ୍ଦ ଥାଏ।

ଆମ ଧର୍ମଶାସ୍ତ୍ର ତଥା ଗ୍ରନ୍ଥରେ ବିଶ୍ୱକର୍ମାଙ୍କ ପାଞ୍ଚ ସ୍ୱରୂପ ଅବା ଅବତାରରେ ବର୍ଣ୍ଣନା ରହିଛି।

ବିରାଟ ବିଶ୍ୱକର୍ମା : ସୃଷ୍ଟି ରଚେତା

- ଧର୍ମବଂଶୀ ବିଶ୍ୱକର୍ମା : ମହାନ ଶିଳ୍ପ ବିଜ୍ଞାନ ବିଧାତା ପ୍ରଭାତ ପୁତ୍ର।
- ଅଗ୍ନିବଂଶୀ ବିଶ୍ୱକର୍ମା : ଆଦି ବିଜ୍ଞାନ ବିଧାତା ବସୁ ପୁତ୍ର।
- ସୁଧନ୍ୱା ବିଶ୍ୱକର୍ମା : ମହାନ ଶିଳ୍ପାଚାର୍ଯ୍ୟ ବିଜ୍ଞାନ ଜନ୍ମଦାତା ଋଷି ଅଥର୍ବାଙ୍କ ପୁତ୍ର।
- ଭୃଗୁବଂଶୀ ବିଶ୍ୱକର୍ମା : ଉତ୍କୃଷ୍ଟ ଶିଳ୍ପ ବିଜ୍ଞାନାଚାର୍ଯ୍ୟ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର।
- ପଞ୍ଚମୁଖ ବିଶ୍ୱକର୍ମା : କନ୍ଦପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚମୁଖ। ତାଙ୍କର ପାଞ୍ଚମୁଖ ଯାହା ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଋଷିଙ୍କ ମନ୍ତ୍ର ଦ୍ୱାରା ଉତ୍ପନ୍ନ ହୋଇଛି।

## ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ



**ଜଗନ୍ନାଥ :** ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ବଢ଼େଇ ଖୋଜୁଥିଲେ। ଏହି ସମୟରେ ଜଣେ ବୁଢ଼ା ବଢ଼େଇ ଆସି ପହଞ୍ଚି ଥିଲେ। ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବେ ରାଜା ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ। ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣର ଦାୟିତ୍ୱ ଦିଆଗଲା। ବୁଢ଼ା ବଢ଼େଇ ସର୍ତ୍ତ ରଖିଲେ ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ। ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବେ। ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ। ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି। ହଠାତ୍ ଆଉ ଶବ୍ଦ ନଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ। ସେ ଭାବିଲେ ବୁଢ଼ା ବଢ଼େଇ ମୃତ୍ୟୁ ବରଣ କରିଛନ୍ତି। ଗୁଣ୍ଡିଚାରାଣୀଙ୍କ ଅନୁରୋଦରୁ ଦ୍ୱାର ଉନ୍ମୁକ୍ତ କରାଗଲା। ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି – ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି। ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି। ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ। ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ କାରିଗର ବିଶ୍ୱକର୍ମା।

**ଲକ୍ଷ୍ମୀଙ୍କ ଗୃହ :** ଲକ୍ଷ୍ମୀ ପୁରାଣରୁ ମଧ ଜଣାଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର। ଶ୍ରୀୟାଚଣ୍ଡାଲୁଣୀ ଘରକୁ ଜଗତ ଜନନୀ ମା'ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରକୁ ବାହାର କରିଦେଲେ ସେତେବେଳେ ମାଆ ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ଘର ନିର୍ମାଣ ପାଇଁ। ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା'ଙ୍କ ବୈକୁଣ୍ଠ ସମାନ ନଗର ନିର୍ମାଣ କରିଥିଲେ।

**ସୁଦାମା :** ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ। ସେତେବେଳେ କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ। ସୁଦାମା ନିଜର ମନକଥା କୃଷ୍ଣଙ୍କ ପାଖରେ ପ୍ରକାଶ କରିନଥିଲେ ମଧ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର। ସଙ୍ଗେ ସଙ୍ଗେ ଦେବ ଦେବ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମା ପ୍ରାସାଦ ନିର୍ମାଣ କରି ଧନ ଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିପବା ଲାଗି। ଦ୍ୱାରକା ଭୁବନରେ ଥିବା କୃଷ୍ଣଙ୍କପୁର ମଧ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭଗବତରୁ ଜଣାଯାଏ।

**ଦେବାଦେବୀଙ୍କ ବ୍ୟବହାର୍ଯ୍ୟ ବସ୍ତୁ :** ଭଗବାନ ବିଶ୍ୱକର୍ମା ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ସୁଦାମାପୁରୀ, ଶିବମଣ୍ଡଳପୁରୀ ଆଦି ନିର୍ମାଣ କରିଥିଲେ। ପୁଷ୍ପକ ବିମାନ ନିର୍ମାଣ ତଥା ସମସ୍ତ ଦେବୀଙ୍କ ଭବନ ଏବଂ ସେମାନଙ୍କ ଦୈନିକ ଉପଯୋଗୀ ବସ୍ତୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। କର୍ଣ୍ଣଙ୍କ କୁଣ୍ଡଳ, ବିଷ୍ଣୁ ଭଗବାନଙ୍କ ସୁଦର୍ଶନ ଚକ୍ର, ଶଙ୍କର ଭଗବାନଙ୍କ ତ୍ରିଶୂଳ ଓ ଯମରାଜଙ୍କ କାଳଦଣ୍ଡ ଇତ୍ୟାଦି ନିର୍ମାଣ କରିଥିଲେ ଭଗବାନ ବିଶ୍ୱକର୍ମା।

**ସୂର୍ଯ୍ୟ କିରଣ ସୃଷ୍ଟି :** ଜୀବଜଗତକୁ ତିଷ୍ଠି ରଖିବାରେ ସହାୟକ ହେଉଥିବା ସୂର୍ଯ୍ୟ କିରଣ ମଧ ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ରାଜବଲ୍ଲଭ ବାସ୍ତୁଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି। ଏହି ବର୍ଣ୍ଣନା ଅନ୍ୟ ଗ୍ରନ୍ଥରେ ମଧ ଦେଖିବାକୁ ମିଳେ। ବିଶ୍ୱକର୍ମାଙ୍କୁ କମ୍ୱାସୁତ୍ର, ପୁସ୍ତକ ଓ ଜ୍ଞାନସୂତ୍ର ଧାରକ। ହଂସ ଉପରେ ଆରୁଢ଼, ସର୍ବଦୃଷ୍ଟିଧାରକ, ଶୁଭ ମୁକୁଟ ଓ ବୃଦ୍ଧକାୟ ବୋଲି କୁହାଯାଏ। ବିଶ୍ୱର ସର୍ବପ୍ରଥମ ଟେକ୍‌ନିକ୍ ଗ୍ରନ୍ଥ ବିଶ୍ୱକର୍ମୀୟ ଗ୍ରନ୍ଥ ବୋଲି ମନାଯାଏ। ବିଭିନ୍ନ ଗ୍ରନ୍ଥ ମଧ୍ୟରେ ବିଶ୍ୱକର୍ମୀୟ ଗ୍ରନ୍ଥ ବହୁତ ପ୍ରାଚୀନ ମନାଯାଏ। ଏହି ଗ୍ରନ୍ଥରେ ବାସ୍ତୁବିଦ୍ୟା, ରଥର ବାହାନ, ମାନବ ଓ ଦେବବାସ୍ତୁ ବିଦ୍ୟା ଗଣିତର ସୂତ୍ର ଏକା ସାଙ୍ଗରେ ରହିଛି। ଏହା ସମସ୍ତ ପ୍ରାମାଣିକ ଓ ପ୍ରାସଙ୍ଗିକ।

## ଅକ୍ଟୋବରରେ କ୍ୟାଟ୍ରିନାଙ୍କ ଘରକୁ ଆସିବ କୁନି ଅତିଥି!

ମାତାପିତା ହେବେ ବଲିଉଡ୍ ଅଭିନେତ୍ରୀ କଟ୍ରିନା କୈଫ୍ ଏବଂ ଅଭିନେତା ବିକି କୌଶଳ। ଦୁହେଁ ଅସନ୍ତା ମାସରେ ନିଜର ପ୍ରଥମ ସନ୍ତାନକୁ ସ୍ୱାଗତ କରିବେ ବୋଲି ଚର୍ଚ୍ଚା ହେଉଛି। କଟ୍ରିନା ଏବେ ଗର୍ଭବତୀ ଅଛନ୍ତି ଏବଂ ବିବାହର ୪ବର୍ଷ ପରେ ତାଙ୍କର ପ୍ରଥମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି ବୋଲି କୁହାଯାଉଛି। ବିକି ଏବଂ କ୍ୟାଟ୍ରିନା ଆସନ୍ତା ମାସରେ ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିପାରନ୍ତି। ପୂର୍ବରୁ ଅନେକ ଥର ଏଭଳି ଚର୍ଚ୍ଚା ହୋଇଥିବା ବେଳେ ଅଭିନେତା ପ୍ରତିଥର ଚର୍ଚ୍ଚାକୁ ଅସ୍ୱୀକାର କରି ଆସିଛନ୍ତି। ହେଲେ ଏଥର ସେ କୌଣସି ପ୍ରତିକ୍ରିୟା ଦେଇନଥିବାରୁ ହେଉଥିବା ଚର୍ଚ୍ଚା ସତ ବୋଲି ବିଶ୍ୱାସ କରାଯାଉଛି। ପୂର୍ବରୁ କଟ୍ରିନାଙ୍କ ଅନେକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ସେ ଢ଼ିଲା ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ, ଯେତେବେଳେ କଟ୍ରିନା କୈଫଙ୍କ ଗର୍ଭବତୀ ହେବାର ଗୁଜବ ପ୍ରକାଶ ପାଇଥିଲା, ବିକି କୌଶଳ କହିଥିଲେ ଯେ, ଏହି ଖବରରେ କୌଣସି ସତ୍ୟତା ନାହିଁ। ତାଙ୍କ ଫିଲ୍ମ 'ବ୍ୟାଡ୍ ନ୍ୟୁଜ୍'ର ଟ୍ରେଲର ଲଞ୍ଚ ସମୟରେ ବିକି କୌଶଳ କହିଥିଲେ, 'ଖୁସି ଖବର କଥା କହିବାକୁ ଗଲେ, ଆମେ ଏହାକୁ ନିଶ୍ଚିତ ଭାବେ ଆପଣଙ୍କ ସହିତ ସେୟାର କରିବୁ। କିନ୍ତୁ ବର୍ତ୍ତମାନ ଏହି ଖବରରେ କୌଣସି ସତ୍ୟତା ନାହିଁ। ଏବେ 'ବ୍ୟାଡ୍ ନ୍ୟୁଜ୍'ର ମଜା ନିଅନ୍ତୁ। ଯେତେବେଳେ ଭଲ ଖବର ଆସିବ, ଆମେ ନିଶ୍ଚିତ ଭାବରେ ଏହାକୁ ଆପଣଙ୍କ ସହିତ ସେୟାର କରିବୁ।' ଉଲ୍ଲେଖଯୋଗ୍ୟ, କଟ୍ରିନା କୈଫ୍ ଏବଂ ବିକି କୌଶଳ ୨୦୨୧ ମସିହାରେ ରାଜସ୍ଥାନରେ ବିବାହ କରିଥିଲେ। କେବଳ ପରିବାର ଏବଂ ଘନିଷ୍ଠ ସମ୍ପର୍କୀୟମାନେ ସେମାନଙ୍କ ବିବାହରେ ଯୋଗ ଦେଇଥିଲେ। ଏହି ଦମ୍ପତି ଇନଷ୍ଟାଗ୍ରାମରେ ସେମାନଙ୍କର ବିବାହ ଫଟୋ ସେୟାର କରି ପ୍ରଶଂସକମାନଙ୍କୁ ବିବାହର ଖବର ଦେଇଥିଲେ। ବର୍ତ୍ତମାନ ପ୍ରଶଂସକମାନେ ଦମ୍ପତିଙ୍କ ଗର୍ଭଧାରଣକୁ ନେଇ ଉତ୍ସାହିତ।




## ଲୁଚାରେ ରଚିତ୍‌ଙ୍କ ସହ ନିର୍ବନ୍ଧ କଲେ ହୁମା କୁରେଶୀ

ଲୁଚି ଲୁଚି ନିର୍ବନ୍ଧ କଲେ ବଲିଉଡ ଅଭିନେତ୍ରୀ ହୁମା କୁରେଶୀ। ନିଜର ସ୍ୱଷ୍ଟବାଦୀ ସ୍ୱଭାବ ପାଇଁ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଥିବା ହୁମା ଏବେ ନିଜର ପ୍ରେମିକ ରଚିତ୍ ସିଂହଙ୍କ ସହ ନିର୍ବନ୍ଧ କରିଥିବା ଜଣାଯାଇଛି। ନିଜ ବ୍ୟକ୍ତିଗତ ଜୀବନକୁ ଲାଇମଲାଇଟରୁ ଦୂରରେ ରଖୁଥିବା ହୁମା ଏବେ ନିଜ ପରିବାର ଲୋକଙ୍କ ଉପସ୍ଥିତିରେ ରଚିତ୍‌ଙ୍କୁ ବିବାହ ପାଇଁ ହଁ କରିଥିବା ଜଣାଯାଇଛି। ରଚିତ୍ ହେଉଛନ୍ତି ତାଙ୍କର ଅଭିନୟ ପ୍ରଶିକ୍ଷକ। କିଛି ବର୍ଷ ହେଲାଣି ସେ ରଚିତ ସିଂହଙ୍କୁ ଡେଟ୍ କରୁଥିଲେ। ବିଭିନ୍ନ ବିବାହ ଓ ପାର୍ଟିରେ ହୁମା ରଚିତ୍‌ଙ୍କ ସହ ନଜର ଆସୁଥିଲେ ବି ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ବିଷୟରେ କାହାକୁ ଜଣାନଥିଲା। କାରଣ ସବୁବେଳେ ଦୁହେଁ ନିଜ ବନ୍ଧୁମାନଙ୍କ ମିଶି ଫଟୋ ଉଠାଉଥିଲେ। ଜାତୀୟ ଗଣମାଧ୍ୟମ ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଏହି ଦମ୍ପତିଙ୍କ ସହ ଜଡ଼ିତ ଜଣେ ବ୍ୟକ୍ତି ନିର୍ବନ୍ଧ ହୋଇଥିବା ନେଇ ସ୍ପଷ୍ଟ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ହୁମା ଓ ରଚିତ୍ ଏନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ହୁମା ପୂର୍ବରୁ ନିର୍ଦ୍ଦେଶକ ଏବଂ ଲେଖକ ମୁଦସର ଅଜିଜଙ୍କୁ ଡେଟ୍ କରୁଥିଲେ। ପ୍ରାୟ ତିନି ବର୍ଷ ଡେଟ୍ କରିବା ପରେ, ଉଭୟ ଅକ୍ଟୋବର ୨୦୨୨ରେ ପରସ୍ପରଠୁ ଅଲଗା ହୋଇଯାଇଥିଲେ। ସୂଚନା ମୁତାବକ, ରଚିତ ବୃତ୍ତିରେ ଜଣେ ଅଭିନୟ ପ୍ରଶିକ୍ଷକ। ସେ ଆଲିଆ ଭଟ୍ଟ, ରଣବୀର ସିଂହ, ବରୁଣ ଧୱନ, ବିକି କୌଶଳ, ଅନୁଷ୍କା ଶର୍ମା ଏବଂ ସୈଫ ଅଲ୍ଲୀ ଖାନଙ୍କ ଭଳି ଅଭିନେତାଙ୍କ ସହ କାମ କରିଛନ୍ତି। ଏହା ବ୍ୟତୀତ ରଚିତ ବରୁଣ ସୁଦ ଏବଂ ରବିନା ଟଣ୍ଡନଙ୍କ ଅଭିନୀତ ସିରିଜ୍ ଧାରାବାହିକ କର୍ମା କଲିଂରେ ବେଦାନ୍ତ ଭୂମିକାରେ ଅଭିନୟ କରିଛନ୍ତି।



## ହସ୍ପିଟାଲରେ ବୁଦ୍ଧାଦିତ୍ୟ



ଓଲିଉଡର ଲୋକପ୍ରିୟ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଫୁସ୍‌ଫୁସ୍ ସଂକ୍ରମଣ ଜନିତ ସମସ୍ୟା ପାଇଁ ସେ ଅସୁସ୍ଥ ହୋଇ ପଡ଼ିଥିବା ଡାକ୍ତରମାନେ ପ୍ରାଥମିକ ଭାବେ ସୂଚନା ଦେଇଛନ୍ତି । ବୁଦ୍ଧାଦିତ୍ୟ ମହାନ୍ତି କେବଳ ଓଲିଉଡ୍ ନୁହେଁ ବଲିଉଡ୍‌ରେ ମଧ ଏକ ପରିଚିତ ନାମ । ପ୍ରଥମେ ହିନ୍ଦୀ ଧାରାବାହିକରେ ଅବତୀର୍ଣ୍ଣ ହୋଇ ସମୟକ୍ରମେ ଓଲିଉଡ୍‌କୁ ଆସିଥିଲେ ବୁଦ୍ଧାଦିତ୍ୟ । ଓଡ଼ିଆ ରିୟାଲିଟି ସୋ' 'ସାଧବ ବୋହୂ' ଜରିଆରେ ଘରେ ଘରେ ପ୍ରିୟ ପାଲଟି ପାରିଛନ୍ତି ଏହି କଳାକାର। 'ନନ୍ଦିନୀ ଆଇ ଲଭ୍ ୟୁ', 'ପ୍ରେମ ରୋଗୀ', 'ପାଗଳ କରିଛି ପାଉଁଜି ତୋର' ଆଦି ମନଛୁଆଁ ଚଳଚ୍ଚିତ୍ରରେ ଅଭିନୟ କରି ସେ ପାଲଟି ଯାଇଛନ୍ତି ଓଲିଉଡ୍‌ର ମଉଡ଼ମଣି ।

## କାହା ପାଖରେ ଚାଟୁକାରିତା କରେନି: ଅମୀଷା

ବଲିଉଡ୍ ଅଭିନେତ୍ରୀ ଅମୀଷା ପଟେଲ ନିଜକୁ ଆଉଟସାଇଡର କହିବା ସହ ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଗୁମର ଖୋଲିଲେ। କହିଲେ, 'ମୁଁ କାହା ପାଖରେ ଚାଟୁକାରିତା କରେନି ବୋଲି ମୋତେ ବେଶି କାମ ମିଳେନି' । ଏକ ସାକ୍ଷାତକାରରେ ଅଭିନେତ୍ରୀ ଅମୀଷା ପଟେଲ କହିଛନ୍ତି, 'ବଲିଉଡ ଇଣ୍ଡଷ୍ଟ୍ରିରେ ଏପରି ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ତାଙ୍କୁ ପସନ୍ଦ କରନ୍ତିନାହିଁ । ଫିଲ୍ମ 'କହୋନା ପ୍ୟାର ହୈ'ର ସଫଳତା ପରେ ତାଙ୍କୁ ସେଭଳି ଆଉ ଫେମ୍ ମିଳିନି । ଫିଲ୍ମରେ ଦର୍ଶକଙ୍କ ମତାମତ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମୁଁ ମଦ୍ୟପାନ କରେନି କି ସିଗାରେଟ୍ ବି ପିଏନି । କାହାକୁ ତୋଷାମତ କରିବାକୁ ମୋତେ ଆଦୌ ଭଲ ଲାଗେନି । ଯେଉଁ କାମ ମିଳେ ଭାରି କଷ୍ଟରେ ମିଳେ । ଏସବୁ କାରଣରୁ ମୋତେ ବଲିଉଡର ଅଧିକାଂଶ ଲୋକ ପସନ୍ଦ କରନ୍ତି ନାହିଁ । ତେଣୁ ମୁଁ ଆଉଟସାଇଡର୍ସ ହୋଇଯାଇଛି ' ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ରେ ଧାନ ଥୋଡ଼ ବାହାରିବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ୟୁରିଆ ସାର ଯୋଗାଇ ଦିଆଯାଇ ନାହିଁ। ଚାଷୀ ସାର ପାଇଁ ହା ହା କାର ହେଉଥିବା ବେଳେ ଆଜି ନିଆଳି ବିଜୁ ଜନତା ଦଳ ପକ୍ଷରୁ ନିଆଳି ବ୍ଲକ ନୂଆ ଗାଁ ପଞ୍ଚାୟତରେ ଥିବା ଏକ ଘରୋଇ ମଣ୍ଡପ ରେ ନିଆଳି ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନା ଏକ ସାମ୍ବାଦିକ ସମ୍ମିଳନୀ ର ଆୟୋଜନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀ ରେ ପୂର୍ବତନ ବିଧାୟକ ଡ଼ ପ୍ରମୋଦ କୁମାର ମଲିକ ସାର କଳା ବଜାରୀ ଓ ଅଭାବି ବିକ୍ରି ଓ ସରକାରଙ୍କ ପକ୍ଷରୁ ସାର ଯୋଗାଇ ଦିଆଯାଇ ନଥିବାକୁ ନେଇ ସରକାରଙ୍କୁ ଦୋଷ ଦେବା ଶହ ଚାରି ବିଭାଗ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତି କରଣ ବିଭାଗ ସମନ୍ୱୟତା ନଥିବାରୁ ଆଜି ଏଭଳି ସମସ୍ୟା ଉପୁଜିଛି ବୋଲି କହିଛନ୍ତି। ଯଦି ୧୫ ଦିନ ମଧ୍ୟରେ ସରକାର ନିଆଳୀରେ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ସରକାର ଯୋଗାଇ ନ ଦିଅନ୍ତି, ତେବେ ନିଆଳି ନିର୍ବାଚନ ମଣ୍ଡଳ ସ୍ତରୀୟ ଚାଷୀଙ୍କ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଏ ସରକାର ରଙ୍ଗ ଓ ନାମ ବଦଳେଇବା ବନ୍ଦ କରୀ ଚାଷୀଙ୍କ ପାଇଁ ସାର ଯୋଗାଇବା ବ୍ୟବସ୍ଥା କରୁ ବୋଲି ମଲିକ କହିଥିଲେ। ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା,ଜିଲ୍ଲା ପରିଷଦ ଦେବାଶିଷ ସାଢ଼ଙ୍ଗୀ, ସମିତି ସଭ୍ୟ ଅବିନାଶ ପ୍ରଧାନ, ଶେଖ ହୁମାୟୁ, ପ୍ରଦୀପ ଦାଶ, ନବଘନ ମଲିକ, ବିଷ୍ଣୁ ଚରଣ ସ୍ୱାଇଁ ଉପସ୍ଥିତ ରହିଥିବା ବେଳେ ବିଜୁ ଜନତା ଦଳର ସମର୍ଥିତ ସରପଞ୍ଚ ସମିତି ସଭ୍ୟ ଓ ପୂର୍ବତନ ସମିତି ସଭ୍ୟ ମାନେ ଉପସ୍ଥିତ ରହିଥିଲେ।



## ବାଲ୍ୟ ବିବାହର ଅନ୍ତ ଘଟାଇବାକୁ ବିଶ୍ୱ ଆନ୍ତଃ ଧର୍ମ ଅଭିଯାନ

# ଧର୍ମୀୟ ନେତୃବୃନ୍ଦଙ୍କ କେନ୍ଦୁଝର ଏବଂ କନ୍ଧମାଳରେ ନିୟୋଜନତା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ବାଲ୍ୟ ବିବାହରେ ପରିସମାପ୍ତି ଘଟାଇବାକୁ ବୈଶ୍ୱିକ ଆନ୍ତଃ ଧର୍ମ ଅଭିଯାନର ଅଂଶ ଭାବରେ ହମାରା ବଚପନ ଟ୍ରଷ୍ଟ, ଜଷ୍ଟ ରାଇଟସ୍ ଫର ଚିଲଡ୍ରେନ ପ୍ରୋଗ୍ରାମ ଅଧୀନରେ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେସନ ସହଯୋଗୀତାରେ କେନ୍ଦୁଝର ଏବଂ କନ୍ଧମାଳରେ ୨୦୨୫ ସେପ୍ଟେମ୍ବର ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ବ୍ୟାପି ଏକ ଅଭିଯାନର ନେତୃତ୍ୱ ନେଇଥିଲା। ଗ୍ଲୋବାଲ ଇଣ୍ଟରଫେଥ୍ ୱିକଏଣ୍ଡ ସହିତ ମେଳ ଖାଉଥିବା ଏହି ଅଭିଯାନ କେନ୍ଦୁଝର ଜିଲ୍ଲାର ଘଟଗାଁ ତାରିଣୀ ମନ୍ଦିରଠାରୁ ପାଟଣା ପରମେଶ୍ୱର ଶିବ ମନ୍ଦିର ଏବଂ ଗସିପୁରା ଝାଡେଶ୍ୱର ଶିବ ମନ୍ଦିର ତଥା କନ୍ଧମାଳ ଜିଲ୍ଲାରେ ମାଲିଗମାହା ଶିବ ମନ୍ଦିର, ଫୁଲବାଣୀ ରାମ ମନ୍ଦିର ଏବଂ କନ୍ଧମାଳ କ୍ୟାଥଲିକ ଚର୍ଚ୍ଚ ଆଦି ପ୍ରମୁଖ ଧର୍ମୀୟ




ସ୍ଥଳଗୁଡ଼ିକ ସହିତ ଆହରୁ ଅନେକ ଧର୍ମ ସ୍ଥଳଗୁଡ଼ିକରେ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ଉପରେ ଦୃଷ୍ଟିନିବଦ୍ଧ କରିଥିଲା। ମୋଟ ଉପରେ ଉଭୟ ଜିଲ୍ଲାରେ ୧୦୦ରୁ ଅଧିକ ପୂଜକ ଏବଂ ଭକ୍ତଙ୍କ ସହିତ ୧୦୦ରୁ ଊର୍ଦ୍ଧ୍ୱ ଧର୍ମୀୟ ନେତୃବୃନ୍ଦଙ୍କୁ ଏଥିରେ ନିୟୋଜିତ କରାଯାଇଥିଲା। ଧର୍ମୀୟ ନେତୃବୃନ୍ଦଙ୍କୁ ବାଲ୍ୟ ବିବାହ ଭଳି କ୍ଷତିକାରକ ପ୍ରଥାକୁ ଚାଲେଞ୍ଜ କରିବା ଏବଂ ଗୋଷ୍ଠୀଗୁଡ଼ିକୁ ପ୍ରେରଣା ଦେବା ନିମନ୍ତେ ସେମାନଙ୍କର ନୈତିକ କର୍ତ୍ତୃତ୍ୱ ଆଧାରରେ ଏଥିରେ ତୁରନ୍ତ ପରିସମାପ୍ତି ଘଟାଇବା ନିମନ୍ତେ ସଚେତନ କରାଯାଇ ଥିଲା। ଧର୍ମୀୟ ସ୍ଥଳଗୁଡ଼ିକରେ ଏହି ଅଭିଯାନକୁ ଉପସ୍ଥାପନ କରି ଏହି ଅଭିଯାନ ଜୋର ଦେଉଥିଲା ଯେ ଧର୍ମ ସମାଜଗୁଡ଼ିକୁ ପିଲାମାନଙ୍କର ଇଜ୍ଜତର ସୁରକ୍ଷା କରିବା, ସେମାନଙ୍କର ଶିକ୍ଷାଗ୍ରହଣ ସୁନିଶ୍ଚିତ କରିବା ଏବଂ ବାଲ୍ୟାବସ୍ଥାକୁ ନିରାପଦ ରଖିବା ଦିଗରେ ମାର୍ଗଦର୍ଶନ କରିପାରିବ। ଧର୍ମୀୟ ନେତୃବୃନ୍ଦ 'ବାଲ୍ୟାବସ୍ଥା ଶିକ୍ଷା ଆହରଣ ଏବଂ ଅଭିବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ, ବିବାହ ନୁହେଁ' ବୋଲି ଶପଥ ନେଉଥିବାବେଳେ କେନ୍ଦୁଝର ଏବଂ କନ୍ଧମାଳ ଏକ ବୈଶ୍ୱିକ ପ୍ରୟାସରେ ପ୍ରଥମ ପଦକ୍ଷେପ ହୋଇଛି- ଯାହା ଦର୍ଶାଉଛି ଯେ ଧର୍ମ ଓ ବିଶ୍ୱାସରେ ମୂଳ ରହିଥିବା ସ୍ଥାନୀୟ ପଦକ୍ଷେପ କିଭଳି ବାଲ୍ୟ ବିବାହରେ ପରିସମାପ୍ତି ଘଟାଇବା ନିମନ୍ତେ ଏକ ବିଶ୍ୱବ୍ୟାପୀ ମୋର୍ଚ୍ଚା ଗଠନ ନିମନ୍ତେ ଅବଦାନ ରଖିପାରିବ।

## ସାମୂହିକ ଶୌଚାଳୟ ତାଲା ଖୋଲିବ କେବେ!

ଏରସମା, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବାଲିତୁଠ ସାପ୍ତାହିକ ହାଟ ପଡ଼ିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ସାମୂହିକ ଶୌଚାଳୟ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ସୂଚନା ଅନୁସାରେ, ସ୍ୱଚ୍ଛ ଭାରତ ଅଭିଯାନରେ ୨୦୨୦/୨୧ (ଜିକେଆର ଅଭିଯାନ)ଆର୍ଥିକ ବର୍ଷରେ ବାଲିତୁଠ ହାଟ ପଡ଼ିଆରେ ୩ଲକ୍ଷ ଟଙ୍କା ବ୍ୟୟରେ ଏକ ସାମୂହିକ ଶୌଚାଳୟ ଆଜକୁ ପ୍ରାୟ ବର୍ଷେ ଉପରେ ହେବ ନିର୍ମାଣ ସରିଛି। ଏହି ସାପ୍ତାହିକ ହାଟରେ ଶହ ଶହ ଦୋକାନୀଙ୍କ ସମେତ ହାଟ ବଜାରକୁ ଆସୁଥିବା ଲୋକମାନେ ଶୌଚ ପାଇଁ ବଡ଼ ଅସୁବିଧା ଭୋଗୁଥିଲେ। ବ୍ୟବସାୟୀମାନଙ୍କ ବାରମ୍ବାର ଦାବି ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ସାମୂହିକ ଶୌଚାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ପରିତାପର ବିଷୟ, ଆଜକୁ ବର୍ଷେ ଉପରେ ହେବ ଉକ୍ତ ସାମୂହିକ ଶୌଚାଳୟ ନିର୍ମାଣ ସରିଥିଲେ ମଧ୍ୟ ବ୍ୟବହାର କରିବାକୁ ଦିଆନଯାଇ ଅବ୍ୟବହୃତ ଅବସ୍ଥାରେ ତାଲା ପକାଇ ରଖାଯାଇଛି। ସରକାର ବଦଳିଲା ଓ ଏରସମା ମଣ୍ଡଳ ଉନ୍ନୟନ ଅଧିକାରୀ ବଦଳିଲେ ନୂଆ ମଣ୍ଡଳ ଉନ୍ନୟନ ଅଧିକାରୀ ଆସିଲେ ଆଶା କରାଯାଉଥିଲା ଶୌଚାଳୟ ତାଲା ଖୋଲିବ କିନ୍ତୁ ତାଲା ଖୋଲିଲା ନାହିଁ। ଏଣୁ ବ୍ଲକ ଅଧିକାରୀ, ଜଗତସିଂହପୁର ଜିଲ୍ଲାପାଳ ଓ ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବାଲିତୁଠ ହାଟର ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

## ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତା ସମ୍ବର୍ଦ୍ଧିତ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଠାରେ ଅନୁଷ୍ଠିତ ମା' ଶାରଳା ଫାଉଣ୍ଡେସନର ପ୍ରଥମ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଶିକ୍ଷ, ବୈଷୟିକ ଓ ବିଜ୍ଞାନ ଦକ୍ଷତା ବିଭାଗ, ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ମା' ଶାରଳା ଫାଉଣ୍ଡେସନର ସଭାପତି ମୀରାବାଈ ମହାପାତ୍ର, ସାଧାରଣ ସମ୍ପାଦକ ଅନୀଲ କୁମାର ରାଉତ, ପ୍ରତିଷ୍ଠାତ୍ରୀ ସୋନାଲି ମହାନ୍ତି କେନ୍ଦୁଝର ଜିଲ୍ଲାର ବିଶିଷ୍ଟ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତା ଙ୍କୁ ମା' ଶାରଳା ସେବା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖ ଯୋଗ୍ୟ ଡାକ୍ତର ଓତା ସମାଜ ସେବା କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

## ଗାଡ଼ି ସହ ୬୫୦ କେଜି ଗଞ୍ଜେଇ ଜବତ

କାଳିମେଲା, (ଭାସ୍କର ନ୍ୟୁଜ): ପୁଲିସ ପେଟ୍ରୋଲିଙ୍ଗ ସମୟରେ ଗାଡ଼ି ସହ ୬୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଏମପିଭି-୧୩ ଗ୍ରାମର ସୁମନ ହାଲଦାରଙ୍କୁ କୋର୍ଟ ଚାଲାଣ କରାଯାଇଛି। କାଳିମେଲା ପୁଲିସ ଏସଆଇ ବି.କେ.ମାଝୀଙ୍କ ନେତୃତ୍ୱରେ ଏକ ଟିମ ରାତ୍ର ପେଟ୍ରୋଲିଂ କରୁଥିଲେ। ସେତିକି ବେଳେ ପୁଲିମେଟଲା କେନାଲ ଛକ ନିକଟରେ ଗଞ୍ଜେଇ ବୋଝେଇ ଏକ ଚାରି ଚକିଆ ଗାଡ଼ି ପୁଲିସ ହାତ୍ତରେ ପଡ଼ିଥିଲା। ଗାଡ଼ିରେ ୨୬ଟି ପ୍ଲାଷ୍ଟିକ ଜରି ବ୍ୟାଗରେ ଚୋରା କାରବାର ଗଞ୍ଜେଇ ରହିଥିଲା। ଗାଡ଼ିର ନଂ ଓଡି-୩୦-ଏ-୪୬୪୭ ରହିଥିବା ବେଳେ ଏଥିରେ ମୋଟ ୬୫୦ କେଜି ଗଞ୍ଜେଇ




ଥିବା ଜଣାପଡ଼ିଛି। ଏଥିରେ ଗାଡ଼ି ଓ ଗଞ୍ଜେଇ ଜବତ ସହ ଏଥିରେ ସମ୍ପୃକ୍ତ ୪ ଅପରାଧୀଙ୍କ ମଧ୍ୟରୁ ଜଣେ ଧରାପଡ଼ିଥିବା ବେଳେ ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ଥାନା କେସ ନଂ ୨୧୯/୨୫,ୟୁ/ଏସ-(ବି)(ସସ)(ସି) ଏନଡିପିଏସ ଆକ୍ଟ ଅନୁସାରେ ମାମଲା ରୁଜୁ କରି ଉକ୍ତ ବ୍ୟକ୍ତିଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ବିଦ୍ୟୁତ ଆଘାତରେ ମହିଳା ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଅଇଲା ମାଝୀସାହିର ଅଜୟ ମାଝୀଙ୍କ ପତ୍ନୀ ପାର୍ବତୀ ବେହେରା (୨୬) ବିଦ୍ୟୁତ ଆଘାତରେ ମଙ୍ଗଳବାର ଦିନ ୧୦ଟା ସମୟରେ ପ୍ରାଣ ହରାଇଥିବା ଜଣାଯାଇଛି। ଦେବବର୍ଷ ଶିଶୁପତ୍ରକୁ ନେଇ ଗତ ସୋମବାର ଆଖଣ୍ଡଳମଣି ଦର୍ଶନ କରି ଫେରିଥିଲେ। ବୁଧବାର ପୂଜାଯିବା ପାଇଁ ଲୁଗାପଟା ସଫା କରିବା ପାଇଁ ନଳକୂପ ସଂଲଗ୍ନ ପାଣିମୋଟର ସୁଇଚ ସର୍ଶ କରିବା ମାତ୍ରେ ବିଦ୍ୟୁତ ଆଘାତ ଲାଗିଥିଲା। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସମାଜସେବୀ ଦେବାନନ୍ଦ ସାହୁ ପ୍ରମୁଖ ଗ୍ରାମବାସୀମାନେ ଓ ପରିବାର ଲୋକେ ସଂଜ୍ଞାହୀନ ପାର୍ବତୀଙ୍କୁ ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ରିପୋର୍ଟ କ୍ରମେ ୧୯/୨୫ନଂ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଥିଲା। ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## କମିଶନରେଟ୍ ପୋଲିସ ପକ୍ଷରୁ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ




ଫୁଲନଖରା, (ଭାସ୍କର ନ୍ୟୁଜ): ଆସନ୍ତା ଦୁର୍ଗାପୂଜା ପାର୍ବଣ ଉତ୍ସବ ଶାନ୍ତି ଶୃଙ୍ଖଳାର ପାଳନ ନିମନ୍ତେ କମିଶନ ରେଟ୍ ପୋଲିସ ଜୋନ-୪ ଏ.ସି.ପି ଅଧୀନସ୍ଥ କଟକ ସଦର, ୪୨ ମୌଜା ଓ ବାରଙ୍ଗ ୩ ଗୋଟି ଥାନା ଅଂଚଳର ଦୁର୍ଗା ପୂଜା କମିଟିର ସଭାପତି, ସମ୍ପାଦକମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ପ୍ରତାପନଗର ସ୍ଥିତ ମା' ଧାଙ୍ଗୁଳେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୁକ୍ତ ବିଧାୟକ ଙ୍କ ପ୍ରକାଶ ଚନ୍ଦ୍ର ସେଠୀ, ଅତିରିକ୍ତ ଡି.ସି.ପି ଅମରେନ୍ଦ୍ର ପଣ୍ଡା, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଆଂଚଳିକ ଶାନ୍ତି କମିଟି ସଭାପତି ନିମାଇଁ ଲେଙ୍କା, କର୍ପୋରେଟର ମମତା ମହାନ୍ତି, ପୂର୍ଣ୍ଣିମା ସ୍ୱାଇଁ, ସଦର ବିଧାୟିକଙ୍କ ପ୍ରତିନିଧି ନିହାର ରଂଜନ ପଣ୍ଡା, ସଦର ଏ. ସି.ପି ଶଶିକାନ୍ତ ରାଉତ, ସଦର ଆଇ. ଆଇ. ସି ଦୁଷ୍ମାକାନ୍ତ ସେଠୀ,୪୨ ମୌଜା ଥାନା ଅଧିକାରୀ ଓ ଦ୍ରଭାଶ ମହାନ୍ତି, କଟକ ସଦର ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ପ୍ରମୁଖ ମଞ୍ଚାସିନ ହୋଇ କିଭଳି ପାର୍ବଣ ଓ ଉତ୍ସବାଶି ଶାନ୍ତି ପୂର୍ଣ୍ଣ ଭାବେ ଶେଷ ହେବ ସେଥିପ୍ରତି ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ। ଦିଶା ମୁକ୍ତ ଓଡି. ଜେ ମୁକ୍ତ ସହ କେବଳ ପାରମ୍ପରିକ ବାଦ୍ୟରେ ଭସାଣୀ କରିବା ନିମନ୍ତେ ସ୍ଥିର କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର କୌଶିକ ଜେନା, ବରିଷ୍ଠ ବି.ଜେ.ପି ନେତା ସ୍ୱାଧୀନ ଚେତା ମହାନ୍ତି, ପ୍ରମୋଦ କୁମାର ବେହେରା, ଶୈଳକାନ୍ତ ସାହୁ, ପ୍ରଭାକର ପାତ୍ର, ବିଜୟ କୁମାର ମୁଦୁଲି, ନଳିନୀ ସେନାପତି ଏହିପରି କେନ୍ଦ୍ରଜଳରୁ ଊର୍ଦ୍ଧ୍ୱ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ମଞ୍ଚ ସଞ୍ଚାଳନ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର କରୁଥିବା ବେଳେ କିଛି କମିଟିର କର୍ମକର୍ତ୍ତାମାନଙ୍କୁ କହିବାକୁ ନ ଦେବା ଓ ସଭା କାର୍ଯ୍ୟକ୍ରମକୁ କମିଶନରେଟ ପୋଲିସ ପକ୍ଷରୁ ଡକାଯାଇଥିବା ବେଳେ ଏ ଡିସିପି ପଣ୍ଡା ଶେଷ ପର୍ଯ୍ୟନ୍ତ ନ ରହି ତଥା କମିଟି କର୍ମକର୍ତ୍ତାଙ୍କ ଅସୁବିଧା ବିଷୟରେ ଗୁରୁତ୍ୱ ନଦେଇ ଚାଲି ଯିବାରୁ ବିଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ଶେଷରେ ସଦର ଏ. ସିପି ଓ ସଦର ଥାନା ଅଧିକାରୀଙ୍କ ଏଭଳି ଭବିଷ୍ୟତରେ ପୁନର୍ବାର ହେବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

## ରାସନ ଦୁର୍ନୀତିର ତଦନ୍ତ କରିବାକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ

ଜଲେଶ୍ୱର, (ଭାସ୍କର ନ୍ୟୁଜ): ବିଗତ ମାସଠାରୁ ରାସନ କାର୍ଡ଼ରେ ନାମ କାଟିବା, ନୂତନ ରାସନ କାର୍ଡ଼ ଆବେଦନ, ରାସନ କାର୍ଡ଼ରେ ମୋବାଇଲ ନମ୍ବର ଯୋଡ଼ିବା ଏବଂ ବିଭିନ୍ନ ପ୍ରକାରର ସଂଶୋଧନ ଆଦି କାର୍ଯ୍ୟ ଚାଲୁଅଛି। ଏହି ସମସ୍ତ କାର୍ଯ୍ୟ ନିମନ୍ତେ ପ୍ରତିଦିନ ବ୍ଲକ ରାସନ ବିଭାଗ ଅଫିସ ସାମ୍ନାରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହିତାଧିକାରୀମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଦୀର୍ଘଦିନ ଧରି ଦିନସାରା ଲମ୍ବା ଧାଡ଼ିରେ ଅପେକ୍ଷା କଲା ପରେ ମଧ୍ୟ ଜଲେଶ୍ୱର ବ୍ଲକ ରାସନ ବିଭାଗରେ କାମ ପାଇଁ ଆସୁଥିବା ଅଧିକାଂଶ ଲୋକ ନିରାଶ ହୋଇ ଫେରୁ ଥିବାର ଅଭିଯୋଗ ହୋଇଛି। ଦଲାଲ ଲଗେଇ ଲାଞ୍ଚ ନେଇ କିଛି ଲୋକଙ୍କ କାମ କରାଯାଉଛି ଏବଂ ଅନ୍ୟମାନଙ୍କୁ ହଇରାଣ ହୋଇ ଫେରିବାକୁ ପଡ଼ୁଛି।ଅଯୋଗ୍ୟ କାର୍ଡ଼ରୁ ହିତାଧିକାରୀଙ୍କ ନାମ କାଟି ଦେବାନାହିଁ, ରାସନ କାର୍ଡ଼ରୁ ନାମ କାଟିଦେବା ନାହିଁ, ନୂତନ ରାସନ ହୋଇ ପାରିବ ନାହିଁ କହି ହିତାଧିକାରୀଙ୍କୁ ବାରମ୍ବାର ଫେରାଇ ଦିଆ ଯାଉଥିବା ବେଳେ ଦଲାଲ ଲଗେଇ ପଇସା ନେଇ ତାଟୀ ଏଣ୍ଡ ଅପରେଟରଙ୍କ ଏବଂ ବ୍ଲକ ଯୋଗାଣ ଅଧିକାରୀଙ୍କ ଭିତରି କାରବାର କରୁଛନ୍ତି ବୋଲି ଅଭିଯୋଗ ହେଉଅଛି। ଗତ ୧୨ ସେପ୍ଟେମ୍ବର ଶୁକ୍ରବାର ରାସନ ବିଭାଗର କାମକୁ ନେଇ ଲୋକେ କ୍ଷୋଭ ପ୍ରକାଶ କରୁଥିବାର ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ଏବଂ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। କିଛି ଯୁବକ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଜଲେଶ୍ୱର ରାସନ ବିଭାଗର ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ସାଂସଦ ଷଡ଼ଙ୍ଗୀ ଜଲେଶ୍ୱର ବିଡିଓଙ୍କୁ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବିଜେପି ଯୁବନେତା ବିପ୍ଳବ କୁମାର ପ୍ରଧାନ, ସାଗର ଦାସ, ସଂଗ୍ରାମ ଜେନା, ଜୟନ୍ତ ପ୍ରମାଣିକ, ଗଜେନ୍ଦ୍ର ଖମାରୀ ପ୍ରମୁଖ ଜଲେଶ୍ୱର ବିଡିଓଙ୍କୁ ଭେଟି ସାଂସଦଙ୍କ ନିର୍ଦ୍ଦେଶ ଥିବା ଚିଠି ପ୍ରଦାନ କରିଥିଲେ। ବିଡିଓ ଯଥାଶୀଘ୍ର ରାସନ ବିଭାଗର ଦୁର୍ନୀତି ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଜନ ଅଭିଯୋଗ ଶୁଣାଣି ଶିବିର

ବୋଲଗଡ, (ଭାସ୍କର): ପଙ୍ଗାତସିଂହ ପଞ୍ଚାୟତରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୩୮ଟି ଅଭିଯୋଗ ମଧ୍ୟରୁ ବ୍ଲକର ୨୨ ଟି ତହସିଲର ୨ ଟି ଓ ଶ୍ରମ ବିଭାଗର ୧୪ ଟି ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସନ୍ତୋଷ କୁମାର ଜେନା, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ଓ ସିଡିପିଓ ପ୍ରମୋଦିନୀ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇ ସମସ୍ୟାର ସମାଧାନ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ଜୟସିଂହ ଓ ସରପଞ୍ଚ ଲାବଣ୍ୟ ଜୟସିଂହଙ୍କ ସମେତ ଜନ ସାଧାରଣ ସହଯୋଗ କରିଥିଲେ।


# ବ୍ୟାସ ପ୍ରିଣ୍ଟ୍ ମିଡ଼ିଆ ସଂଘର ସପ୍ତମ ବାର୍ଷିକ ଉତ୍ସବ


ବ୍ୟାସନଗର, (ଭାସ୍କର ନ୍ୟୁଜ): ଅଗ୍ରଣୀ ସାମ୍ବାଦିକ ସଂଗଠନ ବ୍ୟାସ ପ୍ରିଣ୍ଟ ମିଡ଼ିଆ ଆସୋସିଏସନର ସପ୍ତମ ବାର୍ଷିକ ଉତ୍ସବ ରବିବାର ପୂର୍ବାହ୍ନରେ ସଂଘ ସଭାପତି ଶରତ ପଞ୍ଜାଙ୍କ ସଭାପତିତ୍ୱରେ ବ୍ୟାସଦେବ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଉପଦେଷ୍ଟା ହାରାଧନ ବାନାର୍ଜୀ ସ୍ୱାଗତ ଭାଷଣରେ ଅତିଥି ପରିଚୟ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଡ଼.ଚିତ୍ତରଞ୍ଜନ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମବାୟ, ହସ୍ତଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ସତ୍ୟ ଓ ନିର୍ଭିକ ସମ୍ବାଦ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ସାମ୍ବାଦିକତା ଏକ ବୃତ୍ତି ନୁହେଁ ଏହା ଏକ ବ୍ରତ, ଯାଜପୁରକୁ ଏକ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ସମ୍ପୂର୍ଣ୍ଣ ଚେଷ୍ଟିତବୋଲି ମନ୍ତ୍ରୀ ବଳସାମନ୍ତ କହିଥିଲେ। ବିଶିଷ୍ଟ ଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ସାମ୍ବାଦିକଙ୍କ ଗୋଟିଏ ଲେଖା ଓ ଫଟୋ ଭିଏଚନାମା ଆମେରିକା ଯୁଦ୍ଧ ବନ୍ଦ କରିଦେଇଥିଲା ବୋଲି କହିଲେ। ମୁଖ୍ୟବକ୍ତା ଭାବେ ବତଖର ଓ ସମାଲୋଚନା ଖବରକାଗଜର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ଯୋଗଦେଇ ସାମ୍ବାଦିକମାନେ କୌଣସି ପରିସ୍ଥିତିରେ ନିଜ କଲମକୁ ବିକ୍ରି କରିବା ବା ସରକାରଙ୍କ ସହିତ ସାଲିସ କରି ଅନୁସ୍ଥିତ ଦେବା ସାମ୍ବାଦିକତା ବୃତ୍ତି ପାଇଁ କଳଙ୍କ ବୋଲି କହିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଯୋଗଦେଇ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ପାଇଁ ଆମେ ବଞ୍ଚିଛୁ ଓ ପ୍ରକୃତ ସାମ୍ବାଦିକମାନେ ମଣିଷ ଜୀବନରେ ପ୍ରାଣ ପ୍ରତିଷ୍ଠା କରନ୍ତେ ବୋଲି କହିଥିଲେ। ଏକ ସ୍ଥାୟୀ ଘର ପାଇଁ ପ୍ରିଣ୍ଟ ମିଡ଼ିଆର ଦାବିକୁ ଛ ମାସ ମଧ୍ୟରେ ପୂରଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନନ୍ଦ ପ୍ରତିଶ୍ରୁତି ଦେଇଥିଲେ।ସଂଘ ପକ୍ଷରୁ ତାଙ୍କୁ ସାଧୁବାଦ ଅର୍ପଣ କରାଯାଇଥିଲା। ଅନ୍ୟତମ ସମ୍ମାନିତ ଅତିଥି ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ସୁଭାସ ବଳ ଯୋଗଦେଇ ସହରରେ ସାମ୍ବାଦିକମାନେ ଆମ ଭାଇ ଚାରାକୁ ବଞ୍ଚାଇ ରଖିଛନ୍ତି ବୋଲି କହିଥିଲେ। ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଖବର କାଗଜ ବିକ୍ରେତା ପଦ୍ମନାଭ ବେହେରା, ବରିଷ୍ଠ ସାମ୍ବାଦିକ ବାବୁଲାଲ ଜେନା, ସୁଜିତ କୁମାର ମଲ୍ଲିକ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ପଣ୍ଡା,ନାରାୟଣନେତ୍ରା ଅଙ୍କୁଶତା ପରିଡ଼ା, ପୁଷ୍ପି ଅଳଙ୍କାର କ୍ୟୁଭର୍ସ ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପଦ୍ୟୋଗୀ ଚୈତନ୍ୟ ଧଳ, କ୍ରୀଡ଼ାବିତ୍ ସମ୍ବିତ ମହାନ୍ତି, ଯୁବ ସମାଜସେବୀ ଅଭିଳାଷ ସେନାପତିଙ୍କୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଥକଶିଳ୍ପୀ ଜାନକୀ ପଣ୍ଡାଙ୍କ ବଣ ମଲ୍ଲାର ନାମକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସଂଘର ବରିଷ୍ଠ ଉପଦେଷ୍ଟା ବାବୁରାମ ଜେନା,ସଂଗଠନ ସମ୍ପାଦକ ଉମାକାନ୍ତ ରାଉତ, ଉପସଭାପତି ପ୍ରଦ୍ୟୁମ୍ନ ବୋଇତାଇ, ଯଜ୍ଞେଶ୍ୱର ତ୍ରିପାଠୀ, ସହ ସମ୍ପାଦକ ଭାରତ ରାଉତ, କୈଳାସ ରାଉତ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ବିଜୟ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ରାଉତ,ପ୍ରଶାନ୍ତ କୁମାର ପାତ୍ର, ସୁଦୀପ ମିଶ୍ର, ଜ୍ଞାନରଞ୍ଜନ ରାଉତ, ଶ୍ରୀକାନ୍ତ ବ୍ରହ୍ମ, ଶିଶିରକାନ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପବିତ୍ର ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ସାମ୍ବାଦିକ, ବୁଦ୍ଧିଜୀବୀ, ଆଇନଜୀବୀ, ସାହିତ୍ୟିକ, ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉତ୍ସବରେ ଯୋଗ ଦେଇଥିଲେ।

## ଜବରଦଖଲ ଉଚ୍ଛେଦରେ ନାକେଦମ ପ୍ରଶାସନ

ଭଦ୍ରକ, (ଭାସ୍କର ନ୍ୟୁଜ): ସରକାରୀ ଜାଗାରୁ ହୋଇପାରୁ ନାହିଁ, ଦୋକାନ ଉଚ୍ଛେଦ ବେଳେ ଉଜେଇକା ଓ ସରକାରୀ ଜାଗାରୁ ଦୋକାନ ଉଚ୍ଛେଦ ବେଳେ ଉତ୍ତରର ବାଇପାସ ଅଞ୍ଚଳରେ ଉଜେଇକା। ଦୋକାନ ଘର ଉଚ୍ଛେଦ ବେଳେ ଉଜେଇକା ଦେଖାଦେଇଛି। ସରକାରୀ ଯାଗାରେ ଜବର ଦଖଲ କରି ଦୋକାନ ଘର କରି ଅନେକ ବେଆଇନ ଦୋକାନ ଘର ଗଢି ଉଠିଥିବା ବେଳେ ତାକୁ ଉଚ୍ଛେଦ କରିବାରେ ନାକେଦମ ହୋଇଛି ଭଦ୍ରକ ପ୍ରଶାସନ ଓ ବାଇପାସ୍ ଠାରୁ ସରକାର ନଗର ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ଦୋକାନ ଉଚ୍ଛେଦ ପାଇଁ ନୋଟିସ ସହ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇ ପୂର୍ବରୁ ଜବର ଦଖଲକାରୀ ମାନଙ୍କୁ ଅବଗତ କରା ଯାଇଥିଲା, କିନ୍ତୁ ଉଚ୍ଛେଦ ପାଇଁ ତହସିଲଦାର, ଉପ ଜିଲ୍ଲାପାଳ , ତହସିଲଦାର ସହ ବ୍ୟାପକ ଫୋର୍ସ ପହଞ୍ଚିବା ପରେ ଦୋକାନୀ ମାନେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ। ଦୀର୍ଘ ସମୟ ଧରି ଉଚ୍ଛେଦ ହୋଇପାରି ନଥିବା ବେଳେ ସମସ୍ତ ଅଧିକାରୀ ବାଇପାସ ଠାରେ ଆନ୍ଦୋଳନକାରୀ ମାନଙ୍କୁ ବୁଝାସୁଝା କରିଥିଲେ। ସେବେ ପୂର୍ବରୁ ଭଦ୍ରକ ସହରର ଅନ୍ୟ ସମସ୍ତ ଅଞ୍ଚଳରୁ ସରକାରୀ ଜମିରୁ ଉଚ୍ଛେଦ ହୋଇଛି। କିନ୍ତୁ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ କହିଛନ୍ତି ଯେ ସରକାରୀ ଜମି ଜବରଦଖଲ ପାଇଁ ସାଧାରଣ ଲୋକେ ଅସୁବିଧାରେ ପଡୁଛନ୍ତି, ରାସ୍ତାରେ ଟ୍ରାଫିକ ସମସ୍ୟା ସହ ନାଳ ଅବରୋଧ ପାଇଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ଯଦିଓ ବିରୋଧ ହେଉଛି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଛେଦ ହେବ। ଯେଉଁମାନେ ଭୂମିହୀନ ସେମାନଙ୍କୁ ପ୍ରଶାସନକୁ ଅବଗତ ପାଇଁ କୁହାଯାଇଛି। ଭୂମିହୀନଙ୍କୁ ଥଇଥାନ କରିପାରିବ। ପରେ ଭେଣ୍ଡି କୋନ ନିର୍ମାଣ ପରେ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ କରାଯିବ। ହେଲେ ଦୀର୍ଘ ସମୟ ଧରି ପ୍ରଶାସନିକ ଅଧିକାରୀ ମାନଙ୍କ ସହ ଆନ୍ଦୋଳନକାରୀଙ୍କ ସହ ବଚସା ହୋଇଥିଲା ଓ ଶେଷରେ ଉପଜିଲ୍ଲାପାଳ ପୋଲିସ ସହାୟତାରେ ଦୀର୍ଘ ସମୟ ପରେ ଅପରାହ୍ନରେ ଉଚ୍ଛେଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓ ଏହି ପ୍ରକ୍ରିୟାରେ ୫ ଜଣରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ପୋଲିସ ଘଟଣା ସ୍ଥଳରୁ ଉଠାଇ ନେଇ ଯାଇଥିବା ବେଳେ ଆଗକୁ ଜୀବବି ସରକାରୀ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଅଭିଷେକ ବେହେରା କହିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଏହି ଉଚ୍ଛେଦ ପ୍ରକ୍ରିୟାରେ ଭଦ୍ରକ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶନ ଖୁଣ୍ଟିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦିବେଦି,ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ଉଚ୍ଛେଦ ପ୍ରକ୍ରିୟାକୁ ଆଗକୁ ନେଇଥିଲେ। ଅନ୍ୟପଟେ ଆନ୍ଦୋଳନକାରୀଙ୍କୁ ଭଦ୍ରକ ମୁନିସିପାଲିଟି ଅଧ୍ୟକ୍ଷା ଗୁଲନାଜ୍ ଦଲଜାହି ହବିବ ସମର୍ଥନ ଜଣାଇ ଉଚ୍ଛେଦ ପୂର୍ବରୁ ପ୍ରଥମେ ଥଇଥାନ କରିବା ଦାବି କରି ତାଙ୍କ ସମର୍ଥକ ମାନଙ୍କ ସହ ମେସିନ ଆଗରେ ଧାରଣା ଦେଇଥିଲେ, ସେହିପରି ଭଦ୍ରକ ପୌରପାଳିକାର ପାରିଷଦ ଫରାୟାଜ ଖାଁ ଏବଂ ଅନେକ ଉଠା ଦୋକାନୀ ଏହି ଉଚ୍ଛେଦ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ ଓ ଶେଷରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଚ୍ଛେଦ ଅପରାହ୍ନରେ ଆରମ୍ଭ କରିଥିଲେ।

# ଦିବ୍ୟାଙ୍ଗଙ୍କ ପାଇଁ ନିର୍ମିତ ଶୌଚାଳୟ ପାଲଟିଛି କାଗଜ ବସ୍ତାଳୟ





ଆସିକା, (ଭାସ୍କର ନ୍ୟୁଜ): ଆସକାରେ ବର୍ତ୍ତମାନ ସ୍ଥିତିରେ ଦିବ୍ୟାଙ୍ଗଙ୍କ ପାଇଁ ନିର୍ମିତ ଶୌଚାଳୟ କାଗଜ ବସ୍ତାଳୟରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଆସିକା ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ବର୍ତ୍ତମାନ କରକୁଲି, ଜଗନ୍ନାଥ ପ୍ରସାଦ, ଅସ୍କରଦା, ଆଗେଇପଟଣା, ଦୁର୍ଗା ପ୍ରସାଦ, କଂକୁରୁ ଆଦି ଅଞ୍ଚଳର ୪୫ଟି ଉପ ଡାକଘର ଓ ୨୮୭ଟି ଶାଖା ଡାକଘର ଜନେଇ ଚାଲୁଅଛି। ଏହି ଡାକ ଘରକୁ ପ୍ରତିଦିନ ପ୍ରାୟ ୧ ହଜାରରୁ ଅଧିକ ମହିଳା, ପୁରୁଷ, ବୟସ୍କ, ଦିବ୍ୟାଙ୍ଗ ଡାକଘରେ ଟଙ୍କା ଜମା, ଟଙ୍କା ଉଠାଣ, ଟ୍ରେନ ଟିକେଟ ବୁକିଂ, ଆଧାରକାର୍ଡ ସଂଶୋଧନ, ଆଧାରକାର୍ଡ ନୂତନ ପଞ୍ଜିକରଣ, ପାସପୋର୍ଟ ପଞ୍ଜିକରଣ ସହିତ ଯାବତୀୟ କାର୍ଯ୍ୟ କରିବାକୁ ଆସି

- ମୌଳିକ ସୁବିଧାରୁ ବଞ୍ଚିତ ଆସିକା ମୁଖ୍ୟ ଡାକଘର ଉପଭୋକ୍ତା
- ଆସିକା ମୁଖ୍ୟ ଡାକଘର କର୍ମଚାରୀଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ଉପଭୋକ୍ତା
- ଆସିକା ମୁଖ୍ୟ ଡାକଘର ଏଟିଏମ ମେସିନ ଅଚଳ ଗ୍ରାହକ ହନ୍ତସନ୍ତ

ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ନଜର ରହିଛି। ପ୍ରକାଶ ଥାଉକି ଏଠାରେ ଗତ କିଛି ବର୍ଷ ପୂର୍ବେ ପ୍ରାୟ ୩ଲକ୍ଷ ଟଙ୍କାରେ ମୁଖ୍ୟ ଡାକଘରଭିତରେ ବାମ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଗୋଟିଏ ଶୌଚାଳୟ ବର୍ତ୍ତମାନ ଡାକଘରର ଅନାବଶ୍ୟକ କାଗଜ ଓ ବର୍ଜ୍ୟବସ୍ତୁରେ ପୂର୍ଣ୍ଣ ହୋଇଛି। ଯାହାଦ୍ୱାରା ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମହିଳା, ପୁରୁଷ, ବୟସ୍କ, ଦିବ୍ୟାଙ୍ଗ ଶୌଚାଳୟ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ସମ୍ପର୍କରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁନି ବରଂ ନାନା ପ୍ରକାରର ଶୋଷଣର ଶିକାର ହେଉଥିବାର ମଧ୍ୟ ନଜିର ରହିଛି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ଅଞ୍ଚଳର ହୋଇଥିବା ଯୋଗୁଁ ଉକ୍ତ କର୍ମଚାରୀ ଗ୍ରାହକଙ୍କୁ ଦୁର୍ବ୍ୟବହାର କରୁଥିବାର ମଧ୍ୟ ଅଭିଯୋଗ ହେଉଛି। ଯେପରିକି ଲିଙ୍କ ଫେଲୁଅଛ କହି ଦୀର୍ଘ ସମୟ ଅଯଥାରେ ଅପେକ୍ଷା କରିବାକୁ କହିବା, ଅଯଥାରେ ଗପିବା ଏହିପରି ନାନା ଅସୁବିଧା ର ସମ୍ମୁଖୀନ କରାଉଥିବାର ନଜିର ରହିଛି। ପ୍ରକାଶ ଥାଉକି କିଛି ବର୍ଷ ତଳେ ଦିବ୍ୟାଙ୍ଗ ମାନଙ୍କ ସକାଶେ ଡାକ ଘର ମୁଖ୍ୟ ଫାଟକରୁ ଡାକ ଘର ଭିତରକୁ ଟାଇଲ ବିଛାଯାଇଥିଲା ଯାହା ରକ୍ଷଣା ବେକ୍ଷଣ ଅଭାବରୁ ଭାଙ୍ଗି ରୁଜି ଗଲାଣି ଯାହାଦ୍ୱାରା ଡାକ ଘରକୁ ଆସୁଥିବା ଗ୍ରାହକ ଉକ୍ତ ଟାଇଲରେ ଝୁଣ୍ଟି ଆହତ ହେଉଛନ୍ତି। ଏହି ଡାକ ଘରକୁ ଲାଗି ଏକ ଡାକ ଏଟିଏମ କାଉଣ୍ଟର ସ୍ଥାପିତ ହୋଇଥିଲା କିନ୍ତୁ ତାହା ସ୍ଥାପିତ ହେବା ଦିନଠାରୁ ଅଚଳ ହୋଇରହିଛି। ଯାହାଫଳରେ ଶହଶହ ଜମାକାରୀ ଛୁଟିଦିନ ହେଉ କି ଅନ୍ୟ ସମୟରେ ଟଙ୍କା ଉଠାଣରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିସବୁ ସମସ୍ୟା ଯୋଗୁଁ ଡାକ ଗ୍ରାହକ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି।

## ବାଣିଜ୍ୟ ବିଭାଗର ଅଧ୍ୟାପକ ନିଯୁକ୍ତିକୁ ନେଇ ବିଚିତ୍ର ସ୍ଥିତ

ଜଗତସିଂହପୁର( ଭାସ୍କର ନ୍ୟୁଜ) ୧୬/୯ ଜଗତସିଂହପୁର ଜିଲ୍ଲାର ଆଗ ଧାଡ଼ିର ବାଲିକୁଦା ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର ଅଧ୍ୟାପକ ନିଯୁକ୍ତିକୁ ନେଇ ବିଚିତ୍ର ସ୍ଥିତି ଉପୁଜିଛି। ସନ୍ତୋଷ ଶତପଥୀ ନାମକ ଏହି ଅଧ୍ୟାପକ ଜଣଙ୍କ ୧୭ ମାର୍ଚ୍ଚ ୨୦୧୮ରେ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ମାତ୍ର ତାଙ୍କର ଇନଜମ ସାର୍ଟିଫିକେଟ ଜାଲ ହୋଇଥିବା ଦର୍ଶାଇ କଲେଜ ପରିଚାଳନା କମିଟିର ସଭାପତି ତାଙ୍କୁ ଚାକିରିରୁ ବହିଷ୍କାର କରିବା ସହିତ ସେ ୨୦୧୮ରୁ ଏପର୍ଯ୍ୟନ୍ତ ନେଇଥିବା ଦରମା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ କଲେଜ ଅଧ୍ୟକ୍ଷଙ୍କୁ ସନ୍ତୋଷ ଶତପଥୀଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ପ୍ରକାଶ ଥାଉକି ୨୦୨୨ ମସିହାରେ ଉକ୍ତ ପ୍ରସଙ୍ଗକୁ ନେଇ ଏକ ୮ ଜଣିଆ ତଦନ୍ତ କାରୀ କମିଟି ଗଠନ କରାଯାଇଥିଲା ଓ ସେମାନେ ସନ୍ତୋଷ ଶତପଥୀଙ୍କ ସାର୍ଟିଫିକେଟ ଜାଲ ବୋଲି ରିପୋର୍ଟ ଦେଇଥିଲେ। ମାତ୍ର କଲେଜ କର୍ତ୍ତୃପକ୍ଷ ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ କୋ୍ଣସି ପଦକ୍ଷେପ ନେଇନଥିଲେ। ମାତ୍ର କଲେଜ ପରିଚାଳନା କମିଟି ଓ ଅଧ୍ୟକ୍ଷଙ୍କ ସ୍ୱାର୍ଥତାକୁ ନେଇ ପ୍ରଶ୍ନ ଉଠୁଛି। ଅପରପକ୍ଷରେ ସମ୍ପୃକ୍ତ ଅଧ୍ୟାପକ ସନ୍ତୋଷ ଶତପଥୀ କହନ୍ତି ଯେ ସେ ଜଣେ ରେଗୁଲାର ଛାତ୍ର ଭାବେ ଇଉଆଇଏସଏମ ଇଂରାଜସିଟିରୁ ୨୦୧୨ ମସିହାରେ ଏମକମ ପାସ କରିଥିଲେ। ଏହି ଇଂରାଜସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଅନୁମୋଦନରେ ଚାଲିଥିଲା। ମାତ୍ର ୨୦୨୫ ମସିହାରେ ଉକ୍ତ ବିଶ୍ୱବିଦ୍ୟାଳୟ(ୟୁଜିସି) ବନ୍ଦ କରିଦେଇଥିଲା। ମାତ୍ର ବନ୍ଦ ହେବାର ୩ ବର୍ଷ ପୂର୍ବରୁ ସନ୍ତୋଷ ଶତପଥୀ ଏହି ଇଂରାଜସିଟିରୁ ଏମକମ ପାସ କରି ବାଲିକୁଦା ମହାବିଦ୍ୟାଳୟରେ ମ୍ୟାନେଜମେଣ୍ଟ ପୋଷ୍ଟରେ ଥିଲେ। ସାର୍ଟିଫିକେଟ। ବିବାଦ ଉଠିବା ପରେ ୨୦୧୯ ମସିହାରେ ତାଙ୍କ ସେ ଅଧ୍ୟକ୍ଷଙ୍କୁ ସାର୍ଟିଫିକେଟ ଦେଇ ମଧ୍ୟ କୋ୍ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ବର୍ତ୍ତମାନ ସମ୍ପୃକ୍ତ ଅଧ୍ୟାପକ ତାଙ୍କ ସାର୍ଟିଫିକେଟକୁ ନେଇ ଶିକ୍ଷା ଟ୍ରିବ୍ୟୁନାଲ ଦ୍ୱାରସ୍ଥ ହୋଇଛନ୍ତି ଓ କେସ ବିଚାରାଧୀନ ଥିବା ବିଷୟ ପ୍ରକାଶ କରିଛନ୍ତି।



ରଘୁନାଥପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକଉ ଜ୍ୟୋତିମହାସଂଘର ଦୁର୍ନିତି ଘଟଣା ସାରା ଓଡିଶାରେ ଚାଞ୍ଚଲ୍ୟ ସୃଷ୍ଟିକରିଥିଲେ ବି ବିଡିଓ, ସିଡିପିଓ ଓ ଜିଲ୍ଲାପ୍ରଶାସନ ଘଣ୍ଟ ଘୋଡାଇ ଚାଲିଥିବାର ପରିଣାମ ସ୍ୱରୂପ ମଙ୍ଗଳବାର ନମିତା ବେଓ୍ୱା ନାମକ ଜଣେ ବିଧବା ମହିଳା ରଘୁନାଥପୁର ବ୍ଲକ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ ଘଟଣା। ବ୍ଲକପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଘଟଣାରୁ ପ୍ରକାଶ ଉକ୍ତ ମହିଳା ଜଣକ ବରାଗୋଳ ପଞ୍ଚାୟତର ସିଏଲଏଫ୍ ସିଆରପିସିଏମ୍ ଭାବେ କାର୍ଯ୍ୟକରୁଛନ୍ତି। ଏହି ପଞ୍ଚାୟତର ବଡତିହଡା ଗ୍ରାମର ଜୈନିକ ମହିଳା ଯିଏକି ଜ୍ୟୋତିମହାସଂଘର ସଭାନେତ୍ରୀ ଅଛନ୍ତି। ସେ କୈଣସି ଏସଏଚଜି ଗ୍ରୁପରେ ନଥାଇ ପଞ୍ଚାୟତ ରେ ସିଏଲଏଫ୍, ଜିପିଏଲଏଫ୍, ବିଏଲଏଫ୍, ଡିଏଲଫ୍ ଇସି ରହି ଦୁର୍ନୀତି ଚଳାଇଛନ୍ତି। ବହୁ ଏସଏଚଜି ଗ୍ରୁପଠାରୁ ଲକ୍ଷଲକ୍ଷଟଙ୍କା ହଡପକରି ବା ସହ ୨ଟି ପିଜିଗ୍ରୁପର ନକଲି ଦସ୍ତଖତ କରି ଲକ୍ଷଲକ୍ଷ ଟଙ୍କା ଆତ୍ମସାତ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବି ପ୍ରଶାସନ ତାଙ୍କୁ ଘଣ୍ଟଘୋଡାଇ ଚାଲିଛି। ତେବେ ସଂନ୍ଧ୍ୟାସୁଧା ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ,ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ, ବିପିଏମ୍ ଲିପିକା ଶଡଙ୍ଗୀକ ଉପସ୍ଥିତରେ ଧାରଣାକାରୀ ମହିଳାଙ୍କୁ ତିନିଦିନ ମଧ୍ୟରେ ନ୍ୟାୟ ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଷ୍ଟେଟ୍ ବ୍ୟାଙ୍କ ତିହିଡ଼ି ଶାଖାର ନବୀକରଣ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତିହିଡ଼ି ଶାଖାର ନବୀକରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଜେନେରାଲ ମ୍ୟାନେଜର ବନ୍ଦନା ଅଗ୍ରୱାଲ୍ ଯୋଗଦେଇ ନବୀକରଣ ଫଳକକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ୧୨ଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ସହାୟତା ପ୍ରଦାନ କରାଯାଇଥିଲା। ଷ୍ଟେଟ୍ ବ୍ୟାଙ୍କ ଶାଖା ପ୍ରବନ୍ଧକ ଶିବାଶିଷ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଅଗ୍ରୱାଲ୍, ମୁଖ୍ୟବକ୍ତା ରିଜିଓନାଲ ମ୍ୟାନେଜର ଯଶୋବନ୍ତ ଦାସ, ସମ୍ମାନିତ ଅତିଥି ଫିଲ୍ଡ ଅଫିସର ସନ୍ତୋଷ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଷ୍ଟେଟବ୍ୟାଙ୍କ ଲୋକମାନଙ୍କୁ ଋଣ ସହାୟତା ଯୋଗାଇଦେବା ସହିତ ଅର୍ଥ ଆଦାନ ପ୍ରଦାନରେ ମଧ ସହଯୋଗ କରିଆସୁଛି। ସମସ୍ତ ଗ୍ରାହକମାନେ ଷ୍ଟେଟବ୍ୟାଙ୍କକୁ ସହଯୋଗ କଲେ ବ୍ୟାଙ୍କର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି କହିଥିଲେ। ଷ୍ଟେଟବ୍ୟାଙ୍କ ତିହିଡ଼ି ଶାଖାର କର୍ମଚାରୀ ଶସ୍ମିତା କୁମାରୀ ନାୟକ, ଅନୁରାଧା ପଣ୍ଡା, ଅଜୟ ମିଶ୍ର, ମହେଶ ପାହାଳ, ସିଦ୍ଧେଶ୍ୱର ଗୋଛାୟତ, ଲକ୍ଷ୍ମୀଧର ବେହେରା, ବଂଶୀଧର ପଣ୍ଡା, ରାକେଶ ସିଂ, ସୁଦୟା ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଓଜନ ଦିବସ ପାଳିତ




କେନ୍ଦୁଝର, ( ଭାସ୍କର ନ୍ୟୁଜ୍): ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ତରଫରୁ ଆଜି ବିଶ୍ୱ ଓଜନ ଦିବସ ପାଳିତ ହୋଇଯାଇଛି। ଆରମ୍ଭରୁ ଅତିଥି ବୃନ୍ଦ ମା' ତାରିଣୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହର ଶୁଭାରମ୍ଭ କରିଥିଲେ। ମହା ବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଲଳିତ ରଂଜନ ସାହୁଙ୍କ ସଭାପତିତ୍ୱରେଆୟୋଜିତ ସମାରୋହରେ ସ୍ୱାଗତ ଭାଷଣ ଓ ଓଜନ ଦିବସର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଡ଼. ବନ ବିହାରୀ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଜନ ସ୍ତରର ସ୍ଥିତି ଏବଂ ତାର ସରକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଚିତ୍ତ ରଂଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଜନ ସୁରକ୍ଷାରେ ସଚେତନତାର ଆବଶ୍ୟକତା ସହ ଓଜନ କ୍ଷୟର କାରଣ ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ଭୂତତ୍ତ୍ୱ ବିଭାଗ ମୁଖ୍ୟ ଜିତେନ୍ଦ୍ର ପୁରେଇ ଓଜୋନ ସ୍ତର ହ୍ରାସରେ ସହରୀକରଣ ଓ ଶିଳ୍ପର ପ୍ରଭାବ ଆକଳନ କରିଥିଲେ। ସେହିପରି ଧରଣୀଧର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳସଚିବ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ସାହୁ ସମାରୋହରେ ଯୋଗଦେଇ ଓଜନ ଦିବସର ପ୍ରାଧାନ୍ୟ ତଥା ପୃଥିବୀର ଓଜନ ସ୍ତରର ସୁରକ୍ଷା ଜରୁରୀ ବୋଲି ମତ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସମାଜସେବୀ ଶ୍ୟାମ ସୁନ୍ଦର ପଟ୍ଟନାୟକ ବ୍ୟକ୍ତିର ଭୂମିକା ଓ ସଚେତନତାକୁ ଓଜନ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ଭୂତତ୍ତ୍ୱ ବିଭାଗର ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ଜସ୍ମିନ ବିଶ୍ୱାଳ ପାଓ୍ୱାର ପଏଣ୍ଟ ମାଧ୍ୟମରେ ଓଜୋନ ସ୍ତରର ସ୍ଥିତି, ଓଜନ କିପରି ତିଆରି ହୁଏ , ହ୍ରାସ ହେଲେ ତାର କୁପ୍ରଭାବ ଏବଂ କଣ କଲେ ତାର ସୁରକ୍ଷା ହୋଇ ପାରିବ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଭୂତତ୍ତ୍ୱ ବିଭାଗ ଅଧ୍ୟାପିକା ସୌମିତା ଦିକ୍ଷିତଙ୍କ ତତ୍ତ୍ୱାବଧାନରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାରୋହରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧାପକ ଏବଂ ଅଧାପିକା ଯୋଗ ଦେଇଥିବା ବେଳେ ଅଧ୍ୟାପକ ରଜତ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟବ୍ରତ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା

ଚଣ୍ଡିଖୋଲ, (ଭାସ୍କର ନିୟୁଜ): ଚଣ୍ଡିଖୋଲ ବାବା ଭୈରବା ନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସିସଭାରେ ପ୍ରାଧ୍ୟାପକ ସତ୍ୟବ୍ରତ ପୃଷ୍ଟିଙ୍କୁ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ବହୁ ଅଧାପକ ଅଧାପିକା ଏକ ବିରାଟ ଶୋଭା ଯାତ୍ରାରେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ଠାରୁ ନବ ମାଳତୀ ପ୍ରେକ୍ଷାଳୟ ପର୍ଯ୍ୟନ୍ତ ନେଇ ସେଠାରେ ଏକ ସଭାର ଆୟୋଜନ ବିଭାଗୀୟ ମୁଖ୍ୟ ମଥୁରୀ ବେହେରାଙ୍କ ସଭାପତିତ୍ୱରେ କରାଯାଇ ଥିଲା। ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ସୁରେନ୍ଦ୍ର ନାଥ ପଣ୍ଡା ମହା ବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରସନ୍ନ କୁମାର ମହାପାତ୍ର, ଅଧାପକ ଡ଼ଃ ଦିଲ୍ଲୀପ କୁମାର ନାୟକ, ତପନ କୁମାର ଜେନା ବିଜୟ କେତନ ସାମଲ,ସଲିଳ ରାଜନନ୍ଦନ ମହାନ୍ତି, ଭିକାରି ଚରଣ ରାଉତ, ସୀତାନାଥ ରାଉତରାୟ, ସଞ୍ଜୟ ବେହେରା, ମନୋଜ କୁମାର ସ୍ୱାଇଁ, ସରିତା ସ୍ୱାଇଁ, ମାନସୀ ମହାନ୍ତି ଅମ୍ବିକା ପ୍ରାସାଦ ମିଶ୍ର, ଓମ୍ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରାଧାପକ ପୃଷ୍ଟିଙ୍କ ଗୁଣ ଗାନ କରିଥିଲେ। ବହୁ ଛାତ୍ରଛାତ୍ରୀ ସେମାନଙ୍କର ପ୍ରିୟ ସାରଙ୍କୁ ଅଶ୍ରୁଳ ପ୍ରୀତି ବାଣ୍ଟିଥିଲେ। ବିଭାଗ ତରଫରୁ ପୁଷ୍ପମାଲ୍ୟ ଉପଢୌକନ ଉପହାର ଦିଆଯାଇ ଥିଲା ଶେଷରେ ଅଧାପିକା ମଧୁସ୍ମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇ ଥିଲା। ଏଠାରେ ଉଲେଖ କରାଯାଇପାରେ ପ୍ରାଧାପକ ସତ୍ୟବ୍ରତ ପୃଷ୍ଟି ବାଲିଚନ୍ଦ୍ରପୁରସ୍ଥିତ ସାହସପୁର ମହାବିଦ୍ୟାଳୟକୁ ଅଧକ୍ଷ ଭାବରେ ସ୍ଥାନାନ୍ତରିତ ହୋଇଛନ୍ତି। ଯାହା ଛାତ୍ରଛାତ୍ରୀ ଅଧାପକ ଅଧାପିକାଙ୍କ ମହଲରେ ଖୁସିର ବାତାବରଣ ସୃଷ୍ଟି କରିଛି।

# ନବଘନ ହେଲେ ନିଭରଣ ପଞ୍ଚାୟତ ବିଜେଡି ସଭାପତି



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ୨୩ ଗୋଟି ପଞ୍ଚାୟତରୁ ୨୨ ଗୋଟି ପଞ୍ଚାୟତର ସଭାପତି ନାମ ବିଜେଡି ଘୋଷଣା କରିସାରିଥିଲା। ନିଭରଣ ପଞ୍ଚାୟତରେ ବିଜେଡି ସଭାପତି ଘୋଷଣା କରିନଥିଲା। ମଙ୍ଗଳ ବାର ଦିନ ଅପରାହ୍ନରେ ନିଆଳି ବିଧାୟକ ଡ଼. ପ୍ରମୋଦ କୁମାର ମଲିକ ନିଭରଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ନବଘନ ମଲିକଙ୍କ ନାମ ପଞ୍ଚାୟତ ସଭାପତି ଭାବେ ଘୋଷଣା କରିଛନ୍ତି। ନିଭରଣ ପଞ୍ଚାୟତରେ ବିଜେଡିର ଦବ୍‌ଦବା ରହିଛି, ଆଗକୁ ରହିବ ଓ ଆଗାମୀ ପଞ୍ଚାୟତ ନିର୍ବାଚନରେ ପୁନର୍ବାର ବିଜେଡି ସମର୍ଥିତ ସମିତି ସଭ୍ୟ ସରପଞ୍ଚ ଜିତିବ ବୋଲି ନବଘନ କହିଛନ୍ତି। ଏଠାରେ ସୂଚନା ଥାଉକି ୨୦୨୪ ବିଧନସଭା ନିର୍ବାଚନ ବିଜେଡି ମାତ୍ର ୧୪ ଶହ ଭୋଟରେ ହାରିବା ପରେ ଦଳ ନିଜର ଘର ସଜାଡ଼ିବା ଆରମ୍ଭ କରିଛି। ଦଳ ପୁରୁଣା ନେତା ଓ କର୍ମୀଙ୍କୁ ଏକତ୍ରିତ କରୁଥିବା ଦେଖିବାକୁ ମିଳିଛି।

# ଧର୍ମପରାୟଣ ମହିଳାଙ୍କ ପରଲୋକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅଧିନ କମାରିଆ ଗ୍ରାମର ବିଜୟା ନାୟକ (୭୧) ନାମ୍ନୀ ଜଣେ ଧର୍ମପରାୟଣ ମହିଳାଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ଲିଭରଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପରାୟଣ, ଶାନ୍ତ, ସରଳ, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ସ୍ୱର୍ଗତା ନାୟକ ତିହିଡ଼ି ବ୍ଲକ ଉପାଧକ୍ଷା ସୁଭଦ୍ରା ଶତପଥୀଙ୍କ ଶାଶୁ ଅଟନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ପ୍ରବିର ନାୟକ, ପ୍ରତାପ ନାୟକ ଓ ପ୍ରଦୀପ୍ତ କିଶୋର ନାୟକଙ୍କ ସମେତ ଭାଇ ବାବୁଲାଲ ସେନାପତି, ବୋହୂ, ନାତି, ନାତୁଣୀ, ପୁତୁରା, ଝିଆରୀ, ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପ୍ରବୀର (ବାପିନା) ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ପୂର୍ବତନ ବ୍ଲକ ଅଧକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ, ଜିଲ୍ଲା ପରିଷଦ ସଭ୍ୟା ରୁଜାତା ପଣ୍ଡା ଓ ସୁମତୀ ସେଠୀ, ସରପଞ୍ଚ ସୁପ୍ରଭା ପାଣି, ପୁଷ୍ପାଞ୍ଜଳି ଲେଙ୍କା, ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସମିତିସଭ୍ୟ ଚିନ୍ତାମଣି ଦାସ, ଜୀବନଜ୍ୟୋତି ପଲାଇ, ପ୍ରିୟବନ୍ଧୁ ମାଝି, ତିଲୋତ୍ତମା ବେହେରା, ନକୁଳ ଚନ୍ଦ୍ର ବାରିକ, ବାପୁଜୀ ନାୟକ, କମଳାକାନ୍ତ ଲେଙ୍କା, ଅନିରୁଦ୍ଧ ବାରିକ, ନିତ୍ୟାନନ୍ଦ ବେହେରା, କୀର୍ତ୍ତନ ରାଉତ, ସଂଗ୍ରାମ ଦାସ, ବିଷ୍ଣୁଚରଣ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ଅଭୟ ବିଶ୍ୱାଳ, ବୈକୁଣ୍ଠ ପାଣି, ଦେବୀପ୍ରସାଦ ପତି ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଶିକ୍ଷାନୁଷ୍ଠାନର କମ୍ପ୍ୟୁଟରରେ ନିଆଁ ଲଗାଇ ପୋଡ଼ିଦେଲେ ଦୁର୍ବୃତ୍ତ



ଛତ୍ରପୁର, (ଓଡ଼ିଶା ଭାସ୍କର): ଛତ୍ରପୁର ସହର ପୁରୁଣା ପୋଷ୍ଟ ଅଫିସ ସାହିରେ ଥିବା ଏକ ଘରୋଇ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରୁ ଗତକାଲି ବିଳମ୍ବିତ ରାତ୍ରରେ ଚୋରି କରିବା ସହିତ କମ୍ପୁଟର ଗୁଡିକରେ ନିଆଁ ଲଗାଇ ପୋଡ଼ିଦେଲେ ଦୁର୍ବୃତ୍ତ। ଏହା ସହ ଜୀବନରୁ ମାରିଦେବାକୁ ମଧ ଧମକ ଦେଇଛି। ଘଟଣାରୁ ଜଣାପଡିଛି ଯେ ପୁରୁଣା ପୋଷ୍ଟ ଅଫିସ ସାହିରେ ଥିବା ଏଡୁକେର କମ୍ପ୍ୟୁଟର ଅନୁଷ୍ଠାନରେ ଗତକାଲି ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ଗ୍ରୀଲ ଓ କବାଟ ଭାଙ୍ଗି ଭିତରେ ପଶି ୧୦ଟି କମ୍ପ୍ୟୁଟର, ଏସି ସମେତ ବହୁ ଆସବାବ ପତ୍ରରେ ନିଆଁ ଲଗାଇ ନଷ୍ଟ କରିବା ସହିତ ହାର୍ଡ ଡିସ୍କ ଭଳି କିଛି ଜିନିଷ ଚୋରି କରିନେଇଛନ୍ତି। ଏହା ସହ ମୁଁ କେବଳ ତୋ ପାଇଁ ଆସିଛି, ଏତେ ସହଜରେ ମୁଁ ତୋତେ ମାରିବି ନାହିଁ, ତୋତେ ଟର୍ଚ୍ଚର କରି ମାରିବି ବୋଲି କବାଟରେ ଲେଖି ଧମକ ଦେଇଛନ୍ତି ଦୁର୍ବୃତ୍ତମାନେ। ଆଜି ସକାଳୁ ସ୍ଥାନୀୟ ବାସିନ୍ଦା ନିଆଁ ଲାଗିଥିବାର ଦେଖି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ଛତ୍ରପୁର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ କିଏ ଏପରି କାଣ୍ଡ ଘଟାଇଛି ଏବଂ କାହିଁକି ଏପରି କରିଛି ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି।

### ସିଡିଏମ୍‌ଓ ଘୋଡାଉଥିବା ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ଚେତାବନୀ

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ୮ଦଫା ଦାବିପତ୍ର ପ୍ରଦାନ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ୮ଦଫା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଗତ ସୋମବାର ଜିଲ୍ଲାପାଳଙ୍କ ମିଳତ ଜନଶୁଣାଣୀ ଶିବିରରେ ନଗୁଆ ସମିତି ସଭାପତି ରମେଶ ଚନ୍ଦ୍ର ଭାରତୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ମନୋଜ କୁମାର ନାୟକଙ୍କ ସମେତ ବହୁ ବ୍ୟକ୍ତି ଅଧିକ୍ଷକ ଡା.ସ୍ୱାଇଁଙ୍କ ବିରୋଧରେ ମିଳିତ ଭାବେ ଅଭିଯୋଗ କରିଥିଲେ। ଡା.ସ୍ୱାଇଁ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦିନ ୧୧ଟାରେ କାର୍ଯ୍ୟାଳୟ ଆସୁଥିବା ଓ ଅପରାହ୍ନ ୩ଟାରେ ଘରୋଇ ଭାବେ ରୋଗୀ ଦେଖିବାକୁ ଭଦ୍ରକ ଫେରିଯାଆନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟଡୋର ରୋଗୀସେବା କରନ୍ତି ନାହିଁ କି ତାଙ୍କୁ ମିଳିଥିବା ସରକାରୀ କ୍ୱାଟରରେ ରାତ୍ରି ଯାପନ କରନ୍ତି ନାହିଁ। ତାଙ୍କ ଏଠାରେ କାର୍ଯ୍ୟକାଳ ସମୟରେ ଜରୁରୀକାଳୀନ ରୋଗୀ ସେବା କେବେ କରିନାହାନ୍ତି। ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅଧିକ୍ଷକ ସର୍ବଦା ମଦ୍ୟପ ଶ୍ରେଣୀର ବ୍ୟକ୍ତିମାନଙ୍କ ସହ ନିୟମିତ ବୈଠକ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାକୁ ଏଡାଇ ଦେଉଛନ୍ତି। ଏଠାରେ ନୂତନ ଭାବେ ଯୋଗଦେଉଥିବା ଡାକ୍ତରମାନଙ୍କୁ ଉତ୍ପୀଡନ କରୁଥିବା ଯୋଗୁଁ ସେମାନେ ଯୋଗଦେବାର କିଛି ଦିନ ମଧ୍ୟରେ ଛାଡି ଚାଲିଯାଉଥିବା ବହୁ ଘଟଣା ଘଟିଛି। ଜନସାଧାରଣଙ୍କୁ ଦୁର୍ବ୍ୟବହାର କରିବା, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଘରୋଇ ଚିକିତ୍ସା କରି ଅର୍ଥ ଉପାର୍ଜନ କରିବା ଭଳି ଗୁରୁତର ଆରୋପ ଲଗାଇଛନ୍ତି ଅଭିଯୋଗକାରୀମାନେ। ଗତ ଫେବୃୟାରୀ ୧୭ ତାରିଖରେ ଅନୁଷ୍ଠିତ ମିଳିତ ଜନଶୁଣାଣୀ ସମୟରେ ଏଭଳି ଅଭିଯୋଗ କରାଯାଇଥିଲା। ଖୋଦ ଜିଲ୍ଲାପାଳ ଅଧିକ୍ଷକ ଡା.ସ୍ୱାଇଁଙ୍କୁ ବଦଳି କରିବେ ବୋଲି ଆଶ୍ୱାସନା ଦେଇଥିଲେ। ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସେହି କାର୍ଯ୍ୟାଳୟର ଜନୈକ କର୍ମଚାରୀ ଜିଲ୍ଲାପାଳଙ୍କ ଆଦେଶକୁ ବିଫଳ କରିଦେଇଥିଲେ ବୋଲି ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହି ସମସ୍ୟା ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗକୁ ଜଣାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେଉଥିବା ଚଳିତ ଅଭିଯାନ ଆଗାମୀ ଅକ୍ଟୋବର ୨ ତାରିଖରେ ସମାପ୍ତ ହେବା ପରେ ଅଧିକ୍ଷକଙ୍କୁ ଭଣ୍ଡାରିପୋଖରୀରୁ ହଟାଇ ଦିଆଯିବ ବୋଲି ଜିଲ୍ଲାପାଳ ପୁର୍ନବାର ଆଶ୍ୱାସନା ଦେଇଥିଲେ। ଏହା କାର୍ଯ୍ୟକାରୀ କରାନଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଥିଲେ।

# ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଣ୍ଡାରିପୋଖରୀ ବ୍ଲକ ଅଧିନସ୍ଥ ନରେଡ଼ା ଗ୍ରାମ ପଞ୍ଚାୟତ ତଥା ଆଖୁଆପଦା ଛକ ହର ପାର୍ବତୀ ଅନୁଷ୍ଠାନ ସଭାଗୃହରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏବଂ ଉକ୍ତ କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ପାଇଁ ସଚେତନଶୀଳ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ଓ ମୌଳିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬ଜଣ ଶ୍ରମିକଙ୍କୁ ଶ୍ରମକାର୍ଡ଼ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ପ୍ରତ୍ୟୁସ କୁମାର ବେହେରା, ଡ଼. ତାପସ କୁମାର ମହାନ୍ତି, ସହକାରୀ ପ୍ରତିପକ୍ଷ ଅଧିବକ୍ତା, ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ ଓ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ, ସମସ୍ୟାର ସମାଧାନ ତଥା ଦୁର୍ଘଟଣା ଶ୍ରମିକଙ୍କ ସମସ୍ୟା ଉପରେ ବିଚାର ବିମର୍ଶ ଓ ଉପଦେଶମାନ ପ୍ରଦାନ କରିଥିଲେ। ଏଥି ସହ ଶ୍ରମିକଙ୍କ ସମାଧାନ କ୍ଷେତ୍ରରେ ପିଏଲ୍‌ଭି ହରେକୃଷ୍ଣ ନାୟକ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଶରତ କୁମାର ଯେନା ତାଙ୍କ ବକ୍ତବ୍ୟରେ ନରେଡ଼ା ପଞ୍ଚାୟତର ସମସ୍ୟା ଓ ଯୁବ ସମାଜ ଉପରେ ତାଙ୍କର ମତବ୍ୟକ୍ତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ଆଇନ୍‌ସେବା ପ୍ରାଧିକରଣଙ୍କ ପ୍ରଦତ୍ତ□ ୧୫୧୦୦ (ଟୋଲ୍ ଫ୍ରି) ନମ୍ବର ତଥା ଆଇନ୍‌ସେବା ପ୍ରାଧିକରଣ ଭଦ୍ରକ କାର୍ଯ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା । ଉକ୍ତ ଗ୍ରାମ ପଞ୍ଚାୟତ ଅଧିବାସୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ। ଜିଲ୍ଲା ଆଇନ୍‌ସେବାର କର୍ମକର୍ତ୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଟ୍ରକ ମାଲିକ ସଂଘର ଧର୍ମଘଟ

କଣିହାଁ, (ଭାସ୍କର ନ୍ୟୁଜ୍): ପାଉଁଶ ପରିବହନରେ କଣିହାଁ ବ୍ଲକ ଟ୍ରକ ଗୁଡ଼ିକୁ ଅଗ୍ରାଧିକାର ଦେବା ଦାବୀରେ କଣିହାଁ ଟ୍ରକ ମାଲିକ ସଂଘର ମାଲିକମାନେ ଏନଟିପିସି ଏମଜିଆର ନିକଟସ୍ଥ ଆମ୍ବପାଳ ଛକଠାରେ ଧର୍ମଘଟ କରିଥିଲେ। ଏହି ଅବସରରେ ମଙ୍ଗଳବାର ଦିନ ସକାଳ ୮ଘଟିକା ସମୟରେ ଟ୍ରକ ମାଲିକ ସଂଘ ସଭାପତି ସୁନିଲ କୁମାର ପ୍ରଧାନ, ସଧାରଣ ସମ୍ପାଦକ ସତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ଶହ ଶହ ମାଲିକମାନେ ଆମ୍ବପାଳ ଠାରେ ଏକତ୍ରିତ୍ର ହୋଇ ଧର୍ମଘଟ କରିବା ସହ ଏନଟିପିସିରୁ ପାଉଁଶ ପରିବହନ କରୁଥିବା ଟ୍ରକ ବନ୍ଦ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଟ୍ରକ ଅଟକି ରହିଥିଲା। ପରେ ଏଥିନେଇ ଏନଟିପିସି ଗଙ୍ଗୋତ୍ରୀ ଗେଷ୍ଟ ହାଉସ ଠାରେ କଣିହାଁ ତହସିଲଦାର ଙ୍କ ଅଧକ୍ଷତାରେ ଏନଟିପିସି ମ୍ୟାନେଜମେଣ୍ଟ, ପୁଲିସ ଓ ଟ୍ରକ ସଂଘ ପ୍ରତିନିଧି ମଣ୍ଡଳୀଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା। ବୈଠକରେ ୭ଦିନ ମଧ୍ୟରେ ଆଞ୍ଚଳିକ ଟ୍ରକ କିପରି ସୁବିଧାରେ ଚାଲିପାରିବ ସେ ଉପରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ପାଇବା ପରେ ଅପରାହ୍ନ ୩ଘଟିକା ସମୟରେ ଧର୍ମଘଟ ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି ।

# ବ୍ୟବସାୟୀ ସଙ୍ଘର ଶାରଦୀୟ ପୂଜା ନିମନ୍ତେ ପ୍ରଶାସନିକ ବୈଠକ




ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଙ୍ଘର ଶାରଦୀୟ ପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମନ୍ତେ ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟବସାୟୀ ସଙ୍ଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବ୍ୟବସାୟୀ ସଙ୍ଘର ସଭାପତି ପ୍ରମୋଦ କୁମାର ପଣ୍ଡା ଦଶହରା ପୂଜା ଓ ଭସାଣୀ ଉତ୍ସବ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଚଳିତ ବର୍ଷ ଏହି ଶାରଦୀୟ ପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ସଙ୍ଘର ସମ୍ପାଦକ ଜୀବନାନନ୍ଦ ଦାଶ ବାର୍ଷିକ ବୀବରଣି ପାଠ କରିଥିଲେ। ଚଳିତ ବର୍ଷ ଏହି ପୂଜା ଉତ୍ସବ ସେପ୍ଟେମ୍ବର ୨୯ତାରିଖ ସୋମବାର ଠାରୁ ସପ୍ତମୀ ପୂଜା ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି। ଅକ୍ଟୋବର ୩ତାରିଖ ଠାରୁ ଅକ୍ଟୋବର ୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ଆସନ୍ତା ଅକ୍ଟୋବର ୬ତାରିଖ ସୋମବାର ଦିବା ୪ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଭସାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଙ୍ଘ ତରଫରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ବ୍ୟବସାୟୀ ସଙ୍ଘ ତରଫରୁ ଗାନ୍ଧୀଛକ ଠାରୁ ୨ଗୋଟି ମେଢ ଭସାଣୀରେ ଆସିବେ। ଥାନା ଛକ ଠାରୁ ୧୨ଟି ମେଢ କ୍ରମାନ୍ୱୟରେ ଆସି ୮ନମ୍ବର କେନାଲରେ ରାତ୍ର ୧୦ ଘଟିକା ଠାରୁ ବିସର୍ଜନ ହେବେ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ତେବେ ଏହି ପୂଜା ଉତ୍ସବରେ ଡିଜେ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ, ଗୁରୁଚରଣ ନାୟକ, ବଳରାମ ସାହୁ, କେଦାରନାଥ ସାଥୁଆ, ଗଗନ ବିହାରୀ ବରାଳ, ମନମୋହନ ଓଝା, କରୁଣାକର ସାହୁ, ଅଜୟ କୁମାର ସ୍ୱାଇଁ, ବିଜୟ କୁମାର ସ୍ୱାଇଁଙ୍କ ସମେତ ଆଂଚଳିକ ପୂଜା କମିଟିର ସଭାପତି ଓ ସମ୍ପାଦକ ମାନେ ଉପସ୍ଥିତ ଥିଲେ। ଶେଷରେ କୋଷାଧକ୍ଷ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୃତ୍ରିମ ନର୍ଦ୍ଦମା ପୋଖରୀ ଗନ୍ଧରେ ନାକ ଫାଟୁଛି



ମୁନିଗୁଡ଼ା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ମୁନିଗୁଡା ଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କ୍ଷୁଦ୍ର ଜଳସେଚନ ଉପ-ବିଭାଜନ କାର୍ଯ୍ୟାଳୟ ସ୍ଥାପନା କରାଯାଇଛି। ହେଲେ ଲୋକମାନଙ୍କର ଉପକାର ହେଉକି ନହେଉ ଠିକାଦାର ଓ ଯନ୍ତ୍ରୀଙ୍କ ଆର୍ଥୀକ ସ୍ୱାର୍ଥ ପାଇଁ ବିଭିନ୍ନ ସ୍ଥାନରେ ଚେକ୍ ଡ୍ୟାମ ମାନ ନିର୍ମାଣ କରି ଚାଲୁଛନ୍ତି। ହେଲେ ଏହି ଦୁଇ ତିନି ବର୍ଷ ହେବ ଏହି ଅଫିସରେ ସହକାରୀ ଯନ୍ତ୍ରୀଙ୍କୁ ଦେଖା କରିବାକୁ ହେଲେ ବାବୁଙ୍କ ଦେଖା ମିଳେନାହିଁ। ଏପରି ସ୍ଥିତିରେ ଜେଇ ମଧ ସମାନ ପନ୍ଥା ଆପଣାଇ ନେଇଛନ୍ତି। ସହକାରୀ ଯନ୍ତ୍ରୀ କ୍ୱେ ରହୁନଥିବା ବେଳେ ଜେଇ କରବାବୁ ଅଫିସରେ ରହି ବିଭିନ୍ନ ସ୍ଥାନରେ ଠିକାଦାରଙ୍କ ସହ ମିଶି ନିମ୍ନମାନର ଚେକ୍ ଡ୍ୟାମ କରି ଅର୍ଥ ଶୋଷଣ କରି ବଦଳୀ ହୋଇ ଚାଲି ଯାଇଛନ୍ତି। ଏପରିକି ଶୁଣିବାକୁ ମିଳୁଛି ଏହି କରିତ କର୍ମା କରବାବୁ ଜେଇ ଲୋକଙ୍କ ଠାରୁ ଅର୍ଥ ନେଇ ଅଫିସ୍ ଦିଆଲିକୁ ଲାଗି ଦୋକାନ କରିବାକୁ ଅନୁମତି ଦେଇଥିବା ଅଭିଯୋଗ ହେଉଛି। ଏହି ଦୋକାନୀଙ୍କ ସୁବିଧା ପାଇଁ ଅଫିସ୍ ବୋର୍ଡ କୁ ଉଠାଇ ଦୋକାନ ଛାତର ଉର୍ଦ୍ଧ୍ୱରେ ଦିଆଲି ଉପରେ ବୋର୍ଡ ଲଗା ଯାଇଛି।ଥାନା ଓ ବ୍ଲକ ଦିଆଲିକୁ ଲାଗି ଦୋକାନ ସ୍ଥ ଉଠାଇ ଦେଇଥିବା ବେଳେ ଏହି ଅଫିସ ଦିଆଲି କୁ ଲାଗି ରହିଥିବା ଦୋକାନ ଉଠାଗଲା ନାହିଁ କାହା ସ୍ୱାର୍ଥରେ। ପିଅନଙ୍କୁ ଛାଡି ଦେଲେ ସହକାରୀ ଯନ୍ତ୍ରୀଙ୍କୁ ଦେଖିବା ସ୍ୱପ୍ନ ହୋଇପଡିଥିବା ବେଳେ ଜେଇ ଦ୍ୱୟ ମନ ହେଲେ କେବେ ଆସୁଛନ୍ତି। ଯାହାଫଳରେ ଦିନ ରାତି ଗେଟରେ ତାଲା ପଡୁଥିବା ବେଳେ ପିଅନମାନେ ଓ ଡିଇଓ ଗଳାବାଟ ଦେଇ ଯିବା ଆସିବା କରି ଅଫିସକୁ ଜଗି ବସିଛନ୍ତି। ଅଫିସ୍ ଆଗରେ ପାଣି କାଦୁଅ ନର୍ଦ୍ଦମା ରେ ନାକଫାଟି ପଡୁଥିବା ବେଳେ ଦୋକାନ ପାଇଁ ପାଣିବାଟ ବନ୍ଦ ହୋଇଥିବାରୁ କୃତ୍ରୀମ ପୋଖରୀ ସୃଷ୍ଟି ହୋଇ ଅଫିସ୍ ପରିବେଶକୁ ଅସ୍ୱାସ୍ଥ୍ୟକର ପରିସ୍ଥିତି ଘଟିଛି। ହେଲେ କେହି ଅଫିସର ଆସୁନଥିବାରୁ ପିଅନ ମାନେ କିଂ କର୍ତ୍ତବ୍ୟ ମୁଢରେ ଅଫିସ୍ ଜଗି ରହିଛନ୍ତି।ଏପରି ସ୍ଥିତିରେ ସତେ ଯେପରି ବିଭାଗୀୟ ଅଧିକାରୀ ଓ ଜେଇ ସ୍ୱଚ୍ଛ ଭାରତର ସୂଚନା ତାଙ୍କୁ ଗ୍ରାସ କରିନି। ସହକାରୀ ଯନ୍ତ୍ରୀ କେଉଁଠି ରହୁଛନ୍ତି କେମିତି ନିମ୍ନମାନର ସ୍ଥ ଚେକ୍ ଡ୍ୟାମ ବିଷମକଟକ ବ୍ଲକ୍ ଅଞ୍ଚଳରେ ହୋଇଛି ତାହା ତଦାରଖ କରୁଛନ୍ତି। ଠିକାଦାର ଓ ଜେଇ ସଠିକ କାର୍ଯ୍ୟ ନହୋଇ କେତେ ଅର୍ଥ ଶୋଷଣ କରିଛନ୍ତି ତାହା ବିଦାୟୀ ଜେଇଙ୍କୁ ନେଇ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ ଚାଷୀମାନେ ଅଭିଯୋଗ କରିଛନ୍ତି।

# ଜନ୍ମବାର୍ଷିକ ପାଳନ ଅବସରରେ ରକ୍ତଦାନ ଶିବିର



କାକଟପୁର, (ଭାସ୍କର ନୁଜ୍): କାକଟପୁର ମୋତି କଲ୍ୟାଣ ମଣ୍ଡପରେ ଝିଅର ପ୍ରଥମ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ପିତା ନିରଞ୍ଜନ ଓ ମାତା ପାୟଲଙ୍କ ଆୟୋଜନରେ ଡ଼ଃ ବି, ଆର ଆମ୍ବେଦକର (ଏଜୁକେଶନାଲ) ଓ ସୋସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟ ଆନୁକୂଲ୍ୟରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଆଖ ପାଖ ଅଞ୍ଚଳର ଯୁବକ ଯୁବତୀ ଓ ବରିଷ୍ଠ ବ୍ୟକ୍ତିମାନେ ଯୋଗ ଦେଇ ରକ୍ତ ଦାନ କରିଥିଲେ। ଦୁଇଜଣ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ତତ୍ତ୍ୱାବଧାନରେ (୩୬) ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆଧୁନିକତା ସଭ୍ୟତା ଠାରୁ ଅନେକ ଦୂରରେ ରହି ଦମ୍ପତି ପାଳନ କରିଛନ୍ତି ତାଙ୍କର ଏକମାତ୍ର ଶିଶୁକନ୍ୟା ସାନଭିର ପ୍ରଥମ ଜନ୍ମଦିନ। ଯାହାକୁ ଦେଖି କାକଟପୁର ଅଞ୍ଚଳର ବୃଦ୍ଧିଜୀବୀ ମାନେ ପ୍ରସଂଶା ଅଜାଡି ଦେବା ସହ କୁନି ଝିଅଟିକୁ ଆଶିର୍ବାଦ କରିଛନ୍ତି। 'ରକ୍ତଦାନ ମହାଦାନ' ଏହା କେବଳ ମାନବତା ପାଇଁ ସେବା ନୁହେଁ, କିନ୍ତୁ ଅନେକମାନଙ୍କ ପାଇଁ ନୂଆ ଜୀବନର ସନ୍ଦେଶ।



# ଆମ କଳାହାଣ୍ଡି



## ନବାଗତଙ୍କ ପ୍ରବେଶ ଉତ୍ସବ ପାଳିତ

# ଆଭାସୀରେ ଛାତ୍ରଛାତ୍ରୀଙ୍କୁ କୁଳପତିଙ୍କ ସ୍ୱାଗତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଓୟୁଏଟି ଭୁବନେଶ୍ୱର ଦ୍ୱାରା ପରିଚାଳିତ କୃଷି ମହାବିଦ୍ୟାଳୟ ଭବାନୀପାଟଣାର କନଫରେନ୍ସ ହଲ ଠାରେ ଏହି ମହାବିଦ୍ୟାଳୟରେ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ 'ପ୍ରବେଶ ଉତ୍ସବ-୨୦୨୫-୨୬' ଆନନ୍ଦଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଅଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଅଭାସୀ ମାଧ୍ୟମରେ ରାଜ୍ୟରେ ଥିବା ଅନ୍ୟାନ୍ୟ କୃଷିମହାବିଦ୍ୟାଳୟର ନବଗତ ଛାତ୍ରଛାତ୍ରୀମାନଙ୍କୁ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟାନ୍ୟ ନିମଂତ୍ରିତ ଅତିଥିମାନେ ସ୍ୱାଗତ ଜଣାଇଥିଲେ।ଏହି ଉପଲକ୍ଷେ ଭବାନୀପାଟଣା କୃଷି ମହାବିଦ୍ୟାଳୟ ଅଡିଟୋରିୟମ ଠାରେ ଚଳିତ ବର୍ଷର ନବାଗତ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପିତାମାତା ଓ ଅବିଭାବକମାନେ ଉପସ୍ଥିତ ରହି ଅଭାସୀ ମାଧ୍ୟମରେ ସିଧା ସଳଖ ଓୟୁଏଟି କୁଳପତି ଏବଂ ଅତିଥିମାନଙ୍କ ମୂଲ୍ୟବାନ ବକ୍ତବ୍ୟକୁ ଶୁଣିଥିଲେ। କୁଳପତି ପ୍ରଫେସର ଡ. ରାଉଳ ଛାତ୍ରଛାତ୍ରୀ ମାନଙ୍କୁ କୃଷିମହାବିଦ୍ୟାଳୟକୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେବାକୁ ଯାଇ ସେ କହିଥିଲେ ଯେ 'ଶିକ୍ଷାର୍ଥୀ ଜୀବନ ଏକ ତପସ୍ୱୀର ଜୀବନ। ଏଥିରେ ଉପଭୋଗ ଅପେକ୍ଷା ଉପଯୋଗର ଆବଶ୍ୟକତା ଅଧିକ ରହିଛି'। ଓୟୁଏଟିର ଏହି ଅଭାସୀ କାର୍ଯ୍ୟକ୍ରମରେ ଉପସ୍ଥିତଥିବା ନିମନ୍ତ୍ରୀତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ କୃଷି, କୃଷକ ଏବଂ କୃଷି ବିଜ୍ଞାନ ସମ୍ପର୍କରେ ସେମାନଙ୍କ ବକ୍ତବ୍ୟରେ ମୂଲ୍ୟବାନ ଉପଦେଶମାନ ଦେଇଥିଲେ। ପରେପରେ ଭବାନୀପାଟଣା କୃଷିମହାବିଦ୍ୟାଳୟର ସଭାଗୃହରେ ଉପସ୍ଥିତ ନବାଗତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅବିଭାବକମାନଙ୍କୁ ମହାବିଦ୍ୟାଳୟର ଡିନ ପ୍ରଫେସର ସନ୍ଦୀପ୍ତ କୁମାର ନାୟକ ଓ ସ୍ଥାନୀୟ ଓୟୁଏଟି, ଆରଆରଟିଟିଏସର ଏଡିଆର ଡ. ଭବାନୀ ଶଙ୍କର ନାୟକ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ମହାବିଦ୍ୟାଳୟ ଛାତ୍ରସଂସଦର ଉପଦେଷ୍ଟା ତଥା ପ୍ରାଧ୍ୟାପକ ଡ. ଦେବାଶିଷ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ମଞ୍ଚ ସଂଯୋଜନା କରିଥିଲେ ଅଧ୍ୟାପକ ଡ. ସିମଲି ଦାସ। କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ସହକାରୀ ଅଧ୍ୟାପକ ଏବଂ ସହକର୍ମୀ ମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ଆତ୍ମୀୟତାର ସହିତ ନବାଗତମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଖାଇବା ପିଇବା କଥା ବୁଝିବା ଓ ରହିବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ହଷ୍ଟେଲକୁ ନେଇ ଯାଉଥିବା ଦୃଶ୍ୟ ଅବିଭାବକ ମାନଙ୍କୁ ଅବିଭୂତ ଥିଲା।

# କୋକସରାକୁ ଏନ୍ଏସି ମାନ୍ୟତା ପାଇଁ ଦାବିପତ୍ର



କୋକସରା,(ଭାସ୍କର ନ୍ୟୁଜ୍) : ନିକଟରେ କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣାକୁ ଏନ୍ଏସିର ମାନ୍ୟତା ମିଳି ସାରିଛି। ତେବେ ଜିଲ୍ଲାର ଏକ ସର୍ବ ପୁରାତନ କୋକସରା ଗ୍ରାମ ପଞ୍ଚାୟତ, ବ୍ଲକ ଏବଂ ବିଗତ ଡିଲେମିଟେସନ ପ୍ରକ୍ରିୟା ପୂର୍ବରୁ ଏକ ନିର୍ବାଚନ ମଣ୍ଡଳୀ ରହିଥିବା କୋକସରା ବ୍ଲକ ସଦର ମହକୁମା କୋକସରାକୁ ମଧ୍ୟ ଏନ୍ଏସି ଘୋଷଣା କରିବାକୁ ଦାବି ଉଠିଛି। ଏନେଇ ସୋମବାର କୋକସରା ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ' କୋକସରା ଗ୍ରାମ ଏନ୍ଏସି ନିମନ୍ତେ ସବୁ ପ୍ରକାର ଭିତ୍ତିଭୂମି ରହିଥିବାବେଳେ ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଓ ବ୍ୟାବସାୟିକ କ୍ଷେତ୍ରରେ ବେଶ୍ ପରିଚିତ। କୋକସରା ଠାରେ ପୋଲିସ ଥାନାଠାରୁ ଆରମ୍ଭ କରି ଅନେକ ପ୍ରାଥମିକ ବିଦ୍ୟାଳୟ, ଯୁକ୍ତ ଦୁଇ ଓ ତିନି ଆର୍ଟ କଲେଜ, ବିଜ୍ଞାନ କଲେଜ, ସରକାରୀ ଡାକ୍ତରଖାନା, କୋର୍ଟ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ପ୍ରଣୀଚିକିତ୍ସା କେନ୍ଦ୍ର, ଟେଲିଫୋନ ଏକ୍ସଚେଞ୍ଜ, ଉପ ଡାକଘର, ସମବାୟ ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଏସବିଆଇ ବ୍ୟାଙ୍କ, ଅଗ୍ନିଶମ କାର୍ଯ୍ୟାଳୟ ଓ ଅନେକ ସରକାରୀ ବେସରକାରୀ ପ୍ରତିଷ୍ଠାନ ମଧ୍ୟ ରହିଛି। ଏହା ବ୍ୟତୀତ ବିଭିନ୍ନ ସ୍ଥାନକୁ ଯିବାପାଇଁ ଗମନାଗମନର ସୁବିଧା ରହିଛି। କଳାହାଣ୍ଡି ନବରଙ୍ଗପୁର ଜିଲ୍ଲା ସୀମାନ୍ତରେ ଥିବା କୋକସରା ଅଞ୍ଚଳରେ ସର୍ବନିମ୍ନ ଉନ୍ନତି ପାଇଁ କୋକସରା ସମେତ ଆଖପାଖ ଗାଁକୁ ନେଇ ନୂତନ ଏନ୍ଏସି କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ଦାବି ଉଠିଛି। ଏଣୁ ସରକାର ଏ ଦିଗରେ ଦୃଷ୍ଟି ଦେଇ ଏନ୍ଏସି ଘୋଷଣା କରିବା ପାଇଁ ଦାବି ହୋଇଛି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ମୀନକେତନ ପ୍ରଧାନୀ, ତ୍ରିଭୁବନ ନାଏକ, ଶ୍ରୀନିବାସ ପ୍ରଧାନୀ, ନିରଞ୍ଜନ ନାଏକ, କ୍ଷୀରସିନ୍ଧୁ ନେଗୀ, ମହେଶ ଗୁପ୍ତା, ଗୁଣନିଧି ବାଗ, କିଶନ କୁମାର ପଟ୍ଟନାୟକ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ।

## 'ହିନ୍ଦୀ ଭାଷାକୁ ଭଲପାଇବାକୁ ଆହ୍ୱାନ'



କେସିଙ୍ଗା, (ଭାସ୍କର ନ୍ୟୁଜ୍): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେସିଙ୍ଗା ପରିସରରେ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ -୨୦୨୫ ପାଳିତ ହୋଇଯାଇଛି। ଏହି ସମାରୋହରେ ହିନ୍ଦୀ ଶିକ୍ଷକ କହ୍ନେଇଲାଲ୍ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ବେହେରା ହିନ୍ଦୀ ଭାଷାକୁ ଭଲ ପାଇବା ସହ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର କରିବା ନିମନ୍ତେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା କାହାଣୀ ଲିଖନ, ସାଧାରଣ ଜ୍ଞାନ, ଚିତ୍ରକଳା ଓ ଗୀତ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଦୁଇ ଛାତ୍ରୀ ଓମିନା ମହାନନ୍ଦ ଓ ସୋନାକ୍ଷୀ ଠାକୁର ସଂଯୋଜନା କରିଥିଲେ।

## ମଦକୋଠି ବନ୍ଦ ନିମନ୍ତେ ଥାନାର ଦ୍ୱାରସ୍ଥ ମହିଳା ଗୋଷ୍ଠୀ



କୋକସରା, (ଭାସ୍କର ନ୍ୟୁଜ୍): ଗାଁରେ ବେଆଇନ ମଦକୋଠି ଖୋଲି ଖୁଲମଖୁଲା ବିକ୍ରି ଚାଲିଛି। ଯାହା ଦ୍ୱାରା ଘରର ପୁରୁଷମାନେ ମଦ ପିଇ ବିଶୃଙ୍ଖଳା ସୃଷ୍ଟି କରିବା ସହ ପରିବାରରେ ଅଶାନ୍ତି ବଢୁଛି। ଏମିତି କି ଏହି ବେଆଇନ ମଦ ବିକ୍ରି ଯୋଗୁଁ ମୁଦୁଆଙ୍କ ଉତ୍ପାତ ବଢୁଥିବାରୁ ମହିଳା ମାନେ କୌଣସି ସ୍ଥାନରେ ନିଜକୁ ସୁରକ୍ଷିତ ମଣୁ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୋମବାର କୋକସରା ବ୍ଲକ ଆମପାଣି ସରପଞ୍ଚ ରୁକ୍ମିଣୀ ବାଣ୍ଡୁଆ, ନାରୀନେତ୍ରୀ ତିଳୋତ୍ତମା ନାଏକଙ୍କ ନେତୃତ୍ୱରେ ଆମପାଣି ଥାନାର ଦ୍ୱାରସ୍ଥ ହୋଇ ଗ୍ରାମର ଅହଲ୍ୟା ମାଝୀ, ନୁର ମାଝୀ, ରମା ପଟେଲ, ମଥୁରା ପୁଝାରୀ, ଚଞ୍ଚଳା ବାଗ, ସୁମିତ୍ରା ରାଉତ, ମଏନା ପୁଝାରୀ, ଜେମା ମାଝୀ, ସତ୍ୟଭାମା ମାଝୀ, ମଣି ମାଝୀ, ନେପୁର ନାଏକ, ଡାଳିମ୍ବ ମାଝୀ, ଟେବା ମାଝୀ ସମେତ ଶତାଧିକ ମହିଳାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଥାନା ଅଧିକାରୀ ପ୍ରଶାନ୍ତ କୋଲାହାରଙ୍କୁ ପ୍ରଦାନ କରିଛନ୍ତି। ଏବଂ ବେଆଇନ ଭାବେ ହେଉଥିବା ବିଷାକ୍ତ ମଦ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ସଭ୍ୟ ନୃପରାଜ ନାଏକ, ଲିଲିମୟୀ ସାହୁ, ଉର ପୁଝାରୀଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ରହିଥିଲେ।

## ସନ୍ଦେହ ଘେରରେ ଯୁବକଙ୍କ ମୃତ୍ୟୁ

ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ଥାନା କନ୍ଧ ବ୍ରାହ୍ମଣୀ ଗାଁର ବଳଦେବ ବାଗ (୩୩)ଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ସୂଚନା ଅନୁସାରେ ଗତ ୫ ତାରିଖ ଦିନ ବଳଦେବ ନିଖୋଜ ଥିବାନେଇ ଥାନାରେ ଏତଲା ହୋଇଥିଲା। ତେବେ ଗତ ୧୦ ତାରିଖ ଦିନ ସକାଳୁ ଗାଁର ଏକ ଗଛରେ ତାଙ୍କ ମୃତଦେହ ଝୁଲି ରହିଥିବା ଦେଖିବାକୁ ମିଳିଥିଲା। ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମ.ରାମପୁରକୁ ପଠାଇଥିଲେ। ତେବେ ଶବ ଉଦ୍ଧାର ସମୟରେ ମାଜିଷ୍ଟ୍ରେଟ ନଥିବାରୁ ଏହାକୁ ନେଇ ମଧ୍ୟ ଆଲୋଚନା ହେଉଛି। ଏପଟେ ମୃତ ଯୁବକଙ୍କ ମା' ପୁଅକୁ ହତ୍ୟା କରାଯାଇଛି, ତେଣୁ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର
## ୧୬ ଅଭିଯୋଗର ତୁରନ୍ତ ସମାଧାନ




ଭବାନୀପାଟଣା/ଜୟପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୟପାଟଣା ଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୪୮ ଗୋଟି ଓ ସାମୂହିକ ୨୩ ଅଭିଯୋଗ ଗୋଟି ରହିଥିବା ବେଳେ ୧୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ, ରାସ୍ତା ନିର୍ମାଣ, ଆର୍ଥିକ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ଅବକାରୀ ବିଦ୍ୟୁତ୍, ଜଳଛାୟା, ସମବାୟ, ବ୍ୟାଙ୍କ ତହସିଲ, ବ୍ଲକ ଇତ୍ୟାଦି ସମ୍ବନ୍ଧୀୟ ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ବ୍ଲକ ଅଧ୍ୟକ୍ଷ ଥବିର ବାଗ, ଜିଲ୍ଲା ପରିଷଦ ସଭ୍ୟ ଅଙ୍ଗଦ ମାଝୀ, ବିଡିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ଏସ୍ଡିପିଓ ଡ଼ୋଲାମଣୀ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପିଡି, ୱାଟର ସେଡ, ପ୍ରଭାକର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ କଲ୍ୟାଣ ମଣ୍ଡପ ଉଦ୍ଘାଟିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା କୁମ୍ଭାରପଡ଼ା ଠାରେ ନୂତନ ଭାବେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ ଉଦ୍ଘାଟନ ହୋଇଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକମ୍ରରେ ମୁଖ୍ୟଅତିଥି ମାନ୍ୟବର ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅଧ୍ୟକ୍ଷା ପଞ୍ଚାୟତ ସମିତି କର୍ଲାମୁଣ୍ଡା କୁନୀ ସାହୁ, ବିଡିଓ ଦେବେନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଜୋନ-କ ମହେନ୍ଦ୍ର ରଣା, ରିଷିଡ଼ା ସରପଞ୍ଚ ସେବତୀ ରଣା, ରିଷିଡ଼ା ଗ୍ରା.ପ. ସମିତି ସଭ୍ୟ ନିମାଇଁ ଚରଣ ବେହେରା, ପୌରକେଲା ସରପଞ୍ଚ ଯଶସ୍ୱିନୀ ଧରୁଆ, କର୍ଲାମୁଣ୍ଡା ବ୍ଲକ ବିଜେଡି ସଭାପତି ଯଶୋବନ୍ତ ସାହୁ ଗ୍ରାମ କମିଟି ସଭାପତି ନାରାୟଣ ରଣା ସଂପାଦକ ପ୍ରେମାନନ୍ଦ ପାତ୍ର ପ୍ରମୁଖ ମଞ୍ଚାସିନ ଥିବାବେଳେ। ମଞ୍ଚ ପରିଚାଳନା କରିଥିଲେ। ନରୋତ୍ତମ ସେଲମା ତଥା ରିଷିଡାରେ ବିଭିନ୍ନ ବ୍ରତ ପୂଜା ବିବାହ ଉତ୍ସବ ଆଦି ରହଣୀ ପାଇଁ ଜନ ସାଧାରଣ ଆସୁଥିବା ଲୋକେ ନାହିଁ ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆଜି ଲୋକଙ୍କ ସୁବିଧା ପାଇଁ ଦିର୍ଘ ଦିନର ଆଶା ପୂରଣ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏଥିରେ ସହଯୋଗ କରିଥିଲେ। ମନୋଜ ରଣା, ରମେଶ ବାରିକ, ଯୁଗଳ ନାଏକ, ଲିପୁନ ରଣା ବିଜେଡି ନେତ୍ରୀ ମନ୍ଦିରା ନାଏକ, ନାଏକ ସରପଞ୍ଚ ନରେଶ କେଡ଼ିଆ, ସୁଶାନ୍ତ ମଲ୍ଲିକ ଦେବେନ୍ଦ୍ର ରଣା, ସନୁ ରଣା, ବିଶିଷ୍ଟ ଉଦ୍ୟୋଗପତି ଶିବଲାଲ କେଡିଆ ପ୍ରମୁଖ ଜନସାଧାରଣ ସମେତ ମହିଳା ମାନେ ମଧ୍ୟ ଉପସ୍ଥିତ ରହିଥିଲେ।

## ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କୁ ଜଗନ୍ନାଥ ସେବା ସମିତିର ସମ୍ବର୍ଦ୍ଧନା



ଧର୍ମଗଡ(ଭାସ୍କର ନ୍ୟୁଜ୍) : ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ଆଦର୍ଶ ଶିକ୍ଷକ ବଟକୃଷ୍ଣ ବେହେରାଙ୍କୁ ଆଜି ଜଗନ୍ନାଥ ସେବା ସମିତି ପକ୍ଷରୁ ସମ୍ବର୍ଦ୍ଧିତ। ସେ ଦୁଇ ଦୁଇ ଥର ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇ ସାରିଛନ୍ତି। ତାଙ୍କ ଆଦର୍ଶ ନିଷ୍ଠା ଓ ଜଣେ ଦାୟିତ୍ୱ ବାନ ଶିକ୍ଷକତା ନେଇ ଆଜି ଜଗନ୍ନାଥ ସେବା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଧର୍ମଗଡ଼ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଘନଶ୍ୟାମ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ କେମିଷ୍ଟ୍ରି ଏଣ୍ଡ ଡ୍ରଗୀଷ୍ଟ ସଂଘର ଜିଲ୍ଲା ସଂପାଦକ ଆଚାର୍ଯ୍ୟ ହୃଷୀକେଶ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ବଗାଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ୨୦୨୪ ଓ ୨୦୨୫ ବର୍ଷ ପାଇଁ କ୍ରମାଗତ ଭାବେ ଦୁଇ ଥର ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇବାର ଗୌରବ ଲାଭ କରିଛନ୍ତି। ଧର୍ମଗଡ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶିକ୍ଷକ ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବରେ ବେଶ ପରିଚିତ ଥିଲେ। ଚାକିରିରୁ ଅବସର ଗ୍ରହଣ ନେବା ପରେ ମଧ୍ୟ ସେ ପ୍ରତିଦିନ ଏବେବି ନିଜ ଗ୍ରାମ ବଗାଡ ସ୍କୁଲକୁ ଯାଇ ଶିକ୍ଷାଦାନ କରିବା ସହ ଓ ଛାତ୍ରଛାତ୍ରୀ ମାନଙ୍କ ଘରକୁ ମଧ୍ୟ ଯାଇ ସେମାନଙ୍କର ପାଠ ପଢା ତଦାରଖ କରି ବେଶ ପ୍ରଶଂସିତ।

## ବିଶ୍ୱ ଓଜନ ଦିବସ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟଠାରେ' ବିଶ୍ୱ ଓଜନ ଦିବସ-୨୦୨୫' ପାଳିତ ହୋଇଯାଇଛି। ବିଶ୍ୱ ତାପାୟନ ଓ ପରିବର୍ତ୍ତିତ ପାଣିପାଗକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ, ଓଡିଶା ସରକାର ସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଆରୋପ କରି ଏହି ବିଶ୍ୱ ଓଜନ ଦିବସର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ବିଭିନ୍ନ କାର୍ଯ୍ୟକ୍ରମର ପରାମର୍ଶ ପ୍ରଦାନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଏହି ବର୍ଷର ଆଭିମୁଖ୍ୟ "ଆନ୍ତରିକତାରୁ ବିଶ୍ୱ କାର୍ଯ୍ୟକ୍ରମ" ଉପରେ ତାଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ପ୍ରତାପ ଚନ୍ଦ୍ର ଦାଶ, ଶୁଶାନ୍ତ କୁମାର ଦାଶ, ନାଦନୀନ ସୁଲତାନା, ଦୀନବନ୍ଧୁ ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଏନ୍ଏସ୍ଏସ୍ ଓ ଏନ୍ସିସି ସ୍ୱେଚ୍ଛାସେବୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

## ଅସାମାଜିକ କାର୍ଯ୍ୟକଳାପ ରୋକିବାକୁ ସିଟିଜନ ଫୋରମରେ ଆଲୋଚନା





କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସିଟିଜନ ଫୋରମ ପକ୍ଷରୁ ମାସିକ ବୈଠକ ଫୋରମର ସଭାପତି ଡାକ୍ତର ହେମସାଗର ସାହାଙ୍କ ସଭାପତିତ୍ୱ କେସିଙ୍ଗା ସରକାରୀ ହାଇସ୍କୁଲ ପରିସରରେ ରବିବାର ଅପରାହ୍ନ ୪ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀ ଓ କେସିଙ୍ଗା ଥାନାର ନୂତନ ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ରହି ଫୋରମ୍ର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିରେ ମୁଖ୍ୟତଃ ସହରର ଟ୍ରାଫିକ ସମସ୍ୟା, ଅପରାଧ, ବେଆଇନ ଭାବରେ ସ୍ଥାନେ ସ୍ଥାନେ ବିଭିନ୍ନ ୱାର୍ଡରେ ଦେଶୀ ମଦ ବିକ୍ରି, ସହର ମଧ୍ୟରେ ରହିଥିବା କବାଡ଼ି ଖାନା, ଜନବସତି ଅଞ୍ଚଳରେ ଥିବା ଗୋଦାମ ଯୋଗୁଁ ଉପୁଜୁଥିବା ସମସ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବାସହ ଅତିଥି ମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚରା ଯାଇଥିଲା। ଯାହାର ଉତ୍ତର ରଖିଥିଲେ ଦୁଇ ଅଧିକାରୀ। ଭାରିଯାନ ଚଳାଚଳ ଯୋଗୁଁ ସହର ମଧ୍ୟରେ ହେଉଥିବା ଟ୍ରାଫିକ ସମସ୍ୟା ସହର ମଧ୍ୟରେ ଚୋରି ଲୁଟ ଭଳି ଘଟଣା ଯୋଗୁଁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଫୋରମ୍ ପକ୍ଷରୁ ଦାବି କରାଯାଇଥିଲା। ସେହିଭଳି ଟିଟିଲାଗଡ଼କୁ ସଂଯୋଗ ତେଲ ନଦୀ ପୋଲ ନିକଟରେ ଏକ ପୁଲିସ ଆଉଟପୋଷ୍ଟ ନିର୍ମାଣ କରିବା, ସହରରେ ବେଆଇନ ଭାବରେ ଗଳି ଗଳିରେ ମଦ ବିକ୍ରି ବନ୍ଦ କରିବା ସହରର ପ୍ରତ୍ୟେକ ଛକ ମାନଙ୍କରେ ସିସି କ୍ୟାମେରା, ରେଳ ଷ୍ଟେସନ ଯିବା ରାସ୍ତାରେ ରାତିରେ ଚୋରି ରୋକିବା ପାଇଁ ପୋଲିସ ମୁତୟନ ପ୍ରଭୃତି ଏ ସବୁ ଉପରେ ଖୁବଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀ ପ୍ରକାଶ କରିଥିଲେ। ଦୁର୍ଘଟଣା ବୃଦ୍ଧି ସମସ୍ୟା ଉପରେ ପ୍ରଶ୍ନର ଉତ୍ତରରେ ଏସଡିପିଓ ଶ୍ରୀ ମାଝୀ କହିଥିଲେ ଯେ ପ୍ରତ୍ୟେକ ମାସରେ ମଦ୍ୟପାନ ଗାଡିଚାଳନା ଜନିତ ମାମଲା ରୁଜୁ କରାଯାଉଛି। ଗତ ମାସରେ ୨ ଲକ୍ଷ ୬୦ ହଜାରରୁ ଅଧିକ ଅର୍ଥ ଜରିମାନା ଆକାରରେ ଆଦାୟ କରାଯାଇଛି। ପେଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡି କରାଯାଉଛି ଓ ଆଗକୁ ଯଦି ଲୋକେ ୧୧୨କୁ କଲ କରି ସୂଚନା ଦେଲେ ରୋଡ଼ ରୋମିୟଙ୍କୁ ସାବାଡ଼ କରାଯିବ। ସହର ମଧ୍ୟରେ ରହିଥିବା ଏକ କବାଡ଼ି ଖାନାକୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଦାବି ହୋଇଥିଲା। ଏହା ସହିତ ଜନବସତି ଅଞ୍ଚଳରେ ବିଭିନ୍ନ ଗୋଦାମ ରଖି ସାମଗ୍ରୀ ଆମଦାନୀ ରପ୍ତାନି କରା ଯାଉଥିବାରୁ ସେ ଅଞ୍ଚଳରେ ବସବାସ କରୁଥିବା ଲୋକେ ହଇରାଣ ହେଉଛନ୍ତି ଏ ସବୁକୁ ଚିହ୍ନଟକରି ସ୍ଥାନାନ୍ତରିତ କରିବାକୁ ଦାବି ହୋଇଥିଲା। ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ ଦୁଇ ଅଧିକାରୀ।

## ରାଶିଫଳ


**ବୁଧବାର, ୧୭ ସେପ୍ଟେମ୍ବର ୨୦୨୫**




**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କପ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।




**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ। ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ। ପରିବାର ସହାୟତା ଯୋଗାଇ ଦିଆଯିବ। ଖୁସି ହେବେ।




**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ। ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ।




**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ। ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ଆଜି କୈଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଳାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇ ପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ।



**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ। ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ। ପାରିବାରିକ ଚିନ୍ତାଧାରା ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ । ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ। ଟଙ୍କା ପାଇବାରେ ବାଧା ଦୂର ହେବ। ଅପାରଗତା ପାଇଁ ବିପୁଳ ଖର୍ଚ୍ଚ ହୋଇପାରେ।




**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଭଲ କରିବ। ଲୋକଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ।




**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢିପାରେ। ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ। ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଦୁର୍ନିତିରୁ ଦୂରେଇ ରୁହନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଟଙ୍କା ମିଳିବା ସହଜ ହେବ।ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ।



କୁମ୍ଭ: ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟୀ ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ। ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ। ପରିବାରରେ ସୁଖ ରହିବ। ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ। ଶରୀର ସମସ୍ୟାରୁ ଦୂରେଇ ରୁହନ୍ତୁ।



ମୀନ: ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଦୈଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯